ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 4/2024 | Page 20 | ₹ 7.00

୫୦ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 311 | ମୂଲ୍ୟ₹୭/-





# ମଧ୍ୟପ୍ରାଚ୍ୟରେ ମହାସଂଗ୍ରାମ



ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ଯୁଦ୍ଧର ଘନଘଟା କେବଳ ଏହି ୨ ଭୂଖଣ୍ଡରେ ସୀମିତ ହୋଇ ରହିନାହିଁ। ତେହରାନ୍ ସମର୍ଥିତ ହମାସ୍, ହେଜ୍‌ବୋଲ୍ଲା ଓ ହୁଟି ଆତଙ୍କବାଦୀଙ୍କ ବିଧ୍ୱଂସକାରୀ କାର୍ଯ୍ୟକଳାପ ଯୁଦ୍ଧକୁ ଇରାନ୍, ୟେମେନ୍ ଏବଂ ଲେବାନନ୍ ପର୍ଯ୍ୟନ୍ତ ଟାଣିନେଇଛି। ଜି୭ ବୈଠକରେ ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ ଦୋହରାଇବା ପରେ ମଧ୍ୟପ୍ରାଚ୍ୟରେ ଅଘୋଷିତ ମହାସଂଗ୍ରାମର ଅଘୋଷିତ ଶୁଭାରମ୍ଭ ହୋଇଛି। ଏଭଳି ସ୍ଥିତିରେ ଇରାନ ଆଉ ଏକତରଫା ଭାବେ ସଂଯମ ରହିପାରିବ ନାହିଁ ବୋଲି ଆମେରିକାକୁ ସନ୍ଦେଶ ଦେଇ ବିଶ୍ୱକୁ ଏକ ବୃହତ୍ ସମ୍ଭାବ୍ୟ ଯୁଦ୍ଧର ଭୟାବହ ପରିଣାମ ସମ୍ପର୍କରେ ଚେତାଇଦେବାକୁ ପ୍ରୟାସ କରିଛି। ମିଡିଲ୍ ଇଷ୍ଟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଲେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ବା ଅଶୋଧିତ ତୈଳ ଦର ବଢ଼ିବ। ଏହାର ସିଧାସଳଖ ପ୍ରଭାବ ଭାରତ ଏବଂ ପଶ୍ଚିମ-ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ଉପରେ ପଡ଼ିବ। ପରିବହନଜନିତ ଖର୍ଚ୍ଚ ବୃଦ୍ଧି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍‌କୁ ବଢ଼ାଇଦେବ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯୁଦ୍ଧ ଆତଙ୍କ ଭିତରେ ଆମେରିକା, ୟୁରୋପ ଓ ଭାରତର ଶେୟାର ବଜାର ତଳମୁହାଁ ହେବାରେ ଲାଗିଛି, ଯାହାକି ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି।

# ଅର୍ଥନୀତିକୁ ଯୁଦ୍ଧ ଭୟ

## ପାର୍ବଣରେ ଖସିଲା ପୁଞ୍ଜିବଜାର

ମୁମ୍ବାଇ/ନ୍ୟୁୟର୍କ,୩।୧୦

ପାର୍ବଣ ଋତୁରେ ସାଧାରଣତଃ ଭାରତୀୟ ଶେୟାର ବଜାର ଫୁଲିଉଠିଥାଏ। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅକ୍ଟୋବର ଆରମ୍ଭରୁ ଷ୍ଟକ୍ ମାର୍କେଟ ତଳମୁହାଁ ହେବା ଆରମ୍ଭ କଲାଣି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବଢ଼ିବା ଆଶଙ୍କା ଯୋଗୁ ପୁଞ୍ଜିବଜାର ଧରାଶାୟୀ ହୋଇଯିବ ବୋଲି ଅନେକେ ମତ ଦେଲେଣି।

ଇସ୍ରାଏଲ୍‌ର ଲେବାନନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ସମେତ ଅନେକ ୟୁରୋପୀୟ ବଜାର ୨ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସିଥିଲା। ଗୁରୁବାର ଭାରତୀୟ ବଜାରରେ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ନିଫ୍ଟି୫୦ ୫୪୬.୮୦ ପଏଣ୍ଟ (୨.୧୨%) ଖସି ୨୫,୨୫୦ରେ ରହିଥିବାବେଳେ ସେନ୍‌ସେକ୍ସ ୨.୧୦% ବା ୧,୭୬୯.୧୯ ତଳକୁ ଖସି ୮୨,୪୯୭ରେ କାରବାର ଶେଷ ହୋଇଛି। ଅନୁରୂପ ଭାବେ ବ୍ୟାଙ୍କ ନିଫ୍ଟି ମଧ୍ୟ ୧,୦୭୭ ପଏଣ୍ଟ ଅର୍ଥାତ୍ ୨%ରୁ ଊର୍ଦ୍ଧ୍ୱ ତଳକୁ ଯାଇ ୫୧,୮୪୫ରେ ସ୍ଥିର ରହିଛି। ଏଥିଯୋଗୁ ଦିନକରେ ଭାରତୀୟ ନିବେଶକମାନେ ୧୦ ଟ୍ରିଲିୟନ୍‌ରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ଅଗଷ୍ଟ ୫ ପରେ ଏହାକୁ ସବୁଠୁ ବଡ଼ ମାର୍କେଟ କ୍ରାଶ୍ ବୋଲି କୁହାଯାଉଛି।

ଅନ୍ୟପକ୍ଷେ ଇରାନର ତୈଳ ଭଣ୍ଡାର ଓ ଡିପୋଗୁଡ଼ିକ ଉପରେ ଇସ୍ରାଏଲ୍ ଆକ୍ରମଣ କରିବା ଆଶଙ୍କା ବଢ଼ିବାରେ ଲାଗିଛି। ଏନେଇ ଆଲୋଚନା ଚାଲିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଏପରି ହେଲେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବଢ଼ିପାରେ। ତୈଳ ଉତ୍ପାଦନ ଓ ରପ୍ତାନି ହ୍ରାସ ପାଇଲେ ଏହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ବରଂ ସାରା ବିଶ୍ୱରେ ଅନୁଭୂତ ହେବ। ବିଶେଷକରି ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ ଭାରତୀୟ ବଜାରରେ ସବୁ ସାମଗ୍ରୀର ଦରଦାମ୍ ବଢ଼ିବା ଅନୁମାନ କରାଯାଉଛି।

## ଲୋହିତ ସାଗରରେ ୧୦୦ ଜାହାଜକୁ ଆକ୍ରମଣ କଲାଣି ହୁଟି

### ଏବେ ଇ-ମେଲ୍‌ରେ ଧମକ ଦେଉଛି

ଲଣ୍ଡନ୍/ଏଥେନ୍ସ,୩।୧୦



ଲୋହିତ ସାଗରରେ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ହୁଟି ବିଦ୍ରୋହୀ ଇ-ମେଲ୍ ଜରିଆରେ ଆକ୍ରମଣ ଧମକ ଦେଉଛନ୍ତି। ଏଥେନ୍ସରେ ଗ୍ରୀସ୍‌ର ଏକ ଶିପିଂ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ତାଙ୍କ ନିକଟକୁ ଆସିଥିବା ଏପରି ଏକ ଇ-ମେଲ୍ ପାଇଛନ୍ତି। କମ୍ପାନୀ ମ୍ୟାନେଜରଙ୍କ ବିଜନେସ୍ ଇ-ମେଲ୍ ଆଡ୍ରେସ୍‌କୁ ମଧ୍ୟ ଅନୁରୂପ ଧମକପୂର୍ଣ୍ଣ ମେସେଜ୍ ପଠାଯାଇଛି। ସେଥିରେ ଲେଖାଅଛି, ଇରାନ୍ ସମର୍ଥିତ ୟେମେନ୍‌ର ହୁଟି ମିଲିସିଆ ଲୋହିତ ସାଗରରେ ଯାତ୍ରା କରୁଥିବା ଆପଣଙ୍କ ଜାହାଜକୁ ଆକ୍ରମଣ କରିପାରନ୍ତି। ନିଷିଦ୍ଧ ଘୋଷଣା ସତ୍ତ୍ୱେ ରେଡ୍ ସି'ରେ ଜାହାଜ ଚଳାଚଳ କଲେ ଆକ୍ରମଣ କରାଯିବ ଏବଂ ଏଥିପାଇଁ ଆପଣ ଉତ୍ତରଦାୟୀ ରହିବେ। ଗତ ଫେବୃୟାରୀରେ ପ୍ରତିଷ୍ଠିତ ହୁଟି ବଳ ଓ ବ୍ୟବସାୟିକ ଶିପିଂ ଅପରେଟରଙ୍କ ମଧ୍ୟସ୍ଥ ସଂସ୍ଥା ୟେମେନ୍‌ଭିତ୍ତିକ ହ୍ୟୁମାନିଟାରିଆନ୍ ଅପରେଶନ୍ସ କୋ-ଅର୍ଡିନେଶନ ସେଣ୍ଟର (ଏଚ୍‌ଓସିସି) ପକ୍ଷରୁ ଏହି ମେଲ୍ ପ୍ରେରଣ କରାଯାଉଛି। ଇସ୍ରାଏଲ୍-ଗାଜା ଯୁଦ୍ଧ ପରେ ନଭେମ୍ବରରୁ ଅଦ୍ୟାବଧି ହୁଟି ଲୋହିତ ସାଗରରେ ପ୍ରାୟ ୧୦୦ ଜାହାଜକୁ ଆକ୍ରମଣ କରିସାରିଲାଣି। ଏହି ଧାରା ଆଗକୁ ଲାଗି ରହିଲେ ଜଳପଥରେ ବାଣିଜ୍ୟକ କାରବାର ବାଧାପ୍ରାପ୍ତ ହେବା ସହ ସବୁ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।



ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣରେ ଆହତ ରାମାଦନ ଓ ତାଙ୍କ ଭାଣିଜୀ।

## ଯୁଦ୍ଧ ଚାହୁଁନୁ, ସଂଯମ ଶେଷ: ଇରାନ

➩ଇରାନ କାତାର ଜରିଆରେ ଆମେରିକାକୁ ଏକ ବାର୍ତ୍ତା ପ୍ରେରଣ କରିଛି। ସମ୍ପୃକ୍ତ ଅଞ୍ଚଳରେ ତେହରାନ୍ ଯୁଦ୍ଧ ଚାହୁଁନାହିଁ। ଏକତରଫା ଆତ୍ମସଂଯମ ପର୍ଯ୍ୟାୟ ଶେଷ ହୋଇଯାଇଛି। ଇସ୍ରାଏଲ୍ ପଟୁ ଆକ୍ରମଣ କରାଗଲେ ଅଣପାରମ୍ପରିକ ଶୈଳୀରେ ଏହାର ଜବାବ ଦିଆଯିବ। ଏଥିରେ ଇସ୍ରାଏଲୀ ଭିତ୍ତିଭୂମିକୁ ମଧ୍ୟ ଟାର୍ଗେଟ କରାଯିବ ବୋଲି ଧମକ ଦିଆଯାଇଛି।

➩ଇସ୍ରାଏଲୀ ସୈନ୍ୟ ଦକ୍ଷିଣ ଲେବାନନ୍‌ର ମାରୋଉନ୍ ଅଲ୍-ରାସ୍ ଗ୍ରାମକୁ ପ୍ରବେଶ କରୁଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ଆକ୍ରମଣ କରାଯାଇଛି।

➩ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସେଣ୍ଟ୍ରାଲ ବେରୁଟ୍‌ରେ ଅନ୍ୟୂନ ୧୫ ହେଜ୍‌ବୋଲ୍ଲା ଫାଇଟରଙ୍କ ମୃତ୍ୟୁ ଘଟିଥିବାବେଳେ ୧୪ ଆହତ ହୋଇଛନ୍ତି। ଇସ୍ରାଏଲ୍ ଲେବାନନ୍ ରାଜଧାନୀର ଦକ୍ଷିଣ ଉପକଣ୍ଠରେ ଥିବା ଦହିୟେହରେ ମଧ୍ୟ ୩ଟି ମିଶାଇଲ ମାଡ଼ କରିଛି।

➩ଜାତିସଂଘ ପକ୍ଷରୁ ବଫର ଜୋନ୍ ଘୋଷିତ ଦକ୍ଷିଣ ଲେବାନନ୍‌ର ଉତ୍ତର ଭାଗକୁ ତୁରନ୍ତ ଖାଲି କରିବାକୁ ଇସ୍ରାଏଲୀ ସେନା ନିର୍ଦ୍ଦେଶ ଦେଇଛି।

➩ଲେବାନନ୍ ସେନା କହିଛି, ଏହାର ପ୍ରତି ଆକ୍ରମଣରେ ଦକ୍ଷିଣ ଲେବାନନ୍‌ରେ ୨ ଇସ୍ରାଏଲୀ ସୈନ୍ୟ ନିହତ ହୋଇଛନ୍ତି।

➩ଗତ ୪୮ ଘଣ୍ଟାରେ ଗାଜାରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣକୁ ଜୋର୍‌ଦାର କରିଛି। ଏଥିରେ ଅନେକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି।

## ହମାସ୍ ସରକାରୀ ମୁଖ୍ୟ, ୨ ଶୀର୍ଷ ନେତା ନିହତ



ହମାସ୍ ସରକାରୀ ମୁଖ୍ୟ ରାୱିହି ମୁଶ୍‌ତାହା, ହମାସ୍ ଜେନେରାଲ ସିକ୍ୟୁରିଟି ମେକାନିଜମ୍ କମାଣ୍ଡର ସାମି ଓଉଦେହ ଏବଂ ହମାସ୍ ପଲିଟିକାଲ ବ୍ୟୁରୋ ସୁରକ୍ଷା ନେତା ସମେହ ଅଲ୍-ସିରାଜ।

ଜେରୁଜେଲମ୍,୩।୧୦

ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍‌ରେ ହମାସ୍ ସରକାର ମୁଖ୍ୟ ରାୱିହି ମୁଶ୍‌ତାହା ନିହତ ହୋଇଛନ୍ତି। ୩ ମାସ ପୂର୍ବେ ଗାଜାର ଏକ ଭୂତଳ ପରିସରକୁ ଟାର୍ଗେଟ କରି କରାଯାଇଥିବା ଏହି ଆକ୍ରମଣରେ ତାଙ୍କ ସହ ଆଶ୍ରୟ ନେଇଥିବା ହମାସ୍ ଜେନେରାଲ ସିକ୍ୟୁରିଟି ମେକାନିଜମ୍ କମାଣ୍ଡର ସାମି ଓଉଦେହ ଏବଂ ପଲିଟିକାଲ ବ୍ୟୁରୋ ସୁରକ୍ଷା ସଦସ୍ୟ ସମେହ ଅଲ୍-ସିରାଜ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ସେନା ଗୁରୁବାର ଏନେଇ ସୂଚନା ଦେଇଛି।

ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ପକ୍ଷରୁ ମିଳିଥିବା ସୂଚନାନୁସାରେ ରାୱିହି ଗାଜା ଷ୍ଟ୍ରିପ୍‌ରେ ହମାସ୍ ସରକାର ଚଳାଉଥିଲେ। ସେ ସଙ୍ଗଠନର ଅନ୍ୟତମ ବରିଷ୍ଠ ଅପରେଟିଭ୍ ଥିବାବେଳେ ହମାସ୍ ଫାଇଟର୍ସଙ୍କ ମୁତୟନ ସମ୍ପର୍କିତ ନିଷ୍ପତ୍ତି ନେବାରେ ତାଙ୍କର ପ୍ରତ୍ୟକ୍ଷ ପ୍ରଭାବ ରହିଥିଲା। ତାଙ୍କୁ ହମାସ୍‌ର ଶୀର୍ଷ ନେତା ୟାହୟା ସିନ୍‌ୱାରଙ୍କ 'ଡାହାଣ ହାତ' କୁହାଯାଉଥିଲା। ୨୦୧୫ରେ ଆମେରିକା ରାୱିହିଙ୍କୁ 'ବୈଶ୍ୱିକ ଆତଙ୍କବାଦୀ' ମାନ୍ୟତା ଦେଇଥିଲା। ବୈଦେଶିକ ସମ୍ପର୍କ ସମ୍ବନ୍ଧୀୟ ୟୁରୋପୀୟ ପରିଷଦ (ଆଇସିଏଫ୍‌ଆର୍) ତାଙ୍କୁ ହମାସ୍‌ର ଆର୍ଥିକ ବ୍ୟାପାର ବୁଝୁଥିବା ଗାଜା ପଲିଟ୍‌ବ୍ୟୁରୋ ସଦସ୍ୟ ଆଖ୍ୟା ଦେଇଥିଲା। ସେହିପରି ସିରାଜ ଜଣେ ପଲିଟ୍‌ବ୍ୟୁରୋ ସଦସ୍ୟ ହୋଇଥିବାବେଳେ ଓ ଉଦେହ ହମାସ୍‌ର ଆଭ୍ୟନ୍ତରୀଣ ସୁରକ୍ଷା ନେତା ଥିଲେ। ହମାସ୍‌କୁ ସମୂଳେ ନାଶ କରିବା ପାଇଁ ଇସ୍ରାଏଲ୍ ଚଳାଇଥିବା ଅଭିଯାନ ଏହି ସଙ୍ଗଠନକୁ ବହୁମାତ୍ରାରେ ଦୁର୍ବଳ କରିଦେଇଛି। ଏହାର ବହୁ ନେତା ଓ ଅନେକ ହଜାର ଫାଇଟର ନିହତ ହେଲେଣି।

୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧,୨୦୫ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଗାଜା ଆକ୍ରମଣରେ ୪୧,୭୮୮ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅନେକ ଲକ୍ଷ ଲୋକ ବିସ୍ଥାପିତ ହୋଇ ଇଜିପ୍ଟ ସମେତ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକରେ ଆଶ୍ରୟ ନେଇଛନ୍ତି।



ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ଦକ୍ଷିଣ ଲେବାନନ୍‌ର ବେରୁଟ୍।

## ଇରାନ ହିଟ୍‌ଲିଷ୍ଟରେ ନେତାନ୍ୟାହୁ



ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଏୟାରଷ୍ଟ୍ରାଇକ୍‌ରେ ହତ୍ୟା କରିବା ପାଇଁ ଇସ୍ରାଏଲ୍ ଯୋଜନା କରୁଥିବାବେଳେ ପ୍ରତିଶୋଧ ନିଆଁରେ ଜଳୁଥିବା ତେହରାନ ମଧ୍ୟ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମାରିଦେବା ପାଇଁ ଉଦ୍ୟମ ଚଳାଇଛି। ଇରାନ ପକ୍ଷରୁ ଗୁରୁବାର ଏକ୍ସ'ରେ ଏକ 'ଏକ୍‌ଜିକ୍ୟୁଶନ୍ ଲିଷ୍ଟ' ଜାରି କରାଯାଇଛି। ଏଥିରେ 'ଇସ୍ରାଏଲୀ ଆତଙ୍କବାଦୀଙ୍କ' ନାମ ରହିଛି। ତାଲିକାରେ ନେତାନ୍ୟାହୁ ଓ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ସମେତ ଇସ୍ରାଏଲୀ ସ୍ଥଳସେନା, ନୌସେନା ଓ ବାୟୁସେନା କମାଣ୍ଡରମାନଙ୍କ ନାମ ଉଲ୍ଲେଖ କରାଯାଇଛି। ଏହି ତାଲିକାକୁ ବିଶ୍ୱାସ କରାଗଲେ ଇରାନର ହିଟ୍‌ଲିଷ୍ଟରେ ନେତାନ୍ୟାହୁ ରହିଥିବା ବୁଝାପଡୁଛି।

DSPL-130

## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0011/2425

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ | Bhubaneswar, Friday, October 4/2024


# ଚିକିତ୍ସିତ ହେବା ପରେ ଡାକ୍ତରଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ,୩।୧୦**

ଦିଲ୍ଲୀର ଜୈତପୁରରେ ଥିବା ଏକ ଘରୋଇ ହସ୍ପିଟାଲରେ ବୁଧବାର ରାତିରେ ଜଣେ ୫୫ ବର୍ଷୀୟ ଡାକ୍ତରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ନିମା ହସ୍ପିଟାଲ କର୍ମଚାରୀମାନଙ୍କ କହିବା ଅନୁଯାୟୀ ୨ ଜଣ ନାବାଳକ ଗତ ରାତିରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ଗୋଡ଼ରେ ହୋଇଥିବା କ୍ଷତର ଡ୍ରେସିଂ ବଦଳାଇବାକୁ କହିଥିଲେ। ଡ୍ରେସିଂ ହୋଇସାରିବା ପରେ ସେମାନେ ପ୍ରେସ୍କ୍ରିପ୍ସନ ପାଇଁ ଡାକ୍ତର ଜାଭେଦ୍ ଅଖତରଙ୍କ କ୍ୟାବିନ୍‌କୁ ଯାଇଥିଲେ। ଏହାର କିଛି ସମୟ ପରେ ଉକ୍ତ କ୍ୟାବିନ୍‌ରେ ଗୁଳି ଶବ୍ଦ ଶୁଣାଯାଇଥିଲା। କର୍ମଚାରୀମାନେ କ୍ୟାବିନ୍‌କୁ ଯାଇ ଡାକ୍ତରଙ୍କ ମୁଣ୍ଡରୁ ☞ପୃଷ୍ଠା-୨




# ଓଡ଼ିଶା ହେବ ଶିଳ୍ପ ହବ୍




**ଭୁବନେଶ୍ୱର,୩।୧୦(ଅନିଲ ଦାସ )**

## ନୂଆଦିଲ୍ଲୀରେ ଆମ୍ବାସାଡର ମିଟ୍

- ୫ ବର୍ଷରେ ୫ ଲକ୍ଷ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ
- ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି। ଏନେଇ ଆମ୍ବାସାଡର ମିଟ୍‌ରେ ଏକ ସଫଳ ସଙ୍କେତ ମିଳିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ସହ ଆଗାମୀ ଦିନରେ ବିଦେଶୀ ପୁଞ୍ଜି ନିବେଶ ବଢ଼ାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଗୁରୁବାର ଆମ୍ବାସାଡର ମିଟ୍ ଆୟୋଜନ କରାଯାଇଛି। ଏଥିରେ ୩୪ଟି ଦେଶର ରାଷ୍ଟ୍ରଦୂତ ଯୋଗଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି। ଓଡ଼ିଶାରେ ଶିଳ୍ପ ବାତାବରଣ ଓ ପୁଞ୍ଜିନିବେଶ ପାଇଁ ସମସ୍ତଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହଭାଗିତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜିନିବେଶ ହୋଇପାରିବ, ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି। ୨୦୨୫ ଜାନୁଆରୀରେ ସର୍ବବୃହତ୍ ଶିଳ୍ପ ସମାବେଶ 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ' ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ୍ ଏନର୍ଜି, ପେଟ୍ରୋ କେମିକାଲ୍‌ସ, ଇଲେକ୍ଟ୍ରୋନିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ସୁଦୃଢ଼ ମୂଳଦୁଆ ପକାଇବ। ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାହା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଆସନ୍ତା ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯାଇଛି। ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକାରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଆମ୍ବାସାଡରମାନଙ୍କୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ






**ଆଜିର ମନ୍ତବ୍ୟ**

"ହରିୟାଣାବାସୀ ଭାଜପାର ଘୃଣା ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବେ। ରାଜ୍ୟରେ କଂଗ୍ରେସ ନୂତନ ସରକାର ଗଢ଼ିବ, ଯାହା ଗରିବ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବ।
–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ରକ୍ଷା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଡ୍ୟୁରିନ୍, ପୁରୁଣା ଷ୍ଟେଶନ ବଜାର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଟକ
- ସିପିଆଇ କଟକ ମହାନଗର କମିଟି ପକ୍ଷରୁ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଦୈନିକ ଖବରକାଗଜ 'ସମାଜ'ର ୧୦୫ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ଅପରାହ୍ନ ୫ଟା୧୫।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ– ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟନ, ସ୍ଥାନ: ହର୍ସ ଗେଟ୍ ସାମ୍ନା, କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଶ୍ରୀଜଗନ୍ନାଥ ରାଷ୍ଟ୍ରୀୟାଦର୍ଶ ବେଦ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିରଠାରୁ ସଦାଶିବ ସଂସ୍କୃତ ବିଦ୍ୟାଳୟ, ପୁରୀ, ସମୟ: ସକାଳ ୭ଟା।
- ଚମାର ସଂଘ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସାହିଭାଇ ପକ୍ଷରୁ ସ୍ୱର୍ଗଦ୍ୱାର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱର୍ଗଦ୍ୱାର ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ଜିଲାପରିଷଦର ୬ଷ୍ଠ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ବୁଢ଼ାବଳଙ୍ଗ ନଦୀରେ ରିଭର ରେଂଚିଙ୍ଗ୍ ପ୍ରୋଗ୍ରାମ୍, ସ୍ଥାନ: ବାଲିଘାଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ଉପଲକ୍ଷେ ସିଙ୍ଗଲ ୱିଣ୍ଡୋ ଶୁଭାରମ୍ଭ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦର ଷଷ୍ଠ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରକାଗଜ ବିତରକ ସଂଘର ସ୍ୱତନ୍ତ୍ର ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ର ୧୪ତମ ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ବିଦ୍ୟାଳୟ ସଂଘର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଉଲଙ୍ଗ ଆଦର୍ଶ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ବ୍ରାହ୍ମଚାରିଣୀ ବେଶ, ପୂଜା, ଭଜନ ସଂକୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ଦ୍ୱିତୀୟ ଦିନ ନବରାତ୍ର ପୂଜା, ସ୍ଥାନ: ଉଆଁର, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୭ ଟା।
- ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା, ସ୍ଥାନ: ବ୍ୟାଙ୍କ ଛକ, ହାଟଡିହୀ, ସମୟ : ସକାଳ ୮ ଟା।
- ଜଳସୁଆଁରେ ଯୁବକଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପାଲାମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଦୁର୍ଗାସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ଦୁର୍ଗା ପଡ଼ିଆ, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ବାବା ଶନିଶ୍ଚର କମିଟି ପକ୍ଷରୁ ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ନାରୀ ଶକ୍ତି ଅନ୍‌ଲିମିଟେଡ୍ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୨ଟା।
- ରୋଟାରୀ କ୍ଲବ ସହାୟତାରେ ମୌଳିକ କମ୍ପ୍ୟୁଟର ଶିକ୍ଷା ଶୁଭାରମ୍ଭ,ସ୍ଥାନ:ଉଦଳା ବ୍ଲକ ଅଧୀନ ଭୀମତାଳି ହାଇସ୍କୁଲ ପରିସର,ସମୟ:ଅପରାହ୍ନ ୩ଟା।

## ଗଞ୍ଜାମ
- ରକ୍ତଦାନ ଶିବିର, ସ୍ଥାନ:ଭଞ୍ଜନଗର ବ୍ଲକ ବାହାଡ଼ାପଦର, ସମୟ: ସକାଳ ୮ଟା।
- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଆସିକା ଦିବ୍ୟ ଜୀବନ ସଂଘ, ସମୟ: ସକାଳ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ , ସ୍ଥାନ: କ. ନୂଆଗାଁ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁବିଧା କେନ୍ଦ୍ର ପରିଚାଳନାର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡି ପଥପ୍ରାନ୍ତ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଦାରିଙ୍ଗବାଡି ବ୍ଲକ ରାପ୍‌ଡାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।

## ଢେଙ୍କାନାଳ
- ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ଜଗତ୍‌ସିଂହପୁର
- ଜାତୀୟ ନାଟ୍ୟ ସଂସ୍ଥା କାନମାସ୍‌ର ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କାନମାସ୍ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ୬୮ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ, ସ୍ଥାନ : ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମହିଶାସୁଣୀ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା' ବିମଳାଙ୍କ ନବଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀପାଖ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ବନ୍ଦ ପାଳନ, ସ୍ଥାନ: ଗୁଣପୁର, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ୧୨ ଘଣ୍ଟିଆ ଜିଲା ବନ୍ଦ, ସ୍ଥାନ: ନବରଙ୍ଗପୁର, ସମୟ : ସକାଳ ୬ଟା।

## କୋରାପୁଟ
- ଜିଲା ଗୁଣାତ୍ମକ ମାନ ଯାଞ୍ଚ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ସଭାଗୃହ, ସମୟ: ଅପରାହ୍ନ ୪ ଟା ୩୦।
- ଜିଲା ଆଡଭାଇଜରୀ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।
- ନାଲ୍‌କୋ ସିଏସ୍‌ଆର ପାଣ୍ଠି ଖର୍ଚ୍ଚ ନେଇ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୫ଟା ୩୦।

## ସମ୍ବଲପୁର
- ସମଲେଇ ଦେବୀଙ୍କ ଧବଳମୁଖି ବେଶ ଦର୍ଶନ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟାରୁ ଅପରାହ୍ନ ୨ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୪ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଆବାହନୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ବଡବଜାର ସ୍ଥିତ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର
- ମନୋଜ କୁମବାର ପଣ୍ଡା ସର୍ଜନା ପୁରସ୍କାର ଓ ସ୍ମାରକୀ ବକ୍ତୃତା, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦।

## ସୁବର୍ଣ୍ଣପୁର
- ମା'ଙ୍କ ଶାରଦୀୟ ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ:ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ଦ୍ୱିତୀୟ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ନବାନ୍ନ ପାରାୟଣର ଶେଷ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ର ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ନୂଆଁଖାଇ ଭେଟଘାଟ୍, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ସେମିଫାଇନାଲ (ବରଗଡ଼ ବନାମ୍ ରାଉରକେଲା), ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୩ଟା।
- ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ମହାଦେବ ଭୋଇଙ୍କ ସ୍ମୃତିସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ:ସଦ୍‌ଭାବନା ଭବନ,ସମୟ: ପୂର୍ବାହ୍ନ୧୧ଟା।

## ରାଉରକେଲା
- ଗାୟତ୍ରୀ ଶକ୍ତିପୀଠରେ ନବରାତ୍ରି ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ପୀଠ, ସେକ୍ଟର–୨, ସମୟ: ସକାଳ ୬ଟା ୩୦।
- ରୋଟାରୀ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବାଲୁଘାଟ, ସମୟ: ସକାଳ ୯ଟା।
- ବାଟ ମା' ମଙ୍ଗଳାଙ୍କ ନବରାତ୍ରି ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଜଗଦା, ସମୟ: ସକାଳ ୯ଟା।
- ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ୍ ଅଫ୍ ଚାଇଲ୍ଡ ରାଇଟସ୍ ପକ୍ଷରୁ ରାଉରକେଲା ଗସ୍ତ, ସ୍ଥାନ: ଝିରପାଣି ସମେତ ବିଭିନ୍ନ ଅଞ୍ଚଳ, ସମୟ: ସକାଳ ୯ଟା।
- ଫ୍ରାମ୍ବ ପକ୍ଷରୁ ନୂତନ ମସଲା ପଦାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଦୀପ୍ତି, ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରଶାସନ ପକ୍ଷରୁ ପାର୍ବଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ସେକ୍ଟର–୧୯ ସିଭିକ୍ ସେଣ୍ଟର, ସମୟ : ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରର ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ ସୁଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ, ସହର, ସମୟ: ପୂର୍ବାହ୍ନ ୧୧ଟା।
- ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କ ଶୋଭାଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରରୁ ନଗର ପରିକ୍ରମା, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ନବରାତ୍ର ଉପଲକ୍ଷେ ଦୀପ ପ୍ରଜ୍ୱଳନ, ସ୍ଥାନ: ଦୁର୍ଗା ମଣ୍ଡପ ନୂଆପଡ଼ା ମନ୍ଦିରପଡ଼ା, ସମୟ: ସକାଳ ୬ଟା।
- ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ପୂଜା, ସ୍ଥାନ: ଦୁର୍ଗା ମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ଜୟ ମା' ଭୈଇଁଷିପାଟ ଅଖଣ୍ଡ ଜ୍ୟୋତି କାର୍ଯ୍ୟକ୍ରମରେ ମାନସ ଗାନ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତର ଭୈଇଁଷିପାଟ ମନ୍ଦିର, ସମୟ: ରାତ୍ର ୯ଟା।

## ବୌଦ୍ଧ
- ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ ଶୁଭାରମ୍ଭ,ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ସକାଳ: ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ବାଣୀକାରକ ବୁଧ ପାପଗ୍ରହ ପ୍ରଭାବରେ ଆପଣଙ୍କ ଆଜିର ଭୁଲ୍ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତା ସାଙ୍ଗକୁ କଳହ ଲାଗିପାରେ।

**ବୃଷ**
ତୃତୀୟସ୍ଥ ମଙ୍ଗଳ ଯୋଗୁ ଭ୍ରାତୃ ସମ୍ପର୍କ କ୍ଷୁଣ୍ଣ ହୋଇପାରେ। ଯେ କୋଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେଉଁଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ନ ହୋଇପାରେ।

**ମିଥୁନ**
ସ୍ୱଗୃହୀ ଭାଗ୍ୟାଧିପତିଙ୍କ ଯୋଗୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିବେ। ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ**
ରାହୁ ପ୍ରଭାବରେ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ**
ଦ୍ୱିତୀୟସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ନିଜସ୍ୱ ବିଚାରଧାରା ଓ କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ। ବନ୍ଧୁଙ୍କ ମଧ୍ୟସ୍ଥତାରେ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା କେତେକାଂଶରେ ଦୂର ହେବ।

**କନ୍ୟା**
ପାପଗ୍ରହ ଯୁକ୍ତ ବୁଧ ହେତୁ ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କୃତିତ୍ୱ ଯୋଗୁ ବିଜ୍ଞବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ। ଅସାବଧାନତା କାରଣରୁ ଧନହାନି ଘଟିପାରେ। ପାରସ୍ପରିକ ସୁବୁଝାମଣା ହେତୁ ପରିବାରରେ ଅଶାନ୍ତି ଦୂର ହେବ।

**ତୁଳା**
ବିଳାସକାରକ ଗ୍ରହ ଶୁକ୍ର ଚତୁର୍ଥାଧିପ ସଂଯୋଗରୁ ପାରିବାରିକ ସ୍ଥିତି ସୁଖ,ସନ୍ତୋଷରେ କଟିବ। ଆଜି ଅର୍ଥ ସଂକଟ ଦେଖାଦେବା କାରଣରୁ ଚାହୁଁଥିବା ଜିନିଷ ପାଇବେ ନାହିଁ। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନତୁବା ଠକିଯିବାଟା ହିଁ ସାର୍ ହେବ।

**ବିଛା**
ସପ୍ତମାଧିପ ରାଶିରେ ରହିଥିବାରୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ପ୍ରଭୃତି କ୍ଷେତ୍ରରେ ସଫଳତା ହାସଲ କରିବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ**
ଚତୁର୍ଥାଧିପ ଷଷ୍ଠଭାବରେ ଅବସ୍ଥାନ କରିଥିବାରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ ଏବଂ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀହେବେ। ବ୍ୟବସାୟ,ଆନୁଷ୍ଠାନିକ କାର୍ଯ୍ୟ,ସଭାସମିତି କାମରେ ଅଗ୍ରଣୀ ହେବେ।

**ମକର**
ଆଜି ଶୁକ୍ରଙ୍କ ସ୍ଥାନ ପ୍ରଭାବରୁ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ମନଦୁଃଖ ହେବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ପରେ ବ୍ୟସ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ**
ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଆଜି ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ**
ବୁଧଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଅକ୍ଟୋବର ୪ ତାରିଖ, ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ଶୁକ୍ରବାର, ବିଶ୍ୱ ପଶୁକଲ୍ୟାଣ ଦିବସ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ. ଘ.୦୫.୪୧ ଗତେ ଘ.୦୬.୨୮ ମଧ୍ୟେ, ଘ.୦୭.୧୬ ଗତେ ଘ.୦୮.୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୬ ଗତେ ଘ.୧୧.୩୫ ମଧ୍ୟେ ରାହୁକାଳ।

# ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା

## ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଗୁରୁବାର ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ ଟର୍ଚ୍ଚ ଲାଇଟରେ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାବେଳେ ବହିର୍ବିଭାଗ ସମ୍ମୁଖରେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗି ରହିଥିଲା। ସେଠାରେ ଉପସ୍ଥିତ ଡାକ୍ତର ଜଣକ ପରେ ଜଣେ ରୋଗୀଙ୍କ ଚିକିତ୍ସା କରୁଥିଲେ, ତ କାହାକୁ କିଛି ନମୁନା ପରୀକ୍ଷା ପାଇଁ ରେଫର କରୁଥିଲେ। ତେବେ ପ୍ରେସ୍କ୍ରିପ୍‌ସନ ଲେଖୁଥିବା ସମୟରେ ଡାକ୍ତରଙ୍କୁ ମୋବାଇଲ ଟର୍ଚ୍ଚ ଦେଖାଇ ଲେଖିବାରେ ସାହାଯ୍ୟ କରୁଥିଲେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶା ହେବ ...

ଅବଗତ କରାଇଛନ୍ତି। ଆମ୍ବାସାଡର ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ। ଏହା କେଉଁ ଐତିହାସିକ କାଳରୁ ଭାରତ ଓ ବିଶ୍ୱ ମଧ୍ୟରେ ଗେଟ୍‌ୱେ ଭାବେ ରହି ଆସିଛି। ଏହାର ୪୮୦ କିଲୋମିଟର ବ୍ୟାପୀ ବେଳାଭୂମି ରହିଛି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ବ୍ୟବସାୟିକ କେନ୍ଦ୍ର ଭାବେ ରହି ଆସିଛି। ଆମର ପୂର୍ବପୁରୁଷମାନେ ଦକ୍ଷିଣ ପୂର୍ବ ଏବଂ ପଶ୍ଚିମ ଏସିଆ ସହ ବାଣିଜ୍ୟ କାରବାର କରୁଥିଲେ। ଓଡ଼ିଶାରେ ଲୁହାପଥର, ବକ୍ସାଇଟ, ନିକେଲ, କ୍ରୋମାଇଟ, କୋଇଲା ଭଳି ପ୍ରାକୃତିକ ସମ୍ପଦ ଭରପୂର ରହିଥିବା ବେଳେ ସୁଦୀର୍ଘ ଜଙ୍ଗଲ ଓ ଜଳ ସମ୍ପଦ ରହିଛି। ଦେଶରେ ଓଡ଼ିଶା ଖଣିଜ ଆଧାରିତ ଶିଳ୍ପରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏଥିସହିତ ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସହିତ ଭିତ୍ତିଭୂମି ରହିଛି। ବଙ୍ଗୋପସାଗର ଉପକୂଳରେ ସୁଦୀର୍ଘ ବେଳାଭୂମି, ୱାଇଲ୍ଡଲାଇଫ ସାଙ୍କ୍‌ଚୁଆରି ରହିଛି, ଯାହା କି ପର୍ଯ୍ୟଟକଙ୍କୁ ଅତୁଳନୀୟ ଅନୁଭୂତି ପ୍ରଦାନ କରୁଛି। ଏଥିସହିତ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ରହିଛି। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା–୨୦୨୫' ସମ୍ମିଳନୀରେ ଯୋଗଦେବାକୁ ବିଭିନ୍ନ ଦେଶର ଆମ୍ବାସାଡର ଏବଂ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଏଥିସହିତ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଏହି ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଛନ୍ତି।

ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀର ତାଜ ପ୍ୟାଲେସରେ ଦେଶ ବିଦେଶର ଶିଳ୍ପପତିମାନଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ନିଯୁକ୍ତି ସୃଷ୍ଟି ସହିତ ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ, ବ୍ୟବସାୟିକ ନିରାପତ୍ତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଆଦିବାସୀମାନଙ୍କ ବିକାଶ ଦିଗରେ ପଦକ୍ଷେପ ନେବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି। ଶିଳ୍ପପତିଙ୍କ ସହ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଦ୍ୟୋଗପତିମାନଙ୍କୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଆମନ୍ତ୍ରଣ କରାଯାଇଛି। ରୋଡ ଶୋ ପାଇଁ ୪୦୦ ଜଣଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ପ୍ରାୟ ୬୦୦ ଉଦ୍ୟୋଗପତି ଯୋଗଦେଇଥିଲେ। ଆମର ଶିଳ୍ପ ଅନୁକୂଳ ନୀତି ଯୋଗୁ ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ୫ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୁଞ୍ଜିବିନିଯୋଗ ହେବ ନେଇ ଆଶା ପ୍ରକଟ କରିବା ସହ ଉଦ୍ୟମରେ ସଫଳ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ପୁଞ୍ଜିଲଗାଣ, ଶିଳ୍ପ ପ୍ରତିଷ୍ଠାର ସକାରାତ୍ମକ ଇକୋ ସିଷ୍ଟମ୍ ରହିଛି। ଓଡ଼ିଶାକୁ ୧୦୦ ଦିନରେ ୪୫ ହଜାର କୋଟି ପୁଞ୍ଜି ଆସି ସାରିଛି। ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା–୨୦୨୫ କନ୍‌କ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି। ବିଜେଡି ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ଭାଜପା ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା'ର ନାମକରଣ କରିଛନ୍ତି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ପୋଛି ଜାଣେ ଯିଏ**
**ପଚା ଚିଙ୍ଗୁଡ଼ି ବିକେ ସିଏ ।**
କଥା କହିବାର ଶୈଳୀ ବା ପ୍ରଣାଳୀ ସମସ୍ତଙ୍କୁ ଜଣା ନ ଥାଏ। ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କର୍ମହୀନ ଲୋକ ଦଇବ ନିନ୍ଦଇ**
**ଖାଆଣ ନିନ୍ଦଇ ରୋଗୀ**
**କାଳୀ କୋତରୀକୁ ରସିକ ନିନ୍ଦଇ**
**ଗହଳ ନିନ୍ଦଇ ଯୋଗୀ।**
ନିକମା ତଥା ଅଯୋଗ୍ୟ ଶ୍ରେଣୀର ବ୍ୟକ୍ତି ସଦାସର୍ବଦା ନିଜର ଭାଗ୍ୟକୁ ନିନ୍ଦିଥାନ୍ତି ବା ଦୋଷ ଦେଇଥାନ୍ତି। ରୋଗ ବୈରାଗରେ ପଡ଼ିଥିବା ବ୍ୟକ୍ତି ଭୋଜନ ପ୍ରତି ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି। ସେହିପରି ରସିକ ସ୍ୱଭାବର ବ୍ୟକ୍ତି ଶ୍ୟାମଳବର୍ଣ୍ଣ ଝିଅ ପ୍ରତି ବିମୁଖ ଭାବ ପ୍ରଦର୍ଶନ କରୁଥିବାବେଳେ ଯୋଗୀ ବା ସାଧୁସନ୍ଥ ପ୍ରକୃତିର ବ୍ୟକ୍ତି ଅତ୍ୟଧିକ ଗହଳଚହଳ ବା କୋଳାହଳକୁ ପସନ୍ଦ କରି ନ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଚିକିତ୍ସିତ ହେବା...

ରକ୍ତସ୍ରାବ ହେଉଥିବା ଦେଖିଥିଲେ। ଏହା ଏକ ଟାର୍ଗେଟ ମର୍ଡର ବୋଲି ପୋଲିସ କହିଛି। ୧୬ରୁ ୧୭ ବର୍ଷ ବୟସର ୨ ଅଭିଯୁକ୍ତ ମଙ୍ଗଳବାର ରାତିରେ ମଧ୍ୟ ଉକ୍ତ ହସ୍ପିଟାଲକୁ ଯାଇ ଡ୍ରେସିଂ କରାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୨ ମାସ ପରେ ଦିଲ୍ଲୀରେ ଏଭଳି ହତ୍ୟାକାଣ୍ଡ ଘଟିଛି।













AVAILABLE AT The Raymond Shop & ALL LEADING MENSWEAR OUTLETS. SHOPPERS STOP | lifestyle | CENTRO

ColorPlus ALSO AVAILABLE AT : PLUTONE MALL

ତୁମର ମନ, ପ୍ରାଣ(ହୃଦୟ) ଓ ଦେହ– ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି– ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି– ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦ୍ୱନ୍ଦର ଫଳ। –ଶ୍ରୀମା



# ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ



ପଲ୍ ହଡ୍‌ସନ

ବନାଗ୍ନି ପ୍ରଭାବରେ ଆକାଶ ଲାଲ ଦିଶୁଛି ଓ ବାୟୁମଣ୍ଡଳରେ ଧୂଳିଧୂଆଁ ଭର୍ତ୍ତି ହୋଇଯାଉଛି। ଏଭଳି ସ୍ଥିତି ଏବେ ଅଷ୍ଟ୍ରେଲିଆ, କାଲିଫର୍ନିଆ, ଆମାଜନ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ଅଧିକ ଦେଖାଦେଇଛି। ଘର, ବନ୍ୟଜନ୍ତୁ ଏବଂ ପରିସଂସ୍ଥାକୁ ନଷ୍ଟକରିବା ପରେ ଜଙ୍ଗଲ ନିଆଁ ପ୍ରାୟତଃ ବାୟୁର ଗୁଣବତ୍ତାକୁ ଖରାପ କରିବା ସହ ମଣିଷର ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ପରିଣାମ ଆଣୁଛି। ଏହାବାଦ୍ ସାଧାରଣ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ସୀମାକୁ ଟପିଯାଇଥିବା ବାୟୁକୁ ଲୋକେ ଶ୍ୱାସକ୍ରିୟାରେ ଗ୍ରହଣ କରୁଛନ୍ତି। କିନ୍ତୁ ଜଙ୍ଗଲ ନିଆଁ ବାୟୁର ସ୍ଥିତିକୁ ଆହୁରି ଖରାପ କରିଦେଉଛି। ପ୍ରଦୂଷଣ ଓ ବାୟୁଜନିତ ଆଲର୍ଜି ବୃଦ୍ଧିପାଉଛି। ଏହା ସହ ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁ ଅଧିକ ଲୋକ ରୋଗଗ୍ରସ୍ତ ହେଉଛନ୍ତି। ଏପରିକି ବନାଗ୍ନି ସ୍ଥାନରୁ ବହୁ ଦୂରରେ ଥିବା ଅଞ୍ଚଳର ଲୋକେ ମଧ୍ୟ ଏଭଳି ସମସ୍ୟାର ସାମ୍ନା କରୁଛନ୍ତି। ଗତ ବର୍ଷ କାନାଡାରେ ୧୯ ଦିନ ଧରି ଜଙ୍ଗଲ ଜଳିଥିଲା, ଏପରିକି ଏହାର ଧୂଆଁ ଆମେରିକାର ଆକାଶକୁ ବ୍ୟାପିଥିଲା। ଫଳରେ ଆମେରିକାରେ ଶ୍ୱାସରୋଗର ଜରୁରୀ ଚିକିତ୍ସା ହାର ୧୭%ରୁ ଅଧିକ ବୃଦ୍ଧିପାଇଥିଲା।

ଲଗାତର ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ବନାଗ୍ନି ବିପର୍ଯ୍ୟୟର ତୀବ୍ରତା ବଢୁଥିବାରୁ ଏହା ବିଶେଷକରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ପ୍ରଭାବିତ କରୁଛି ଓ ଆଗକୁ କରିବ ମଧ୍ୟ। ଲୋକେ ଶ୍ୱାସରୋଗ, କ୍ରନିକ୍ ଅବ୍‌ଷ୍ଟ୍ରକ୍ଟିଭ ପଲ୍‌ମୋନାରି ଡିଜିଜ (ସିଓପିଡି) ରୋଗରେ ସଂକ୍ରମିତ ହେଉଛନ୍ତି। ବାୟୁ ପ୍ରଦୂଷଣ ଓ ଆଲର୍ଜିର କାରଣ ପାଲଟୁଥିବା କଣିକାଗୁଡ଼ିକ ହେତୁ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ହେବା ଆଶଙ୍କା ରହିଛି। ଏହାସହ ତାପମାତ୍ରା ବୃଦ୍ଧି ଏହାକୁ ଆହୁରି ଜଟିଳ କରିଦେଉଛି। ଏକ ଗବେଷଣାରୁ ଜଣାପଡ଼ିଛି, ୨୩.୨ ଡିଗ୍ରୀ ସେଲ୍‌ସିୟସ ଉପରେ ତାପମାତ୍ରରେ ପ୍ରତି ୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିହେବା ଦ୍ୱାରା ସିଓପିଡି ପୀଡ଼ିତଙ୍କ ହସ୍ପିଟାଲ ଚିକିତ୍ସା ହାର ୧.୫% ବୃଦ୍ଧି ପାଇଛି।

ଜଳବାୟୁରେ ଅଧିକ ପରିବର୍ତ୍ତନ ହେଉଥିବାବେଳେ କେତେକ ନିର୍ଦ୍ଦିଷ୍ଟ ଆଲର୍ଜି ଥିବା ବ୍ୟକ୍ତିଙ୍କ ପ୍ରତି ଶ୍ୱାସକ୍ରିୟାଜନିତ ସମସ୍ୟାର ବିପଦ ରହିଛି। ଉଦାହରଣ ସ୍ୱରୂପ, ଗତ ୨୦ ବର୍ଷ ମଧ୍ୟରେ ତାପମାତ୍ରା ଏବଂ ବାୟୁରେ କାର୍ବନ ଡାଇଅକ୍ସାଇଡ୍ ବଢ଼ିଛି। ଏହା ଯୋଗୁ ବାୟୁରେ ପ୍ରଦୂଷିତ କଣିକା ପରିମାଣ କ୍ରମାଗତ ଭାବରେ ବୃଦ୍ଧି ପାଇଚାଲିଛି। ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟକରି ଶ୍ୱାସକ୍ରିୟାଜନିତ ରୋଗର ଅଧିକ ନୂତନ ନିରାକରଣ ପଦ୍ଧତି ଆପଣାଯାଇଛି। ବଡ଼ କଥା ହେଉଛି, ଯେଉଁମାନଙ୍କର ପୂର୍ବରୁ ଶ୍ୱାସକ୍ରିୟାଜନିତ ସମସ୍ୟା ଥିଲା ଏହା ଏବେ ବଢ଼ିଯାଇଛି। ଯେହେତୁ ଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ଉଚ୍ଚ ତାପମାତ୍ରା ଓ ବାୟୁରେ ଅଧିକ ଆଲର୍ଜି କଣିକାର ଉପସ୍ଥିତି ଯୋଗୁ ମଧ୍ୟ ରୋଗ ପ୍ରତିରୋଧକ ଡିଜିଜ୍ ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଚାଲିଛି। ଏହା ଯୋଗୁ ପ୍ରଦାହଜନକ ଶାରୀରିକ ସମସ୍ୟା ଦେଖାଯାଉଛି, ଯେଉଁଥିରେ ବିଶ୍ୱସ୍ତରରେ ସମସ୍ତ ମୃତ୍ୟୁର ଅଧାରୁ ଅଧିକ ଘଟୁଛି। ତେବେ ବାୟୁ ପ୍ରଦୂଷଣ ସହ ହାଇପରପିଗ୍‌ମେଣ୍ଟେଶନ, ଆଟୋପିକ୍ ଡର୍ମାଟାଇଟିସ ଏବଂ ସୋରିଆସିସ୍ ଭଳି ଚର୍ମରୋଗର ସମ୍ପର୍କ ରହିଥିବା ଏକ ଗବେଷଣାରୁ ପ୍ରମାଣ ମିଳିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ମେନିଞ୍ଜାଇଟିସ୍ ଏବଂ ଟ୍ରପିକାଲ ଭଳି ସଂକ୍ରାମକ ରୋଗ ସମେତ ଅନ୍ୟାନ୍ୟ ରୋଗକୁ ମଧ୍ୟ ବଢ଼ାଇପାରେ, ଯାହା ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପକାଇଥାଏ। ଘର ଭିତରେ ରହିଲେ ମଧ୍ୟ ଆମେ ସୁରକ୍ଷିତ ରହିପାରିବା ନାହିଁ, କାରଣ ଜଳବାୟୁ ପରିବର୍ତ୍ତନ ଯୋଗୁ ଘର ଭିତରର ବାୟୁ ମଧ୍ୟ ପ୍ରଦୂଷଣ ବୃଦ୍ଧି ପାଉଛି। ଏହା ଯୋଗୁ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧.୬ ନିୟୁତ ଲୋକଙ୍କର ମୃତ୍ୟୁ ଘଟୁଛି। ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ୫ ବର୍ଷରୁ କମ୍ ପିଲା, ଯେଉଁମାନେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକରେ ରହୁଛନ୍ତି।



ଜଳବାୟୁ ସଙ୍କଟ ବୃଦ୍ଧିକୁ ଦୃଷ୍ଟିରେ ରଖି ମାନବ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ଆବଶ୍ୟକ। ପ୍ରାରମ୍ଭରୁ ସ୍ୱାସ୍ଥ୍ୟସେବା କ୍ଷେତ୍ର ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି କିମ୍ବା ବୃଦ୍ଧିପାଉଥିବା ପ୍ରମୁଖ ପରିବେଶ ବିପଦଗୁଡ଼ିକୁ ଚିହ୍ନଟକରି ସେଗୁଡ଼ିକର ସମ୍ଭାବ୍ୟ ସ୍ୱାସ୍ଥ୍ୟ ପ୍ରଭାବକୁ ନିଶ୍ଚିତ କରିବା ଦରକାର। ଏହା ସହ ଏ ସମ୍ପର୍କିତ ସ୍ଥିତି ଓ ରୋଗକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ଚିକିତ୍ସା ସେବା ସମ୍ପର୍କିତ କାର୍ଯ୍ୟକ୍ରମ ଲକ୍ଷ୍ୟଭିତ୍ତିକ ଚିକିତ୍ସାରେ ଉନ୍ନତି ଆଣିବା ଲାଗି ଅଧିକ ପଦକ୍ଷେପ ନେବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନଜନିତ ସ୍ୱାସ୍ଥ୍ୟଗତ ପ୍ରଭାବକୁ ରୋକିବା ଲାଗି ନିଆଯାଉଥିବା ପଦକ୍ଷେପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରାଯିବା ଉଚିତ। ନିଃସନ୍ଦେହ ଯେ, ଜଳବାୟୁ ପଦକ୍ଷେପରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗବେଷଣାରୁ ଜଣାପଡ଼ିଛି, ଏବକାର ବିକଶିତ ତଥା ପ୍ରମାଣିତ ଆପ୍ଲିକେଶନ୍ସ ଓ ଟେକ୍ନୋଲୋଜିକୁ ନେଇ ଏଆଇ ୨୦୩୦ ସୁଦ୍ଧା ଗ୍ରୀନ୍ ହାଉସ ଗ୍ୟାସ୍ ( ଜିଏଚ୍‌ଜି) ବା ବୈଶ୍ୱିକ ସବୁଜ ଗୃହ ବାଷ୍ପକୁ ଅତି ବେଶିରେ ୧୦% ହ୍ରାସ କରିପାରିବ, ଯାହା ୟୁରୋପୀୟ ସଂଘର ବାର୍ଷିକ ନିର୍ଗମନ ସହ ସମାନ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ଭାବ୍ୟ ଜଳବାୟୁଜନିତ ବିପର୍ଯ୍ୟୟର ଧାରାକୁ ଚିହ୍ନଟକରିବା ସହ ଅସୁରକ୍ଷିତ ସ୍ଥିତିରେ ଥିବା ଲୋକଙ୍କୁ ଠାବ କରିବାରେ ଏଆଇ ସାହାଯ୍ୟ କରିପାରିବ। ଏହା ସହ ଚରମ ଜଳବାୟୁ ବିପର୍ଯ୍ୟୟଗୁଡ଼ିକ ଘଟିବା ପୂର୍ବରୁ ତାହାର ମୁକାବିଲା କରିବା ସକାଶେ ଯୋଜନା ପ୍ରସ୍ତୁତିରେ ଏହା ସହାୟକ ହେବ। ହିଟ୍‌ୱେଭ ବା ଅତ୍ୟଧିକ ଉତ୍ତାପ ବୃଦ୍ଧି ସ୍ଥିତିର ପୂର୍ବାନୁମାନ କରିବାରେ ଏଆଇର କ୍ଷମତା ପୂର୍ବରୁ ପ୍ରମାଣିତ ହୋଇସାରିଛି। ଏହି ପୂର୍ବାନୁମାନ କ୍ଷମତାର ଅର୍ଥ ହେଉଛି ଏଆଇ ପବନ ଏବଂ ସୌର ଭଳି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ଏପରିକି ଏନର୍ଜି ଗ୍ରୀଡ୍‌ର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ।

ପରିଶେଷରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଲୋକଙ୍କୁ ଚିକିତ୍ସା ଯୋଗାଇଦେବା ସକାଶେ ସ୍ଥାନୀୟ ତଥା ସେବା ପ୍ରଦାନକାରୀ ସଙ୍ଗଠନ ତଥା କମ୍ୟୁନିଟି କର୍ମକର୍ତ୍ତାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ନିମ୍ନ ଏବଂ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନରେ ଅତ୍ୟଧିକ ପ୍ରଭାବିତ ହେଉଛନ୍ତି। ପରିଣାମ ସ୍ୱରୂପ ସେଠାରେ ଖାଦ୍ୟ ନିରାପତ୍ତା ସମସ୍ୟା , ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଆସିବା, ବିଶୁଦ୍ଧ ଜଳ ଏବଂ ପରିମଳର ଅଭାବ ଏବଂ ଗୁଣାତ୍ମକ ଔଷଧ ଏବଂ ଟିକା ପାଇଁ ସୀମିତ ସୁବିଧା ରହୁଛି। ଅଧିକ ଅସୁରକ୍ଷିତ ଥିବା ଅଧିକାଂଶ ସମୁଦାୟଙ୍କ ନିକଟରେ ପହଞ୍ଚିବା କଷ୍ଟକର ହେଉଥିବାରୁ ତୃଣମୂଳ ସ୍ତରରେ ସେମାନଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ପରିବେଶ ସହିତ ପରିଚିତ ଲୋକଙ୍କ ସହାୟତା ନେବା ଜରୁରୀ।

ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ ହ୍ରାସ କରିବା ଅପରିହାର୍ଯ୍ୟ ହୋଇଥିବାବେଳେ ତାପମାତ୍ରା ବୃଦ୍ଧିକୁ ସୀମିତ ରଖିବା ବିଶେଷକରି ଜିଏଚ୍‌ଜି ନିର୍ଗମନ ଦୂରକରିବା ପାଇଁ ବିଶ୍ୱସ୍ତରୀୟ କୌଣସି ବିକଳ୍ପ ପଦକ୍ଷେପ ନିଆଯାଉନାହିଁ। କିଛି ପରିମାଣର ବିଶ୍ୱତାପନ ହ୍ରାସ କରିବା ଅନିବାର୍ଯ୍ୟ। କିନ୍ତୁ ଏହା ସମ୍ଭବ ହେଉନାହିଁ। ତେଣୁ ଜଳବାୟୁଜନିତ ବିପଦରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ। ଏଆଇର ପ୍ରୟୋଗ ଏବଂ ଉପଯୋଗୀ ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ ସହଯୋଗକୁ ଭିତ୍ତିକରି ଏହି ରଣନୀତି ପ୍ରସ୍ତୁତ ହେବା ଉଚିତ।

**ସିଇଓ, ସାନୋଫି**

## ଏଇ ଭାରତରେ

ଉତ୍ତରପ୍ରଦେଶ ସମ୍ଭଲ ଜିଲାର ଜୀବନରେଖା ହେଉଛି ସୋତ୍ ନଦୀ। ଏହା ଜବରଦଖଲ ଯୋଗୁ ବହୁ ଦଶନ୍ଧି ହେଲା ଏଥିରେ ଜଳପ୍ରବାହ ବାଧାପ୍ରାପ୍ତ ହୋଇଥିଲା। ହେଲେ ସମ୍ଭଲର ପୂର୍ବତନ ଜିଲାପାଳ ମନିଶ ବନ୍‌ସଲଙ୍କ ଚେଷ୍ଟା ଯୋଗୁ ୧୧୦କି.ମି. ଦୀର୍ଘ ଏହି ନଦୀର ପୁନରୁଦ୍ଧାର ସମ୍ଭବ ହୋଇପାରିଛି। ଏହି ନଦୀ ଗଙ୍ଗାର ଏକ ଉପନଦୀ। ୭୧ଟି ଗ୍ରାମପଞ୍ଚାୟତ ଦେଇ ପ୍ରବାହିତ ସୋତ୍ ନଦୀରୁ ଜବରଦଖଲ ଉଚ୍ଛେଦ କରିବା ସକାଶେ ମନିଶ କ୍ଷେତ୍ର ପରିଦର୍ଶନ କରି ଯୋଜନା ପ୍ରସ୍ତୁତ କରିଥିଲେ। ମହାତ୍ମା ଗାନ୍ଧୀ ନ୍ୟାଶନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ଆକ୍ଟ(ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ନଦୀ ପ୍ରବାହିତ ପଞ୍ଚାୟତଗୁଡ଼ିକରେ ଲୋକମାନଙ୍କ ଦ୍ୱାରା ଶଯ୍ୟା ଖୋଳି ଜଳ ସ୍ରୋତକୁ ସ୍ୱାଭାବିକ କରିପାରିଥିଲେ। ୨୦୨୨ରେ ଏହି ଯୋଜନା ଆରମ୍ଭ କରାଯାଇ ୨୦୨୩ ଜୁନ୍‌ରେ କାର୍ଯ୍ୟ ଶେଷ କରାଯାଇଥିଲା। ମନିଶ ବନସଲ ଏବେ ଶାହାରଙ୍ଗପୁର ଜିଲାପାଳ ଭାବେ କାର୍ଯ୍ୟରତ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୪ ଅକ୍ଟୋବର ୧୯୭୫**

- ଜରୁରୀ ପରିସ୍ଥିତି ଜାରି ହେବା ପରେ ମଧ୍ୟପ୍ରଦେଶରେ ୬୦୦ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସନ୍ତୋଷଜନକ ହେଉ ନ ଥିବା ଅଭିଯୋଗରେ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।
- ବଢ଼ନ୍ତା ନଦୀର ପ୍ରଖର ସୁଅରେ ଗୋଟିଏ ଡଙ୍ଗା ଓଲଟିପଡ଼ିପଡ଼ିବା ଫଳରେ ସାନ୍ତାଳ ପ୍ରଗଣା ଜିଲା ନାରାୟଣପୁର ଗ୍ରାମର ୫୬ ଜଣ ବ୍ୟକ୍ତିଙ୍କ ସଲୀଳ ସମାଧି।
- ସଙ୍ଗଠନ କଂଗ୍ରେସ ନେତା ତଥା ଅବିଭକ୍ତ କଂଗ୍ରେସ ଦଳର ପୂର୍ବତନ ସଭାପତି ୭୨ ବର୍ଷ ବୟସ୍କ ଗାନ୍ଧିବାଦୀ ନେତା କୁମାରସ୍ୱାମୀ କାମରାଜଙ୍କ ପରଲୋକ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 1 | 2 |
| 8 | | | 3 | 5 | | 4 | | |
| | | | | | 6 | | | |
| 1 | 5 | 9 | | | | | | |
| 6 | 7 | | 8 | | | | 9 | |
| | | 3 | | | 5 | | | |
| | | | | | | | | 6 |
| 2 | | | | 4 | | | 7 | 8 |
| 3 | 4 | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 7 | 9 | 1 | 2 | 4 | 8 |
| 7 | 1 | 4 | 8 | 5 | 2 | 9 | 3 | 6 |
| 9 | 2 | 8 | 6 | 4 | 3 | 1 | 5 | 7 |
| 8 | 4 | 1 | 3 | 2 | 7 | 5 | 6 | 9 |
| 3 | 7 | 9 | 5 | 1 | 6 | 8 | 2 | 4 |
| 6 | 5 | 2 | 9 | 8 | 4 | 3 | 7 | 1 |
| 1 | 8 | 6 | 4 | 3 | 5 | 7 | 9 | 2 |
| 2 | 3 | 7 | 1 | 6 | 9 | 4 | 8 | 5 |
| 4 | 9 | 5 | 2 | 7 | 8 | 6 | 1 | 3 |

ଗତକାଲିର ଉତ୍ତର

# ସ୍ୱଚ୍ଛତା ଓ ଆମ ସହର



ଲୋକନାଥ ପଣ୍ଡା

ସ୍ୱଚ୍ଛତାକୁ ନେଇ ଅନେକ ଉତ୍ସାହଜନକ କାର୍ଯ୍ୟକ୍ରମ ଚାଲୁଛି। ତେବେ ସ୍ୱଚ୍ଛତା ଓ ଆମ ସହରକୁ ନେଇ ଆଲୋଚନା କରିବା ବେଳେ ପ୍ରଥମେ ପ୍ରାଥମିକ ସ୍ତରରୁ ତଥା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରିବା ଭଲ ହେବ। ସରକାରଙ୍କ ତରଫରୁ ବିଦ୍ୟାଳୟର ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିସେଫ୍ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି ମିଳିତ ଉଦ୍ୟମରେ ସରକାରୀ ବିଦ୍ୟାଳୟ ସ୍ତରରେ ସ୍ୱଚ୍ଛତାକୁ ନେଇ ୱାଶ୍ ଇନ୍ ସ୍କୁଲ ନାମରେ ଏକ କାର୍ଯ୍ୟକ୍ରମ ଚାଲୁଥିଲା। ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ସ୍କୁଲର ସ୍ୱଚ୍ଛତା ତଥା ଶିଶୁମାନଙ୍କର ବିଦ୍ୟାଳୟ ପରିବେଶରେ ଆବଶ୍ୟକତାକୁ ନେଇ ସ୍ୱଚ୍ଛତା ଆକ୍ସନ ପ୍ଲାନ୍ ବା ଯୋଜନା କରାଯାଇ ସ୍ୱଚ୍ଛତାକୁ ନେଇ ମାନଦଣ୍ଡଗୁଡ଼ିକର ନିର୍ଣ୍ଣୟ ଆଧାର କରାଯାଇଥାଏ। ଏହି ସ୍ୱଚ୍ଛତା ଆକ୍ସନ ପ୍ଲାନ୍‌କୁ ଅନେକ ବିଦ୍ୟାଳୟ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିଛନ୍ତି, ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ଏବଂ କେତେକ କ୍ଷେତ୍ରରେ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇଛନ୍ତି। ଏହିଭଳି କ୍ଷେତ୍ରରେ ଏହି ଲେଖକ ମଧ୍ୟ କେତେକ ବିଦ୍ୟାଳୟ ଦେଖିଛି, ଯେଉଁଠି କି ଶିକ୍ଷକଗୋଷ୍ଠୀ ନିଜର ଇଚ୍ଛାଶକ୍ତି ଓ ଆଗ୍ରହ ହେତୁ ସଫଳ ହୋଇଛନ୍ତି ଏବଂ ଅନେକ ପ୍ରଶଂସିତ ହୋଇଛନ୍ତି। ସ୍ୱଚ୍ଛତାକୁ ନେଇ ପ୍ରଶଂସିତ ହୋଇଥିବା ପରବର୍ତ୍ତୀ ସମୟରେ ଅର୍ଥରାଶି ମଧ୍ୟ ଏହି ବିଦ୍ୟାଳୟଗୁଡ଼ିକୁ ଜିଲା କିମ୍ବା ରାଜ୍ୟ ତରଫରୁ ଅର୍ଥ ରାଶି ଯୋଗାଇ ଦିଆଯାଇଛି। ପାଇଖାନାର ଉପଯୋଗୀ ଓ ପାଣି ବ୍ୟବସ୍ଥା, ହାତଧୁଆ, ପାଣିଟାଙ୍କି ତଥା ଅନେକ କିଛି ମାନଦଣ୍ଡ ରହିଛି। ଏଥିରେ ଶିଶୁଙ୍କୁ ସ୍ୱଚ୍ଛତା ଅଭ୍ୟାସ କରାଇବା ପାଇଁ ପ୍ରେରଣାଦାୟକ ସୁବିଧାଗୁଡ଼ିକ ରହିଛି।

ଗାଁ ହେଉ କି ସହର, ପ୍ରତିଦିନ ଶହ ଶହ କୁଇଣ୍ଟାଲ ଆବର୍ଜନା ବାହାରୁଛି। ବର୍ତ୍ତମାନର ସମାଜରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର, ପ୍ୟାକିଂ ବ୍ୟବସ୍ଥା,ଦୋକାନ ବଜାରରୁ ଆବର୍ଜନା ବାହାରିବା, ଡାକ୍ତରଖାନାର ଆବର୍ଜନା କିମ୍ବା ଅନ୍ୟ କୌଣସି କାରଣରୁ ଅନେକ ପରିମାଣରେ ଆବର୍ଜନା ବାହାରୁଛି। ସରକାରଙ୍କ ତରଫରୁ ପ୍ରତିଦିନ ଗାଡ଼ି ଆସି ଘରୁ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଅନେକ କ୍ଷେତ୍ରରେ ଜନସାଧାରଣ ଏହାକୁ ସହଯୋଗ କରୁଥିବା ବେଳେ କେତେକ କ୍ଷେତ୍ରରେ କରୁନାହାନ୍ତି। ଏହାର କାରଣ ହେଲା ଆମର ମାନସିକତା। ସାଧାରଣତଃ ଓଡ଼ିଆମାନଙ୍କ ଅଭ୍ୟାସ ଯେ, ଭୋରରୁ ଘରର ମଇଳା ଓ ଆବର୍ଜନା ସଫା କରିବା। ଓଳିଆ ଗାଡ଼ି ଯଦି ଆସିବା ପୂର୍ବରୁ ଅଳିଆ ନେଇ ସାହି ଛକ, ନାଳ କିମ୍ବା ଅନ୍ୟ କାହା ଦାଣ୍ଡରେ ନେଇ ସଅଳ ସଅଳ କାମ ସାରିଦିଅନ୍ତି! ଏହି ଲେଖକ ଏହିଭଳି କିଛି ସମସ୍ୟାର ଭୁକ୍ତଭୋଗୀ। ଘର ଆଗରେ ମଧ୍ୟ ଏହିଭଳି ନିତିଦିନ ସମସ୍ୟା ଦେଖାଦେଇଥାଏ । ଭୋରରୁ ତାଙ୍କ ଦାଣ୍ଡ ମୁହଁରେ ଆଣି ଅନେକେ ଓଳିଆ ପକାଇ ପଳାନ୍ତି ଏବଂ ସ୍ୱଚ୍ଛତା ଗାଡ଼ି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ନାହିଁ।

ସ୍ୱଚ୍ଛତାର ଅନ୍ୟ ଏକ ସମସ୍ୟା ହେଲା ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳରେ ସହର ମୁଣ୍ଡରେ ନେଇ ଓଳିଆ ଗଦା କରିବା। ପଂଚାୟତ ତରଫରୁ ହେଉ କିମ୍ବା ସହରାଞ୍ଚଳ, ନଦୀ କୂଳ ହେଉ, ଗାଁ ମୁଣ୍ଡ ହେଉ, ସେଠାରେ ଓଳିଆ ପକାନ୍ତି। ଫଳରେ ଗାଁ ମୁଣ୍ଡରେ କିମ୍ବା ସହର ମୁଣ୍ଡରେ ପଶିବାବେଳେ



ଏହାର ଦୁର୍ଗନ୍ଧରେ ନାକ ଫାଟି ପଡ଼ିଥାଏ । ଜଣେ ସଚେତନ ନାଗରିକ ଯଦି ଏହାକୁ ଅଧ୍ୟୟନ କରେ, ତେବେ ଏହାକୁ ଅନୁଭବ କରିବ। ବଡ଼କଥା ହେଲା, ସହର ହେଉ କି ଗ୍ରାମାଞ୍ଚଳ ସେଠାରେ ଯେଉଁ ସ୍ୱଚ୍ଛ ପୋଖରୀଗୁଡ଼ିକ ଥିଲା। ଏବେ ତାହାର ଅବସ୍ଥା ବେଶ୍ ସଙ୍କଟାପନ୍ନ ଓ ପ୍ରଦୂଷିତ। ଅନେକ ପୋଖରୀକୁ ପୋତି ଦିଆଗଲାଣି କିମ୍ବା ଓଳିଆ ପକାଇ ଆବର୍ଜନାମୟ କରିଦିଆଗଲାଣି। କେଉଁଠି ଦୂଷିତ ପାଣି ପୋଖରୀରେ ପଶୁଛି। ଜଳାଶୟଗୁଡ଼ିକ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ।

ଅନ୍ୟ ଏକ ବଡ଼ ସମସ୍ୟା ହେଲା, ଯେଉଁଠି ସହରାଞ୍ଚଳର କିଛି ଖାଲ ଜାଗା ରହିଛି, ସେଠାରେ ଔଷଧୀୟ ଗଛ ରହୁଥିଲା, ଜଳାଶ୍ରୟ ରହୁଥିଲା, ସେଗୁଡ଼ିକ ବର୍ତ୍ତମାନ ଡମ୍ପିଂ ୟାର୍ଡ ବା ଆବର୍ଜନା କେନ୍ଦ୍ର ପାଲଟିଛି! ରାୟଗଡ଼ା ସହରରେ ଦେଖୁଥିଲେ, ପ୍ରସିଦ୍ଧ ମଝିଘରିଆଣୀ ମନ୍ଦିର ନିକଟରେ ଖାଲ ଅଞ୍ଚଳ ଥିଲା, ସେଠାରେ ଜଳାଶୟ ରହୁଥିଲା ଏବଂ ଭୂଜଳ ସ୍ତରକୁ ସଂରକ୍ଷଣ କରିବା ନିମନ୍ତେ ବେଶ୍ ପ୍ରଭାବ ପକାଇଥାଏ। କିନ୍ତୁ ବର୍ତ୍ତମାନ ଏହାକୁ ସହରାଞ୍ଚଳର ସମସ୍ତ ଆବର୍ଜନାକୁ ଏଠାରେ ପକାଯାଉଛି। ଏହାଦ୍ୱାରା ରାୟଗଡ଼ା ସହରର ଭୂଜଳ ପ୍ରଦୂଷିତ ହେବାର ଅନେକ ଆଶଙ୍କା ପ୍ରକାଶ ପାଉଛି। ଏହାକୁ ନେଇ କେହି ଆଲୋଚନା କରନ୍ତି ନାହିଁ କିମ୍ବା ଗଣମାଧ୍ୟମର ମଧ୍ୟ ଏଥିପ୍ରତି ନଜର ନାହିଁ। କୌଣସି ଏକାଡେମିକ୍ ଅନୁଷ୍ଠାନ ବା ନାଗରିକ ଗୋଷ୍ଠୀ ମଧ୍ୟ ଏହା ସମ୍ପର୍କରେ ତର୍କବିତର୍କ କରୁନାହାନ୍ତି। ଓଡ଼ିଶାର ଆହୁରି ଅନେକ ସହର ଆଜିର ଦିନରେ ପ୍ରଦୂଷିତ ଏବଂ ଏପରିକି ଅନେକ ସହରର ବାୟୁରେ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ବେଶ୍ କୁପ୍ରଭାବ ପଡୁଛି। ଜଳ, ବାୟୁ, ପରିବେଶ ସବୁକ୍ଷେତ୍ରରେ ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି।

କିଛିଦିନ ତଳେ ଦଳେ ଯୁବବର୍ଗ ଏବଂ ତାଙ୍କର ଅଧ୍ୟାପକଙ୍କ ଏକ ଉଚ୍ଚ ପଦସ୍ଥ ଅଫିସରଙ୍କ ଘର ଆଗ ବଜାରରେ ପିଲାମାନେ ସଫା କରିବା ପାଇଁ ଆକର୍ଷଣୀୟ ପୋଷାକ ପିନ୍ଧି ସୁନ୍ଦର ସୁନ୍ଦର ଝାଡୁ, ଯାହାକି ଆଜିକାଲିର ବିଜ୍ଞାପନରେ ଦେଖାଯାଉଛି, ତାହାକୁ ଧରି ସଫା କରିବାକୁ ବାହାରିଥିଲେ। ଏହା ଦେଖି ମୁଁ ଅନୁମାନ କଲି, କେବଳ ବିଜ୍ଞାପନ ପାଇଁ! ଅନେକ ସମୟରେ ସ୍ୱଚ୍ଛତାକୁ ନେଇ ଯେଉଁ ପ୍ରଚାରପ୍ରସାର ଚାଲିଛି, ଜଣେ ଯଦି ଅନୁଭବ କରିବ, ତେବେ ସେ ଭାବିବ ଯେ ଏହା କେବଳ ନିଜର ବିଜ୍ଞାପନ ପାଇଁ! କିନ୍ତୁ ଅଭ୍ୟାସରେ ପରିଣତ କରିବା କେତେ କଷ୍ଟକର ହେଲେ ମଧ୍ୟ ତାହାକୁ ଆମକୁ ଅଭ୍ୟାସରେ ପରିଣତ କରିବା ପାଇଁ ପ୍ରୟାସ କରିବାକୁ ପଡ଼ିବ।

ଗାନ୍ଧିଜୀ ହୁଅନ୍ତୁ କି ବିନୋବା ଭାବେ କିମ୍ବା ଓଡ଼ିଶାରେ ତାଙ୍କର ଅନୁଗାମୀ ଯଥା ଅନ୍ନପୂର୍ଣ୍ଣା ମହାରଣା, ଶାନ୍ତିଦେବୀ , ରମାଦେବୀ, ଗୋପବନ୍ଧୁ ଚୌଧୁରୀ ହୁଅନ୍ତୁ କିମ୍ବା ଅନେକ ବ୍ୟକ୍ତିବିଶେଷ ଅଛନ୍ତି ଓ ଅନୁଷ୍ଠାନ ଅଛନ୍ତି , ଯେଉଁମାନେ ସ୍ୱଚ୍ଛତାକୁ ନେଇ ଅଭ୍ୟାସ ଓ ଜୀବନରେ ଶୃଙ୍ଖଳା ଜାରି ରଖିଆସିଥିଲେ। ବର୍ତ୍ତମାନ ମଧ୍ୟ ଅନେକେ ଅଛନ୍ତି ଯେଉଁମାନେ ରାସ୍ତା ତିଆରି କରି ଅନ୍ୟମାନଙ୍କ ବାଟ ଚାଲିବାର ପନ୍ଥା ଦେଖାନ୍ତି। ସେମାନେ ଅନ୍ୟମାନଙ୍କୁ ଅନୁସରଣ କରନ୍ତି ନାହିଁ, ନିଜେ ରାସ୍ତା କରନ୍ତି । ବର୍ତ୍ତମାନ ସ୍ଥିତିରେ ସ୍ୱଚ୍ଛତାକୁ ନେଇ ନିଜେ ଅଭ୍ୟାସରେ ପରିଣତ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାର ଆବଶ୍ୟକତା ରହିଛି।

ବିଦ୍ୟାଳୟରେ ଅନେକ କାର୍ଯ୍ୟକ୍ରମ ରହୁଛି ଯାହାକୁ ଶିଶୁଟି ତାହାର ସ୍ୱଚ୍ଛତାକୁ ନେଇ ଅଭ୍ୟାସ କରୁଛି। କିନ୍ତୁ ସ୍ୱଚ୍ଛତା ସହ ପ୍ରଦୂଷଣର ସମ୍ପର୍କ ରହୁଛି। ଆମେ ଯେତେ ସ୍ୱଚ୍ଛ ରହିବା, ପରିବେଶକୁ ଧ୍ୱଂସକରିବାରୁ ରକ୍ଷା କରିବା ପାଇଁ ପ୍ରୟାସ କରିବା, ଘରରୁ ହିଁ ସ୍ୱଚ୍ଛତାର ଅଭ୍ୟାସ ଆରମ୍ଭ କରିବା, ପରିବେଶକୁ ସୁରକ୍ଷା ଯୋଗାଇବା, ତେବେ ପୃଥିବୀ ବଞ୍ଚିରହିବ ଏବଂ ପରବର୍ତ୍ତୀ ପିଢ଼ି ଆମକୁ ମନେରଖିବେ।

**ରାଣୀଗୁଡ଼ା, ରାୟଗଡ଼ା**
**ମୋ: ୯୪୩୮୦୮୧୪୩୦**

# ଭାଗବତର ଆହ୍ୱାନ



ବିମଳ ପ୍ରସନ୍ନ ଦାସ

ଗୋଷ୍ଠୀ: ଶ୍ରୀମଦ୍ ଭାଗବତର ସ୍ଥାନ ଓ ଆହ୍ୱାନ ବିଚାର୍ଯ୍ୟ। ଭାରତୀୟ ପ୍ରଜ୍ଞାମାନସ ବେଦରୂପୀ କଳ୍ପବୃକ୍ଷର ପରିପକ୍ୱ ସୁମିଷ୍ଟ ଫଳ 'ଭାଗବତ' ମୁକ୍ତିମାର୍ଗର ସୋପାନ। ଭଗବାନଙ୍କ ସାକ୍ଷାତ ଶବ୍ଦମୟୀ ମୂର୍ତ୍ତି। ସନାତନ ସଂସ୍କୃତିର ଅମୂଲ୍ୟରତ୍ନ। ଅଷ୍ଟାଦଶ ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତ ମହାପୁରାଣର ସ୍ଥାନ ସ୍ୱତନ୍ତ୍ର। ଏହା ଭଗବାନଙ୍କର ମୁଖ ନିଃସୃତ ବାଣୀ, ଯାହାକି ଗୁରୁଶିଷ୍ୟ ପରମ୍ପରା। କ୍ରମେ ବ୍ରହ୍ମା, ନାରଦ, ବ୍ୟାସଦେବ, ଶୁକ ମହର୍ଷି ଆଦିଙ୍କ ମାଧ୍ୟମରେ ଆଜିର ମଣିଷ ପାଇଁ ସୁଲଭ ହୋଇପାରିଛି। ମହର୍ଷି ବ୍ୟାସଦେବ ଉପନିଷଦ, ବ୍ରହ୍ମସୂତ୍ର, ଶପ୍ତଦଶ ପୂରାଣ ରଚନା କରି ସାରିବା ପରେ ମଧ୍ୟ ପରମ ଶାନ୍ତି ପାଇ ପାରି ନାହାନ୍ତି। ମହର୍ଷି ନାରଦଙ୍କୁ ଏହି ଅଶାନ୍ତି ଅତୃପ୍ତିର କାରଣ ଜିଜ୍ଞାସା କରି ବ୍ୟାସଦେବ କହିଲେ, ଆପଣ ନିଜେ ତ୍ରିକାଳଦର୍ଶୀ। ଆପଣ ଏ ଅଶାନ୍ତିରୁ ମୁକ୍ତିର ମାର୍ଗ ମତେ ଦେଖାଇ ଦିଅନ୍ତୁ। ନାରଦ କହିଲେ ଆପଣ ଧର୍ମ, ଅର୍ଥ, କାମ, ମୋହ ଚତୁର୍ବର୍ଗଙ୍କୁ ପୁରାଣମାନଙ୍କରେ ସନ୍ନିବିଷ୍ଟ କରିଛନ୍ତି କିନ୍ତୁ ରସରାଜ ଶ୍ରୀକୃଷ୍ଣଙ୍କର ରସଭରା ଲୀଳା ବର୍ଣ୍ଣନା କରିନାହାନ୍ତି। ତାଙ୍କ ରସମୟ ଲୀଳାର ବର୍ଣ୍ଣନା ଆପଣଙ୍କୁ ଶାନ୍ତି ଓ ତୃପ୍ତି ଦେଇପାରିବ। ଏହା ହିଁ ଶ୍ରୀମଦ୍ ଭାଗବତର ଉତ୍ସ। ମହାମୁନି ବ୍ୟାସ ସଂସ୍କୃତରେ ଲୀଳାମୟଙ୍କ ରସମୟ ଲୀଳା ବର୍ଣ୍ଣନା କରି ତାଙ୍କ ପ୍ରିୟପୁତ୍ର ଶୁକମୁନିଙ୍କୁ ଶୁଣାଇଲେ। ତାଙ୍କ ମୁଖରୁ ସୈବତ ଆଦି ମୁନିଋଷିମାନେ ଏହାର ଗୂଢ଼ ତତ୍ତ୍ୱ ଓ ରହସ୍ୟମୟ ଜାଣିଲେ। ପ୍ରଜାନୁରଞ୍ଜନ, ଧର୍ମପ୍ରାଣ ମହାରାଜ ପରିକ୍ଷିତ ଋଷିପୁତ୍ରଙ୍କ ଅଭିଶାପନର ପ୍ରମାଦଗ୍ରସ୍ତ ଅବସ୍ଥାରେ ପବିତ୍ର, ଗଙ୍ଗାକୂଳରେ ମୁନି ଋଷିଙ୍କ ନିକଟରେ ଉପସ୍ଥିତ ହେଲେ। ସାତଦିନ ମଧ୍ୟରେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ଅନିବାର୍ଯ୍ୟ। ମୁନି ବାକ୍ୟ ଅନ୍ୟଥା ହେବନାହିଁ। ମହାମୁନି ଶୁକଙ୍କ ଚରଣରେ ମହାରାଜ ଶରଣ ଭିକ୍ଷା କରି ଯେଉଁ ତିନୋଟି ପ୍ରଶ୍ନର ଉତ୍ତର ଜିଜ୍ଞାସା କଲେ ତାହା ହିଁ ସମଗ୍ର ଭାଗବତ ମହାଗ୍ରନ୍ଥ। ସେ ତିନୋଟି ପ୍ରଶ୍ନ ହେଉଛି – କହ ଜୀବନ ଯିବା ବେଳେ – କିବା ସାଧିବି ମହିତଳେ, କିବା ଶୁଣିବ କର୍ଣ୍ଣ ପଥେ – ସ୍ମରଣ କି କରିବି ଚିତ୍ତେ, କିବା ବଚନ ଉଚ୍ଚାରଣ– ପୂଜି ବି କାହାର ଚରଣ। ଏ ସମସ୍ତ ପ୍ରଶ୍ନର ଉତ୍ତର କୃଷ୍ଣନାମ ଭଜନରେ ରହିଛି ବୋଲି ମୁନିବର କହିଛନ୍ତି। ବ୍ୟାସକୃତ ଏହି ସଂସ୍କୃତ ମହାକାବ୍ୟକୁ ନିଜ ନିରକ୍ଷର ଜନନୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ଷୋଡ଼ଶ ଶତାବ୍ଦୀରେ ପଞ୍ଚସଖା ଯୁଗର ଅନ୍ୟତମ ମହାକବି ଶ୍ରୀ ଜଗନ୍ନାଥ ଦାଶ ନବାକ୍ଷରୀ ଛନ୍ଦ ରଚନା କରିଥିଲେ।

ଭକ୍ତକବି ଜଗନ୍ନାଥଙ୍କ ପିତା ଭଗବାନ ଦାଶ ଥିଲେ ପୁରାଣ ପଣ୍ଡା। ମାତ୍ର ୧୬ ବର୍ଷ ବୟସରେ ପିତୃହରା ହୋଇ ତାଙ୍କୁ ତାଙ୍କର କୌଳିକ ବୃତ୍ତି ଗ୍ରହଣ କରିବାକୁ ହେଲା। ସ୍ୱରଚିତ ଭାଗବତ ମହାପୁରାଣକୁ ଶ୍ରୀମନ୍ଦିରର ବଟଗଣେଶଙ୍କ ତଳେ ବସି ପାଠ କଲେ। ଏହି ସମୟରେ ଏକଦା ତାଙ୍କର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସହିତ ସାକ୍ଷାତ ହେଲା। ସେ ଭାଗବତ ପଠନ, ଗାୟନ, ମନନ ଓ ଚର୍ଚ୍ଚାରେ ବିମୁଗ୍ଧ ହୋଇ ତାଙ୍କୁ କୋଳାଗ୍ରତ ପୂର୍ବକ ଅତିବଡ଼ୀ ଉପାଧିରେ ଅଭିଷିକ୍ତ କଲେ। ତାଙ୍କର ଲୋକପ୍ରିୟତା ଓ ଉଚ୍ଚ ପ୍ରଶଂସା ତଥାକଥିତ ବଡ଼ପଣ୍ଡାମାନଙ୍କର ଈର୍ଷାର କାରଣ ହେଲା। ଫଳତଃ ସେ ତାଙ୍କୁ ଓ ଜନନୀଙ୍କୁ ବହୁ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଲା। କିନ୍ତୁ ତାଙ୍କ ପ୍ରତିଭାର ସୁରଭୀ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସଦୟ ଦୃଷ୍ଟି ଆକର୍ଷଣ କଲା। ଗଜପତିଙ୍କ ମହାନୁଭବତାର ଫଳସ୍ୱୃତି ସ୍ୱରୂପ ଶ୍ରୀକ୍ଷେତ୍ରରେ ନିର୍ଜନ ବେଳାଭୂମିରେ ସାତଲଉଡି ମଠ ନିର୍ମାଣ ହେଲା। ଆଜି ତାହା ପ୍ରତ୍ୟେକ ଓଡ଼ିଆର ମହାତୀର୍ଥ। କବି ଜନ ଉଇକ୍ଲିଫଂ ଇଂଲିଶ ଭାଷାରେ ବାଇବେଲର ଅନୁବାଦ କରି ପ୍ରଚାର କରନ୍ତେ ଇଂଲଣ୍ଡର ସାମାଜିକ ଜୀବନରେ ଅଭୂତପୂର୍ବ ଜାଗରଣ ସୃଷ୍ଟି ହୋଇଥିଲା। ସେହିପରି ଇତିହାସ ପ୍ରସିଦ୍ଧ ମାର୍ଟିନ ଲୁଥର ବାଇବେଲକୁ ଜର୍ମାନ ଭାଷାରେ ଅନୁବାଦ କରି ୟୁରୋପରେ ଅଭାବନୀୟ ପରିବର୍ତ୍ତନ ସୃଷ୍ଟି କରିଥିଲେ। ଅନୁରୂପ ଥିଲା ଓଡ଼ିଆ ଭାଗବତ ଓ ଓଡ଼ିଶାର ଜନଜୀବନ।

ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଗଣ୍ଠିଧନ। ଏହି ପୁଣ୍ୟଗ୍ରନ୍ଥ ଓଡ଼ିଆର ଜୀବନ ମରଣର ସାଥୀ। ସେଥିପାଇଁ ଗାଁ ଗାଁରେ ରହିଥିଲା 'ଭାଗବତ ଟୁଙ୍ଗି'। ଭାଗବତ ଟୁଙ୍ଗି ତା'ର ଓ ଅଲେଖ ଟୁଙ୍ଗୀର ବିଲୁପ୍ତି ଆଜି ଜନଜୀବନକୁ କଳୁଷିତ କରିଛି– ରସାତଳକୁ ଟାଣି ନେଉଛି। ଏହାର ପୁନରୁଜ୍ଜୀବନ ଓଡ଼ିଆ ଜାତିର ଧ୍ୟେୟ ହେଉ।

**ମୋ: ୯୪୩୮୧୮୬୨୨୬**

## ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆଗପରି
ଉଦାସ ଗତିରେ ଏକାକୀ ପଥଟି ଧରି
ତୁମେ ହସିଦେଇ ପୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାଗୋରୀ!
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶର ପରିଭାଷା

ମହାଶୟ,

ମୋଟ ଘରୋଇ ଉତ୍ପାଦ ବା ଜିଡିପି ଅଭିବୃଦ୍ଧି ବିକାଶର ଏକମାତ୍ର ପରିଭାଷା ନୁହେଁ। ଜିଡିପି ପରିମାଣ ୫ ଟ୍ରିଲିୟନ ଡଲାର କିମ୍ବା ତା'ଠାରୁ ଅଧିକ ହେଲେ ମଧ୍ୟ ଦେଶ ଓ ଦେଶବାସୀ ବିକଶିତ ହୋଇପାରିବେ ନାହିଁ। ଏଥିସହ ଦେଶରେ ମୁଣ୍ଡପିଛା ଜିଡିପି ଓ ମୁଣ୍ଡପିଛା ଆୟ ବଢ଼ିବା ଦରକାର। ଦେଶରେ ଏବେ ମଧ୍ୟ ଦାରିଦ୍ର୍ୟ, ଅପପୁଷ୍ଟି, ନିରକ୍ଷରତା, ବେକାରି ଓ ଆର୍ଥିକ ଅସମାନତା ଭଳି ସମସ୍ୟା ରହିଛି। ଏଥିରୁ ମୁକ୍ତ ହେବା ଜରୁରୀ। ଏହା ସହିତ ପ୍ରଗତିଶୀଳ ଚିନ୍ତାଧାରା ଓ ମାନବିକ ମୂଲ୍ୟବୋଧର ବିକାଶ ହେବା ଆବଶ୍ୟକ। ସୁତରାଂ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜିଡିପି ଅଭିବୃଦ୍ଧି ସହ ଏହିସବୁ ବିଷୟ ପ୍ରତି ଯତ୍ନଶୀଳ ହେବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟଙ୍କା ପାଇଁ ମା'ଙ୍କୁ ଇଟାରେ ଛେଚି ହତ୍ୟା

**ସାମାନ୍ୟ କିଛି ଟଙ୍କା ପାଇଁ ଜଣେ ପୁଅ ଜନ୍ମକଲା ମା'ଙ୍କୁ ହତ୍ୟା କରିଛନ୍ତି। ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଲିମିଡିହ ଗ୍ରାମରେ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଛନ୍ତି। ଧାନବୀମା ଟଙ୍କା ମା'ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିବାରୁ, ତାକୁ ନେବାକୁ ମା'ଙ୍କୁ ଏଟିଏମ୍ କାର୍ଡ ମାଗିଥିଲେ। ହେଲେ ନ ଦେବାରୁ ଉତ୍କ୍ଷିପ୍ତ ହୋଇ ଏକ ଇଟାରେ ମା'ଙ୍କ ମୁଣ୍ଡ ଏବଂ ଛାତିକୁ ଆକ୍ରମଣ କଲେ। ଗୁରୁତର ଅବସ୍ଥାରେ ମା'ଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅଭିଯୁକ୍ତ ପୁଅଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।**

ବ୍ରଜରାଜନଗର,୩।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲିମିଡିହ ଗ୍ରାମର ଭାଗ୍ୟବତୀ ମିର୍ଦ୍ଧା(୬୦)ଙ୍କ ୩ଗୋଟି ସନ୍ତାନ ଅଛନ୍ତି। ବଡ଼ପୁଅ ଓ ସାନପୁଅ ରୋଜଗାର କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ମଝିଆ ପୁଅ ଗଜାଧର କିଛି କାମ କରୁ ନ ଥିବାବେଳେ ଅଧିକାଂଶ ସମୟରେ ନିଶାସକ୍ତ ରହୁଥିବାରୁ ପରିବାର ଲୋକେ ତାଙ୍କ ବିବାହ କରାଇନାହାନ୍ତି। ଏପରିକି ସରକାରଙ୍କ ତରଫରୁ ମିଳିଥିବା ସୁବିଧାରୁ ତାଙ୍କୁ ବଞ୍ଚିତ ମଧ୍ୟ କରାଯାଇଛି। ଏହି ଘଟଣାରେ ଗଜାଧର ସର୍ବଦା ମାନସିକ ଦୁଶ୍ଚିନ୍ତାରେ ରହି ଭାଇ ଓ ମା'ଙ୍କ ସହ ଝଗଡ଼ା କରନ୍ତି। ନିକଟରେ ଧାନର ବୀମା ଟଙ୍କା ମା' ଙ୍କ ନାମରେ ଆସିଛି। ତେଣୁ ମା'ଙ୍କ ଠାରୁ ଟଙ୍କା ନେବା ପାଇଁ ଗଜାଧର ଜିଦ୍ କରୁଥିଲେ। ଗୁରୁବାର ଘରେ ଭାଇମାନେ ନ ଥିବାର ସୁଯୋଗ ନେଇ ଗଜାଧର ଟଙ୍କା ପାଇଁ ମା'ଙ୍କୁ ଏଟିଏମ୍ କାର୍ଡ ମାଗିଥିଲେ। ଟଙ୍କା ନେଲେ ମଦ୍ୟପାନ କରିବେ ବୋଲି ଭାବି ମା' ଭାଗ୍ୟବତୀ ଏଟିଏମ୍ କାର୍ଡ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗଜାଧର ଏକ ଇଟାରେ ମା'ଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସାହିପଡ଼ିଶା ଆସି ଭାଗ୍ୟବତୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେଙ୍ଗାଲି ଡାକ୍ତରଖାନା ଓ ପରେ ଝାରସୁଗୁଡ଼ା ସ୍ଥାନାନ୍ତର କରି ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସିତ ଅବସ୍ଥାରେ ଭାଗ୍ୟବତୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଡାକ୍ତର ଖବର ଦେବା ପରେ ପୋଲିସ ମୃତଦେହ ଜବତ କରିଥିଲା। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯାଇ ଗଜାଧରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ଗଜାଧର ମା'ଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

# ସମ୍ପର୍କରେ କଳଙ୍କ: ମା'ଙ୍କୁ ବଳାତ୍କାର କଲେ ପୁଅ

ଦେବଗଡ଼,୩।୧୦
(ଶଶାଙ୍କ ଶେଖର ଝଙ୍କର)

**ଦେବଗଡ଼ ଜିଲାରେ ଆଲୋଡ଼ନ**

ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଜନ୍ମଦାତ୍ରୀ ମା'ଙ୍କୁ ବଳାତ୍କାର ଭଳି ଜଘନ୍ୟ ଅପରାଧ କରିବାକୁ ପଛାଇନାହାନ୍ତି ଜଣେ ପୁଅ। ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମା'(୫୨)ଙ୍କୁ ୨୮ବର୍ଷୀୟ ପୁଅ ବଳାତ୍କାର କରିଛନ୍ତି। ଏନେଇ ମା'ଙ୍କ ଅଭିଯୋଗ ଆଧାରରେ ବାରକୋଟ ପୋଲିସ ଅଭିଯୁକ୍ତ ପୁଅ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ଗତ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବାବେଳେ ଗୁରୁବାର ଅଭିଯୋଗ ପରେ ପ୍ରଘଟ ହୋଇଛି। ଏହା ଜଣାପଡ଼ିବା ପରେ ଜିଲାରେ ଆଲୋଡନ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ମହିଳାଙ୍କ ସ୍ୱାମୀ କୌଣସି ଏକ ମାମଲାରେ ଛନ୍ଦି ହୋଇ ଜେଲରେ ଅଛନ୍ତି। କିଛିବର୍ଷ ତଳେ ମହିଳା ଜଣଙ୍କ ତାଙ୍କ ପୁଅକୁ ଜଣେ ଯୁବତୀଙ୍କ ସହ ବିବାହ ଦେଇଥିଲେ। ମାତ୍ର ପୁଅ-ବୋହୂଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟିବାରୁ ପ୍ରାୟ ୪ବର୍ଷ ହେଲା ବୋହୂ ତାଙ୍କ ବାପ ଘରକୁ ଚାଲିଯାଇଛନ୍ତି। ପୁଅ ବିଭିନ୍ନ ସମୟରେ ମା'ଙ୍କୁ ଗାଳିଗୁଲଜ କରିବା ସହ ଖରାପ କଥା କହିବା ସହ ମାଡ଼ ମଧ୍ୟ ମାରିଥାନ୍ତି। ଏହାକୁ ନେଇ ଗ୍ରାମରେ ଆଲୋଚାନ କରାଯିବା ସହ ଘଟଣାର ସମାଧାନ କରାଯାଇଥିଲା। ଗତ ୨୭ ତାରିଖ ରାତି ପ୍ରାୟ ୮ଟାରେ ମହିଳା ଜଣକ ଘରେ ଶୋଇଥିବାବେଳେ ତାଙ୍କ ପୁଅ ହାତରେ ଏକ ଛୁରି ଧରି ଭୟ ଦେଖାଇବା ସହ ଜୋରଜବରଦସ୍ତି ବଳାତ୍କାର କରିଥିଲେ। ଫଳରେ ମହିଳା ଜଣକ ଲଜ୍ଜାରେ କାହାରିକୁ ମୁହଁ ନ ଦେଖାଇ ନିକଟସ୍ଥ ଗ୍ରାମକୁ ଚାଲିଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ଗୁରୁବାର ବାରକୋଟ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।

# କୂଅରୁ ମହିଳାଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଭୁବନ, ୩।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ବାଲବୋ ଗ୍ରାମର ଦୁଃଖବନ୍ଧୁ ରାଉତଙ୍କ ସ୍ତ୍ରୀ ବାସନ୍ତୀ (୪୦)ଙ୍କ ମୃତଦେହ ଗ୍ରାମର ଏକ କୂଅ ଭିତରୁ ଉଦ୍ଧାର କରାଯିବା ପରେ ଜବତ କରାଯାଇଛି। ସ୍ୱାମୀ ଦୁଃଖବନ୍ଧୁ ତାଙ୍କୁ ହତ୍ୟାକରି କୂଅରେ ପକାଇ ଦେଇଥିବା ବାସନ୍ତୀଙ୍କ ଭାଇ ମନୀନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ପୋଲିସ ଦୁଃଖବନ୍ଧୁଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଃଖବନ୍ଧୁ ୧୨ ବର୍ଷ ପୂର୍ବେ କେନ୍ଦୁଝର ଜିଲା ଘଷିପୁରା ଥାନା କଅସ ଗ୍ରାମର ଅନାମ ଚରଣ ସାହୁଙ୍କ ଝିଅ ବାସନ୍ତୀଙ୍କୁ ବିବାହ କରିଥିଲେ। କିଛିବର୍ଷ ଭଲରେ କଟିବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ଦୁଃଖବନ୍ଧୁ ଅନେକ ସମୟରେ ବାସନ୍ତୀଙ୍କୁ ମାରପିଟ କରୁଥିଲେ। ବହୁ ସମୟରେ ବାସନ୍ତୀଙ୍କ ପରିବାର ଲୋକ ଆସି ସମାଧାନ କରିଥିଲେ। ତେବେ ଗୁରୁବାର ସକାଳେ ଗ୍ରାମବାସୀ ପାଣି ପାଇଁ ଆସିଥିବା ବେଳେ ଜଣେ ମହିଳାଙ୍କ ମୃତଦେହ କୂଅ ଭିତରେ ଭାସୁଥିବା ଦେଖିଥିଲେ। ସେମାନେ ଭୁବନ ଥାନା ଓ ଦମକଳ ବାହିନୀଙ୍କୁ ଏ ନେଇ ଜଣାଇଥିଲେ। ଥାନା ଅଧିକାରୀ ମନୋସିନୀ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଦମକଳ ବାହିନୀ କୂଅ ଭିତରୁ ମୃତଦେହ ଉଦ୍ଧାର କରିଥିଲା। ବାସନ୍ତୀଙ୍କ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବେଚ୍ଛଦ ପାଇଁ ପଠାଇଥିଲା। ଏ ନେଇ ବାସନ୍ତୀଙ୍କ ଭାଇ ମନୀନ୍ଦ୍ର ଭୁବନ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଦୁଃଖବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ମହିଳାଙ୍କଠୁ ଝାମ୍ପିନେଲେ ୩.୨୫ ଲକ୍ଷ ଟଙ୍କା

**ପାର୍ବଣ ଆରମ୍ଭରୁ ମାତିଲେ ଲୁଟେରା**

ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)




ପାର୍ବଣ ଆରମ୍ଭରୁ ଭୁବନେଶ୍ୱରରେ ଲୁଟେରା ମାତିଛନ୍ତି। ଗୁରୁବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ୩.୨୫ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ଦୁଇ ଲୁଟେରା। ଜୟଦେବ ବିହାର ଅଞ୍ଚଳରେ ରହୁଥିବା ପ୍ରତିମା ବେହେରା ଏହି ଲୁଟ୍‌ର ଶିକାର ହୋଇଛନ୍ତି। ପ୍ରତିମାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଚନ୍ଦ୍ରଶେଖରପୁର ଏଟିଏମ୍ ଛକ ପାଖରେ ପ୍ରତିମାଙ୍କ ଥିବା ପ୍ଲଟ୍‌ରେ ଘର ନିର୍ମାଣ ହେଉଛି। କଣ୍ଟ୍ରାକ୍ଟରଙ୍କୁ ଟଙ୍କା ଦେବା ପାଇଁ ସେ ତାଙ୍କ ଭାଇଙ୍କ ଜଣେ ସାଙ୍ଗଙ୍କ ସହ ଚନ୍ଦ୍ରଶେଖରପୁର ଫେଜ-୧ସ୍ଥିତ ଏସ୍‌ବିଆଇ ଶାଖାକୁ ଯାଇଥିଲେ। ସେଠାରୁ ଟଙ୍କା ଉଠାଇ ଏକ ବ୍ୟାଗରେ ଭର୍ତ୍ତି କରି ପ୍ଲଟ୍ ନିକଟରୁ ଯାଉଥିଲେ। ଭାଇଙ୍କ ସାଙ୍ଗ ବାଇକ ଚଳାଉଥିବା ବେଳେ ପ୍ରତିମା ପଛ ସିଟ୍‌ରେ ବସି ଟଙ୍କା ଭର୍ତ୍ତି ବ୍ୟାଗ ଧରିଥିଲେ। ସେ ବ୍ୟାଙ୍କରୁ ବାହାରି ଏଟିଏମ୍ ଛକ ଆଡ଼କୁ ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକରେ ସେମାନଙ୍କୁ ପିଛା କରିଥିଲେ। ଦିନ ପ୍ରାୟ ୨ଟା ୫ ମିନିଟ୍‌ରେ ଲୁଟେରାଦ୍ୱୟ ସେମାନଙ୍କ ବାଇକ୍‌କୁ ପ୍ରତିମା ଯାଉଥିବା ବାଇକ୍ ସମ୍ମୁଖରେ ରଖିଦେଇଥିଲେ। ଏହି ସମୟରେ ପଛସିଟ୍‌ରେ ବସିଥିବା ଦୁର୍ବୃତ୍ତ ଜଣଙ୍କ ପ୍ରତିମାଙ୍କୁ ଧକ୍କା ଦେଇ ତାଙ୍କ ପାଖରୁ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଯାଇଥିଲେ। ତେବେ ଲୁଟେରାଦ୍ୱୟ ଚଳାଉଥିବା ବାଇକରେ ପ୍ରେସ୍ ଲେଖାରହିଛି। ତେଣୁ ଏହା କୌଣସି ନକଲି ସାମ୍ବାଦିକଙ୍କ କାମ ବୋଲି ପୋଲିସ ସନ୍ଦେହ କରୁଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ଏକ ସିସିଟିଭି ଫୁଟେଜ୍ ଓ ଆଖପାଖ ଲୋକଙ୍କୁ ପଚାରି ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପ୍ରୟାସ କରୁଛି।

## ମହିଳାଙ୍କୁଠୁ ସୁନାଚେନ୍ ଲୁଟ୍

ଖାରବେଳନଗର ଥାନା ଅନ୍ତର୍ଗତ ଶ୍ରୀୟା ଛକ ନିକଟରେ ଗୁରୁବାର ରାତି ପ୍ରାୟ ୮ଟା ୪୫ ବେଳେ ଜଣେ ମହିଳାଙ୍କଠୁ ସୁନାଚେନ୍ ଲୁଟ୍ ହୋଇଛି। ମହିଳା ଜଣଙ୍କ ସ୍ୱାମୀଙ୍କ ସ୍କୁଟି ପଛ ସିଟ୍‌ରେ ବସିଥିବା ବେଳେ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଛନ୍ତି। ଏନେଇ ଝାରପଡ଼ା ଅଞ୍ଚଳରେ ରହୁଥିବା ମହିଳାଙ୍କ ସ୍ୱାମୀ ଦେବରାଜ ସେନାପତି ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୪୪୩/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆର୍‌ଟିଓଙ୍କ ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଭୁବନେଶ୍ୱର,୩।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଛକ ନାଲ୍‌କୋ ଟ୍ରାଫିକ ଛକରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଆରଟିଓ-୨ ଅଫିସର ଏକ ବୋଲେରୋ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିଜଣଙ୍କ ହେଲେ କନ୍ଧମାଳ ଅଞ୍ଚଳର ସାମନ୍ତ ଦିଗାଲ। ତାଙ୍କ ସ୍ତ୍ରୀ ବାସନ୍ତୀ ଦିଗାଲ ଆହତ ହୋଇଛନ୍ତି। ଗ୍ରୀନ୍ ସିଗ୍‌ନାଲ ଥିବାରୁ ଆର୍‌ଟିଓ ଅଫିସ ଗାଡ଼ି ଟ୍ରାଫିକ ଛକ ପାର ହେଉଥିବାବେଳେ ରେଡ ସିଗ୍‌ନାଲ ଥିବା ସତ୍ତ୍ୱେ ଦମ୍ପତି ହଠାତ୍ ରାସ୍ତା ପାର୍ ହେବାରୁ ଦୁର୍ଘଟଣା ଘଟିଲା ବୋଲି ଆର୍‌ଟିଓ-୨ର ଅଧିକାରୀ ସାମନ୍ତ ଜେନା କହିଛନ୍ତି।

ସୂଚନାନୁସାରେ ଆରଟିଓ-୨ ର ଏକ ବୋଲେରୋ ଗାଡ଼ିରେ ଅଧିକାରୀ ଜେନା ଜୟଦେବ ବିହାର ପାର୍ଶ୍ୱରୁ ପଟିଆସ୍ଥିତ ଅଫିସକୁ ଯାଉଥିବାବେଳେ ନାଲ୍‌କୋ ଟ୍ରାଫିକ ଛକରେ ଉକ୍ତ ଦମ୍ପତି ସ୍କୁଟି ଯୋଗେ ପଟିଆରୁ କଳିଙ୍ଗ ହସ୍ପିଟାଲ ରାସ୍ତାକୁ ଯିବା ବେଳେ ବୋଲେରୋ ସହ ଧକ୍କା ହୋଇଥିଲେ। ଫଳରେ ଦମ୍ପତି ଗାଡ଼ିରୁ ତଳେ ପଡ଼ିଯାଇ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିଲେ। ବାସନ୍ତୀ ଗୁରୁତର ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୈତ୍ରୀବିହାର ଥାନା ପୋଲିସ ବୋଲେରୋ ଓ ସ୍କୁଟି ଗାଡି ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୩।୧୦
(ସୂର୍ଯ୍ୟକାନ୍ତ ବେହେରା)

**ନାବାଳିକାଙ୍କୁ ଯୌନ ନିର୍ଯାତନା**

ନାବାଳିକାଙ୍କୁ ଯୌନନିର୍ଯାତନା ଦେବା ମାମଲାର ବିଚାର କରି ଅଦାଲତ ଅଭିଯୁକ୍ତ କିରଣ କୁମାର ନାୟକଙ୍କୁ ୩ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଭୁବନେଶ୍ୱର ଆଡ୍‌ହକ ଆଡିସିନାଲ ସେସନ୍ସ ଜଜ୍ ତଥା ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ଏହି ରାୟ ଦେଇଛନ୍ତି। ଏହାସହ ୩ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣା ଅନୁଯାୟୀ ନାବାଳିକା ପୀଡ଼ିତା ଜଣଙ୍କ ଭରତପୁର ଥାନା ଅଞ୍ଚଳରେ ଥିବା ଘରେ ଏକୁଟିଆ ଖେଳୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଚକୋଲେଟ୍ ଦେବାର ଲୋଭ ଦେଖାଇ ସେ ରହୁଥିବା ଭଡ଼ାଘରକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଏହାପରେ ଅଭିଯୁକ୍ତ ଜଣଙ୍କ ୨୦ଟଙ୍କା ଦେଇ କାହାକୁ ନ ଜଣାଇବା ପାଇଁ ନାବାଳିକାଙ୍କୁ କହିଥିଲେ। କିନ୍ତୁ ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ଶୁଣାଣି କରି ୧୦ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାଜୀବ ସାସ୍‌ମଲ ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ବଳରାମ ଦେଓ ପରିଚାଳନା କରିଥିଲେ।

# ଜେଲରୁ ଚୋରି: ହୋମ୍‌ଗାର୍ଡଙ୍କ ସମେତ ୮ ଗିରଫ



ଚୋରି ସାମଗୀ ସହ ଗିରଫ ଅଭିଯୁକ୍ତମାନେ।

ବଡ଼ଗାଁ,୩।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ମୁକ୍ତ ଜେଲରୁ ଚୋରି ଅଭିଯୋଗରେ ପୋଲିସ ଗୁରୁବାର ହୋମଗାର୍ଡଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୋଇପାଲି ଗ୍ରାମର ଦିବ୍ୟ ମେହେର(୩୫), ସଦର ଥାନାର ହୋମଗାର୍ଡ ସୁରଜ ଗୌଡ଼(୨୦), ହୃଦାନନ୍ଦ ଜୟପୁରିଆ (୩୮), ସୁମିତ କିସାନ (୨୮), ରଜତ ମାଝୀ (୨୪), ସନ୍ତୁ ମୁଣ୍ଡା(୩୧), ଚୋରି ସାମଗ୍ରୀ କିଣିଥିବା ଟୁରିପୋଷ ଗ୍ରାମର ଗୌତମ ପୃଷେଟ (୩୫), ପ୍ରଦୀପ ସା (୩୮)। ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୯ରେ ଜେଲରୁ ୧୪ଟି ଫୋନ ଓ ୧୦ଟି ବାର ଲାଇଟ ଚୋରି ହୋଇଥିଲା। ଏହି ଘଟଣାରେ ଥାନା ଆଇଆଇସି ଆଶିଷ କୁମାର ଜେନା, ସବ୍ ଇନ୍ସପେକ୍ଟର ଅମ୍ବିକା ପ୍ରଧାନ, ଏଏସ୍‌ଆଇ ଅରୂପାନନ୍ଦ ଦାସ, ଏଏସ୍‌ଆଇ ଗୋପୀନାଥ ଓଝା ତଦନ୍ତ କରୁଥିଲେ। କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ଗୌତମ ଓ ପ୍ରଦୀପଙ୍କ ଘରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଥିଲା। ଚୋରି ଘଟଣାରେ ସୁନ୍ଦରଗଡ଼ ସଦର ଥାନାର ହୋମଗାର୍ଡ ସୁରଜ ଓ ଦିବ୍ୟ ମେହେର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି।

# ଖୋର୍ଦ୍ଧା ଡିଏଫ୍‌ଓଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

ଟାଙ୍ଗୀ,୩।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ୍ ମଙ୍ଗଳବାର ରାତିରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଟାଙ୍କୋଳ ପଞ୍ଚାୟତରେ ହାତୀପଲଙ୍କ ଗତିବିଧି ସମ୍ପର୍କରେ ଜାଣିବାକୁ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ ଜଙ୍କିଆ ଥାନା ପୋଲିସ ଏକ ମାମଲା(ନଂ. ୩୪୭/୨୪) ରୁଜୁକରି ତଦନ୍ତ ଚଳାଇବା ସହ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଟାଙ୍କୋଳ ଗ୍ରାମର ଲକ୍ଷ୍ମଣ ସାହୁ, ଟୁଲୁ ମହାନ୍ତ, ମଣ୍ଟୁ ମହାନ୍ତ, ନବ କିଶୋର ପ୍ରଧାନ ଏବଂ ଟୁକୁନା ପେଣ୍ଡୋଇ। ହାତୀ ଗତିବିଧି ଲକ୍ଷ୍ୟ ପାଇଁ ଯେଉଁ ଡ୍ରୋନ କ୍ୟାମେରା ବୁଲୁଥିଲା, ସେଥିରେ ଡିଏଫ୍‌ଓଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୁକ୍ତମାନଙ୍କର ଫଟୋ କଏଦ ହୋଇଥିଲା। ଏହାକୁ ଆଧାରକରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବର୍ଷତମାମ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ହାତୀପଲ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଛନ୍ତି। ଅନ୍ୟପଟେ ହାତୀଙ୍କ ସୁରକ୍ଷା ପାଇଁ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯିବା ଯୋଗୁ ଗୁଲୁଗୁଲିରେ ଜନସାଧାରଣ ଅସ୍ତବ୍ୟସ୍ତ ହେବା ସହ ରାତିରେ ଶୋଇପାରୁନାହାନ୍ତି। ଫଳରେ ବନ ବିଭାଗ ଅଧିକାରୀମାନଙ୍କ ଉପରେ ଜନସାଧାରଣଙ୍କ ଅସନ୍ତୋଷ ସ୍ୱରୂପ ଦୁର୍ବ୍ୟବହାର କରିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି। ଅନ୍ୟପକ୍ଷରେ ଅଜାଣତରେ ଡିଏଫ୍‌ଓଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ଜାଣିବା ପରେ ତାଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି।

# ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

କାମାକ୍ଷାନଗର,୩।୧୦(ସୁଧୀର କୁମାର ପରିଡ଼ା)

ସ୍ତ୍ରୀ ଆଗରେ ଦୁର୍ବୃତ୍ତମାନେ ସ୍ୱାମୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଅନ୍ତର୍ଗତ ରୁପାବେଢ଼ା ଗାଁରେ। ମୃତବ୍ୟକ୍ତି ଜଣଙ୍କ ହେଲେ ଗଗନ ନାଏକ। ଏ ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରୁପାବେଢ଼ା ଗ୍ରାମର ଗଗନ ନାଏକ (୩୫) ଓ ସ୍ତ୍ରୀ ପିଙ୍କି ଦିନ ମଜୁରିଆ ଭାବେ କାମ କରନ୍ତି। ବୁଧବାର ସନ୍ଧ୍ୟାରେ କଙ୍କଡାହାଡ଼ରୁ ଉଭୟ କାମ ସାରି ଗ୍ରାମକୁ ଫେରୁଥିଲେ। ଗାଁ ମୁଣ୍ଡ କେନାଲ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ଅଟକାଇବାର କାରଣ ପଚାରିବାରୁ ସେମାନେ ଗଗନଙ୍କୁ ଅତି ନୃଶଂସ ଭାବରେ ପଥରରେ ଛେଚିଆକ୍ରମଣ କରିଥିଲେ। ସ୍ତ୍ରୀ ପିଙ୍କି ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରିବାର ଲୋକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗଗନଙ୍କ ମୃତ୍ୟୁ ଘଟିଛି। ଏ ନେଇ ପିଙ୍କି କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସେମାନେ ଘରକୁ ଫେରୁଥିବା ବେଳେ ରୁପାବେଢ଼ା ଗାଁର ୩ ଜଣ ଯୁବକ ଡିକୁ ପଧାନ, ବିଟୁନ ପଧାନ, ଶଙ୍କର ପଧାନ ତାଙ୍କ ସ୍ୱାମୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ପୋଲିସ କାମାକ୍ଷାନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି।

# ଓଏଲ୍‌ଏକ୍ସରେ ଫର୍ନିଚର କିଣିବାକୁ ଯାଇ ୧.୮୭ ଲକ୍ଷ ହରାଇଲେ ଯୁବକ

ଭୁବନେଶ୍ୱର,୩।୧୦
(ସୂର୍ଯ୍ୟକାନ୍ତ ବେହେରା)

ଓଏଲ୍‌ଏକ୍ସରେ ଫର୍ନିଚର ଜିନିଷ କିଣିବାକୁ ଯାଇ ଜଣେ ଯୁବକ ଠକାମିର ଶିକାର ହୋଇଛନ୍ତି। ଠକାମୀର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଖଣ୍ଡଗିରି ଅଞ୍ଚଳର ସୌରଭକାନ୍ତ ସାହୁ। ସାଇବର ଅପରାଧୀମାନେ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧.୮୭ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବାକୁ ଉଦ୍ୟମ ଚଳାଇଛି।

ସୌରଭଙ୍କ କହିବା ମୁତାବକ, ଓଏଲ୍‌ଏକ୍ସ ସାଇଟ୍ ଦେଖୁଥିବାବେଳେ ଏକ ଆଇଡିରେ ଫର୍ନିଚର ଜିନିଷ ବିକ୍ରି ହେବ ବୋଲି ବିଜ୍ଞାପନ ବାହାରିଥିବା ଜାଣିବାକୁ ପାଇଥିଲେ। ଉକ୍ତ ଆଇଡିରେ ଯୋଗାଯୋଗ କରିବାରୁ ସାଇବର ଅପରାଧୀ ସୌରଭଙ୍କୁ ଏକ ନମ୍ବର ଦେଇଥିଲେ। ଏହାପରେ ସୌରଭ ଉକ୍ତ ନମ୍ବରକୁ ଯୋଗାଯୋଗ କରିବାରୁ ସାଇବର ଅପରାଧୀ ଜଣଙ୍କ ନିଜକୁ ଆର୍ମି ଅଫିସର କହିବା ସହ ହାଇଦ୍ରାବାଦରେ ରହିଥିବା କହିଥିଲେ। ଚାକିରିରେ ଅନ୍ୟତ୍ର ବଦଳି ହୋଇଥିବାରୁ ଜିନିଷକୁ ବିକ୍ରି କରିବାକୁ କହିଥିଲେ। ଏହାପରେ ସାଇବର ଅପରାଧୀ ଜଣଙ୍କ ବିଶ୍ୱାସ ଜନ୍ମାଇ ସୌରଭଙ୍କଠାରୁ ପର୍ଯ୍ୟାୟ କ୍ରମେ ୧.୮୭ ଲକ୍ଷ ଟଙ୍କା ନେଇଯାଇଥିଲେ। ଏପରି କି ବାରମ୍ବାର ଫୋନ ଯୋଗେ ଅଧିକ ଟଙ୍କା ମାଗିବାରୁ ସନ୍ଦେହ ହେବାରୁ ସୌରଭ ଏନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବନ୍ଧୁକ ଦେଖାଇ ଲୁଟିନେଲେ ୫୦ ହଜାର ଟଙ୍କାର କେନ୍ଦୁପତ୍ର






**ବୋଲେରୋ, ୨ ଡାଲା ଅଟୋରେ ଆସିଥିଲେ ୧୦ ଦୁର୍ବୃତ୍ତ**

ନୟାଗଡ଼/ଦଶପଲ୍ଲା,୩।୧୦ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳ ସାକେଣୀ କେନ୍ଦୁପତ୍ର ଫଡ଼ିରୁ ବୁଧବାର ରାତିରେ କେନ୍ଦୁପତ୍ର ଚୋରି ହୋଇଛି। କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ୧୦ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୫୦ ହଜାର ଟଙ୍କାର କେନ୍ଦୁପତ୍ର, ୨ ମୋବାଇଲ ଏବଂ ୭ହଜାର ଟଙ୍କା ଲୁଟି ନେଇଥିବା ଦଶପଲ୍ଲା ଥାନାରେ ଗୁରୁବାର ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ଫଡ଼ିରେ ପତ୍ର ବାନ୍ଧିବା ସହ ଭଲ ପତ୍ରଗୁଡ଼ିକୁ ବାଛି ରଖାଯାଉଥିଲା। ଏହି କାମରେ ୮ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ଗୋଟିଏ ବୋଲେରୋ ଏବଂ ୨ ଡାଲା ଅଟୋରେ ମୁଖା ପିନ୍ଧିଥିବା ୧୦ଜଣ ଯୁବକ ଆସି ପହଞ୍ଚିଥିଲେ । ସେମାନେ ଫଡ଼ି ଭିତରେ ଜୋରଜବରଦସ୍ତ ପଶି ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରି ଏକ ଘରେ ବନ୍ଦ କରି ଦେଇଥିଲେ। ଏହାପରେ ପତ୍ର ଫଡ଼ିରୁ ୭୦ ବିଡ଼ା ପତ୍ର, ୨ଟି ମୋବାଇଲ ଫୋନ୍, କର୍ମଚାରୀଙ୍କ ଦରମା ଟଙ୍କା ବାବଦରେ ଥିବା ୭ ହଜାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇବା ପରେ ରେଞ୍ଜର ଆଶିଷ କୁମାର ସେନାପତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଦଶପଲ୍ଲା ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନା ପୋଲିସ ମାମଲା(ନଂ.୨୭୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୁଲି ଘଟଣାସ୍ଥଳ ପରିଦର୍ଶନ କରିଫେରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସରେ ଯୋଗଦେଲେ ଭାଜପା ନେତା



ହରିୟାଣାର ମହେନ୍ଦ୍ରଗଡ଼ ଜିଲାରେ ଗୁରୁବାର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀଙ୍କ ସହ ଦଳରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ଅଶୋକ ତନୱର ।

### ହରିୟାଣା ନିର୍ବାଚନର ୨ ଦିନ ପୂର୍ବରୁ ଘରବାହୁଡ଼ା

ଚଣ୍ଡିଗଡ଼,୩।୧୦

ହରିୟାଣା ବିଧାନସଭା ନିର୍ବାଚନର ୨ ଦିନ ପୂର୍ବରୁ ଗୁରୁବାର ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଅଶୋକ ତନୱର କଂଗ୍ରେସରେ ଯୋଗ ଦେଇଛନ୍ତି। ମହେନ୍ଦ୍ରଗଡ଼ ଜିଲାରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରାଲିରେ ଅଶୋକ ଦଳରେ ସାମିଲ ହୋଇଥିଲେ। ଅଶୋକଙ୍କର ଘରବାହୁଡ଼ା ହେଲା ବୋଲି ରାହୁଲ ମଞ୍ଚରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, କଂଗ୍ରେସରେ ଯୋଗଦେବାର କିଛି ଘଣ୍ଟା ପୂର୍ବରୁ ସେ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ଅଶୋକଙ୍କର ଏହା ଚତୁର୍ଥ ଦଳବଦଳ। ସେ ପ୍ରଥମେ କଂଗ୍ରେସରେ ଥିବାବେଳେ ବରିଷ୍ଠ ନେତା ଭୂପିନ୍ଦର ସିଂ ହୁଡ଼ାଙ୍କ ସହ ମତଭେଦ କାରଣରୁ ୨୦୧୯ରେ ଦଳ ଛାଡ଼ି କିଛିଦିନ ପାଇଁ ତୃଣମୂଳ କଂଗ୍ରେସକୁ ଯାଇଥିଲେ। ୨୦୨୨ ଏପ୍ରିଲରେ ସେ ଆମ୍ ଆଦ୍‌ମୀ ପାର୍ଟିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀରେ ସେ ଭାଜପାରେ ଯୋଗ ଦେଇଥିଲେ। ଲୋକ ସଭା ନିର୍ବାଚନରେ ଭାଜପାକୁ ୪୦୦ରୁ ଊର୍ଦ୍ଧ୍ୱ ଆସନ ହାସଲ ଦିଗରେ ଆମେ କାମ କରିବା ବୋଲି ସେତେବେଳେ ଅଶୋକ କହିଥିଲେ।

## ହରିୟାଣା ନିର୍ବାଚନ ପ୍ରଚାର ଶେଷ

ଚଣ୍ଡିଗଡ଼,୩।୧୦(ପି.ଟି.)

ଆସନ୍ତା ୫ ତାରିଖରେ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ହାଇଭୋଲ୍‌ଟେଜ୍ ପ୍ରଚାର ଶେଷ ହୋଇଛି। ଭାଜପା ସରକାର ବିରୋଧୀ ହାୱାକୁ ପ୍ରତିହତ କରି ପୁନର୍ବାର କ୍ଷମତାରେ ରହିବା ପାଇଁ ଆଶା ରଖିଥିବାବେଳେ ୧୦ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ରହିଛି। ୮,୮୨୧ ଜଣ ଶତାୟୁଙ୍କ ସମେତ ୨ କୋଟିରୁ ଊର୍ଦ୍ଧ୍ୱ ଭୋଟର ଶନିବାର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ପ୍ରଚାର ଶେଷ ଦିନରେ ଭାଜପା, କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ଆଇଏନ୍‌ଏଲ୍‌ଡି-ବିଏସ୍‌ପି ଏବଂ ଜେଜେପି-ଆଜାଦ ସମାଜ ପାର୍ଟିର ତାରକା ପ୍ରଚାରକମାନେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସ୍ଥାନରେ ର୍‍ୟାଲି ଓ ରୋଡ୍‌ଶୋ' କରିଥିଲେ। ବରିଷ୍ଠ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପାଲୱାଲଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ଏମ୍‌ପି ଦୀପେନ୍ଦର ହୁଡ଼ା କାଲ୍‌କାଠାରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ୫ ତାରିଖ ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି। ଏଥିପାଇଁ ୨୦,୬୨୯ ବୁଥ୍ କରାଯାଇଛି। ୮ ତାରିଖରେ ଜମ୍ମୁ-କଶ୍ମୀର ସମେତ ହରିୟାଣାରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

ନିର୍ବାଚନ କମିଶନ (ଇସି) ବୁଥ୍‌ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ୍ ପୋଲ୍) ଉପରେ କଟକଣା ଲଗାଇଛନ୍ତି। ୫ ତାରିଖ ସନ୍ଧ୍ୟା ୬ଟାରେ ଭୋଟଗ୍ରହଣ ଶେଷ ହେବାକୁ ଥିବାବେଳେ ଏହି ସମୟ ମଧ୍ୟରେ ଛାପା ଗଣମାଧ୍ୟମ କିମ୍ବା ଇଲେକ୍ଟ୍ରୋନିକ୍ ମିଡିଆ ଜରିଆରେ ଏକ୍‌ଜିଟ୍ ପୋଲ୍ ଫଳାଫଳ ପ୍ରକାଶନ କିମ୍ବା ପ୍ରସାରଣ କରାଯାଇ ପାରିବ ନାହିଁ। ସନ୍ଧ୍ୟା ୬ଟା ୩୦ ପରେ ଏହି ଜନମତ ସର୍ଭେ ରିପୋର୍ଟ ପ୍ରକାଶ କରାଯାଇପାରିବ ବୋଲି ଇସି କହିଛନ୍ତି।

## ଇସ୍ତଫା ଦେବା ପ୍ରଶ୍ନ ଉଠୁନି: ବିଧାୟିକା ସୁଜାତା ସାହୁ

### ବବି ଯାଜପୁରର ବିକାଶ ପାଇଁ ଲଢ଼ିବେ, ଉପନିର୍ବାଚନ ନୁହେଁ

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)

ମୋର ଇସ୍ତଫା ଦେବାର ପ୍ରଶ୍ନ ଉଠୁନି, କିମ୍ବା ପ୍ରଣବ ପ୍ରକାଶ ଦାସ(ବବି) ଉପନିର୍ବାଚନ ଲଢ଼ିବେ ନାହିଁ। ସେ ଯାଜପୁରର ବିକାଶ ପାଇଁ ଲଢ଼ିବେ, ଉପନିର୍ବାଚନ ପାଇଁ ନୁହେଁ। ସେ କ୍ଷମତାଲୋଭୀ ନୁହନ୍ତି। ମିଶନ ଶକ୍ତି ମାଆ ହିସାବରେ ତାଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୁଯୋଗ ଦେଇଥିଲେ। ଏଭଳି ସ୍ଥିତିରେ ଉପନିର୍ବାଚନ ହେବାର ନାହିଁ ବୋଲି ଯାଜପୁର ବିଧାୟିକା ସୁଜାତା ସାହୁ ଗୁରୁବାର କହିଛନ୍ତି।

ବୁଧବାର ଯାଜପୁର ନିର୍ବାଚନମଣ୍ଡଳୀର କୁଆଁସ ମଙ୍ଗଳାପୀଠରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଯୋଗଦେଇ ବବି ପୁଣି ଥରେ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଏହାପରେ ବିଧାୟିକା ସାହୁଙ୍କ ଉପରୋକ୍ତ ମନ୍ତବ୍ୟ ବବିଙ୍କ ଆଶା ଆକାଂକ୍ଷାକୁ ମଳିନ କରିଦେଇଛି ବୋଲି ଚର୍ଚ୍ଚାର ବିଷୟ ହୋଇଛି। ବିଧାୟିକା ସାହୁଙ୍କ ଏହି ମନ୍ତବ୍ୟ ପରେ ବିଭିନ୍ନ ମହଲରୁ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି।

ଜନ ସମ୍ପର୍କ ସଭାରେ ସମର୍ଥକମାନଙ୍କ ଯୋଗଦାନ ଦେଖି ଶତସିଂହର ବଳ ଆସିଛି ବୋଲି ବବି କହିଥିଲେ। ସେ ଆହୁରି କହିଥିଲେ, ଯାଜପୁରର ବିକାଶ କରିବା ଯଦି ପାପ ହୁଏ, ତେବେ ଏଭଳି ପାପ ସେ ହଜାର ଥର କରିବେ। ଯଦି ସେ ଦୁର୍ନୀତି କରିଛନ୍ତି, ତେବେ ଆଜିଯାଏ ଜେଲ୍ ପଠାଇ ନାହାନ୍ତି କ'ଣ ପାଇଁ। ତାଙ୍କର ଜେଲ୍ ଯିବାକୁ ଡର ନାହିଁ, କିନ୍ତୁ ଯାଜପୁର ବିକାଶରେ ବାଧା ଦିଅ ନାହିଁ ବୋଲି ସେ କହିଥିଲେ। ଯାଜପୁର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଓ ବିଧାୟିକା ସାହୁଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ



ସୁଜାତା ସାହୁ

ବବିଙ୍କ ଖୋଲା ମଞ୍ଚରେ ଏଭଳି ଘୋଷଣା ଯାଜପୁର ରାଜନୈତିକ ପାଣିପାଗକୁ ସରଗରମ କରିଛି। ଏ ସମ୍ପର୍କରେ ବିଧାୟିକା ସୁଜାତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ଇସ୍ତଫା ଦେବାର କୌଣସି କାରଣ ନାହିଁ। ଯାହାଙ୍କୁ ନେଇ ଚର୍ଚ୍ଚା ଚାଲିଛି,ତାଙ୍କ ତରଫରୁ କୌଣସି ସୂଚନା ବି ନାହିଁ। ଯେହେତୁ ଲୋକମାନେ ତାଙ୍କୁ ଆଗାମୀ ୫ବର୍ଷ ପାଇଁ ବିଧାୟିକା କରିଛନ୍ତି, ତେଣୁ ସେମାନଙ୍କ ସେବା କରିବା ମୋର ମୂଳ ଲକ୍ଷ୍ୟ ହେବ ।

ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ବବି ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ଯାଜପୁର ବିଧାନସଭା ନିର୍ବାଚନ ପାଇଁ ସୁଜାତା ସାହୁ ବିଜେଡି ପ୍ରାର୍ଥୀ ହୋଇ ୨୫୬୪ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଗୌତମ ରାୟଙ୍କୁ ହରାଇଥିଲେ। ଏହି କ୍ରମରେ ସୁଜାତା ସାହୁ ଜିଲାରେ ୫ମ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

## ଝାଡ଼ଖଣ୍ଡ ନିର୍ବାଚନର ୱାର୍ ରୁମ୍ ସାଜିଛି ରାଜଭବନ: ବିଜେଡି

### ଶାସନରୁ ଯିବା ପରେ ବିଜେଡିର ମତିଭ୍ରମ ହୋଇଛି: ଭାଜପା

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ନିକଟରେ ରାଜଭବନକୁ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଭେଟିବା ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ବିଜେଡି ପକ୍ଷରୁ ଝାଡ଼ଖଣ୍ଡ ନିର୍ବାଚନ ସହ ରାଜଭବନରେ ଯୋଜନା ଚାଲିଛି ବୋଲି ଦାବି କରାଯାଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର କହିଛନ୍ତି, ଓଡ଼ିଶା ରାଜଭବନ ଝାଡ଼ଖଣ୍ଡ ନିର୍ବାଚନର ୱାର୍ ରୁମ୍ ସାଜିଛି। ଓଡ଼ିଶା ରାଜଭବନ ଏବେ ରାଜନୈତିକ ହବ୍ ପାଲଟିଛି। ହିମନ୍ତ ବିଶ୍ୱଶର୍ମା ଏବଂ ଭେଙ୍କୟା ନାଇଡୁ ନିକଟରେ ରାଜଭବନ ଆସିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜଭବନ ଯାଇ ଉଭୟ ନେତାଙ୍କୁ ଭେଟିଥିଲେ। ରାଜଭବନରୁ ଅଘୋଷିତ ନିର୍ଦ୍ଦେଶ ପାଇବା ପରେ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡ ଗଲେ। ଚର୍ଚ୍ଚା ହେଉଛି ରାଜ୍ୟପାଳ ଝାଡ଼ଖଣ୍ଡ ନିର୍ବାଚନ ଲଢ଼ିବାକୁ ଯିବେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରେସ୍‌ରେ ରାଜ୍ୟପାଳ ଅଛନ୍ତି ବୋଲି ସସ୍ମିତ୍ କହିଛନ୍ତି।

ଏହାକୁ କାଉଣ୍ଟରକରି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ୨୪ ବର୍ଷ କ୍ଷମତାରେ ରହିବା ପରେ ଏବେ ଶାସନରୁ ପଳାଇଥିବାରୁ ବିଜେଡି ନେତାଙ୍କ ମତିଭ୍ରମ ହୋଇଗଲାଣି। ସେମାନଙ୍କୁ ସାମାନ୍ୟ ସୌଜନ୍ୟତା ବୁଝାପଡୁନାହିଁ। ବିଜେଡିରେ ଦିନକୁ ଦିନ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଭୁବନେଶ୍ୱରରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ନେତା ଓ କର୍ମୀମାନେ ଏବେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏଥିରୁ ଧ୍ୟାନ ହଟାଇବା ପାଇଁ ବିଜେଡି ଅପ୍ରସଙ୍ଗକୁ ପ୍ରସଙ୍ଗକରି ବିଳିବିଳି ହେଉଛି। ନିଜ ଘରେ ରାଜନୈତିକ ଅଶାନ୍ତିର ଅସନ୍ତୋଷ ଘଟୁଥିବାବେଳେ ରାଜଭବନକୁ 'ଫୋପଡ଼' ପକାଇବାକୁ ବିଜେଡି ପ୍ରୟାସ କରୁଛି। ରାଜ୍ୟପାଳଙ୍କୁ ଅନ୍ୟ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀ ଭେଟିବା ସୌଜନ୍ୟତା ବା ବ୍ୟକ୍ତିଗତ ସମୀଚୀନ ହୋଇପାରେ। ଏହି ସାକ୍ଷାତକୁ ନେଇ ବିଜେଡିର ୨ ଜଣ ଏମ୍‌ପି ପ୍ରଶ୍ନ ଉଠାଇବାକୁ ଅସୌଜନ୍ୟତା କୁହାଯିବ। ଅତୀତରେ ନବୀନବାବୁଙ୍କୁ ଗୃହବନ୍ଦୀକରି ଅଣଓଡ଼ିଆ ଅଫିସରମାନେ ରାଜ୍ୟରେ ଶାସନ ଚଳାଉଥିଲେ। ସେତେବେଳେ ଏହି କୁହାଳିଆ ସାଂସଦମାନେ ଜଣେ ନିର୍ଦ୍ଦିଷ୍ଟ ଅଣଓଡ଼ିଆ ଅଫିସରଙ୍କର ପଦଲେହନ କରୁଥିଲେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଝାଡ଼ଖଣ୍ଡ ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ନିକଟରେ ସେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିବା ଲାଗି ୨ ଘଣ୍ଟିଆ ରାଜ୍ୟ ଗସ୍ତରେ ଆସିଥିଲେ। ଏହି ଅବସରରେ ଏହା ତାଙ୍କର ବ୍ୟକ୍ତିଗତ ସ୍ତରର ଆଲୋଚନା ଲାଗି ଭେଟଘାଟ, ଏହା ସହ ଝାଡ଼ଖଣ୍ଡ ନିର୍ବାଚନର କୌଣସି ସମ୍ପର୍କ ନ ଥିବା କହିଥିଲେ। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମଧ୍ୟ ରାଜଭବନରେ ଥିଲେ। ଏହାର କିଛିଦିନ ଭିତରେ ମୋହନ ମାଝୀ ଝାଡ଼ଖଣ୍ଡ ପ୍ରଚାର ଲାଗି ଯିବା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

### ବିଧାୟକଙ୍କୁ ଗାଳିଦେବାରୁ ହାତାହାତି

କଣାସ,୩।୧୦(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ପଞ୍ଚାୟତ ସମିତିର ନବମ ବୈଠକ ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଚାଲିଥିବା ସମୟରେ ବିଧାୟକଙ୍କ ଗୋଷ୍ଠୀ ଓ ବିରୋଧୀ ଗୋଷ୍ଠୀର ଶତାଧିକ ଯୁବକ ବାହାରେ ରହିଥିଲେ। ଏହି ସମୟରେ ବିରୋଧୀ ଗୋଷ୍ଠୀର କେତେଜଣ ଯୁବକ ସତ୍ୟାବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିକରିବାରୁ ବିଧାୟକଙ୍କ ଗୋଷ୍ଠୀର କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ପରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ସହ ହାତାହାତି ଆରମ୍ଭ ହୋଇଯାଇଥିଲା। ଘଟଣାସ୍ଥଳରେ କଣାସ ଆଇଆଇସି ରାକେଶ ତ୍ରିପାଠୀ, ଏଏସ୍‌ଆଇ ଦେବୀପ୍ରସାଦ ଲେଙ୍କା, ଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିବାରୁ ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲେ।

## ତାକତ ଅଛି ବିଜେଡି ଭାଡ଼ି ଖାଲି କରି ଦେଖାଅ: ବଦ୍ରି

ଭୁବନେଶ୍ୱର,୩।୧୦(ଅନିଲ ଦାସ)

ସାଧାରଣ ନିର୍ବାଚନରେ ପରାଜୟ ପରେ ବିଜେଡି ନେତାମାନେ ବିଭିନ୍ନ ଫର୍ମାଟରେ ରାଜ୍ୟର ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିବାକୁ ପଛାଉ ନାହାନ୍ତି । ବିଜେଡି ନେତାମାନେ ଖୋଲାଖୋଲି ଭାବେ ରାଜ୍ୟ ସରକାର ଓ ଭାଜପାକୁ ଚ୍ୟାଲେଞ୍ଜ ଦେଇପାରିବା ପଣିଆ ଦେଖାଇବାକୁ ଆହ୍ୱାନ ଦେବାରେ ଲାଗିଛନ୍ତି।

ବୁଧବାର ବିଜେଡି ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଭାଜପା ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ବେଳେ ଗୁରୁବାର ସମାନ ଢଙ୍ଗରେ ବରିଷ୍ଠ ବିଜେଡି ନେତା ବଦ୍ରି ପାତ୍ର ମଧ୍ୟ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି। ତାକତ ଅଛି ତ ବିଜେଡିର ଭାଡ଼ି ଖାଲିକରି ଦେଖାଅ ବୋଲି ସେ ମନମୋହନଙ୍କୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ସଭା ସଦସ୍ୟ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଧୀରେ ଧୀରେ ବିଜେଡିର ଭାଡ଼ି ଖାଲି ହୋଇଯିବ ବୋଲି



ବଦ୍ରି ପାତ୍ର

ରାଜ୍ୟ ଭାଜପା ସଭାପତି ମନମୋହନ କହିଥିଲେ । ସେହିପ୍ରସଙ୍ଗରେ ବରିଷ୍ଠ ବିଜେଡି ନେତା ବଦ୍ରି ପାତ୍ର ଗଣମାଧ୍ୟମକୁ କହିଛନ୍ତି, ଯଦି ତାକତ ଅଛି, ବିଜେଡିକୁ ଖାଲିକରି କି ଦେଖାଅ। ବହୁତ ଲୋକ ଅନେକ କଥା କହିବେ। କିଏ କହିଲା ବେଳେ ଆମେ ଛିଡ଼ା ହୋଇ କ'ଣ କାହା ମୁହଁ ବନ୍ଦ କରିବୁ। ଏହି ସବୁ ନିରର୍ଥକ କଥା କହିବାର କିଛି ଅର୍ଥ ନ ଥାଏ । ବିଜୁ ଜନତା ଦଳ ଏକ ଆଞ୍ଚଳିକ ଦଳ। ଏତେ ବଡ଼ ଦଳକୁ ଖତମ୍ କରିବାର କାହାର ତାକତ ନାହିଁ। ଯଦି ତାକତ ଅଛି କରି ଦେଖାନ୍ତୁ। ଏପରି ବୟାନବାଜି କରିବାର କିଛି ଲାଭ ନାହିଁ ବୋଲି ବଦ୍ରି କହିଛନ୍ତି ।

## ୨ ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ



ଅନାସ୍ଥା ଆଣିଥିବା ଅର୍ତ୍ତଳ ପଞ୍ଚାୟତର ୱାର୍ଡମେମ୍ବର।

### ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ୱାର୍ଡମେମ୍ବର

ଭବାନୀପାଟଣା,୩।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପାଡ଼େପଦର ପଞ୍ଚାୟତର ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୭ ଜଣ ୱାର୍ଡମେମ୍ବର ଓ ସମିତିସଭ୍ୟ। ଏ ନେଇ ଗୁରୁବାର ସେମାନେ ଭବାନୀପାଟଣା ଆସି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏହାକୁ ଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ପାଡ଼େପଦର ସରପଞ୍ଚ ଭାବେ ସମ୍ବାରି ମାଝୀ ନିର୍ବାଚିତ ହୋଇଛନ୍ତି। ହେଲେ ଅନେକ ସମୟରେ ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମରେ ତାଙ୍କ ସ୍ୱାମୀ ହସ୍ତକ୍ଷେପ କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ୱାର୍ଡମେମ୍ବରମାନେ ବିରୋଧ କଲେ ନାଲିଆଖି ଦେଖାଇ ଧମକ ଦେଉଛନ୍ତି। ତେଣୁ ଅନାସ୍ଥା ଆଣିଥିବା କହିଛନ୍ତି ସ୍ଥାନୀୟ ନାଏବ ସରପଞ୍ଚ ମହେନ୍ଦ୍ର ନାଏକ। ସେହିପରି ସମାନ ଅଭିଯୋଗ ଦେଖିବାକୁ ମିଳିଛି ଭବାନୀପାଟଣା ସଦର ବ୍ଲକର ଅର୍ତ୍ତଳ ପଞ୍ଚାୟତରେ। ଏଠାରେ ନିର୍ବାଚିତ ସରପଞ୍ଚ ଦସମତି ବେମାଲଙ୍କ ନାମରେ ଅନାସ୍ଥା ଆଣିଛନ୍ତି ସ୍ଥାନୀୟ ୱାର୍ଡମେମ୍ବର। ଅପରାହ୍ନରେ ଏହାକୁ ନେଇ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଇଛନ୍ତି। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଓ ପଞ୍ଚାୟତ କାର୍ଯ୍ୟରେ ତାଙ୍କ ସ୍ୱାମୀଙ୍କ ହସ୍ତକ୍ଷେପରେ ଅସନ୍ତୋଷ ହୋଇ ଅନାସ୍ଥା ଆଣିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।



ପାଡେପଦର ପଞ୍ଚାୟତର ୱାର୍ଡ ମେମ୍ବରମାନେ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି।

## ସ୍ମୃତିରେଖାଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା

ଧର୍ମଶାଳା/କାଏମା,୩।୧୦
(ବଟକୃଷ୍ଣ ପରିଡ଼ା/ ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକା ବଜାର ପାଖରେ ଥିବା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ କାର୍ଯ୍ୟାଳୟରେ ବୁଧବାର ରାତିରେ ଭଙ୍ଗାରୁଜା ହୋଇଛି। କାର୍ଯ୍ୟାଳୟରେ ଲାଗିଥିବା ହୋର୍ଡିଂ ଓ ଝରକା କାଚକୁ ଦୁର୍ବୃତ୍ତ ଟେକାପଥର ଫିଙ୍ଗି ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଏନେଇ ଗୁରୁବାର ସନ୍ଧ୍ୟାରେ ସ୍ମୃତିରେଖା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ସହ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ନିକଟରେ ଦାବି କରିଛନ୍ତି।

ଗତ ସାଧାରଣ ନିର୍ବାଚନରେ ସ୍ମୃତିରେଖା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏବେ ସେ ଜାରକା ବଜାରରେ ଏକ ଭଡ଼ାଘରେ କାର୍ଯ୍ୟାଳୟ ଚଳାଇ ଆସୁଛନ୍ତି। ସକାଳୁ ଦଳର କାର୍ଯ୍ୟକର୍ତ୍ତା ପହଞ୍ଚିବା ପରେ କାର୍ଯ୍ୟାଳୟ ଭଙ୍ଗାରୁଜା ହୋଇଥିବା ଦେଖିବାକୁ ପାଇଥିଲେ। କାର୍ଯ୍ୟାଳୟ ମଧ୍ୟରେ ଅନେକ ଢେଲାପଥର ପଡ଼ିଥିଲା। କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ବ୍ୟାନର ଚିରାଯାଇଛି। ତେବେ କିଏ ଓ କାହିଁକି ଏଭଳି କଲେ ତାହା ଜଣାପଡ଼ିନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ମୃତିରେଖାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।



ଜାରକା ବଜାର ପାଖରେ ଥିବା ଭାଜପା ନେତ୍ରୀ ସ୍ମୃତିରେଖାଙ୍କ କାର୍ଯ୍ୟାଳୟର ପୋଷ୍ଟର ଚିରା ଯାଇଛି।

## ଆଜି ଡିଙ୍କିଆ ନିର୍ବାଚନ, ପୋଲିସ ଛାଉଣୀରେ ପଞ୍ଚାୟତ

- ୪ ବୁଥ୍ ସମ୍ବେଦନଶୀଳ
- ବୁଥ୍‌ରେ ପହଞ୍ଚିସାରିଛନ୍ତି ପୋଲିଂ ପାର୍ଟି

କୁଜଙ୍ଗ,୩।୧୦(ମନୋଜ ପ୍ରଧାନ)



ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍‌ର ବହୁ ଚର୍ଚ୍ଚିତ ଡିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟାସଭ୍ୟଙ୍କ ନିମନ୍ତେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ସକାଳ ୭ ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଏଥିନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ମଧ୍ୟାହ୍ନ ସୁଦ୍ଧା ସମସ୍ତ ପୋଲିଂ ଦଳ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଶିଳ୍ପ ସପକ୍ଷ ଓ ବିପକ୍ଷକୁ ନେଇ ଏହି ପଞ୍ଚାୟତ ରାଜନୀତି ପ୍ରଭାବିତ। ଅତୀତରେ ବହୁବାର ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବାର ନଜିର ରହିଛି। ସେ ଦୃଷ୍ଟିରୁ ଡିଙ୍କିଆ ପଞ୍ଚାୟତ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ପରିଚିତ।

ପଞ୍ଚାୟତର ୨୬ଟି ୱାର୍ଡ ମଧ୍ୟରୁ ତ୍ରିଲୋଚନପୁରର ୨ଟି ଓ ଡିଙ୍କିଆର ୨ଟି ୱାର୍ଡକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି। ଏହି ବୁଥ୍‌ଗୁଡ଼ିକରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି।

ଏହି ପଞ୍ଚାୟତରେ ହିଂସାମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ପାଇଁ ୫ ଡିଏସ୍‌ପି, ୧୨ ଇନ୍ସପେକ୍ଟର ପାହ୍ୟା ଅଧିକାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବେ। ଏଥିସହ ହିଂସା ଏଡ଼ାଇବା ପାଇଁ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଞ୍ଚାୟତ ଭିତରକୁ ବାହାର ଲୋକ ପ୍ରବେଶକୁ କଡ଼ାକଡି ଯାଞ୍ଚ କରାଯାଉଛି। ଗୁରୁବାର ଜଗତ୍‌ସିଂହପୁରର ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବା ସହ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା, ଇନ୍ସପେକ୍ଟର କୁଳମଣି ସେଠୀ ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଭୋଟ ଗ୍ରହଣ ନିମନ୍ତେ ନିୟୋଜିତ ସମସ୍ତ ସେକ୍ଟର ଅଫିସରଙ୍କ ସହ ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରିଛନ୍ତି।

# ମହିଳା ବିଶ୍ୱକପରେ ଶତକ

**ୟୁଏଇରେ ଗୁରୁବାର ଆରମ୍ଭ ହୋଇଛି ମହିଳା ଟି୨୦ ବିଶ୍ୱକପ । ଏଥିରେ ୧୦ ଦେଶ ଅଂଶଗ୍ରହଣ କରୁଛନ୍ତି । ଟି୨୦ରେ ଶତକ ହାସଲ କରିବା କାଠିକର ପାଠ ହୋଇଥିବା ବେଳେ ବିଶ୍ୱକପର ଭିନ୍ନ ଚାପ ରହିଥାଏ। ବିଶ୍ୱକପରେ ସମୁଦାୟ ୬ଟି ଶତକ ସ୍କୋର ହୋଇଥିବା ବେଳେ ଏହା ଉପରେ ଏକ ନଜର...**


ମେଗ୍ ଲାନିଂ
ଡିଅଣ୍ଡ୍ରା ଡଟିନ
ହରମନ୍‌ପ୍ରୀତ୍ କୌର
ହିଥର୍ ନାଇଟ୍
ମୁନିବା ଅଲୀ
ଲିଜେଲ୍ ଲି

ୟୁଏଇରେ ଗୁରୁବାର ଆରମ୍ଭ ହୋଇଛି ମହିଳା ଟି୨୦ ବିଶ୍ୱକପ । ୧୦ ଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ଅଷ୍ଟ୍ରେଲିଆ ଟାଇଟଲ୍ ଫେଭରିଟ୍ ରହିଛି । ଟି୨୦ରେ ଶତକ ହାସଲ କରିବା କାଠିକର ପାଠ ହୋଇଥିବା ବେଳେ ବିଶ୍ୱକପରେ ଆଉ ଏକ ଭିନ୍ନ ଚାପ ରହିଥାଏ । ଟି୨୦ ବିଶ୍ୱକପରେ ସମୁଦାୟ ୬ଟି ଶତକ ସ୍କୋର ହୋଇଥିବା ବେଳେ ଏହା ଉପରେ ଏକ ନଜର । ଅଷ୍ଟ୍ରେଲିଆର ମେଗ୍ ଲାନିଂ, ୱେଷ୍ଟଇଣ୍ଡିଜ୍‌ର ଡିଅଣ୍ଡ୍ରା ଡଟିନ୍, ଇଂଲଣ୍ଡର ହିଥର ନାଇଟ୍, ଭାରତର ହରମନ୍‌ପ୍ରୀତ୍ କୌର, ପାକିସ୍ତାନର ମୁନିବା ଅଲୀ ଓ ଦକ୍ଷିଣ ଆଫ୍ରିକାର ଲିଜେଲ ଲି ଏହି ତାଲିକାରେ ରହିଛନ୍ତି ।

**ଲିଜେଲ ଲି:** ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୦ ସଂସ୍କରଣର ଟି୨୦ ବିଶ୍ୱକପରେ ଶତକ ହାସଲର ରେକର୍ଡ କରିଥିଲେ ଦକ୍ଷିଣ ଆଫ୍ରିକା ଓପନର ଲିଜେଲ ଲି । ଥାଇଲାଣ୍ଡ ବିପକ୍ଷରେ ୬୦ ବଲ୍‌ରୁ ୧୦୧ ରନ୍ ସ୍କୋର କରିଥିଲେ ଲିଜେଲ୍ । ଏହି ଇନିଂସରେ ୧୬ ଚୌକା ଓ ୩ ଛକା ସାମିଲ ଥିଲା । ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ୧୯୫ ରନ୍ କରିଥିବା ବେଳେ ଥାଇଲାଣ୍ଡ ମାତ୍ର ୮୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା ।

**ମୁନିବା ଅଲୀ:** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୨୩ ସଂସ୍କରଣରେ ପ୍ରଥମ ପାକିସ୍ତାନୀ ମହିଳା ଭାବରେ ଶତକ ହାସଲ କରିଥିଲେ ମୁନିବା ଅଲୀ । କେପ୍ ଟାଉନ୍‌ରେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ୬୮ ବଲ୍ ଖେଳି ସେ ୧୦୨ ରନ୍ କରିଥିଲେ । ମୁନିବାଙ୍କ ଇନିଂସ ବଳରେ ପାକିସ୍ତାନ ୫ ଉଇକେଟ ହରାଇ ୧୬୫ ରନ୍ କରିଥିଲା । ଜବାବରେ ଆୟର୍ଲାଣ୍ଡ ୯୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ମୁନିବାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା ।

**ହରମନ୍‌ପ୍ରୀତ୍ କୌର:** ଭାରତୀୟ କ୍ରିକେଟ ଦଳର ଅଧିନାୟିକା ହରମନ୍‌ପ୍ରୀତ କୌର ଏହି ଏଲିଟ୍ ତାଲିକାରେ ସାମିଲ ଅଛନ୍ତି । ୨୦୧୮ ଟି୨୦ ବିଶ୍ୱକପରେ ପ୍ରୋଭିଡେନ୍ସରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ କୌର ପ୍ରଥମ ଭାରତୀୟ ଭାବରେ ଏହି ରେକର୍ଡ କରିଥିଲେ । ୫୧ ବଲ୍ ଖେଳି ୧୦୩ ରନ୍ କରିଥିଲେ ହରମନପ୍ରୀତ୍ । ଏହି ଇନିଂସରେ ୭ ଚୌକା ଓ ୮ ଛକା ସାମିଲ ଥିଲା । ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୬୦/୯ରେ ସୀମିତ ରହିଥିଲା । ହରମନପ୍ରୀତଙ୍କୁ ଶତକୀୟ ଇନିଂସ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା ।

**ହିଥର୍ ନାଇଟ୍ :** ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟିକା ହିଥର୍ ନାଇଟ୍ ଚତୁର୍ଥ ଖେଳାଳି ଭାବରେ ଏହି ତାଲିକାରେ ସାମିଲ ଅଛନ୍ତି । ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୦ ସଂସ୍କରଣର କାନ୍‌ବେରାରେ ଥାଇଲାଣ୍ଡ ବିପକ୍ଷରେ ଶତକ ରେକର୍ଡ କରିଥିଲେ ହିଥର୍ । ୬୬ ବଲ୍ ଖେଳି ହିଥର୍ ଅପରାଜିତ ୧୦୮ ରନ ସ୍କୋର କରିଥିଲେ । ଏହି ଇନିଂସରେ ୧୩ ଚୌକା ଓ ୪ ଛକା ସାମିଲ ଥିଲା । ଇଂଲଣ୍ଡ ୨ ଉଇକେଟରେ ୧୭୬ ରନ୍ କରିଥିବା ବେଳେ ଥାଇଲାଣ୍ଡ ୨୦ ଓଭରରେ ୭୮/୭ରେ ସୀମିତ ରହିଥିଲା ।

**ଡିଅଣ୍ଡ୍ରା ଡଟିନ:** ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ପୂର୍ବତନ ଅଧିନାୟିକା ଡିଅଣ୍ଡ୍ରା ଡଟିନ ମହିଳା ଟି୨୦ ବିଶ୍ୱକପରେ ପ୍ରଥମ ଶତକ ନିଜ ନାମରେ ରେକର୍ଡ କରିଥିଲେ । ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ବିଶ୍ୱକପରେ ଡଟିନ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୫ ବଲ୍ ଖେଳି ଅପରାଜିତ ୧୧୨ ରନ୍ କରିଥିଲେ । ଏହା ମହିଳା ଟି୨୦ ତଥା ଟି୨୦ ବିଶ୍ୱକପରେ ଦ୍ରୁତତମ ଶତକ ରହିଆସିଛି । ୪୫ ବଲର ଇନିଂସରେ ଡଟିନ୍ ୭ ଚୌକା ଓ ୯ ଛକା ମାରିଥିଲେ । ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟରେ ୧୭୫ ରନ୍ କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୧୪୮/୪ରେ ସୀମିତ ରହିଥିଲା ।

**ମେଗ୍ ଲାନିଂ:** ଅଷ୍ଟ୍ରେଲିଆ ତଥା ବିଶ୍ୱର ସବୁଠାରୁ ସଫଳତମ ଅଧିନାୟିକା ମେଗ୍ ଲାନିଂ ଏହି ତାଲିକାର ସର୍ବାଗ୍ରେ ଅଛନ୍ତି । ଲାନିଂ ଅଧିନାୟିକା ଭାବରେ ୫ ଥର ଟି୨୦ ବିଶ୍ୱକପ ଜିତିଥିବା ବେଳେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି । ୨୦୧୪ରେ ବାଂଲାଦେଶରେ ଅନୁଷ୍ଠିତ ବିଶ୍ୱକପରେ ଆୟର୍ଲାଣ୍ଡ ବିପକ୍ଷରେ ଲାନିଂ ସ୍କୋର କରିଥିବା ୧୨୬ ରନ୍, ଏଯାଏ ମହିଳା ବିଶ୍ୱକପର ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି । ୬୫ ବଲ୍‌ରୁ ସେ ୧୮ ଚୌକା ଓ ୪ ଛକା ସହାୟତାରେ ୧୨୬ ରନ୍ ସ୍କୋର କରିଥିଲେ । ଲାନିଂଙ୍କ ଇନିଂସ ବଳରେ ଅଷ୍ଟ୍ରେଲିଆ ୪ ଉଇକେଟରେ ୧୯୧ ରନ୍ କରିଥିଲା । ଜବାବରେ ଆୟର୍ଲାଣ୍ଡ ୧୧୩/୭ରେ ଅଟକି ଯାଇଥିଲା ।

# ଚା' ଦୋକାନୀଙ୍କ ଝିଅ ଜାତୀୟ ଚାମ୍ପିୟନ


ସୁଭଦ୍ରା ସାହୁ

**ଓଡ଼ିଶା ଫୁଟ୍‌ବଲ ଦଳର ଫରୱାର୍ଡ ଖେଳାଳି ସୁଭଦ୍ରା ସାହୁ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଓ ବାପା ଜଣେ ଚା' ବିକାଳି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ଫୁଟ୍‌ବଲ ପ୍ରତି ଥିବା ଭଲପାଇବା କାରଣରୁ ଓଡ଼ିଶା ଦଳରେ ସ୍ଥାନ ପାଇବା ସହ ଜାତୀୟ ଚାମ୍ପିୟନ ହେବାର ଗୌରବ ନିଜ ନାମରେ କରିଛନ୍ତି ସୁଭଦ୍ରା।**

ନିରନ୍ତର ଅଧ୍ୟବସାୟ ବଳରେ ଯେ କୌଣସି କ୍ଷେତ୍ରରେ ଆମେ ଆଗକୁ ବଢ଼ିଥାଉ । ଜୀବନରେ ସର୍ବଦା କିଛି ବାଧାବିଘ୍ନ ଦେଖିବାକୁ ମିଳିଥାଏ । ତେବେ ଏଭଳି ସମସ୍ତ ଜିନିଷକୁ ଏଡାଇ ସଫଳତା ସାଉଁଟିବାରେ ସମର୍ଥ ହୋଇଛନ୍ତି ଓଡ଼ିଶା ଫୁଟବଲ ଦଳର ଫରୱାର୍ଡ ଖେଳାଳି ସୁଭଦ୍ରା ସାହୁ । ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଓ ବାପା ଜଣେ ଚା' ଦୋକାନୀ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ଫୁଟବଲ ପ୍ରତି ଥିବା ଭଲପାଇବା କାରଣରୁ ଓଡ଼ିଶା ଦଳରେ ସ୍ଥାନ ପାଇବା ସହ ଜାତୀୟ ଚାମ୍ପିୟନ ହେବାର ଗୌରବ ନିଜ ନାମରେ କରିଛନ୍ତି ସୁଭଦ୍ରା ।

**ପ୍ରଶ୍ନ:** ନିଜ ବିଷୟରେ କିଛି କୁହନ୍ତୁ ?

**ଉତ୍ତର:** ମୁଁ ସୁଭଦ୍ରା ସାହୁ । ଓଡ଼ିଶା ମହିଳା ଫୁଟବଲ ଦଳର ସଦସ୍ୟ । ଦଳରେ ମୁଁ ଷ୍ଟ୍ରାଇକର ଭାବରେ ଖେଳିଥାଏ । ଭୁବନେଶ୍ୱରର ସାଇନ୍ସ ପାର୍କ ବସ୍ତିରେ ମୋର ଜନ୍ମ । ବାପାଙ୍କ ନାମ ପ୍ରଫୁଲ୍ଲ କୁମାର ସାହୁ ଓ ମା' ବିଷ୍ଣୁପ୍ରିୟା ସାହୁ । ଚା' ଦୋକାନ କରି ବାପା ପରିବାର ଚଳାନ୍ତି ।

**ପ୍ରଶ୍ନ:** ଫୁଟବଲ ପ୍ରତି କିଭଳି ଆକୃଷ୍ଟ ହେଲେ ?

**ଉତ୍ତର:** ସ୍କୁଲ ସମୟରେ ଆରମ୍ଭରୁ କ୍ରିକେଟର ହେବାର ସ୍ୱପ୍ନ ଦେଖିଥିଲି । ତେବେ ସମୟକ୍ରମେ କ୍ରିକେଟ ପ୍ରତି ଥିବା ଦୁର୍ବଳତା ଫୁଟବଲ ଆଡକୁ ମୁହାଁଇଲା । ୧୪-୧୫ ବର୍ଷର ଥିବା ସମୟରେ ସ୍କୁଲରେ ଫୁଟବଲ ଖେଳିବା ଆରମ୍ଭ କରିଥିଲି, ଆଉ ତା' ପରଠୁ ଆଉ ପଛକୁ ଚାହିଁନାହିଁ ।

**ପ୍ରଶ୍ନ:** ପରିବାର ଲୋକଙ୍କ ପ୍ରତିକ୍ରିୟା କେମିତି ଥିଲା ?

**ଉତ୍ତର:** ଝିଅପିଲା ଭାବରେ ଫୁଟବଲ ଖେଳିବାକୁ ନେଇ ପରିବାର ଲୋକ ପ୍ରଥମରୁ ବିରୋଧ କରିଥିଲେ । ମା' ନ ଥିବା କାରଣରୁ ପରିବାର ଲୋକେ ଓ ପାଖ ପଡୋଶୀ ମୋ ଖେଳକୁ ବିରୋଧ କରିଥିଲେ । ତେବେ ସବୁ ବାଧାବିଘ୍ନକୁ ଏଡାଇ ମୁଁ ଖେଳିବା ଜାରି ରଖିଥିଲି । ଓଡ଼ିଶା ଦଳରେ ସ୍ଥାନ ପାଇବା ପରଠାରୁ ପରିବାର ଲୋକେ ମଧ୍ୟ ନିୟମିତ ଭାବରେ ସମର୍ଥନ କରୁଛନ୍ତି ।

**ପ୍ରଶ୍ନ:** ଫୁଟବଲ ଖେଳ ଜାରି ରଖିବାକୁ କ'ଣ ସଂଘର୍ଷ କରିବାକୁ ପଡ଼ିଛି ?

**ଉତ୍ତର:** ଏକ ନିମ୍ନମଧ୍ୟବିତ୍ତ ପରିବାରରୁ ଆସିଥିବାରୁ ଅର୍ଥାଭାବ ଏକ ବଡ଼ ସମସ୍ୟା ଥିଲା । ଯେଉଁଠି ଖାଇବା ପାଇଁ ସଂଘର୍ଷ ଥାଏ ସେଠାରେ ଫୁଟବଲ ନିଶ୍ଚିତ ଭାବରେ ଏକ ବ୍ୟୟବହୁଳ ଖେଳ ଭଳି ଲାଗିଥାଏ । ଏଭଳି ସମୟ ମଧ୍ୟ ରହିଥିଲା, ଯେତେବେଳେ ଫୁଟବଲ ଖେଳିବା ପାଇଁ ଜୋତା ମଧ୍ୟ ନ ଥିଲା । ସେ ସମୟରେ ଅନ୍ୟମାନଙ୍କ ଠାରୁ ଜୋତା ମାଗି ଖେଳିବା ଜାରି ରଖିଥିଲି । ଧୀରେ ଧୀରେ ସଫଳତା ମିଳିବା ପରେ ପରିବାର ଲୋକେ ମଧ୍ୟ ସମର୍ଥନ କରିବା ଆରମ୍ଭ କରିଥିଲେ ।

**ପ୍ରଶ୍ନ:** ପ୍ରଥମ କୋଚ୍ କିଏ ରହିଥିଲେ ?

**ଉତ୍ତର:** ଫୁଟବଲ ଆରମ୍ଭ କରିବା ବେଳେ ସ୍କୁଲରେ ଊର୍ମିଳା ଦାସ ଓ ଅବ୍ଦୁଲ କରିମ୍ ଖାନ୍ (ଟୁନା ସାର୍) ଆମକୁ ପ୍ରଶିକ୍ଷଣ ଦେଉଥିଲେ । ସେଠାରୁ ବାହାରିବା ପରେ ମୁଁ ପ୍ରଥମେ ଓଡ଼ିଶା ଜୁନିୟର ଦଳ ଓ ପରେ ସିନିୟର ଦଳରେ ଖେଳିବା ଆରମ୍ଭ କରିଥିଲି । ପ୍ରଫେଶନାଲ ଫୁଟବଲର ହେବାଠାରୁ ବର୍ତ୍ତମାନ ଯାଏ ଗୀତାଞ୍ଜଳି ଖୁଣ୍ଟିଆ ମୋର କୋଚ୍ ଓ ମେଣ୍ଟର ରହିଆସିଛନ୍ତି ।

**ପ୍ରଶ୍ନ:** ଜଣେ ଫରୱାର୍ଡ ଭାବେ ପଡ଼ିଆରେ କେମିତି ମାହୋଲ ରହିଥାଏ ?

**ଉତ୍ତର:** ଫୁଟବଲ ଏକ କଣ୍ଟାକ୍ଟ ସ୍ପୋର୍ଟ୍ସ । ପ୍ରତି ମ୍ୟାଚ୍‌ରେ ଭିନ୍ନ ଭିନ୍ନ ଡିଫେଣ୍ଡରଙ୍କୁ ସାମ୍ନା କରିବାକୁ ପଡ଼ିଥାଏ ଯାହାକି ଏକ ବଡ଼ ଚ୍ୟାଲେଞ୍ଜ ରହିଥାଏ । ସେମାନଙ୍କ ରଣନୀତିକୁ ପରାସ୍ତ କରି ଆଗକୁ ବଢ଼ି ଗୋଲ ସ୍କୋର କରିବା ସର୍ବଦା ଶାନ୍ତି ଦେଇଥାଏ ।

**ପ୍ରଶ୍ନ:** ଓଡ଼ିଶା ପାଇଁ କେତେଦିନ ହେବ ଖେଳୁଛନ୍ତି ?

**ଉତ୍ତର:** ଦୀର୍ଘ ୯ ବର୍ଷ ହେବ ଓଡ଼ିଶା ପାଇଁ ଖେଳିଆସୁଛି । ପ୍ରଥମ ବର୍ଷ ଜୁନିୟର ଦଳ ପାଇଁ ଖେଳିଥିବା ବେଳେ ବିଗତ ୮ ବର୍ଷ ହେବ ସିନିୟର ଦଳ ପାଇଁ ଖେଳି ଆସୁଛି । ସିନିୟର ଦଳ ସହିତ ଜାତୀୟ ଚାମ୍ପିୟନଶିପ୍‌ରେ ଦୁଇ ଥର ରନର ଅପ୍ ଓ ଥରେ ଟାଇଟଲ ହାସଲରେ ସକ୍ଷମ ହୋଇଛୁ । ୨୦୧୮ ଓ ୨୦୨୨ରେ ଓଡ଼ିଶା ଦଳ ରନର ଅପ୍ ରହିଥିବା ବେଳେ ୨୦୨୩ରେ ଆମେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲୁ । ୨୦୧୮ ଓ ୨୦୨୨ରେ ବ୍ୟକ୍ତିଗତ ଭାବରେ ମୁଁ ୩ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ୨୦୨୩ରେ ମୁଁ ୨ଟି ଗୋଲ ସ୍କୋର କରିଥିଲି ।

**ପ୍ରଶ୍ନ:** କେଉଁ ଦଳ ବିପକ୍ଷରେ ଖେଳିବା ସବୁଠାରୁ କଷ୍ଟସାଧ୍ୟ ?

**ଉତ୍ତର:** ଜାତୀୟ ସ୍ତରରେ ମଣିପୁର ଏକ ଶକ୍ତିଶାଳୀ ଦଳ ଓ ଏହା ବିପକ୍ଷରେ ଖେଳିବା ସର୍ବଦା ଏକ ଚ୍ୟାଲେଞ୍ଜ ହୋଇ ରହିଥାଏ । ମଣିପୁରରେ ସର୍ବଦା ଅଭିଜ୍ଞ ଖେଳାଳିମାନେ ରହୁଥିବା ବେଳେ ଏହାର ଡିଫେନ୍ସ ବେଶ୍ ଚମତ୍କାର ରହିଥାଏ । ଫଳରେ ମଣିପୁର ବିପକ୍ଷରେ ଖେଳିବା ସାମାନ୍ୟ କଷ୍ଟସାଧ୍ୟ ରହିଥାଏ ।

**ପ୍ରଶ୍ନ:** ଅନ୍ୟ କେଉଁ କ୍ଳବ ପକ୍ଷରୁ ଖେଳିଛନ୍ତି ?

**ଉତ୍ତର:** ମୁଁ ପୂର୍ବରୁ ରାଇଜିଂ ଷ୍ଟୁଡେଣ୍ଟ, ସ୍ପୋର୍ଟ୍ସ ଓଡ଼ିଶା ଓ ମହାରାଷ୍ଟ୍ରର କୋହ୍ଲାପୁର ଟିମ୍ ପାଇଁ ଖେଳିସାରିଛି ।

**ପ୍ରଶ୍ନ:** ଇଣ୍ଡିଆନ୍ ଓମେନ୍ସ ଲିଗ୍ ଖେଳିଛନ୍ତି ?

**ଉତ୍ତର:** ପ୍ରଥମତଃ ୨୦୧୮ରେ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଦ୍ୱିତୀୟ ସିଜନରେ ମୁଁ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳ ପକ୍ଷରୁ ଖେଳିଥିଲି । ଉକ୍ତ ସିଜନରେ ମୁଁ ୪ଟି ଗୋଲ ମଧ୍ୟ ସ୍କୋର କରିଥିଲି । ପରେ ମହାରାଷ୍ଟ୍ରର କୋହ୍ଲାପୁର ଦଳ ପକ୍ଷରୁ ୨୦୧୯-୨୦୨୩ ଯାଏ ଆଇ ଲିଗ୍ ଖେଳିଥିଲି । ୨୦୨୨ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଆଇଡବ୍ଲ୍ୟୁଏଲ୍‌ରେ ୧୨ଟି ମ୍ୟାଚ ଖେଳିବାର ସୁଯୋଗ ମିଳିଥିଲା । ଏଥିରେ ୭ ଗୋଲ ସ୍କୋର କରିଥିଲି । ଏହା ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ମଧ୍ୟ ରହିଥିଲି । ୨୦୨୨ରେ ଆନ୍ତଃଜିଲା ଚାମ୍ପିୟନଶିପରେ ଭୁବନେଶ୍ୱରର ପ୍ରତିନିଧିତ୍ୱ କରି ୯ ଗୋଲ ସ୍କୋର କରିଥିଲି ।

**ପ୍ରଶ୍ନ:** ଫୁଟବଲରେ ଆପଣଙ୍କ ଆଦର୍ଶ କିଏ ?

**ଉତ୍ତର:** ପୁରୁଷ ଖେଳାଳିଙ୍କ ମଧ୍ୟରେ ସୁନୀଲ ଛେତ୍ରୀ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସସ୍ମିତା ମଲିକ ମୋର ଆଦର୍ଶ । ସୁନୀଲ ଛେତ୍ରୀ ଯେଉଁଭଳି ଭାବରେ ଦୀର୍ଘ ବର୍ଷ ଧରି ନିଜକୁ ଫିଟ୍ ରଖି ଭାରତୀୟ ଦଳ ପାଇଁ ପ୍ରଦର୍ଶନ କରି ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ସେ ସର୍ବଦା ଆଦର୍ଶ ରହିବେ । ଅନ୍ୟ ପକ୍ଷରେ ସସ୍ମିତା ଦୀର୍ଘ ବର୍ଷ ଜାତୀୟ ଦଳରେ ଖେଳି ଆମ ପାଇଁ ଆଦର୍ଶ ରହି ଆସିଛନ୍ତି ।

**ପ୍ରଶ୍ନ:** ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି ?

**ଉତ୍ତର:** ବର୍ତ୍ତମାନ କେବଳ ଓଡ଼ିଶା ପାଇଁ ଖେଳିଥିବା ବେଳେ ଭାରତ ପାଇଁ ଖେଳିବାର ସ୍ୱପ୍ନ ରହିଛି । କଠିନ ପରିଶ୍ରମ କରିବା ସହ ଭାରତୀୟ ଦଳରେ ସ୍ଥାନ ପାଇବା ମୋର ଏକମାତ୍ର ଲକ୍ଷ୍ୟ ।

-ସରୋଜ ଜେନା

## ରେକର୍ଡ

ବାଂଲା ବିପକ୍ଷ ସେକେଣ୍ଡ ଟେଷ୍ଟକୁ
ଅଢ଼େଇ ଦିନରେ ଜିତି
ରେକର୍ଡ ସିରିଜ୍ ବିଜୟ କରିଛି
ଟିମ୍ ଇଣ୍ଡିଆ କୋ. ସାଥୀ
ଭାରତର ନୂଆ କୀର୍ତ୍ତି
ନିଜ ମାଟିରେ ଦି'ହଜାର ତେରଠୁ
ହାରି ନାହିଁ ଜମା ନାତି ।
ଦ୍ରୁତତମ ଫିଫ୍‌ଟି,
ହଣ୍ଡ୍ରେଡ୍, ଟୁ ହଣ୍ଡ୍ରେଡ
ରନ୍ କରିବାରେ ଦେଶ
ରେକର୍ଡ କରିଛି କାନପୁର ଠାରେ
ସତ ଲାଗେ ଅବିଶ୍ୱାସ
ଟେଷ୍ଟରେ ଯଶସ୍ୱୀ ଯଶ
ଲୋକେଶ, କୋହଲି,
ରୋହିତଙ୍କ ମାଡ



କଲା ନୂଆ ଇତିହାସ ।
ଭାରତରେ ହେବ ସର୍ବ
ପ୍ରଥମ ଖୋ ଖୋ
ବିଶ୍ୱକପ୍ ଆୟୋଜନ
କାଦୁଅର ଆରମ୍ଭ ଦେଶ
ଖୋ ଖୋ କ୍ରୀଡା
ଜଗତେ ଉଇଁଲା ଜହ୍ନ
ରେକର୍ଡ ବି ଅଛି ଭିନ୍ନ
ଅଲୋଡା ରେକର୍ଡ ବେଦନା ବଢାଏ
ବିରଳ ରେକର୍ଡ ଧନ୍ୟ ।

-ସୁବାସ ଚନ୍ଦ୍ର ପ୍ରଧାନ

# ଦିନକରେ ନିବେଶକ ହରାଇଲେ ୧୦ ଲକ୍ଷ କୋଟି

■ସେନ୍‌ସେକ୍ସ ୧୮୦୦ ପଏଣ୍ଟ
■୨୫,୦୦୦ ଅଙ୍କ ଉପରେ ନିଫ୍ଟି

ମୁମ୍ବାଇ,୩।୧୦



ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧିଜନିତ ମାନ୍ଦାବସ୍ଥାର ବଡ଼ ଧରଣ ପ୍ରଭାବ ଭାରତୀୟ ପୁଞ୍ଜିବଜାର କାରବାର ଉପରେ ପଡିଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ଏକ ବୃହତ୍ କ୍ଷତି ସହିଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୭୪ ଲକ୍ଷ କୋଟି ଥିଲା। ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୯.୭୮ଲକ୍ଷ କୋଟି ହ୍ରାସ ହୋଇ ୪୬୫ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ବଡ ହ୍ରାସ ଘଟିଛି। ଏପରିକି ୩୦ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୧୮୦୦ ପଏଣ୍ଟ ହ୍ରାସ ଘଟି ୮୨,୪୩୩ ଅଙ୍କାରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ କାରବାର ୨.୧୯% କମି ୨୫,୨୩୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ମିଡ୍‌କ୍ୟାପର କାରବାର ୨.୨୭% ଏବଂ ସ୍ମଲକ୍ୟାପର କାରବାରରେ ୧.୮୪ % ହ୍ରାସ ଘଟିଛି।

ସେହିଭଳି ନିଫ୍ଟି ମିଡ୍‌କ୍ୟାପ କାରବାର ୨.୨୧% କମି ୫୯,୦୨୪.୭୦ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୧.୯୨% ହ୍ରାସ ଘଟି ୯୧୧୦.୦୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୨.୦୪% କମି ୫୧,୮୪୫.୨୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୬୯ (୧୭୬୯.୧୯) ପଏଣ୍ଟ କମି ୮୨,୪୯୭ (୮୨,୪୯୭.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୫୪୭ (୫୪୬.୮୦) ପଏଣ୍ଟ ହ୍ରାସ ଘଟି ୨୫,୨୫୦ (୨୫,୨୫୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ପାତ୍ର ଇଲେକ୍ଟ୍ରୋନିକ୍ସର ବିଗ୍ ଫେଷ୍ଟିଭାଲ ସେଲ୍

ଭୁବନେଶ୍ୱର,୩।୧୦




ରାଜ୍ୟର ପ୍ରମୁଖ ରିଟେଲ ଚେନ୍ ପାତ୍ର ଇଲେକ୍ଟ୍ରୋନିକ୍ସର ବହୁ ପ୍ରତୀକ୍ଷିତ 'ବିଗ୍ ଫେଷ୍ଟିଭାଲ ସେଲ୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସେଲ୍ ୨୦୨୪ ଅକ୍ଟୋବର ୧୪ ପର୍ଯ୍ୟନ୍ତ ସମସ୍ତ ପାତ୍ର ଇଲେକ୍ଟ୍ରାନିକ୍ସ ଷ୍ଟୋରରେ ଉପଲବ୍ଧ। ଏହି ସେଲ୍‌ସ ଜରିଆରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ଓ ଅଫରର ଲାଭ ଉଠାଇପାରିବେ। ଉଲ୍ଲେଖଯୋଗ୍ୟ, ଗ୍ରାହକ ମାତ୍ର ୧୦ ଟଙ୍କା ଦେଇ କେତେକ ଗୃହୋପଯୋଗୀ ସାମଗ୍ରୀ ଯଥା ମୋବାଇଲ, ଟିଭି, ଫ୍ରିଜ୍, ଲାପ୍‌ଟପ୍, କ୍ୟାମେରା,ଏସି, ୱାଶିଂମେଶିନ, ମାଇକ୍ରୋଓଭନ, କିଚେନ ଆପ୍ଲିଆନ୍ସ ଏବଂ ଫର୍ନିଚର ଭଳି ଜିନିଷଗୁଡିକ କଷ୍ଟ ଟୁ କଷ୍ଟ ପ୍ରାଇସ୍ ଓ ସହଜ କିସ୍ତିରେ ଯୋଗାଇ ଦିଆଯାଉଛି। ଏପରିକି ୩୬ମାସ ପର୍ଯ୍ୟନ୍ତ ଇଏମ୍ଆଇ, ଗୋଟିଏ ଇଏମ୍ଆଇ ମାଗଣା ସହିତ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ମଧ୍ୟ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ମହାବିଦ୍ୟାଳୟର ଛାତ୍ର ସେମାନଙ୍କର କଲେଜ ଆଇଡି କାର୍ଡ ଦେଖାଇ ମୋବାଇଲ କିଣିଲେ ୫୦୦ ଟଙ୍କାର ଅତିରିକ୍ତ ରିହାତି ମିଳୁଛି। ଏପରିକି କୌଣସି ପୁରୁଣା ଜିନିଷ ବଦଳାଇ ନୂଆ ଜିନିଷ କିଣିଲେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ସୁବିଧା ରହିଛି। ସେହିପରି କୌଣସି ପୁରୁଣା ମୋବାଇଲକୁ ଅପ୍‌ଗ୍ରେଡ୍ କରାଇଲେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏପରିକି ପୁରୁଣା ଫର୍ନିଚର ବଦଳାଇ ସହଜ କିସ୍ତିରେ ନୂଆ ଫର୍ନିଚର ଗ୍ରାହକ ନେଇପାରିବେ। ଏହିଭଳି ଅନେକ ପ୍ରକାର ରିହାତି ସୁବିଧା ଓ ଅଫର ଉପଲବ୍ଧ ରହିଛି। ଏପରିକି ଉପରୋକ୍ତ ଅଫର ଭିନ୍ନ ଭିନ୍ନ କମ୍ପାନୀର ବିଭିନ୍ନ ମଡେଲ ଉପରେ ଉପଲବ୍ଧ ଓ ସର୍ତ୍ତାବଳୀ ଲାଗୁ ରହିଛି।

# ପାର୍ବଣରେ ଅତୁଳନୀୟ ସୁବିଧା ପାଇବେ ଗ୍ରାହକ

ନୂଆଦିଲ୍ଲୀ,୩।୧୦

ଚଳିତ ବର୍ଷ ପାର୍ବଣରେ ଆମାଜନ୍.ଇନ୍‌ର ନବରାତ୍ରି ଷ୍ଟୋର ଗ୍ରାହକଙ୍କ ପାଇଁ ପୋଷାକ,ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଗ୍ୟାଜେଟ୍ ଏବଂ ପ୍ରିୟଜନଙ୍କ ପାଇଁ ଉପହାରର ଆକର୍ଷଣୀୟ ଚୟନ ସହିତ ପ୍ରସ୍ତୁତ ହେବା ପାଇଁ ଶପିଂ ଅନୁଭୂତି ପ୍ରଦାନ କରୁଛି। ଏପରିକି ଏହାର ସମସ୍ତ ସଦସ୍ୟ ଅତୁଳନୀୟ ସୁବିଧାର ଲାଭ ଉଠାଇବା ସହିତ ସେମାନେ ଏଥ୍‌ନିକ୍ ପୋଷାକ, ଉପକରଣ, ହୋମ୍ ଡେକୋର, ଫ୍ୟାଶନ, ସୌନ୍ଦର୍ଯ୍ୟ ଉତ୍ପାଦ ଏବଂ ଆହୁରି ଅନେକ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ଚୟନରୁ ଚୟନ କରିପାରିବେ। ଏହି ଷ୍ଟୋର ୨୦୨୩ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଲାଇଭ୍ ରହିବ। ବିଶେଷକରି ଏହାକୁ କ୍ୟାସିଓ, ବଡିସପ୍, ରିଅଲମି, ବୋଟ୍, ସାମ୍‌ସଙ୍ଗ୍, ଆମାଜନ ଇକୋଡଟ୍, ଏଲଜି, ଟାଟା, କ୍ୟାଡ୍‌ବରି, ଟାଇଟନ୍ ଏବଂ ଆହୁରି ଅନେକ ପସନ୍ଦର ବ୍ରାଣ୍ଡ ସହ ଗ୍ରହକଙ୍କ ପାର୍ବଣ ଶପିଂ ଅନୁଭୂତିକୁ ସରଳ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଷ୍ଟୋର ଚଳିତ ପାର୍ବଣ ଋତୁରେ ମହିଳା ଆକର୍ଷଣୀୟ ଗର୍ବା ସ୍କର୍ଟ ସହ ସୂକ୍ଷ୍ମ ଏମ୍ବ୍ରୋଇଡରିଡ୍ କ୍ରପ୍ ଟପ୍, କଚ୍ଛି ଲେସ୍ ୱାର୍କ ରେଡ୍ କଲର ଲଙ୍ଗ୍ ଆଡଜଷ୍ଟେବଲ୍ ନେକ୍‌ଲେସ୍ ସେଟ୍ ସହିତ ଇୟରରିଂ,କ୍ୟାସିଓ ଭିଣ୍ଟେଜ ସିରିଜ୍ ଡିଜିଟାଲ ଓମେନ୍ସ ୱାଚ୍, ଲାଭି ଓମେନ୍ସ ଷ୍ଟାର ଫ୍ରେମ୍‌ଡ କ୍ଲଚ୍, ଗ୍ଲାସ୍ କଭର ସହିତ ଏଇନ୍ ସୋଫ୍ ଲାର୍ଜ ସାଇଜ୍ ଡେକୋରେଟିଭ ବ୍ରାସ୍ ଅଖଣ୍ଡ ଦିଆ, ହୋମସେକ୍ ଟିଲାଇଟ୍ କ୍ୟାଣ୍ଡେଲ ହୋଲଡର, ଏରୋହେଭେନ୍‌ପ୍ରିମିୟମ୍‌ସେଟ୍ ଅଫ୍ ୫ କୁସନ୍ କଭର୍ ଆଦି ସାମିଲ ରହିଛି। ସେହିଭଳି ପର୍ବପର୍ବାଣି ଉପହାରରେ ଟାଟା ସମ୍ପନ୍ ପ୍ୟୋର କାଲିଫର୍ନିଆ ଆଲମଣ୍ଡ, ଗର୍ମେଟ୍ ପପ୍‌କର୍ଣ୍ଣ,ବେଲଜିୟାନ ଚୋକୋ କାରାମେଲ୍, କ୍ୟାଡ୍‌ବରି ସେଲିବ୍ରେସନ ଚକୋଲେଟ୍ ଗିଫ୍ଟ ପ୍ୟାକ୍ ଆଦି ସାମିଲ ରହିଛି। ଟ୍ରେଣ୍ଡି ଇଲେକ୍ଟ୍ରୋନିକ୍ସ ବର୍ଗରେ ରିଅଲମି ନାର୍ଜୋ ୭୦ଏକ୍ସ ୫ଜି, ଆମାଜନ ଇକୋ ଡଟ୍ (୫ମ ଜେନେରେଶନ) ସ୍ମାର୍ଟ ସ୍ପିକର, ବୋଟ୍ ନିର୍ବାଣ ଆୟନ ଟିଡବ୍ଲ୍ୟୁଏସ୍ ଇୟରବଡ୍ସ, ସାମ୍‌ସଙ୍ଗ୍ ଗାଲାକ୍ସି ଟ୍ୟାବ୍ ଏ୯+, ଆଲେକ୍ସା ଭଏସ୍ ରିମୋଟ୍ ସହ ଫାୟାର ଟିଭି ଷ୍ଟିକ୍, ଇକୋ ପପ୍, ଇକୋ ସୋ ୫ (୨ୟ ଜେନ) ଆଦି ସାମିଲ ରହିଛି।

# ୬୦ମିନିଟ୍‌ରେ ୧.୭୬ ଲକ୍ଷରୁ ଅଧିକ ଥାର୍ ରକ୍ସର ବୁକିଂ

## ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ନୂଆ ମାଇଲଷ୍ଟୋନ

ନୂଆଦିଲ୍ଲୀ,୩।୧୦



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ ଏମ୍)ର 'ଅଲ ନ୍ୟୁ ଥାର୍ ରକ୍ସ' ମଡେଲ ପ୍ରଥମ ଥର ପାଇଁ ଅଟୋ ଶିଳ୍ପରେ ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି। ଏପରିକି ୬୦ ମିନିଟ୍ ମଧ୍ୟରେ ମହିନ୍ଦ୍ରା ଥାର୍ ରକ୍ସର ୧.୭୬ ଲକ୍ଷ ବୁକିଂ ପଞ୍ଜୀକରଣ ସହ ବ୍ରାଣ୍ଡ ବିଶ୍ୱ ଅଟୋ ଶିଳ୍ପରେ ଏକ ନୂଆ ରେକର୍ଡ ସ୍ଥାପନ କରିଛି। ଉଲ୍ଲେଖଯୋଗ୍ୟ, 'ଅଲ ନ୍ୟୁ ମହିନ୍ଦ୍ରା ଥାର ରକ୍ସ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଏସ୍‌ୟୁଭି ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହ ସୁସଜ୍ଜିତ ରହିଛି। ଏପରିକି ଏହି ମଡେଲ ୨୦୨୪ ଅକ୍ଟୋବର ୧୨ ରେ ବଜାର ପ୍ରବେଶ ସହ ଗ୍ରାହକ ହସ୍ତାନ୍ତରଣ (ଡେଲିଭରି) ହେବା କାର୍ଯ୍ୟକ୍ରମ ରହିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ୨୦୨୪ ଅକ୍ଟୋବର ୩, ୧୧ ଘଟିକା ସମୟରେ ଏହି ଅବିଶ୍ୱସନୀୟ ବୁକିଂ ରେକର୍ଡ ହୋଇଥିଲା। ଏପରିକି ମାତ୍ର ୬୦ ମିନିଟ୍ ମଧ୍ୟରେ ମହିନ୍ଦ୍ରା ଥାର୍ ରକ୍ସର ୧,୭୬,୨୮୧ ୟୁନିଟ୍ ଗାଡ଼ି ବୁକିଂ ପଞ୍ଜୀକରଣ ହୋଇଛି।

ଏ ନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ଏମ୍ ଆଣ୍ଡ ଏମ୍‌ର ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା ଖୁସିବ୍ୟକ୍ତ କରିବା ସହ ଥାର୍ ରକ୍ସ ବୁକିଂ କରିଥିବା ସମସ୍ତ ଗ୍ରାହକ ଓ ଟିମ୍ ମହିନ୍ଦ୍ରାକୁ ଧନ୍ୟବାଦ ଜଣାଇଛନ୍ତି।

# ସିମେଣ୍ଟ ଦର ବୃଦ୍ଧି

ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)

ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଅଧିକାଂଶ ସ୍ଥାନରେ ବର୍ଷା ପରିମାଣ ମଧ୍ୟ କମିବାରେ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ବର୍ତ୍ତମାନ ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳୁଛି। ବର୍ଷା କମୁଥିବାରୁ ନିର୍ମାଣଜନିତ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ସିମେଣ୍ଟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। କେବଳ ଚାହିଦା ନୁହେଁ ବରଂ ଏହା ସହ ସିମେଣ୍ଟର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ନିକଟରେ ସିମେଣ୍ଟର ମୂଲ୍ୟ ବସ୍ତା ପିଛା ୧୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି। ୫୦ କି.ଗ୍ରା. ସିମେଣ୍ଟ ବସ୍ତାରେ ଏହି ମୂଲ୍ୟ ବୃଦ୍ଧି ହୋଇଥିବାବେଳେ ଘର ତିଆରି ସାମଗ୍ରୀ ମହଙ୍ଗା ହେବା ସୁନିଶ୍ଚିତ ହୋଇଛି। ଘର ନିର୍ମାଣ ପାଇଁ ସିମେଣ୍ଟ ମୁଖ୍ୟ ଉପାଦାନ ହୋଇଥିବାବେଳେ ପ୍ରତିବର୍ଷ ସିମେଣ୍ଟ ମୂଲ୍ୟରେ ବୃଦ୍ଧି ହେତୁ ଘର ନିର୍ମାଣ ଖର୍ଚ୍ଚ ବୃଦ୍ଧି ହେବା ପରିସ୍ଥିତି ଦେଖାଯାଉଛି। ଗୁରୁବାରଠାରୁ ହିମାଚଳ ପ୍ରଦେଶ ସମେତ ୩ଟି ରାଜ୍ୟରେ ସିମେଣ୍ଟର ବର୍ଦ୍ଧିତ ମୂଲ୍ୟ କାର୍ଯ୍ୟକାରୀ କରାଯାଇଛି। ସୂଚନା ଥାଉକି, ଚଳିତ ବର୍ଷ ଦେଶରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଆଚରଣ ବିଧି ଲାଗୁ ହେତୁ ଦେଶରେ ନିର୍ମାଣ କାର୍ଯ୍ୟ କିଛି ମାସ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାର ସିମେଣ୍ଟ ହାର ଉପରେ ଏହାର ପ୍ରଭାବ ପଡ଼ିଥିଲା ଏବଂ ସାଧାରଣ ଜନତା ବର୍ଷର ପ୍ରଥମାର୍ଦ୍ଧରେ ସିମେଣ୍ଟ ମୂଲ୍ୟରେ ବୃଦ୍ଧି ହେବାର ଆଶଙ୍କା ଅନୁଭବ କରିନଥିଲେ। ବର୍ତ୍ତମାନ ସମସ୍ତ ସିମେଣ୍ଟ କମ୍ପାନୀ ମଧ୍ୟ ଷ୍ଟକ୍ ମାର୍କେଟରେ ହ୍ରାସ ପାଇ ଆମ୍ବୁଜା ସିମେଣ୍ଟରେ ୨.୧୮ ପ୍ରତିଶତ ହ୍ରାସ ଘଟିଛି। ଏସିସିରେ ୨.୦୭ ପ୍ରତିଶତ ହ୍ରାସ ଘଟିଛି। ଏହା ବ୍ୟତୀତ ଷ୍ଟକ୍ ମାର୍କେଟରେ ହ୍ରାସର ପ୍ରଭାବ ଅନେକ ସିମେଣ୍ଟ କମ୍ପାନୀ ଉପରେ ଦେଖାଯାଉଛି। କେବଳ ୪ଟି ସିମେଣ୍ଟ କମ୍ପାନୀ ଇଣ୍ଡିଆ ସିମେଣ୍ଟ, ଜେ.କେ. ଲକ୍ଷ୍ମୀ ସିମେଣ୍ଟ, ସାଗର ସିମେଣ୍ଟ ଏବଂ ଉଦୟପୁର ସିମେଣ୍ଟ ଦେବାଳିଆ ପରିସ୍ଥିତିରୁ ବର୍ତ୍ତିଛନ୍ତି।

# ଆଜି ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରିବ ଅଓର୍ମା




## ଦରବୃଦ୍ଧି ମୁଖ୍ୟ ଦାବି

ଭୁବନେଶ୍ୱର,୩।୧୦ (ଅଭୟ ଦାଶ)

ଦୀର୍ଘଦିନର ଦାବି ଓ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ଶୁକ୍ରବାର ଭୁବନେଶ୍ୱରର ଲୋୟର ପିଏମ୍‌ଜିଠାରେ ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏଶନ (ଅଓର୍ମା) ଆନ୍ଦୋଳନ କରିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଅରୋମା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ୫ ତାରକା ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଓର୍ମାର ସଭାପତି ମହେଶ କୁମାର ବଂଶଲ ଏବଂ ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାଶ ଆସୋସିଏଶନର ବିଭିନ୍ନ ସମସ୍ୟା ଓ ଦୀର୍ଘଦିନର ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଆବଶ୍ୟକ ସୂଚନା ମଧ୍ୟ ପ୍ରଦାନ କରିଥିଲେ। ଏକ ୮ ଦଫା ଦାବିପତ୍ର ସରକାରଙ୍କୁ ଆନ୍ଦୋଳନ ପରିପ୍ରେକ୍ଷୀରେ ଦିଆଯିବ ବୋଲି ଉଭୟ ବଂଶଲ ଓ ଦାସ ଆଲୋକପାତ କରିଥିଲେ। ଉକ୍ତ ସମ୍ମିଳନୀରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ଉକ୍ତ ଆନ୍ଦୋଳନରେ ଆସୋସିଏଶନର ପ୍ରାୟ ୧୦୦୦ ସଦସ୍ୟ ସାମିଲହେବେ ବୋଲି ଆକଳନ କରାଯାଇଛି।

# ୱଣ୍ଡର୍ଲା ଭୁବନେଶ୍ୱରର ପାର୍ବଣ ଉପହାର ଅଫର

ଭୁବନେଶ୍ୱର,୩।୧୦




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସର୍ବବୃହତ୍ ଆମ୍ୟୁଜ୍‌ମେଣ୍ଟ ପାର୍କଚେନ୍ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପାର୍ବଣ ଉପହାର ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିଛି। ପାର୍ବଣ ଋତୁ ଅବସରରେ ୱଣ୍ଡର୍ଲା ଭୁବନେଶର ପାର୍କର ଟିକେଟ ଉପରେ ମଧ୍ୟ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ଏପରିକି ସୀମିତ ସମୟ ଅଫର ପାଇଁ ଏହି ଟିକେଟଗୁଡିକ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଉପଲବ୍ଧ ଥିଲାବେଳେ କେବଳ ୬୭୯ ଟଙ୍କାରେ ୨୧ରୁ ଅଧିକ ଲ୍ୟାଣ୍ଡ ଏବଂ ୱାଟର ରାଇଡ୍ ପାଇଁ ସୀମାହୀନ ସୁବିଧା ସହ ପାର୍କ ଟିକେଟ ଏବଂ ଏହି ସୀମିତ ଅବଧି ଅଫର ଅନ୍‌ଲାଇନ ବୁକିଂ ପାଇଁ ଉପଲବ୍ଧ ହେଉଛି, ଯାହା ପରିବାର ଓ ବନ୍ଧୁମାନଙ୍କୁ ପାର୍କରେ ଏକାଠି କରାଇବା ଓ ପାର୍ବଣ ଉତ୍ସାହକୁ ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି।

ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ଏମ୍‌ଡି ଅରୁଣ କେ. ଚିଟ୍ଟିଲାପ୍ପିଲ୍ଲୀ କହିଥିଲେ, ପୂଜା ହେଉଛି ଆନନ୍ଦ,ଏକତା ଓ ଉତ୍ସବର ଏକ ସମୟ ଏବଂ ଆମେ ଆମର ଅତିଥିମାନଙ୍କୁ ଏହି ସ୍ୱତନ୍ତ୍ର ପାର୍ବଣ ଋତୁରେ ୱଣ୍ଡର୍ଲା ଭୁବନେଶ୍ୱରର ଆକର୍ଷଣୀୟ ଅନୁଭୂତି ଦେବା ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରିବା ଲାଗି ଉତ୍ସାହିତ ରହିଛୁ। ଏପରିକି ଆମର ପୂଜା ଉପହାର ଅଫରକୁ ପରିବାର ଓ ବନ୍ଧୁମାନଙ୍କୁ ଏକାଠି କରାଇବା ସହିତ ରୋମାଞ୍ଚକର ରାଇଡ୍‌ଗୁଡ଼ିକୁ ଉପଭୋଗ କରିବା ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି ପାଇଁ ପରିକଳ୍ପନା କରିଛୁ। ସେହିଭଳି ଆମେ ସମସ୍ତଙ୍କୁ ଏହି ଶୁଭ ଅବସରକୁ ଆମ ସହ ପାଳନ କରିବା ଏବଂ ପାର୍କରେ ଆମର ଅତୁଳନୀୟ ରିହାତି ଓ ଉତ୍ସବର ଲାଭ ଉଠାଇବାକୁ ଆମନ୍ତ୍ରଣ କରୁଛୁ। ଏହି ଉତ୍ସବକୁ ବଜାୟ ରଖିବା ପାଇଁ ଓଡ଼ିଶାର ଏକମାତ୍ର ଆମ୍ୟୁଜ୍‌ମେଣ୍ଟ ପାର୍କ ୱଣ୍ଡର୍ଲା ଭୁବନେଶ୍ୱର ପର୍ଯ୍ୟଟକଙ୍କୁ ଏକ ଉତ୍ସବ ସ୍ୱତନ୍ତ୍ର ଥାଳି,ଉତ୍ସାହଭରା ଢୋଲ ପରିବେଷଣ, ଦାଣ୍ଡିଆ ନାଇଟ୍ସ, ଦମ୍‌ଦାର ଡ୍ୟାନ୍ସ ଶୋ ଏବଂ ଏକ ରୋମାଞ୍ଚକ ଡିଜେରେ ସାମିଲ ହେବାକୁ ଆମନ୍ତ୍ରିତ କରିଛି। ଏହାଛଡ଼ା ଏହି ପାର୍କ ପାର୍ବଣ ଋତୁରେ ଅତିରିକ୍ତ ଏକ ଘଣ୍ଟା ପାଇଁ ଅର୍ଥାତ୍ ସନ୍ଧ୍ୟା ସାଢେ ୭ ଘଟିକା (୭.୩୦) ପର୍ଯ୍ୟନ୍ତ ଖୋଲା ରହିବ,ଯାହା ପରିଦର୍ଶକଙ୍କୁ ପାର୍ବଣ ଉତ୍ସବରେ ବୁଡ଼ି ରହିବା ଏବଂ ଉତ୍ସାହଜନକ ରାଇଡ୍ ଓ ଅନ୍ୟାନ୍ୟ କାର୍ଯ୍ୟକଳାପଗୁଡିକୁ ଉପଭୋଗ କରିବା ପାଇଁ ଅଧିକ ସମୟ ଦେବ।

# ୪କେ ଏଣ୍ଡୋସ୍ପାଇନ୍ ସର୍ଜରିର ଶୁଭାରମ୍ଭ

ଭୁବନେଶ୍ୱର,୩।୧୦

ବର୍ତ୍ତମାନ ସମୟରେ ପିଠି ଯନ୍ତ୍ରଣା ଏକ ବଡ ସମସ୍ୟା ଓ ଶୁଣିବାକୁ ମିଳୁଥିବା ଶତାବ୍ଦୀର ସବୁଠାରୁ ସାଧାରଣ ଅଭିଯୋଗ। ଏହା ସାଧାରଣ ହେବା ବ୍ୟତୀତ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଦୁଃଖଦାୟକ ଏବଂ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଏପରିକି ଏହାର ସମାଧାନ ପାଇଁ ଭୁବନେଶ୍ୱରରେ ୪କେ ଏଣ୍ଡୋସ୍ପାଇନ୍ ସର୍ଜରିର ଶୁଭାରମ୍ଭ କରାଯାଇଛି। ବିଶେଷକରି ମେରୁଦଣ୍ଡ ଓ ଭର୍ଟେବ୍ରାଏ ସ୍ଲିପ୍ ଡିସ୍କ ତଥା ସ୍କିଆଟିକାର ଦୁଇଟି ସାଧାରଣ ଓ ଯନ୍ତ୍ରଣାଦାୟକ ରୋଗର ସଫଳ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ମଡର୍ନ ଆର୍ଥୋ କ୍ଲିନିକ୍‌ର ଏଣ୍ଡୋସ୍କୋପିକ୍ ସର୍ଜନ୍ ତଥା ଅର୍ଥୋପେଡିସିଆନ୍ ଡା. ପି. ସି. ଦେ କହିଛନ୍ତି। ସେହିଭଳି ଅତ୍ୟାଧୁନିକ ୩ଡି+୪କେ ୫୫'' ଏଣ୍ଡୋସ୍ପାଇନ୍ ଅସ୍ତ୍ରୋପଚାର ବର୍ତ୍ତମାନ ଓଡ଼ିଶାରେ ଉପଲବ୍ଧ ବୋଲି ଦେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି, ଯାହାକି ବିଶ୍ୱରେ ପ୍ରଥମ । ଏହାକୁ ଏକ ସର୍ବନିମ୍ନ ଇନ୍‌ଭେସିଭ୍ କୌଶଳ ଭାବେ ବିବେଚନା କରାଯାଏ। ୩ଡି+୪କେ ୫୫'' ଏଣ୍ଡୋଭିଜନ୍ ସିଷ୍ଟମ୍ ଭଳି ଉନ୍ନତ ଚିକିତ୍ସା ବିଜ୍ଞାନର ଆବିର୍ଭାବ ହେଲେ ଏଭଳି ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାର ସର୍ବନିମ୍ନ ଇନ୍‌ଭେସିଭ ଜ୍ଞାନକୌଶଳରେ କରାଯାଇପାରିବ ବୋଲି ଦେ କହିଛନ୍ତି। ଏଭଳି କୌଶଳ ଚିକିତ୍ସା ସମୟରେ କମ୍ ରକ୍ତ କ୍ଷୟ, ଅସ୍ତ୍ରୋପଚାର ପାଇଁ ଛୋଟ ଛୋଟ କଣା ବା ଗାତ ହୋଇଥାଏ ଏବଂ ରୋଗୀଙ୍କ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ। ଡା. ଦେ ଗତ ୧୭ ବର୍ଷ ମଧ୍ୟରେ ଏଭଳି ୩୦୦୦ ରୁ ଅଧିକ ମାମଲା କରିସାରିଛନ୍ତି। ଫ୍ରାନ୍ସର ଡା. ଜନ୍ ଡେଷ୍ଟାଣ୍ଡାଉଙ୍କଠାରୁ ପ୍ରଶିକ୍ଷଣ ନେବା ପରେ ସେ ୨୦୦୭ ରେ ଏଣ୍ଡୋସ୍ପାଇନ୍ ସର୍ଜନ୍ ଭାବେ କ୍ୟାରିୟର ଆରମ୍ଭ କରିଥିଲେ।

# କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତୀକରଣ ପାଇଁ କିଟ୍, କିସ୍ ଓ ଅନ୍ତର୍ଜାତୀୟ ଏନ୍‌ଜିଓ ସଂସ୍ଥା ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ଟ୍ରାଇବାଲ ହେଲ୍‌ଥ ରିସର୍ଚ୍ଚ ଇନୋଭେଶନ ଆଣ୍ଡ୍ ଭୋକେଶନାଲ ଏମ୍‌ପାୱାରମେଣ୍ଟ' ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତୀକରଣ ଦିଗରେ କାର୍ଯ୍ୟ କରାଯିବା ସହ ଜନଜାତି ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ ହେଲ୍ ଆଣ୍ଡ୍ ରିସର୍ଚ୍ଚ (ସିଟିଏଚ୍‌ଆର୍) ଓ ସେଣ୍ଟର ଫର୍ ୟୁଥ ଇନୋଭେଶନ ଆଣ୍ଡ୍ ଇନ୍‌କ୍ଲୁସିଭେନ୍‌ସ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏହି ଦୁଇ କେନ୍ଦ୍ର ଦ୍ୱାରା ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ। ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍‌ଲି ମାନ୍‌କୁସୋ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇ କହିଲେ, ଏହି ବୁଝାମଣା ଫଳରେ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗୀଦାରି ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ କାର୍ଯ୍ୟ କରାଯିବ। ଜାପାଇଗୋ ଗ୍ଲୋବାଲ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ଦେବୋରା ବୋସମେୟର କହିଲେ, ଏହାଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁ ଥିବା ସମସ୍ୟାର ସମାଧାନ କରାଯାଇପାରିବେ। ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ।

# ମାଲାବାର କଟକ ଷ୍ଟୋର ପୁନଃ ଉଦ୍‌ଘାଟିତ

ଭୁବନେଶ୍ୱର,୩।୧୦



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କଟକ ଷ୍ଟୋର ଆନୁଷ୍ଠାନିକ ଭାବେ ଗୁରୁବାର ପୁନଃ ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟୋରର ଏକ୍ସଟେନ୍‌ସିଭ ରିନୋଭେଶନ ନିକଟରେ ଶେଷ ହୋଇଥିଲା। କଟକର କ୍ୟାଣ୍ଟେନମେଣ୍ଟ ରୋଡ୍‌ର ମାଛୁଆ ବଜାରଠାରେ ଅବସ୍ଥିତ ଏହି ଷ୍ଟୋରକୁ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଓଡ଼ିଶା ୟୁନିଟ୍ ଏବଂ କଟକ ଷ୍ଟୋରର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଯୋଗ୍ୟ, ୬୫୦୦ ବର୍ଗ ଫୁଟର ଏହି ନବନିର୍ମିତ ଆକର୍ଷଣୀୟ ଷ୍ଟୋରରେ ବ୍ରାଣ୍ଡର ସମସ୍ତ ପ୍ରକାର କଲେକ୍ସନ ସାଙ୍ଗକୁ ହୀରା, ସୁନା ଓ ମୂଲ୍ୟବାନ୍ ଅଳଙ୍କାରର ବ୍ୟାପକ ସମ୍ଭାର ଉପଲବ୍ଧ। ଅପରପକ୍ଷରେ ମାଲାବାର କଟକ ଷ୍ଟୋର ପକ୍ଷରୁ ଏକ ୪ ଦିନିଆ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ କରିଛି। ଏହି ଶୋ ୨୦୨୪ ଅକ୍ଟୋବର ୬ ପର୍ଯ୍ୟନ୍ତ ଜାରି ରହିବ। ସେହିଭଳି ଉଭୟ ପୁନଃ ଉଦ୍‌ଘାଟନୀ ଉତ୍ସବ ଓ ଶୋ'ରେ ଆକର୍ଷଣୀୟ ରିହାତି ଓ ସ୍ୱତନ୍ତ୍ର ଅଫର ଗ୍ରାହକମାନଙ୍କୁ ଯୋଗାଇଦିଆଯାଉଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର କଟକ ଷ୍ଟୋରକୁ ପୁନଃ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଷ୍ଟୋରର ସମ୍ପ୍ରସାରଣ ସାଙ୍ଗକୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆବଶ୍ୟକ ଡିଜାଇନ ଓ ସ୍ଥାନର ପରିଯୋଜନା କରାଯାଇଛି।

# ବାଂଲାଦେଶ ଜିତିଲା ଉଦ୍‌ଘାଟନୀ ମ୍ୟାଚ

## ମହିଳା ଟି୨୦ ବିଶ୍ୱକପ

ଶାରଜା, ୩।୧୦

ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଗୁରୁବାର ଏଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ବାଂଲାଦେଶ ୧୬ ରନରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲା। ସ୍କଟଲାଣ୍ଡ ପୂରା ୨୦ ଓଭର ଖେଳିଥିଲେ ମଧ୍ୟ ୭ ଉଇକେଟ ହରାଇ ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୫ ରନ ଦେଇ ୨ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିଥିବା ବାଂଲାଦେଶର ରିତୁ ମୋନି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୦ ବର୍ଷ ବ୍ୟବଧାନରେ ବାଂଲାଦେଶ ପ୍ରଥମଥରପାଇଁ ବିଶ୍ୱକପରେ ଏକ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଶେଷ ଥରପାଇଁ ୨୦୧୪ ସଂସ୍କରଣରେ ଏହି ଦଳ ବିଜୟ ସ୍ୱାଦ ପାଇଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ଓପନର ମୁର୍ଶିଦା ଖାତୁନ ୧୨ ରନକରି ଆଉଟ ହୋଇଥିଲେ ହେଁ ଟପ୍ ଅର୍ଡରରେ ସାଥି ରାନି ୨୯ ଓ ଶୋଭନା ମୋଷ୍ଟାରିଙ୍କ ୩୬ ରନ ବଳରେ ବାଂଲାଦେଶ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ମିଡିଲ ଓ ଲୋୟର ଅର୍ଡର ବ୍ୟାଟିଂ ଫେଲ୍ ମାରିଥିଲା। ଆୟର୍ଲାଣ୍ଡ ପକ୍ଷରୁ ସସ୍କିଆ ହର୍ଲେ ୩ଟି ଏବଂ କାଥ୍ରିନ ବ୍ରେସ, ଓଲିଭିଆ ବେଲ୍ ଓ କାଥେରିନ ଫ୍ରାସର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ହେଁ ସ୍କଟଲାଣ୍ଡ ସାରା ବ୍ରେସ୍‌ଙ୍କ ଅପରାଜିତ ୪୯ ରନ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୧୬ ରନ ଦୂରରେ ରହି ଯାଇଥିଲା। ଅନ୍ୟ କୌଣସି ବ୍ୟାଟର ବାଂଲାଦେଶ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଅଧିନାୟିକା କାଥରିନ ବ୍ରେସ୍ ଓ ଆଇଲ୍ସା ଲିଷ୍ଟର ୧୧ ରନ ଲେଖାଏ କରିବାକୁ ସକ୍ଷମ ହୋଇଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ରିତୁ ମୋନି ୨ଟି ଏବଂ ମାରୁଫା ଅକତର, ନାହିଦା ଅକତର, ଫହିମା ଖାତୁନ ଓ ରବେୟା ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ସ୍କଟଲାଣ୍ଡର ଏକ ଉଇକେଟ ପତନରେ ଉଲ୍ଲସିତ ବାଂଲାଦେଶ ଖେଳାଳି।

### ପାକିସ୍ତାନ ବିଜୟୀ

ଅନ୍ୟଏକ ମ୍ୟାଚ୍‌ରେ ପାକିସ୍ତାନ ୩୧ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପାକିସ୍ତାନ ୨୦ ଓଭରରେ ୧୧୬ ରନ୍ କରି ଅଲ୍‌ଆଉଟ୍ ହୋଇଥିବାବେଳେ ଶ୍ରୀଲଙ୍କା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୮୫ ରନ୍ କରିବାକୁ ସମର୍ଥ ହୋଇଥିଲା। ପାକିସ୍ତାନ ଅଧିନାୟିକା ଫାତିମା ସାନା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୯/୭ (ଶୋଭନା ମୋଷ୍ଟାରି-୩୬, ସାଥି ରାନି-୨୯, ସସ୍କିଆ ହର୍ଲେ-୩/୧୩, କାଥ୍ରିନ ବ୍ରେସ-୧/୨୩, ଓଲିଭିଆ ବେଲ୍-୧/୨୩, କାଥେରିନ ଫ୍ରାସର-୧/୨୩)। ସ୍କଟଲାଣ୍ଡ ୨୦ ଓଭରରେ ୧୦୩/୭ (ସାରା ବ୍ରେସ-୪୯*, ରିତୁ ମୋନି-୨/୧୫, ମାରୁଫା ଅକତର-୧/୧୭, ନାହିଦା ଅକତର୧/୧୯, ଫହିମା ଖାତୁନ-୧/୨୧, ରବେୟା ଖାଁ-୧/୨୦)।

## ଖୁସିଙ୍କୁ ବ୍ରୋଞ୍ଜ, ଭାରତର ପଦକ ସଂଖ୍ୟା ୧୫କୁ ବୃଦ୍ଧି

**ଲିମା (ପେରୁ) ୩।୧୦:** ମହିଳା ୫୦ମିଟର ରାଇଫଲ ୩ ପୋଜିଶନରେ ଭାରତର ଖୁସି ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ସହ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ତାଙ୍କର ଏହି ପଦକ ଦ୍ୱାରା ଭାରତର ପଦକ ସଂଖ୍ୟା ୧୦ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ୧୫ରେ ପହଞ୍ଚିଛି। ଦେଶ ବର୍ତ୍ତମାନ ଷ୍ଟାଣ୍ଡିଂରେ ଶୀର୍ଷରେ ରହିଛି। ଖୁସି ଫାଇନାଲରେ ୪୪୭.୩ ଶଟ୍ ସହ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ନରୱେର ସଇନୋସିଟ୍ ବର୍ଗ (୪୫୮.୪) ଓ କାରୋଲିନ୍ ଲୁଣ୍ଡ (୪୫୮.୩)ଙ୍କ ପଛରେ ତୃତୀୟ ହୋଇଥିଲେ। ଖୁସି ୫୮୫ ସ୍କୋର ସହ କ୍ୱାଲିଫିକେଶନର ଫାଇନାଲ ଷ୍ଟାଣ୍ଡିଂରେ ୭ମ ସ୍ଥାନ ଅଧିକାର କରି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଜୁନିୟର ମହିଳା ୩ ଟିମ୍ ଇଭେଣ୍ଟରେ ସାକ୍ଷୀ ପାଡେକର, ମେଲଭିନା ଜୋଏଲ ଗ୍ଲାଡସନ ଓ ପ୍ରାଚୀ ଗାଏକ୍ୱାଡଙ୍କୁ ନେଇ ଭାରତୀୟ ଦଳ ୫ମ ସ୍ଥାନ ଅଧିକାର କରିଥିଲେ।

# ଓଡ଼ିଶାର ରାକେଶ ଭାଗନେବେ

## ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)

ହଙ୍ଗେରୀର ସଜୋମ୍ବାଥେଲିଠାରେ ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ରାକେଶ ପାତ୍ର ମନୋନୀତ ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ଜିମ୍ନାଷ୍ଟ ରାକେଶ କ୍ରମାଗତ ଭାବେ ଗତ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟ ସ୍ତରରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇ ରାକେଶ ଏହି କ୍ରୀଡ଼ା ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବର ପରିଚୟ ଦେଇଛନ୍ତି। ଆଗାମୀ ପ୍ରତିଯୋଗିତାରେ ବିଶ୍ୱର ନାମୀ ଜିମ୍ନାଷ୍ଟମାନେ ଅଂଶଗ୍ରହଣ କରିବେ। ଏଭଳି ଏକ ବଡ଼ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ରାକେଶ ଭାରତ ଓ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସଭାପତି ସମୀର ଦେ ଓ ସମ୍ପାଦକ ଅଶୋକ କୁମାର ସାହୁ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ପ୍ରମୁଖ ରାକେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ସ୍ୱତନ୍ତ୍ର ବୈଠକ ଡକାଇଲେ ଉଷା

## ଆଇଓଏ ବିବାଦ

ନୂଆଦିଲ୍ଲୀ, ୩।୧୦ (ପି.ଟି.)

ବିବାଦରେ ଛନ୍ଦି ହୋଇଯାଇଥିବା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସଭାପତି ପି.ଟି. ଉଷା ଅକ୍ଟୋବର ୨୫ରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡକାଇଛନ୍ତି। ସେଥିରେ ସିଇଓ ରଘୁରାମ ଆୟରଙ୍କ ନିଯୁକ୍ତି, କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ, କେତେଜଣ କାର୍ଯ୍ୟନିର୍ବାହୀ ପରିଷଦ ଯୋଗ୍ୟତା ହରାଇ ସାରିଥିବା ଯେଉଁ ଅଭିଯୋଗମାନ ହୋଇଛି ଏଥିରେ ସେ ସବୁ ଆଲୋଚନା ହେବ। ଏହି ସମସ୍ତ ପ୍ରସଙ୍ଗ ନେଇ କିଛିଦିନ ହେଲା କାର୍ଯ୍ୟନିର୍ବାହୀ କମିଟି ଓ ଉଷାଙ୍କ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଚାଲିଛି। ଚଳିତ ମାସ ୨୫ ତାରିଖରେ ଏସ୍‌ଜିଏମ୍ ପୂର୍ବାହ୍ନ ୧୧ଟା ବେଳେ ଆଇଓଏ ଭାବରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦାନ କରିବା ଲାଗି ସମସ୍ତ କର୍ମକର୍ତ୍ତା ଓ ଅଂଶୀଦାରମାନଙ୍କ ଇ-ମେଲ ଜରିଆରେ ଚିଠି କରାଯାଇଛି। ଆଇଓଏ ସମ୍ବିଧାନର ଧାରା ୮.୩ ଅନୁସାରେ ଏହି ଏସ୍‌ଜିଏମ୍‌କୁ ଏକ ହାଇବ୍ରିଡ୍ ବୈଠକ କୁହାଯାଉଛି। ଯେଉଁମାନେ ବ୍ୟକ୍ତିଗତ ଭାବେ ବୈଠକରେ ଯୋଗଦେଇ ପାରିବେ ନାହିଁ ୱେବେକ୍ସ ଜରିଆରେ ଭାଗ ନେଇପାରିବେ। ସିଇଓଙ୍କ ନିଯୁକ୍ତି ଆନୁଷ୍ଠାନିକ ଅନୁମୋଦ ଲାଭ କରି ନ ଥିବାରୁ ଏହାକୁ ନେଇ ସେପ୍ଟେମ୍ବର ୨୬ରେ କାର୍ଯ୍ୟନିର୍ବାହୀ କମିଟି ଓ ଉଷା ମୁହାଁମୁହିଁ ହୋଇଥିଲେ। ଏସ୍‌ଜିଏମ୍‌ର ଏଜେଣ୍ଡା ଅନୁସାରେ ସମ୍ବିଧାନର ଧାରା ୧୫- ୩.୧ ଅନୁସାରେ ସିଇଓଙ୍କ ଚୟନ ନାମାଙ୍କନ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇଛି କିମ୍ବା ନିଯୁକ୍ତି ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରିବାର କ୍ଷମତା ଆଇଓଏ କାର୍ଯ୍ୟନିର୍ବାହୀ କମିଟି ହାତରେ ରହିଛି ସେ ନେଇ ଭୋଟ ଗ୍ରହଣ ହେବ। ଉଷା ଚେତାଇ ଦେଇଛନ୍ତି ଯେ, ଆସୋସିଏଶନର ସୁପରିଚାଳନା ପାଇଁ ସିଇଓଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ନିଯୁକ୍ତିକୁ କାର୍ଯ୍ୟନିର୍ବାହୀ କମିଟିର କିଛି ସଦସ୍ୟ ଯଦି ଗ୍ରହଣ ନ କରନ୍ତି ଏବଂ ନିଯୁକ୍ତିରେ ଯଦି ବିଳମ୍ବ ଘଟେ ତେବେ ଆସୋସିଏଶନର ପରିଚାଳନାକୁ ପ୍ରଭାବିତ କରିବ। ସୂଚନାଯୋଗ୍ୟ, ଆଇଓଏରେ ଯୋଗଦାନ ପୂର୍ବରୁ ଆୟର ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ କାର୍ଯ୍ୟ କରିଛନ୍ତି। ଫୁଟ୍‌ବଲର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଏବଂ ଅଲ୍‌ଟିମେଟ୍ ଟେବୁଲ ଟେନିସରେ ତାଙ୍କର ପ୍ରଶାସନିକ ଭୂମିକା ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା-୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ (୧୨ + ୮ = ୨୦ ପୃଷ୍ଠା)   Bhubaneswar, Friday, October 4/2024   Page 20   ₹ 7.00



କୋଲକାତାର ଏକ ଦୁର୍ଗାପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ୧୦୦ ଫୁଟ୍ ଉଚ୍ଚତାର ମୂର୍ତ୍ତି ସ୍ଥାପନ କରାଯାଇଛି।

# ସୋୟା ବଡ଼ି ଲାଇସେନ୍ସରେ ନକଲି ଘିଅ

## କାରଖାନା ସିଲ୍

**ମଙ୍ଗୁଳି-ଜଗତପୁର,୩।୧୦(ମାନସ ସାମଲ)**

ସୋୟାବିନ ବଡ଼ି ତିଆରି ପାଇଁ ଲାଇସେନ୍ସ ଆଣିଥିବା ଜଣେ ବ୍ୟକ୍ତି ନକଲି ଘିଅ ପ୍ରସ୍ତୁତ କରି ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। କଟକ ଜଗତ୍ପୁର ଶିଳ୍ପାଞ୍ଚଳରେ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ନକଲି କାରବାର ଚାଲିଥିବାବେଳେ ଗୁରୁବାର ତାଙ୍କ କାରଖାନା ଉପରେ ଚଢ଼ାଉ ହୋଇଛି। ଡବା ଉପରେ ନାମୀଦାମୀ କମ୍ପାନୀ(ବାଲ୍‌ଗୋପାଲ ଓ ନିର୍ମାଲ୍ୟ)ର ବ୍ରାଣ୍ଡ ଲଗାଇ ନକଲି ଗୁଆଘିଅ ଏବଂ ରାଶିତେଲ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଜଗତପୁର ଥାନା ଅଧୀନ ନିୟୁ ଶିଳ୍ପାଞ୍ଚଳ ଫେଜ-୨ରେ ଥିବା ଏଭଳି ଏକ ନକଲି ଗୁଆ ଘିଅ ଓ ରାଶି ତେଲ କମ୍ପାନୀକୁ ସିଲ୍ କରାଯାଇଛି। ସ୍ଥାନୀୟ ପୋଲିସ ଓ କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କାରଖାନା ଉପରେ ଚଢ଼ାଉ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କାର କଞ୍ଚାମାଲ(ଡାଲ୍‌ଡା, ରିଫାଇନ୍ ତେଲ, ତେଲିଆ ଅତର, ଗୁଆ ଘିଅ, ରାଶି ତେଲ, ସୋୟାବିନ ବଡ଼ି, ପ୍ୟାକିଂ ମେଶିନ, ଗ୍ରାଇଡିଂ ମେଶିନ, ଓଜନ କଣ୍ଟା, ହିଟ୍ ମେଶିନ ଜବତ କରାଯିବା ସହ ୨ଜଣ କର୍ମଚାରୀଙ୍କୁ ଅଟକ ରଖିଛି। ତେବେ ଏ କମ୍ପାନୀକୁ ଚଳାଉଥିବା ମାଲିକ ସରୋଜ ମିଶ୍ର ଫେରାର ଅଛନ୍ତି। ସରୋଜଙ୍କ ଘର କଟକ ଜିଲା ସୋମପୁରରେ ହୋଇଥିବାବେଳେ ସେ କଟକରେ ରୁହନ୍ତି ବୋଲି କମ୍ପାନୀରେ କାମ କରୁଥିବା କର୍ମଚାରୀ ପ୍ରକାଶ କରିଛନ୍ତି। ପୋଲିସ ଅଟକ ଥିବା ଦୁଇ କର୍ମଚାରୀଙ୍କୁ ଅଧିକ ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଉକ୍ତ କମ୍ପାନୀ ଦୀର୍ଘ ଚାରି ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲୁଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବରପାଇ ଗୁରୁବାର ସନ୍ଧ୍ୟାରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ସହ ପୋଲିସ କର୍ମଚାରୀ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସହ ୬ ଜଣିଆ ଟିମ୍ ଉକ୍ତ କମ୍ପାନୀ ଉପରେ ଅଚାନକ ଚଢ଼ାଉ କରିଥିଲେ। ସେଠାରେ ତିଆରି ହେଉଥିବା ଘିଅ ସାମଗ୍ରୀରେ କୌଣସି କ୍ଷୀର ଜାତୀୟ ସାମଗ୍ରୀ ଦେଖିବାକୁ ମିଳି ନ ଥିଲା। ଯାଞ୍ଚ ପରେ ଉକ୍ତ କମ୍ପାନୀଟି ସୋୟାବିନ ବଡ଼ି ତିଆରି ପାଇଁ ଲାଇସେନ୍ସ ଆଣି ନକଲି ଘିଅ ଓ ରାଶି ତେଲ ପ୍ରସ୍ତୁତ କରୁଥିବା ଜାଣିବାକୁ ମିଳିଛି। ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଘିଅରେ କ୍ଷୀରର ସାମଗ୍ରୀ ମିଶ୍ରଣ କରାଯାଉ ନାହିଁ। ଏକ ଗ୍ରାଇଣ୍ଡିଂ ମେଶିନରେ ଏକ ବଡ଼ ହଣ୍ଡା ଲାଗିଛି। ସେଇ ହଣ୍ଡାରେ ଡାଲ୍‌ଡା, ରିଫାଇନ ତେଲ ସହ ଏକ ତେଲିଆ ଅତର ମିଶାଯାଉଛି। ଏହି ତେଲିଆ ଅତର କେଉଁଥିରେ ତିଆରି ହେଉଛି ତାହା ଜଣା ପଡୁନାହିଁ। ଅତରକୁ ହାତରେ ଲଗାଇ ଘଷିଲେ ତାହା ପଶୁ ଚର୍ବି ପରି ଚିକ୍କଣ ଲାଗୁଛି ଓ ଗୁଆ ଘିଅ ପାରି ବାସ୍ନା ମଧ୍ୟ ହେଉଛି। ଏହା କେଉଁ ସାମଗ୍ରୀରେ ତିଆରି, ଟେଷ୍ଟ ରିପୋର୍ଟ ଆସିଲେ ଜଣାପଡ଼ିବ। ଏଠାରେ ଲ୍ୟାବ ନାହିଁ କି ଟେକ୍ନିସିଆନ ନାହାନ୍ତି। କେତେ ପରିମାଣର ସାମଗ୍ରୀ ମିଶିଲେ ତାହା ମଣିଷ ଖାଇ ହଜମ କରିପାରିବ ସେନେଇ ମଧ୍ୟ କୌଣସି ବ୍ୟବସ୍ଥା ଏଠାରେ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ଏହି କମ୍ପାନୀ ଚାଲୁଥିଲା। ଉକ୍ତ ଘିଅ ଖାଇଲେ ମଣିଷର ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପଡ଼ିବ ବୋଲି ମହାପାତ୍ର କହିଛନ୍ତି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ୱେଷ୍ଟ ବେଙ୍ଗଲର ବିଭିନ୍ନ ଜିଲାର ବଜାରକୁ ଏହି ନକଲି ଘିଅ ଏବଂ ତେଲ ବିକ୍ରି ପାଇଁ ପଠାଯାଉଥିଲା ବୋଲି ଜଣାପଡ଼ିଛି। ଅଟକ କର୍ମଚାରୀଙ୍କୁ ଅଧିକ ପଚରାଉଚରା କରାଯାଉଛି ବୋଲି ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି। ତେବେ ଜଗତପୁର ଥାନାଠୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଉକ୍ତ କମ୍ପାନୀ ଦୀର୍ଘ ୪ବର୍ଷ ଧରି ନକଲି ସାମଗ୍ରୀ ପ୍ରସ୍ତୁତ କରୁଥିବାବେଳେ ପୋଲିସ କିପରି ଏହା ଜାଣିପାରୁ ନ ଥିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।







# ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୩।୧୦(ପି.ଟି.)**

ଏଥର ଦଶହରା ପୂର୍ବରୁ ରେଲୱେ କର୍ମଚାରୀଙ୍କୁ ୭୮ ଦିନର ବୋନସ୍ ମିଳିବ। କେନ୍ଦ୍ର କ୍ୟାବିନେଟ ଗୁରୁବାର ଉକ୍ତ ପ୍ରଡକ୍ଟିଭିଟି ଲିଙ୍କଡ୍ ବୋନସ୍‌କୁ ଅନୁମୋଦନ କରିଛି। ଏଥିପାଇଁ ୨୦୨୮.୫୭ କୋଟି ଟଙ୍କା ବ୍ୟୟ ହେବ ଏବଂ ୧୧,୭୨,୨୪୦ ଜଣ ରେଳ କର୍ମଚାରୀ ଉପକୃତ ହେବେ। ଟ୍ରାକ୍ ମେଣ୍ଟେନର, ଲୋକୋ ପାଇଲଟ, ଟ୍ରେନ୍ ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲ୍ପର, ପଏଣ୍ଟମ୍ୟାନ, ମନ୍ତ୍ରଣାଳୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ ସି କର୍ମଚାରୀଙ୍କୁ ଏହି ବୋନସ ପ୍ରଦାନ କରାଯିବ।

# ବନ୍ଦୀଙ୍କୁ ଜାତି ଆଧାରରେ କାମ ବାଣ୍ଟିବା ବନ୍ଦ

## ବଦଳିବ ଜେଲ ମାନୁଆଲ

**ନୂଆଦିଲ୍ଲୀ,୩।୧୦(ପି.ଟି.)**

ଦେଶର ୧୧ ରାଜ୍ୟରେ ଜେଲ୍ ନିୟମାବଳୀରେ ରହିଥିବା ଜାତିଭିତ୍ତିକ ପକ୍ଷପାତିତାକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଉକ୍ତ ମାନୁଆଲ ଅନୁଯାୟୀ ବନ୍ଦୀମାନଙ୍କୁ କାର୍ଯ୍ୟ ବଣ୍ଟନ ବେଳେ ସେମାନଙ୍କୁ ଜାତିକୁ ଆଧାର କରି ପକ୍ଷପାତ କରାଯାଉଥିଲା ଓ ଅଲଗା ୱାର୍ଡରେ ପୃଥକ ରଖାଯାଉଥିଲା। ୩ ମାସ ମଧ୍ୟରେ ଜେଲ ନିୟମାବଳୀରେ ପରିବର୍ତ୍ତନ ଆଣିବା ପାଇଁ ସୁପ୍ରିମକୋର୍ଟ ଉକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ପକ୍ଷପାତର ପ୍ରତିକାର ପାଇଁ ରାଷ୍ଟ୍ରର ସକାରାତ୍ମକ ଦାୟିତ୍ୱ ରହିଛି। ଜେଲ ଭିତରେ ଜାତି ଆଧାରିତ ପାତରଅନ୍ତର ଦୂର କରିବା ନିମନ୍ତେ ଖଣ୍ଡପୀଠ ଅନେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନର ଜେଲ ମାନୁଆଲରେ ରହିଥିବା ବ୍ୟବସ୍ଥା ଅସାମ୍ବିଧାନିକ। ସମସ୍ତ ରାଜ୍ୟଙ୍କୁ ସେମାନଙ୍କ ଜେଲ ମାନୁଆଲରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ରାଜ୍ୟ ଜେଲ ନିୟମାବଳୀରେ ଅଭ୍ୟାସଗତ ଅପରାଧୀ ଶବ୍ଦ ଜାତି ଆଧାରିତ ହୋଇଥିଲେ, ତାହା ମଧ୍ୟ ଅସାମ୍ବିଧାନିକ ବୋଲି ସିଜେଆଇ କହିଛନ୍ତି। ଜେଲଗୁଡ଼ିକରେ ଜାତି ଆଧାରରେ ବନ୍ଦୀମାନଙ୍କ ପ୍ରତି ପକ୍ଷପାତ କରାଯାଉଥିବା ଜାଣିବା ପରେ ସର୍ବୋଚ୍ଚ ଅଦାଲତ ଏହାକୁ ନିଜ ଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିଲେ। ରାୟର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ କହିଛନ୍ତି।



# ବଢ଼ିପାରେ ତେଲ ଦର

## ଇରାନ ତୈଳଭଣ୍ଡାର ଉପରେ ଆକ୍ରମଣ ପାଇଁ ଆଲୋଚନା ଚାଲିଛି: ବାଇଡେନ୍

**ୱାଶିଂଟନ,୩।୧୦**

ମଧ୍ୟପ୍ରାଚ୍ୟର ଆତଙ୍କବାଦୀ ସଂଗଠନଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିବାବେଳେ ବାଇଡେନ୍‌ଙ୍କ ଏକ ମନ୍ତବ୍ୟ ଅନ୍ତର୍ଜାତୀୟ ତୈଳ ବଜାରରେ ନିଆଁ ଲଗାଇଛି। ଇସ୍ରାଏଲ୍ ଇରାନର ତୈଳଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ ପାଇଁ ଯୋଜନା କରୁଥିବା ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖବରଦାତାମାନଙ୍କୁ କହିଛନ୍ତି। ବାଇଡେନ୍‌ଙ୍କ ଏହି ମନ୍ତବ୍ୟ ପରେ ଇରାନ ସମେତ ମଧ୍ୟପ୍ରାଚ୍ୟର ଆଉ କେତେକ ରାଷ୍ଟ୍ର ତୈଳ ଉତ୍ପାଦନ ଓ ରପ୍ତାନି ବନ୍ଦ କରିଦେବା ଆଶଙ୍କା ସୃଷ୍ଟି ହେବାରୁ ଅଶୋଧିତ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଛି। ଗୁରୁବାର ବିଳମ୍ବିତ ରାତିରେ ରିପୋର୍ଟ ଲେଖାଯିବା ସୁଦ୍ଧା କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୫.୩୪ ପ୍ରତିଶତ ବଢ଼ି ୭୩.୮୪ ଡଲାରରେ ପହଞ୍ଚିଥିବାବେଳେ ବ୍ରେଣ୍ଟ ଅଏଲ୍ ଦରରେ ୫.୨୦ ପ୍ରତିଶତ ବୃଦ୍ଧି ଘଟି ୭୭.୭୭ ଡଲାର ରହିଛି।

# ୫ ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା

**ନୂଆଦିଲ୍ଲୀ,୩।୧୦(ପି.ଟି.)**

କେନ୍ଦ୍ର ସରକାର ମରାଠୀ, ପାଲି, ପ୍ରାକୃତ, ଅସମୀୟା ଏବଂ ବଙ୍ଗଳା ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରଦାନ କରିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ପଦକ୍ଷେପ ଶିକ୍ଷା, ଗବେଷଣା ଏବଂ ଡିଜିଟାଲ ମିଡିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଉପରୋକ୍ତ ଭାଷାଗୁଡ଼ିକ, ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଆସାମରେ ବହୁଳ ବ୍ୟବହୃତ ହୋଇଥାଏ। ମରାଠୀକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ୨୦୧୩ରେ ମହାରାଷ୍ଟ୍ର ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଭାଷାବିଜ୍ଞାନ ବିଶେଷଜ୍ଞ କମିଟି (ଏଲ୍‌ଇସି)କୁ ପଠାଯାଇଥିଲା। ୨୦୧୭ରେ ଏଲ୍‌ଇସି ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେବା ଲାଗି ସୁପାରିସ କରିଥିଲା। ସେହିପରି ଅନ୍ୟ ଭାଷାଗୁଡ଼ିକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ବିହାର, ଆସାମ ଓ ପଶ୍ଚିମବଙ୍ଗରୁ ପ୍ରସ୍ତାବ ଆସିଥିଲା। ଶାସ୍ତ୍ରୀୟ ଭାଷା ହେଉଛି ଭାରତର ଗଭୀର ଆଧ୍ୟାତ୍ମିକ ଜ୍ଞାନ ଓ ପୁରାତନ ସାଂସ୍କୃତିକ ଐତିହ୍ୟର ତତ୍ତ୍ୱାବଧାରକ। ପ୍ରତ୍ୟେକ ସମ୍ପ୍ରଦାୟର ଐତିହାସିକ ଓ ସାଂସ୍କୃତିକ ସଫଳତାର ସାରାଂଶକୁ ଏକତ୍ର କରିବାରେ ଏହାର ବଡ଼ ଭୂମିକା ରହିଛି। ୨୦୦୪ ଅକ୍ଟୋବର ୧୨ରେ ଭାରତ ସରକାର ଭାଷାର ନୂତନ ବର୍ଗ ଭାବେ ଶାସ୍ତ୍ରୀୟ ଭାଷା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତାମିଲ ଭାଷାକୁ ଶାସ୍ତ୍ରୀୟ ଭାଷା ଘୋଷଣା କରାଯାଇଥିଲା। ଏହା ପରେ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା।

# ରାଜ୍ୟରେ ୬୯୬ କଲରାପତରିଆ

## ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପ୍‌ରେ ସର୍ବାଧିକ ୨ଶହ

### ରାଜ୍ୟ ସରକାରଙ୍କ ପ୍ରଥମ କଲରାପତରିଆ ଗଣନା ରିପୋର୍ଟ

**ଭୁବନେଶ୍ୱର, ୩।୧୦**
**(ବନ୍ଦନା ସେଠୀ)**

ଓଡ଼ିଶାରେ ମୋଟ ୬୯୬ କଲରାପତରିଆ ବାଘ ଅଛନ୍ତି। ରାଜ୍ୟ ସରକାରଙ୍କ ନିଜସ୍ୱ ଗଣନା ରିପୋର୍ଟ ୨୦୨୪ରୁ ଏହା ଜଣାପଡ଼ିଛି। ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ ବାଘ ଗଣନା ରିପୋର୍ଟ ପ୍ରକାଶ ପାଉଥିଲା। ତେବେ ଚଳିତବର୍ଷ ରାଜ୍ୟ ବନ ବିଭାଗ ପ୍ରଥମଥର ପାଇଁ କଲରାପତରିଆ ଗଣନା କରିବା ସହ ରିପୋର୍ଟ ପ୍ରକାଶ କରିଛି। ୨୦୨୨ରେ ଏନ୍‌ଟିସିଏ ଦେଇଥିବା ରିପୋର୍ଟ ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ କଲରାପତରିଆ ବାଘ ରହିଥିଲେ। ତେଣୁ ସେହି ଅନୁସାରେ ଦୁଇବର୍ଷ ମଧ୍ୟରେ ରାଜ୍ୟରେ କଲରାପତରିଆ ସଂଖ୍ୟା ୧୨୮କୁ ବୃଦ୍ଧି ପାଇଛି। କିନ୍ତୁ ୨୦୧୮ ଏନ୍‌ଟିସିଏ ରିପୋର୍ଟକୁ ହିସାବକୁ ଦେଖିଲେ ରାଜ୍ୟରେ କଲରାପତରିଆ ସଂଖ୍ୟାରେ ୬୪ ହ୍ରାସ ପାଇଛି, ଅର୍ଥାତ୍ ସେତେବେଳେ ରାଜ୍ୟରେ ମୋଟ ୭୬୦ କଲରାପତରିଆ ବାଘ ରହିଥିଲେ। ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଏନ୍‌ଟିସିଏର ଗଣନା ଷ୍ଟାଟିଷ୍ଟିକାଲ୍ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉଥିଲେ। ମାତ୍ର ରାଜ୍ୟ ସରକାର ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଇଥିଲେ। ସେହିପରି ୨୦୧୮ରେ ଏନ୍‌ଟିସିଏର ଷ୍ଟାଟିଷ୍ଟିକାଲ ଏରର ୩୫% ଥିବାବେଳେ ୨୦୨୨ରେ ୩୩% ଏରର ହୋଇଥିଲା। ମାତ୍ର ଆମର ଏଷ୍ଟିମେଶନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ୍। ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗିଥିବା କ୍ୟାମେରା ଟ୍ରାପ୍‌ରେ ୨୮୪ରୁ ୨୯୬ ୟୁନିକ୍ କଲରାପତରିଆ ଚିହ୍ନଟ ହୋଇଛନ୍ତି। ମାତ୍ର ଏନ୍‌ଟିସିଏର ୟୁନିକ୍ କଲରାପତରିଆ ସଂଖ୍ୟା ୧୦୦ ତଳେ ଥିଲା। ରାଜ୍ୟରେ ପୂର୍ବବର୍ଷ ଅପେକ୍ଷା କଲରାପତରିଆ ବାଘଙ୍କ ସଂଖ୍ୟା ଉତ୍ସାହଜନକ ଭାବେ ବୃଦ୍ଧି ପାଇଛି। ୬୯୬ କଲରାପତରିଆଙ୍କ ମଧ୍ୟରୁ ଶିମିଳିପାଳ ଅଭୟାରଣ୍ୟରେ ଥିବା ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପ୍‌ରେ ସର୍ବାଧିକ ୨ଶହ କଲରାପତରିଆ ବାଘ ଅଛନ୍ତି। ସେହିପରି ସାତକୋଶିଆ-ଆଠମଲ୍ଲିକ-ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ-ରେଢ଼ାଖୋଲ-ସମ୍ବଲପୁର ଲ୍ୟାଣ୍ଡସ୍କେପ୍‌ରେ ୭୦ରୁ ୮୦, ଖରିଆର-ସୁନାବେଡ଼ା ଅଞ୍ଚଳରେ ପ୍ରାୟ ୪୦ରୁ ୫୦ ଓ ଢେଙ୍କାନାଳ ଅଞ୍ଚଳରେ ପାଖାପାଖି ୨୦ କଲରାପତରିଆ ବାଘ ଅଛନ୍ତି। ତେବେ ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘସଂଖ୍ୟା ବଢ଼ିବାର ସମ୍ଭାବନା କମ୍ ରହିଛି। ତେଣୁ କଲରାପତରିଆ ସଂଖ୍ୟା ୭ଶହରୁ ୮ଶହ ରହିବ ବୋଲି ପିସିସିଏଫ ଆକଳନ କରିଛନ୍ତି। ସେହିପରି କଲରାପତରିଆ ବାଘ ଶିକାରକୁ ନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ପିସିସିଏଫ୍ କହିଛନ୍ତି।





**ଇରାନରେ ବିଷାକ୍ତ ମଦ ପିଇ ୨୬ ମୃତ**

ଇରାନରେ ମିଥାନୋଲ ମିଶ୍ରିତ ବିଷାକ୍ତ ମଦ ପିଇ ଅତି କମ୍‌ରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିବାନେଇ ଗୁରୁବାର ଦେଶର ସରକାରୀ ମିଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଇରାନର ମାଜନ୍ଦରାନ ଓ ଗିଲାନ୍ ରାଜ୍ୟ ଏବଂ ପଶ୍ଚିମ ଇରାନର ହମାଦାନ୍ ରାଜ୍ୟର ବିଭିନ୍ନ ସହରରେ ବିଷାକ୍ତ ମଦ ମୃତ୍ୟୁ ମାମଲା ସାମ୍‌ନାକୁ ଆସିଛି। ସେହିପରି ବିଷାକ୍ତ ମଦ ପିଇ ଶତାଧିକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

**ସଂକ୍ଷେପରେ**

## ଦେଶର କେହି ପିତା ନାହାନ୍ତି: କଙ୍ଗନାଙ୍କ ପୋଷ୍ଟକୁ ନେଇ ବିବାଦ



ନୂଆଦିଲ୍ଲୀ, ୩।୧୦

ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତଙ୍କୁ ନେଇ ପୁଣି ବିବାଦ ଦେଖାଦେଇଛି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୦ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ପୋଷ୍ଟରେ ସେ ଲେଖିଥିଲେ, ଦେଶର କେହି ପିତା ନ ଥାନ୍ତି ବରଂ ଦେଶର ପୁଅ ଥାନ୍ତି। ଭାରତ ମାଟିର ପୁଅ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ପାଇଁ ଦେଶବାସୀ ସର୍ବଦା ଗର୍ବ ଅନୁଭବ କରନ୍ତି। କଙ୍ଗନାଙ୍କ ଉକ୍ତ ପୋଷ୍ଟକୁ ନେଇ କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତ୍ ସମାଲୋଚନା କରିଛନ୍ତି। ସେ କଙ୍ଗନାଙ୍କୁ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଉପାସକ ଦର୍ଶାଇଛନ୍ତି। କଙ୍ଗନା ତାଙ୍କ ପୋଷ୍ଟରେ ବାପୁ ଏବଂ ଶାସ୍ତ୍ରୀଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଭେଦଭାବ ସୃଷ୍ଟି କରୁଥିବାରୁ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ତେବେ କଙ୍ଗନାଙ୍କ ଏହି ବିବାଦୀୟ ପୋଷ୍ଟକୁ ପଞ୍ଜାବର ବରିଷ୍ଠ ଭାଜପା ନେତା ମନୋରଞ୍ଜନ କାଲିଆ ସମାଲୋଚନା କରିଛନ୍ତି। ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କୁ ନେଇ କଙ୍ଗନାଙ୍କର ମତ ଭାଜପାର ନୁହେଁ ବୋଲି ସେ କହିଛନ୍ତି।

## ଭାରତରୁ ଉଚ୍ଚାୟୁକ୍ତଙ୍କୁ ଫେରାଇନେଲା ବାଂଲାଦେଶ

ଢାକା,୩।୧୦(ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର କୂଟନୈତିକ ସେବାରେ ଦ୍ୱିତୀୟ ପର୍ଯ୍ୟାୟ ଅଦଳବଦଳ କରିବାକୁ ଯାଉଛନ୍ତି। ଏଥିପାଇଁ ବାଂଲାଦେଶ ଭାରତରୁ ଏହାର ଉଚ୍ଚାୟୁକ୍ତ ମୁସ୍ତାଫିଜୁର ରହମାନଙ୍କ ସମେତ ୫ ଦେଶର ରାଷ୍ଟ୍ରଦୂତଙ୍କୁ ଫେରାଇ ନେଇଛି। ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଚାଲିଥିବା ଅନ୍ତରୀଣ ସରକାର ଭାରତ ସମେତ ବ୍ରୁନେଇ, କାନ୍‌ବେରା, ଲିସ୍‌ବନରେ ଥିବା ଏହାର ରାଷ୍ଟ୍ରଦୂତ ଏବଂ ଜାତିସଂଘରେ ଥିବା ସ୍ଥାୟୀ ମିଶନଙ୍କୁ ପ୍ରତ୍ୟାହାର କରିନେଇଛନ୍ତି। ସେମାନଙ୍କୁ ତୁରନ୍ତ ଆସି ବହିର୍ବ୍ୟାପାର ମନ୍ତ୍ରଣାଳୟରେ ରିପୋର୍ଟ କରିବାକୁ କୁହାଯାଇଛି। ଲଣ୍ଡନରୁ ବାଂଲାଦେଶ ହାଇ କମିଶନରଙ୍କୁ ୪ ଦିନ ପୂର୍ବରୁ ପ୍ରତ୍ୟାହାର କରିନିଆଯାଇଥିଲା। ଅଗଷ୍ଟ ୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାରୁ ଯିବା ପରେ ସେହି ମାସ ୮ ତାରିଖରେ ନୋବେଲ ବିଜୟୀ ୟୁନୁସଙ୍କୁ ଅନ୍ତରୀଣ ସରକାରର ଦାୟିତ୍ୱ ଦିଆଯାଇଥିଲା। ସେହି ସମୟରେ ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ୟୁଏଇ ଏବଂ ସାଉଦି ଆରବରୁ ବାଂଲାଦେଶ ଏହାର ରାଷ୍ଟ୍ରଦୂତଙ୍କୁ ଫେରାଇ ନେଇଥିଲା।

# ଜାଲ୍ ବ୍ୟାଙ୍କ ଖୋଲି ଠକିନେଲେ ଅନେକ ଲକ୍ଷ

ରାୟପୁର,୩।୧୦

ବ୍ୟାଙ୍କ କାରବାରରେ ଜାଲିଆତି, ଜାଲ୍ କାଗଜପତ୍ର ଦେଇ ଠକେଇ ଏବଂ ଅନ୍ୟାନ୍ୟ ଆର୍ଥିକ ଦୁର୍ନୀତି ଖବର ଅନେକ ସମୟରେ ପ୍ରକାଶ ପାଇଥାଏ। ତେବେ ଛତିଶଗଡ଼ରେ ନିକଟରେ ହୋଇଥିବା ଏକ ଠକେଇ ସମ୍ପୂର୍ଣ୍ଣ ନିଆରା। ଅପରାଧୀମାନେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଏକ ଜାଲ୍ ଶାଖା ଖୋଲି ୧୦ ଦିନ ମଧ୍ୟରେ ଅନେକ ଲୋକଙ୍କଠାରୁ ବହୁ ଲକ୍ଷ ଟଙ୍କା ଠକିନେଇଛନ୍ତି। ବେରୋଜଗାରୀଙ୍କୁ ଉକ୍ତ ଶାଖାରେ ଚାକିରି ଦେଇ ସେମାନଙ୍କଠାରୁ ଟଙ୍କା ଠକିନେଇଥିବାବେଳେ ସ୍ଥାନୀୟ ଲୋକେ ଲୋଭନୀୟ ସ୍କିମ୍ ଦ୍ୱାରା ପ୍ରଭାବିତ ହୋଇ ଟଙ୍କା ଜମା ରଖି ଠକାମିର ଶିକାର ହୋଇଛନ୍ତି।

ଛତିଶଗଡ଼ ରାଜଧାନୀ ରାୟପୁରଠାରୁ ୨୫୦ କି.ମି. ଦୂର ଶକ୍ତି ଜିଲାର ଛାପୋରା ଗ୍ରାମରେ ଏଭଳି ଅଭିନବ ଠକେଇ ହୋଇଛି। ସେଠାରେ ୧୦ ଦିନ ପୂର୍ବରୁ ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇର ଏକ ନୂଆ ଶାଖା ଖୋଲାଯାଇ ୬ ଜଣ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରକୃତ ବ୍ୟାଙ୍କ ଶାଖା ଭଳି ସେଠାରେ ନୂଆ ଆସବାବପତ୍ର, ପେସାଦାରି କାଗଜପତ୍ର ସହ ବ୍ୟାଙ୍କ କାଉଣ୍ଟର ଚାଲୁଥିଲା। ଗ୍ରାମବାସୀ ଏହି ଦୁର୍ନୀତି ସମ୍ପର୍କରେ ଜାଣି ନ ପାରି ନୂଆ ଶାଖାକୁ ଯାଇ ଆକାଉଣ୍ଟ ଖୋଲି କାରବାର ଆରମ୍ଭ କରିଦେଇଥିଲେ। ସବୁକିଛି ସ୍ୱାଭାବିକ ଚାଲିଥିଲା। ତେବେ ସେପ୍ଟେମ୍ବର ୨୭ରେ ସେଠାରେ ପୋଲିସ ଅଧିକାରୀ ଏବଂ ଏସ୍‌ବିଆଇ ଅଫିସରମାନେ ପହଞ୍ଚି ଜେରା କରିବା ପରେ ଦୁର୍ନୀତି ପଦାକୁ ଆସିଥିଲା। ନିକଟବର୍ତ୍ତୀ ଡାବ୍ରା ଶାଖାର ମ୍ୟାନେଜର ଉକ୍ତ ଶାଖା ଉପରେ ସନ୍ଦେହ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତରୁ ଛପୋରା ଶାଖା ଜାଲ୍ ବୋଲି ଜଣାପଡ଼ିଥିଲା। ସେହିପରି ସେଠାରେ ଯେଉଁମାନେ ନିଯୁକ୍ତି ପାଇଥିଲେ, ତାହା ମଧ୍ୟ ଜାଲ୍ ଥିଲା। ଏହି ଦୁର୍ନୀତିରେ ୪ ଜଣ ସମ୍ପୃକ୍ତ। ସେମାନେ ସେଠାରେ ନିଯୁକ୍ତ କର୍ମଚାରୀମାନଙ୍କୁ ମ୍ୟାନେଜର, ମାର୍କେଟିଂ ଅଫିସର, କ୍ୟାଶିୟର ଏବଂ କମ୍ପ୍ୟୁଟର ଅପରେଟର ନାମରେ ଜାଲ୍ ନିଯୁକ୍ତିପତ୍ର ଦେଇଥିଲେ, ଯାହା ବାସ୍ତବ ଆପଏଣ୍ଟମେଣ୍ଟ ଲେଟର ଭଳି ଲାଗୁଥିଲା। ସେମାନଙ୍କଠାରୁ ପଦବୀ ଅନୁଯାୟୀ ୨ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉତ୍କୋଚ ନିଆଯାଇଥିଲା। ନବନିଯୁକ୍ତ କର୍ମଚାରୀମାନଙ୍କୁ ଠକମାନେ ତାଲିମ ଦେଇଥିଲେ। ଠକ ସଂସ୍ଥାର ମାଷ୍ଟରମାଇଣ୍ଡ ବେରୋଜଗାରୀମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାରେ ଲୋଭନୀୟ ଚାକିରି ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଥିଲେ। ଅଜୟ କୁମାର ଅଗ୍ରୱାଲ ନାମକ ସ୍ଥାନୀୟ ବ୍ୟକ୍ତି ଏସ୍‌ବିଆଇ କିଓସ୍କ ଖୋଲିବା ପାଇଁ ଆବେଦନ କରିଥିଲେ। ତେବେ ଛାପୋରାରେ ରାତାରାତି ବ୍ୟାଙ୍କ ଶାଖା ଖୋଲିବାକୁ ନେଇ ତାଙ୍କ ସନ୍ଦେହ ବଢ଼ିଥିଲା। ବ୍ୟାଙ୍କ ଶାଖାର କୋଡ୍ ମଧ୍ୟ ଏହାର ସାଇନ୍ ବୋର୍ଡରେ ନ ଥିଲା। ଏନେଇ ଅଜୟ ଡାବ୍ରା ବ୍ରାଞ୍ଚ ମ୍ୟାନେଜରଙ୍କୁ ଜଣାଇବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା।



ଛତିଶଗଡ଼ର ଛାପୋରା ଗ୍ରାମରେ ଖୋଲା ଯାଇଥିବା ଜାଲ୍ ବ୍ୟାଙ୍କ ଶାଖା।


ଉତ୍ତରପ୍ରଦେଶ ଲଖିମପୁର ଖେରି ଘଟଣାରେ ମୃତକଙ୍କ ପାଇଁ ନ୍ୟାୟ ଦାବିକରି ଅମୃତସରରେ କୃଷକମାନେ ରେଳରୋକ କରିଛନ୍ତି।

## ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ଇଶା ଫାଉଣ୍ଡେଶନ ମାମଲା**

ନୂଆଦିଲ୍ଲୀ,୩।୧୦

ଆଧ୍ୟାତ୍ମିକ ଗୁରୁ ଜଗି ବାସୁଦେବଙ୍କ କୋଏମ୍ବାଟୁରସ୍ଥିତ ଇଶା ଫାଉଣ୍ଡେଶନ ଆଶ୍ରମରେ ୨ ମହିଳାଙ୍କୁ ବେଆଇନ ଭାବେ ବନ୍ଧକ ରଖାଯାଇଥିବା ଅଭିଯୋଗର ପୋଲିସ ତଦନ୍ତ ଉପରେ ସୁପ୍ରିମକୋର୍ଟ ଗୁରୁବାର ରୋକ ଲଗାଇଛନ୍ତି। ମାଡ୍ରାସ୍ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୫୦ ଜଣିଆ ପୋଲିସ ଟିମ୍ ମଙ୍ଗଳବାର ଆଶ୍ରମର ତଲାସି ନେଇଥିଲା। ସୁପ୍ରିମକୋର୍ଟ ଉକ୍ତ ହେବିଅସ୍ କର୍ପସ୍ ପିଟିଶନ୍‌ର ବିଚାର ପାଇଁ ଏହାକୁ ହାଇକୋର୍ଟରୁ ନିଜ ଅଧୀନକୁ ନେଇଛନ୍ତି। ଜଣେ ପ୍ରଫେସର ତାଙ୍କ ୨ ଝିଅଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ ଆଶ୍ରମରେ ବନ୍ଧକ ରଖାଯାଇଥିବା ଅଭିଯୋଗ ଆଣିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାମିଲନାଡୁ ପୋଲିସକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବାକୁ ମନା କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନର ଷ୍ଟାଟସ୍ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଇଶା ଫାଉଣ୍ଡେଶନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।


ସଦ୍‌ଗୁରୁ ଜଗି ବାସୁଦେବ

## ରାମମନ୍ଦିର ଶିଖର ନିର୍ମାଣ କାର୍ଯ୍ୟ ଆରମ୍ଭ

ଅଯୋଧ୍ୟା,୩।୧୦(ପି.ଟି.)

ଅଯୋଧ୍ୟାର ୧୬୧ ଫୁଟ୍ ଉଚ୍ଚ ରାମମନ୍ଦିରର ମୁଖ୍ୟ ଶିଖର ନିର୍ମାଣ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ୪ ମାସ ମଧ୍ୟରେ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ଦିର ନିର୍ମାଣ କମିଟି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରା କହିଛନ୍ତି। କସହ ମନ୍ଦିର ପରିସରରେ ୭ ସନ୍ଥଙ୍କ ନିମନ୍ତେ ୭ଟି ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି। ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ୧୨୦ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଗୁରୁବାରଠାରୁ ଏକ ୩ ଦିନିଆ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରମଶକ୍ତି ବଢ଼ାଇବା ଉପରେ ଆଲୋଚନା ହୋଇଛି। ଆବଶ୍ୟକ ପଡ଼ିଲେ ବୈଷୟିକ ଟିମ୍‌କୁ ମଧ୍ୟ ବଢ଼ାଯିବ।

## ବୈବାହିକ ବଳାତ୍କାରର ଅପରାଧୀକରଣକୁ କେନ୍ଦ୍ରର ବିରୋଧ

**ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ**

ନୂଆଦିଲ୍ଲୀ,୩।୧୦(ପି.ଟି.)

ବୈବାହିକବଳାତ୍କାରରଅପରାଧୀକରଣକୁ ସୁପ୍ରିମକୋର୍ଟରେ ଗୁରୁବାର କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଯଦି ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କ ସହ ରଖୁଥିବା ଶାରୀରିକ ସମ୍ବନ୍ଧକୁ ବଳାତ୍କାର ଭାବେ ପରିଗଣିତ କରି ତାଙ୍କୁ ଦଣ୍ଡିତ କରାଯାଏ, ତେବେ ଏହା ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହେବା ସହ ବିବାହ ଅନୁଷ୍ଠାନ ଗମ୍ଭୀର ଭାବେ ପ୍ରଭାବିତ ହେବ ବୋଲି ସର୍ବୋଚ୍ଚ ଅଦାଲତରେ କେନ୍ଦ୍ର ଯୁକ୍ତି ବାଢ଼ିଛି।

ବୈବାହିକ ବଳାତ୍କାରକୁ ଅପରାଧ ପଦବାଚ୍ୟ କରାଯାଉ ବୋଲି ଅନେକ ଆବେଦନକାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହା ଉପରେ ଅଦାଲତ କେନ୍ଦ୍ରକୁ ଜବାବ ମାଗିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ୪୯ ପୃଷ୍ଠା ସମ୍ବଳିତ ପ୍ରାରମ୍ଭିକ ଜବାବୀ ସତ୍ୟପାଠ ଦାଖଲ କରି ଉପରୋକ୍ତ ଯୁକ୍ତି ବାଢ଼ିଛନ୍ତି। ପ୍ରତ୍ୟେକ ମହିଳା ସଭ୍ୟ ସମାଜର ମୌଳିକ ମୂଳଦୁଆ ଏବଂ ସ୍ତମ୍ଭ। ସେମାନଙ୍କ ସ୍ୱାଧୀନତା, ସମ୍ମାନ ଓ ଅଧିକାର ଓ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସତ୍ୟପାଠରେ ଦର୍ଶାଯାଇଛି।

## ମରିସସ୍‌କୁ ଚାଗୋସ୍ ଦ୍ୱୀପ ଫେରାଇବ ବ୍ରିଟେନ୍

ଲଣ୍ଡନ, ୩।୧୦

ଲମ୍ବା ସମୟ ଧରି ବିବାଦ ମଧ୍ୟରେ ଥିବା ଚାଗୋସ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱକୁ ମରିସସ୍‌କୁ ହସ୍ତାନ୍ତର କରିବା ପାଇଁ ଗୁରୁବାର ବ୍ରିଟେନ୍ ସହମତି ପ୍ରକାଶ କରିଛି। ଡିଏଗୋ ଗାର୍ସିଆରେ ଥିବା ବ୍ରିଟେନ୍ ଓ ଆମେରିକାର ସାମରିକ ବେସ୍‌ର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ରଣନୈତିକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଚୁକ୍ତିରେ ଆମେରିକା ଭଳି ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କ ସହମତି ରହିଥିବା ବ୍ରିଟେନ୍ କହିଛି। ବ୍ରିଟେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡେଭିଡ୍ ଲାମି କହିଛନ୍ତି, ଏହି ଚୁକ୍ତି ଦେଶର ସାମରିକ ଆଧାରକୁ ସୁରକ୍ଷିତ କରିବ।

## ସଭରକର ଗୋମାଂସ ଖାଉଥିଲେ

**କର୍ଣାଟକ ମନ୍ତ୍ରୀଙ୍କ ଅଭିଯୋଗକୁ ନେଇ ବିବାଦ**

ବେଙ୍ଗାଲୁରୁ,୩।୧୦

ହିନ୍ଦୁ ଜାତୀୟତାବାଦୀ ରାଜନେତା ବିନାୟକ ଦାମୋଦର ସଭରକର ମାଂସ ଖାଉଥିଲେ। ସେ ଗୋହତ୍ୟାକୁ ବିରୋଧ କରୁନ ଥିଲେ ବୋଲି କର୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁ ରାଓ ଅଭିଯୋଗ କରିବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ବେଙ୍ଗାଲୁରୁରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଓ କହିଥିଲେ, ସଭରକର କେବଳ ମାଂସ ଖାଉ ନ ଥିଲେ, ସେ ଗୋମାଂସ ମଧ୍ୟ ଖାଉଥିଲେ ଏବଂ ସର୍ବସାଧାରଣରେ ଏହି ପ୍ରଥାର ପ୍ରସାର କରାଉଥିଲେ। ସଭରକର ବ୍ରାହ୍ମଣ ହୋଇଥିଲେ ମଧ୍ୟ ସେ ପାରମ୍ପରିକ ଖାଦ୍ୟପେୟ କଟକଣା ମାନୁ ନ ଥିଲେ। ସେ ଜଣେ ଆଧୁନିକବାଦୀ ଥିଲେ ବୋଲି ରାଓ କହିଛନ୍ତି।

କର୍ଣାଟକ ମନ୍ତ୍ରୀଙ୍କ ଏଭଳି ବିବାଦୀୟ ମନ୍ତବ୍ୟକୁ ନେଇ ଭାଜପା କଂଗ୍ରେସକୁ ନିନ୍ଦା କରିଛି। ମନ୍ତ୍ରୀଙ୍କର ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ଭାଜପା ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି।


ବିନାୟକ ଦାମୋଦର ସଭରକର

## ଭାରତରେ ଧର୍ମୀୟ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ୁଛି

**ଉଦ୍‌ବେଗ ଜଣାଇଲା ୟୁଏସ୍‌ସିଆଇଆର୍‌ଏଫ୍**

ୱାଶିଂଟନ,୩।୧୦

ଭାରତରେ ଧର୍ମୀୟ ସ୍ୱାଧୀନତା ଅଧିକ ଖରାପ ହେବାରେ ଲାଗିଥିବା ଆମେରିକା ସରକାରଙ୍କ ଏକ କମିଶନ ଅଭିଯୋଗ କରିବା ସହ ଏହାକୁ 'କଣ୍ଟ୍ରି ଅଫ୍ ପର୍ଟିକୁଲାର କନ୍‌ସର୍ନ' ବର୍ଗରେ ରଖିବା ପାଇଁ ପରରାଷ୍ଟ୍ର ବିଭାଗକୁ ସୁପାରିସ କରିଛି। ଅର୍ଥାତ୍ ଭାରତରେ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟାଲଘୁମାନେ ଟାର୍ଗେଟର ଶିକାର ହେଉଥିବା ଆମେରିକା କମିଶନ ଫର୍ ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଏହାର ବାର୍ଷିକ ରିପୋର୍ଟରେ ଜଣାଇଛି। ତେବେ ଆମେରିକା ପରରାଷ୍ଟ୍ର ବିଭାଗ ଉକ୍ତ ସୁପାରିସକୁ ଏପର୍ଯ୍ୟନ୍ତ ଗ୍ରହଣ କରିନାହିଁ।

ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଭାରତରେ ଅପରାଧୀଙ୍କୁ ଦଣ୍ଡ ଆଳରେ କେତେକ ଗୋଷ୍ଠୀ ଲୋକମାନଙ୍କୁ ମାଡ଼ ମାରିବା ସହ ହତ୍ୟା କରୁଛନ୍ତି। ଧର୍ମୀୟ ନେତାମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଉଛି ଓ ସେମାନଙ୍କ ଘର ଓ ଉପାସନା ସ୍ଥଳକୁ ଭାଙ୍ଗିଦିଆଯାଉଛି। ଏଠାରେ ଧର୍ମୀୟ ସ୍ୱାଧୀନତା ଅଧିକ ବିପନ୍ନ ହୋଇଛି। ଆସାମର ସୋନପୁରଠାରେ ଉଚ୍ଛେଦ ଅଭିଯାନ ବେଳେ ୨ ମୁସଲମାନ ନାବାଳକ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଏଭଳି ଘଟଣା ଧର୍ମୀୟ ସ୍ୱାଧୀନତାର ଗୁରୁତର ଉଲ୍ଲଂଘନ ବୋଲି ୟୁଏସ୍‌ସିଆଇଆର୍‌ଏଫ୍ କହିଛି। ଏପରିକି ଧର୍ମୀୟ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ପାଇଁ ଭାରତରେ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଛି। ଏଥିପାଇଁ ନାଗରିକତ୍ୱ ସଂଶୋଧନ ଆଇନ, ସମାନ ନାଗରିକ ସଂହିତା, ବିଭିନ୍ନ ରାଜ୍ୟ ସ୍ତରରେ ଧର୍ମାନ୍ତରୀକରଣ ଏବଂ ଗୋହତ୍ୟା ନିରୋଧୀ ଆଇନ ଅଣାଯାଇଥିବା ଆମେରିକୀୟ କମିଶନ କହିଛି। ସୂଚନାଯୋଗ୍ୟ, ମନମୋହନ ସିଂଙ୍କ ନେତୃତ୍ୱାଧୀନ ସରକାରଙ୍କ ସମୟରୁ ୟୁଏସ୍‌ସିଆଇଆର୍‌ଏଫ୍‌ର ସଦସ୍ୟମାନଙ୍କୁ ଭାରତ ଆସିବା ପାଇଁ ଭିଜା ଦିଆଯାଉ ନାହିଁ। ସେମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ସରକାର ଦର୍ଶାଉଛନ୍ତି। ଭାରତକୁ ବଦ୍‌ନାମ କରିବା ପାଇଁ ଉକ୍ତ ସଂସ୍ଥା ପକ୍ଷପାତ, ଅଣବିଜ୍ଞାନଭିତ୍ତିକ ଏବଂ ଏଜେଣ୍ଡା ଆଧାରିତ ରିପୋର୍ଟ ପ୍ରସ୍ତୁତ କରୁଥିବା ଭାରତ ଏବଂ ଅନେକ ଭାରତୀୟ-ଆମେରିକୀୟ ସଂଗଠନ ପୂର୍ବରୁ ଅଭିଯୋଗ କରିଛନ୍ତି।

**ଫୁରସତ୍**

## ୧୨୫୭ ରେଡିଓ ସଂଗ୍ରହ ସହ ଗିନିଜ୍ ୱାର୍ଲ୍ଡ ରେକର୍ଡ

ଲକ୍ଷ୍ନୌ

ଭାରତର ରେଡିଓ ମ୍ୟାନ୍ ଭାବେ ପରିଚିତ ଉତ୍ତରପ୍ରଦେଶର ଅମରୋହା ଜିଲା ଗଜରୌଲା ନିବାସୀ ରାମ ସିଂ ବୌଧଙ୍କର ଦୀର୍ଘ ଦିନର ପୁରୁଣା ସ୍ୱପ୍ନ ପୂରଣ ହୋଇଛି। ବର୍ତ୍ତମାନ ସୁଦ୍ଧା ସେ ସମୁଦାୟ ୧,୨୫୭ ରେଡିଓ ସେଟ୍ ସଂଗ୍ରହ କରିଥିବାରୁ ଗୁରୁବାର ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛି। ତାଙ୍କ ନିକଟରେ ୧୯୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀର ଅନେକ ମଡେଲର ରେଡିଓ ରହିଛି। ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି, ବୌଧଙ୍କ ପାଖରେ ସମୁଦାୟ ୧,୪୦୦ ରେଡିଓ ଅଛି। ତେବେ ଜିଡବ୍ଲ୍ୟୁଆର୍ ଗାଇଡ୍‌ଲାଇନ ମୁତାବକ ସମସ୍ତ ରେଡିଓ ସେଟ୍ ୟୁନିକ୍ ହେବା ଆବଶ୍ୟକ। ଏହି ନିୟମ ଅନୁଯାୟୀ, ବୌଧଙ୍କ ନିକଟରେ ଥିବା ୧୪୩ଟି ରେଡିଓ ସେଟ୍‌କୁ ବାଦ ଦିଆଯାଇଛି। ପୂର୍ବରୁ ୬୨୫ଟି ରେଡିଓ ସଂଗ୍ରହ କରିଥିବା ଏମ୍ ପ୍ରକାଶଙ୍କ ନାମରେ ଏହି ରେଡିଓ ଥିଲା। ସମାଜ ଉପରେ ରେଡିଓର ପ୍ରଭାବ ବିଷୟରେ ଭବିଷ୍ୟତର ପିଢ଼ିକୁ ଅବଗତ କରାଇବା ପାଇଁ ସେ ଦୀର୍ଘ ବର୍ଷ ଧରି ରେଡିଓ ସଂଗ୍ରହ କରି ଆସୁଛନ୍ତି ବୋଲି ବୌଧ କହିଛନ୍ତି।



## 'ବର୍ଡର ୨'ରେ ଆହାନଙ୍କ ଏଣ୍ଟ୍ରି



**ମୁମ୍ବାଇ:** ୧୯୯୭ ମସିହାରେ ରିଲିଜ୍ ହୋଇଥିବା ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ବର୍ଡର' ଏବେ ମଧ୍ୟ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେବେ ଖୁବଶୀଘ୍ର ଏହାର ସିକ୍ୱେଲ 'ବର୍ଡର ୨' ଆସିବାକୁ ଯାଉଛି। ସମ୍ପ୍ରତି 'ବର୍ଡର ୨' ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଛି। ଗୁରୁବାର ଫିଲ୍ମକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଡେଟ୍ ସାମ୍‌ନାକୁ ଆସିଛି। ଯଦିଓ 'ବର୍ଡର'ର ଅଭିନେତା ସୁନୀଲ ଶେଟ୍ଟୀ 'ବର୍ଡର ୨'ରେ ନଜରକୁ ଆସିବେ ନାହିଁ ତେବେ ତାଙ୍କ ପୁଅ ଆହାନ ଶେଟ୍ଟୀ ଏହି ଚଳଚ୍ଚିତ୍ରରେ ଅଭିନୟ କରୁଥିବାର ନଜରକୁ ଆସିବେ। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଇନ୍‌ଷ୍ଟଗ୍ରାମରେ ଏକ ଭିଡିଓ ଜାରି କରାଯାଇ ଘୋଷଣା କରାଯାଇଛି। ଏହି ପୋଷ୍ଟକୁ ଅଭିନେତା ସନି ଦେଓଲ ମଧ୍ୟ ଟ୍ୟାଗ୍ କରିଛନ୍ତି। ଉକ୍ତ ଭିଡିଓରେ ଆହାନଙ୍କ ଏକ ଭଏସ୍ ଓଭର ରହିଛି। ଭିଡିଓ ଆରମ୍ଭରେ 'ବର୍ଡର' ଫିଲ୍ମରେ ଥିବା ସୁନୀଲ ଶେଟ୍ଟୀଙ୍କ କିଛି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ସନି ଲେଖିଛନ୍ତି, 'ବର୍ଡର ୨' ବାଟାଲିୟନରେ ଫୌଜି ଆହାନ ଶେଟ୍ଟୀଙ୍କୁ ସ୍ୱାଗତ। ଜେ.ପି. ଦତ୍ତା, ନିଧି ଦତ୍ତା ଏବଂ ଟି-ସିରିଜ୍ ଦ୍ୱାରା ନିର୍ମିତ ଓ ଅନୁରାଗ ସିଂଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମ ୨୦୨୬ ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମ ପାଇଁ ଆହାନଙ୍କ ବ୍ୟତୀତ ଅଭିନେତା ସନି ଦେଓଲ, ବରୁଣ ଧାୱନ, ଦିଲ୍‌ଜିତ ଦୋସାଞ୍ଜ ଓ ଅଭିନେତ୍ରୀ ଭିନାଲି ଭଟ୍ଟନାଗରଙ୍କୁ ବର୍ତ୍ତମାନ ସୁଦ୍ଧା କାଷ୍ଟ କରାଯାଇଛି। ଖୁବ୍‌ଶୀଘ୍ର ଫିଲ୍ମର ଷ୍ଟାର୍‌କାଷ୍ଟରେ ବଲିଉଡ୍‌ର କେତେଜଣ ବଡ଼ ତାରକାଙ୍କୁ ଦେଖିବାକୁ ମିଳିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୨୧ରେ ରିଲିଜ୍ ହୋଇଥିବା 'ତଡ଼ପ' ଫିଲ୍ମରେ ଆହାନ୍ ବଲିଉଡ୍‌ରେ ନିଜର ଡେବ୍ୟୁ କରିଥିଲେ।

## ପ୍ରାଣୀ-ମଣିଷ ସୁସମ୍ପର୍କ ଆବଶ୍ୟକ

**ଆଜି ବିଶ୍ୱ ପ୍ରାଣୀ ଦିବସ**



ପ୍ରାଣୀମାନଙ୍କ ଅଧିକାର ଓ ବିଶେଷକରି ସେମାନଙ୍କ କଲ୍ୟାଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ହେଉଛି 'ବିଶ୍ୱ ତାଙ୍କର ମଧ୍ୟ ଘର'। ମଣିଷ ସର୍ବଦା ନିଜର ଲାଭ ପାଇଁ ଓ ଲୋଭର ବଶବର୍ତ୍ତୀ ହୋଇ ଅନେକ ସମୟରେ ପ୍ରାଣୀମାନଙ୍କର ଅଧିକାରକୁ ଛଡାଇ ନେଉଛି। ଏଥିସହ ସେମାନଙ୍କର ଉପରେ ଅତ୍ୟାଚାର କରିବାକୁ ପଛାଉ ନାହାନ୍ତି। ଫଳରେ ଅନେକ ସମୟରେ ପ୍ରାଣୀ-ମନୁଷ୍ୟ ମଧ୍ୟରେ ସଂଘର୍ଷ ହେବା ସହ ଅନେକ ଜୀବନହାନୀ ଘଟୁଛି। ତେଣୁ ଏଦିଗରେ ସଚେତନତା ସୃଷ୍ଟି କରିବା ସହ ପରସ୍ପର ମଧ୍ୟରେ ଏକ ସୁସମ୍ପର୍କ ରଖିବା ନିହାତି ଆବଶ୍ୟକ। ପ୍ରଥମ କରି ସିନୋଲୋଜିଷ୍ଟ ହେନେରିକ୍ ଜିମର୍‌ମେନ୍‌ଙ୍କ ଦ୍ୱାରା ଏହି ପାଳନ କରାଯାଇଥିଲା। ଜର୍ମାନୀର ବର୍ଲିନ୍ ସହରର ସ୍ପୋର୍ଟ ପ୍ୟାଲେସ୍ ଠାରେ ପ୍ରଥମ କରି ୧୯୨୫ ମାର୍ଚ୍ଚ ୨୪ରେ ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଥିଲା। ତେବେ ଏହି ଦିବସ ପାଳନ ପାଇଁ ଅକ୍ଟୋବର ୪କୁ ନିର୍ଦ୍ଧାରିତ କରାଯାଇଥିଲା। ମାତ୍ର କୌଣସି କାରଣ ବଶତଃ ମାର୍ଚ୍ଚ ୨୪ରେ ପ୍ରଥମଥର ପାଳନ କରାଯାଇଥିଲା। ପରେ ୧୯୨୯ରେ ପ୍ରଥମ କରି ଅକ୍ଟୋବର ୪ରେ ଏହି ଦିବସ ପାଳନ କରାଗଲା। ଏହାପରେ ୧୯୩୧ ମେ ୩୧ରେ ଇଟାଲୀର ଫ୍ଲୋରେନ୍ସ ଠାରେ ଅନ୍ତରାଷ୍ଟ୍ରୀୟ ପଶୁ ସଂରକ୍ଷଣ କଂଗ୍ରେସର ଏକ ସମ୍ମିଳନୀରେ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ ଦିବସ ଭାବେ ବିଧିବଦ୍ଧ ଭାବେ ଘୋଷଣା କରାଗଲା।










ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ଏଡୋବ୍ ଇଣ୍ଡିଆ, ମୋଗଲିକ୍ସ, ଇଣ୍ଡୋରମା, ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଓଆଇଏଲ୍, ଜେ.କେ. ପେପର ଲିମିଟେଡ୍ ଆଦି କେତେକ ପ୍ରମୁଖ ନିବେଶକ ସଂସ୍ଥାର କର୍ତ୍ତୃପକ୍ଷ ଓ ଅଧିକାରୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସୁଯୋଗ ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କୁ ଆସନ୍ତା ଜାନୁୟାରୀ ୨୮ ଓ ୨୯ରେ ଭୁବନେଶ୍ୱରରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫' ନିମନ୍ତେ ଆମନ୍ତ୍ରଣ କରିଛନ୍ତି।

# ୯ରେ 'ସୁଭଦ୍ରା' ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି

**ଭୁବନେଶ୍ୱର,୩।୧୦(ଅନିଲ ଦାସ)**

ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୨୯ ହଜାର ୭୨୦ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଛି। ୧ କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨୦୨୫ ମାର୍ଚ୍ଚ ୮ ପୂର୍ବରୁ ମିଳିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅକ୍ଟୋବର ୯ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନା ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ଗୁରୁବାର

## ଉନ୍ନୟନ କମିଶନରଙ୍କ ସମୀକ୍ଷା

- ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକୃତ
- କିସ୍ତି ପାଇଥିବା ହିତାଧିକାରୀଙ୍କଠାରୁ ନିଆଯିବ ମତାମତ

ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀଙ୍କ ଉପସ୍ଥିତିରେ 'ସୁଭଦ୍ରା' କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ସମ୍ପର୍କରେ ବୈଷୟିକ ଟିମ୍ ସହିତ ଆଲୋଚନା କରିଛନ୍ତି। ଏଥିସହିତ ଯେଉଁ ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କଠାରୁ ମତାମତ ସଂଗ୍ରହ ପ୍ରକ୍ରିୟା(ଫିଡ୍ ବ୍ୟାକ୍ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି। ପ୍ରଥମ କିସ୍ତି ଅର୍ଥରାଶି ପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କୁ କିପରି ସହାୟକ ହୋଇଛି ଆଦି ମତାମତ ନିଆଯିବ। ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ 'ସୁଭଦ୍ରା' ସମ୍ପର୍କିତ ଜନସଚେତନତା ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥିପାଇଁ ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି। ଅକ୍ଟୋବର ୬ ତାରିଖ ସୁଦ୍ଧା ପ୍ରସ୍ତୁତି ଶେଷ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି।

# ୫ରେ ମିଳିବ ପିଏମ୍ କିଷାନ କିସ୍ତି: ଉପମୁଖ୍ୟମନ୍ତ୍ରୀ ସିଂଦେଓ

## ଚାଷୀଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବ କୃଷି ଯନ୍ତ୍ରପାତି

**ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)**

ଦଶହରା ପୂର୍ବରୁ ଚାଷୀମାନଙ୍କ ପାଇଁ ଖୁସି ଖବର ଆସିଛି। ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ। ଆସନ୍ତା ୫ ତାରିଖରେ ଚାଷୀମାନଙ୍କୁ ପିଏମ୍ କିଷାନ ଯୋଜନାର କିସ୍ତି ଲୋକଙ୍କ ଆକାଉଣ୍ଟକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସହାୟତା ରାଶି ପ୍ରଦାନ କରିବେ। ରାଜ୍ୟର ପ୍ରାୟ ୩୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯିବ। ପିଏମ୍ କିଷାନ ଲାଗି ଜିଲାସ୍ତରରେ କାର୍ଯ୍ୟକ୍ରମ ହେବ। ଧାନ କିଣାକୁ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଗୁରୁବାର ଏହି ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟ



ସରକାର ସୋହେଲାରୁ ଧାନ କିଣିବା ଆରମ୍ଭ କରିବେ। ସୋହେଲାରେ ବିଜେଡି ବୋନସ୍ ଦେବ କହି ଦେଇ ନ ଥିଲା। ସେହି ସୋହେଲାରୁ ହିଁ ୮୦୦ ଟଙ୍କା ବୋନସ୍ ଦେଇ ଚାଷୀଙ୍କ ଠାରୁ ଧାନ କିଣାଯିବ। ସେହିପରି ଗୁରୁବାର କୃଷି ଭବନସ୍ଥିତ ଅଡିଟୋରିୟମରେ କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନିର୍ମାତା ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୃଷି ଯନ୍ତ୍ରପାତି ମେଳା ଆଞ୍ଚଳିକ ସ୍ତରରେ ବ୍ରହ୍ମପୁର, ବଲାଙ୍ଗୀର, ଜୟପୁର ଓ କେନ୍ଦୁଝରରେ ଅନୁଷ୍ଠିତ ହେବ। ସେହିଭଳି ଜିଲା ଏବଂ ଉପଖଣ୍ଡସ୍ତରରେ ମଧ୍ୟ କ୍ରମ ଅନୁଯାୟୀ ଏହି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାରେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ। ତେଣୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ନିର୍ମାତାମାନେ ଆବଶ୍ୟକ କୃଷି ଯନ୍ତ୍ରପାତି ନିର୍ମାଣ କରିବା ଦରକାର ଏବଂ ସେହି କମ୍ପାନୀଗୁଡ଼ିକ ନିଜର ବିକ୍ରୟ ତଥା ମରାମତି କେନ୍ଦ୍ର ନିକଟରେ ଖୋଲିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଚାଷୀ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ମରାମତି ସୁବିଧା ପାଇପାରିବେ ବୋଲି ସମାବେଶରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ମାତାମାନେ ଉତ୍କୃଷ୍ଟ ମାନର ଯନ୍ତ୍ରପାତି ଗ୍ରାହକଙ୍କୁ ଯୋଗାଇଦିଅନ୍ତୁ। ଆବଶ୍ୟକସ୍ଥଳେ ଏକାଧିକ ଚାଷୀଙ୍କୁ ଭଡା ସୂତ୍ରରେ ଏହି ଯନ୍ତ୍ରପାତି ଯୋଗାଇଦେଇପାରିବେ।


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**
**"ଶିକ୍ଷା ସୌଧ", ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧**

**ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(ସ୍କିମାଟିକ୍)ଙ୍କ ପାଇଁ ସୂଚନା**

**No.n-** ଅକ୍ଟୋବର ୫ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ୧୬୦୦୯ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(ସ୍କିମାଟିକ୍)ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଜିଲ୍ଲା ପକ୍ଷରୁ ପରିବହନର ବ୍ୟବସ୍ଥା ହୋଇଛି । ଏଥିପାଇଁ ଜିଲ୍ଲା ଭିତ୍ତିକ ପାର୍କିଂ ଏବଂ ବସିବା ବ୍ୟବସ୍ଥା ସମ୍ବନ୍ଧୀୟ ସୂଚନା ନିମ୍ନରେ ପ୍ରଦତ୍ତ କରାଯାଉଛି ।

**ଜିଲ୍ଲାଭିତ୍ତିକ ପାର୍କିଂ ଏବଂ ବସିବା ବ୍ୟବସ୍ଥା**

| ପାର୍କିଂ ସ୍ଥାନ | ଜିଲ୍ଲା | ବସିବା ବ୍ୟବସ୍ଥା |
|---|---|---|
| ପୋଲିସ ପାର୍କିଂ ସ୍ଥାନ, କଳିଙ୍ଗ ଷ୍ଟାଡିୟମ ସାମ୍ନା | ବରଗଡ଼ (୪୭୯) | ଉତ୍ତର ଷ୍ଟାଣ୍ଡ – ତଳ ମହଲା (୪୧୨) ଏବଂ ଭିତର ପଡ଼ିଆ – ଉତ୍ତର ପାର୍ଶ୍ୱ (୬୭) |
| | ଦେବଗଡ଼ (୨୧) | ଭିତର ପଡ଼ିଆ – ପଶ୍ଚିମ ପାର୍ଶ୍ୱ (୨୧) |
| | ଢେଙ୍କାନାଳ (୫୮୩) | ପୂର୍ବ ପଡ଼ିଆ – ପ୍ରଥମ ମହଲା (୫୮୩) |
| | ଜଗତସିଂହପୁର (୮୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୮) |
| | ଝାରସୁଗୁଡ଼ା (୩୮) | ଭିତର ପଡ଼ିଆ – ପଶ୍ଚିମ ପାର୍ଶ୍ୱ (୩୮) |
| | ପୁରୀ (୭୩୩) | ପୂର୍ବ ଷ୍ଟାଣ୍ଡ – ପ୍ରଥମ ମହଲା (୭୩୩) |
| | ସମ୍ବଲପୁର (୨୧୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୨୧୮) |
| | ସୁନ୍ଦରଗଡ଼ (୧୬୦) | ଭିତର ପଡ଼ିଆ- ପଶ୍ଚିମ ପାର୍ଶ୍ୱ (୧୬୦) |
| ଗେଟ-୮ (ଉତ୍ତର ପାର୍କିଂ ) | କଟକ (୮୯୩) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୯୩) |
| | ଯାଜପୁର (୮୭୨) | ପୂର୍ବ ଷ୍ଟାଣ୍ଡ – ପ୍ରଥମ ମହଲା (୮୭୨) |
| | କେନ୍ଦ୍ରାପଡ଼ା (୧୦୩୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୧୦୩୮) |
| | କେନ୍ଦୁଝର (୧୩୨୯) | ପଶ୍ଚିମ ଷ୍ଟାଣ୍ଡ- ପ୍ରଥମ ମହଲା (୧୩୨୯) |
| | ମୟୂରଭଞ୍ଜ (୮୨୭) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୨୭) |
| ଗେଟ-୮ବି (ପଶ୍ଚିମ ପାର୍କିଂ ) | ଅନୁଗୋଳ (୪୨୪) | ପଶ୍ଚିମ ଷ୍ଟାଣ୍ଡ- ତଳ ମହଲା (୪୨୪) |
| | ବାଲେଶ୍ୱର (୬୦୦) | ଦକ୍ଷିଣ ଷ୍ଟାଣ୍ଡ – ତଳ ମହଲା (୬୦୦) |
| | ଭଦ୍ରକ (୨୬୦) | ପୂର୍ବ ଷ୍ଟାଣ୍ଡ-ପ୍ରଥମ ମହଲା (୨୬୦) |
| | ବଲାଙ୍ଗିର (୧୦୮୦) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୧୦୮୦) |
| | ବୌଦ୍ଧ (୬୫) | ଭିତର ପଡ଼ିଆ-ପଶ୍ଚିମ ପାର୍ଶ୍ୱ (୬୫) |
| | ଗଜପତି (୧୩) | ଦକ୍ଷିଣ ଷ୍ଟାଣ୍ଡ -ପ୍ରଥମ ମହଲା (୧୩) |
| | ଗଞ୍ଜାମ (୧୨୬୪) | ପୂର୍ବ ଷ୍ଟାଣ୍ଡ-ପ୍ରଥମ ମହଲା (୧୨୬୪) |
| | କଳାହାଣ୍ଡି (୮୧୧) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୮୧୧) |
| | କନ୍ଧମାଳ (୧୫୧) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୧୫୧) |
| | ଖୋର୍ଦ୍ଧା (୭୫୩) | ଭିତର ପଡ଼ିଆ- ଉତ୍ତର ପାର୍ଶ୍ୱ (୭୫୩) |
| | କୋରାପୁଟ (୯୨୨) | ଦକ୍ଷିଣ ଷ୍ଟାଣ୍ଡ- ପ୍ରଥମ ମହଲା (୯୨୨) |
| | ମାଲକାନଗିରି (୫୫୫) | ଭିତର ପଡ଼ିଆ-ଦକ୍ଷିଣ ପାର୍ଶ୍ୱ (୫୫୫) |
| | ନବରଙ୍ଗପୁର (୮୬୦) | ପଶ୍ଚିମ ଷ୍ଟାଣ୍ଡ-ପ୍ରଥମ ମହଲା (୮୬୦) |
| | ନୟାଗଡ଼ (୮୩) | ଦକ୍ଷିଣ ଷ୍ଟାଣ୍ଡ- ପ୍ରଥମ ମହଲା (୮୩) |
| | ନୂଆପଡ଼ା (୨୨୧) | ଭିତର ପଡ଼ିଆ-ପଶ୍ଚିମ ପାର୍ଶ୍ୱ (ଡାହାଣ) (୨୨୧) |
| | ରାୟଗଡ଼ା (୫୧୧) | ପଶ୍ଚିମ ପାର୍ଶ୍ୱ -ପ୍ରଥମ ମହଲା (୫୧୧) |
| | ସୁବର୍ଣ୍ଣପୁର (୧୫୭) | ଭିତର ପଡ଼ିଆ - ପଶ୍ଚିମ ପାର୍ଶ୍ୱ (ଡାହାଣ) (୧୫୭) |

ସ୍ୱା/-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

OIPR-27068/11/0008/2425


# ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ କମିବ ଗୁଳୁଗୁଳି

**ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)**

ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଥିବାରୁ ବାୟୁରେ ଆର୍ଦ୍ରତା ବଢୁଛି। ଏହା ପ୍ରଭାବରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ପରେ ଗୁଳୁଗୁଳି କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଶୁକ୍ରବାର ଏହା ଉତ୍ତର ବଙ୍ଗୋପସାଗର ଓ ପାଶ୍ୱବର୍ତ୍ତୀ ଅଞ୍ଚଳକୁ ଅଗ୍ରସର ହେବା ଫଳରେ ରାଜ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଶନିବାର ଠାରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ୍, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାରେ ପାଗ ପ୍ରାୟ ଶୁଖିଲା ରହିବ। ୯ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଏଭଳି ପାଗରେ ବିଶେଷ ପରିବର୍ତ୍ତନ ନ ହୋଇପାରେ।


DSPL-135




**ବିଶ୍ୱ ପ୍ରାଣୀ ଦିବସ**

**୪ ଅକ୍ଟୋବର ୨୦୨୪**

**ପ୍ରାଣିକଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ :**
- ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା
- ପଞ୍ଜିକୃତ ଗୋଶାଳାକୁ ବାର୍ଷିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା
- ଜିଆଖତ ଉତ୍ପାଦନ ଯୋଜନାରେ ଗୋଶାଳା ପ୍ରତି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା
- ବୁଲା ଓ ଅସହାୟ ପ୍ରାଣୀଙ୍କ ଜରୁରୀକାଳୀନ ଚିକିତ୍ସା ପାଇଁ ଆନିମଲ୍ ହେଲ୍ପଲାଇନ୍ ସେବା (ଟୋଲ୍ ଫ୍ରି ନଂ : 1962)

ପୃଥିବୀରେ ଜୀବନର ସନ୍ତୁଳନ ଏବଂ ବିବିଧତା ବଜାୟ ରଖିବା ପାଇଁ ପ୍ରାଣୀମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି । ଏ ପୃଥିବୀ ସେମାନଙ୍କର ମଧ୍ୟ ବାସସ୍ଥାନ । ଆସନ୍ତୁ ପ୍ରାଣୀଙ୍କ ପ୍ରତି ସମବେଦନଶୀଳ ହୋଇ ଏହି ପୃଥିବୀକୁ ସୁନ୍ଦର କରି ଗଢି ତୋଳିବା ।

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment farddept

OIPR-06014/13/0007/2425

## ସଂକ୍ଷେପରେ

### ‘ମୋଦି ଆର୍ଟ୍ ୨୦’ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର, ୩।୧୦(ବନ୍ଦନା ସେଠୀ)– ସ୍ୱଚ୍ଛତା ଅଭିଯାନର ୧୦ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ରାଜ୍ୟ ଭାଜପା ଓ ସୁଭଦ୍ରା ଆର୍ଟ ଗ୍ୟାଲେରିର ମିଳିତ ଆନୁକୂଲ୍ୟରେ ‘ମୋଦିଆର୍ଟ୍୨୦’ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀର ପ୍ରଶଂସା କରିଥିଲେ। ଏଥିରେ ଅଶୋକ ନାୟକ, ସୁବାସ ପୂଝାରୀ, ଜିତେନ୍ଦ୍ର ଭଞ୍ଜ, ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜେଶ କୁମାର ନାୟକ ପ୍ରମୁଖ ୮ଜଣ ଶିଳ୍ପୀ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନ ଚିତ୍ରକୁ କାନ୍‌ଭାସ୍‌ରେ ପେଣ୍ଟିଂ କରିଥିଲେ। ମୁଖ୍ୟ ଅତିଥି ଶିଳ୍ପୀମାନଙ୍କୁ ଖଦିସୂତା ମାଳଦେଇ ସମ୍ବର୍ଦ୍ଧିତ କରିଥିଲେ। ଆର୍ଟ ଗ୍ୟାଲେରି ଅଧ୍ୟକ୍ଷ ଡ. ସୂର୍ଯ୍ୟ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ସାରଦା ଶତପଥୀ, ଗ୍ୟାଲେରି ଉପସଭାପତି ଦେବସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ଆର୍ଟ୍ ୨୦ ଅନ୍ତର୍ଜାତୀୟ ଚିତ୍ରକଳା ଉତ୍ସବ ନଭେମ୍ବରରେ ଦୁବାଇରେ ହେବ।

### ମୋହନ ଖୋକରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଭୁବନେଶ୍ୱର, ୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)– ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର ଏବଂ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ବିଶିଷ୍ଟ ନୃତ୍ୟ ଐତିହାସିକ ମୋହନ ଖୋକରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ମୋହନ ଖୋକର୍‌ଙ୍କ ପୁତ୍ର ଡ. ଆଶିଷ ଖୋକର୍ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଖୋକର୍‌ଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ପୁସ୍ତକଟି ଡ. ଆଶିଷ ଖୋକରଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଏଥିସହ ଖୋକରଙ୍କ ଉପରେ ଆଧାରିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଗୁରୁ ପ୍ରିୟମ୍ବଦା ହେଜମାଦି, କୁମ୍‌କୁମ୍ ମହାନ୍ତି, ଅରୁଣା ମହାନ୍ତି, ଇଲିଆନା ଚିତାରିସ୍ତି, ଦୁର୍ଗାଚରଣ ରଣବୀର, ଗଜେନ୍ଦ୍ର ପଣ୍ଡା, ରତିକାନ୍ତ ମହାପାତ୍ର, ସିକତା ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଲିଭା ଆରତୀ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ।

# ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ପାଳନ କରିବାକୁ ନିବେଦନ

## ଭୁବନେଶ୍ୱର ଶାନ୍ତି କମିଟି ବୈଠକ

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ନୀଳାଦ୍ରି ବିହାରସ୍ଥିତ ଏକ ହୋଟେଲରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳାର ସହ ଦୁର୍ଗାପୂଜା ପାଳନ କରିବା ପାଇଁ ଭୁବନେଶ୍ୱରର ସମସ୍ତ ପୂଜା କମିଟିକୁ ନିବେଦନ କରାଯାଇଛି। କମିଟି ସଭାପତି ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ସମସ୍ତ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା, ବିଭିନ୍ନ ଅଞ୍ଚଳର ମୁରବି ଓ ପ୍ରତିଷ୍ଠିତ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ।

ଦୁର୍ଗାପୂଜାରେ ସରକାରଙ୍କ ସମସ୍ତ ନୀତି ନିୟମ ମାନିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରି ପୂଜା ପାଳନ କରିବା, ପଲିଥିନ କିମ୍ବା ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବା, ଶବ୍ଦ ପ୍ରଦୂଷଣ ନ କରି ନିୟମ ଅନୁଯାୟୀ ମାଇକ୍ ବ୍ୟବହାର କରିବା, ମା’ଙ୍କ ମୂର୍ତ୍ତି ତିଆରିରେ କେମିକାଲ ରଙ୍ଗ ବା ପ୍ଲାଷ୍ଟର ଅଫ୍ ପ୍ୟାରିସ ବ୍ୟବହାର ନ କରିବା, ପ୍ରତ୍ୟେକ ମଣ୍ଡପରେ ଅଗ୍ନି ନିର୍ବାପକ ସାମଗ୍ରୀ ଓ ପାନୀୟ ଜଳ ବ୍ୟବସ୍ଥା, ମେଲୋଡିରେ ମଦ ପିଇ ନ ନାଚିବା, ରାବଣ ପୋଡିରେ ବିସ୍ଫୋରକ ବାଣ ବ୍ୟବହାର ନ କରିବା, ଭସାଣିରେ ଡିଜେ ବ୍ୟବହାର ନ କରି ପାରମ୍ପରିକ ବାଦ୍ୟ ବ୍ୟବହାର କରିବା ଭଳି ନିୟମ ମାନିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପୂଜା ସମୟରେ ବରିଷ୍ଠ ନାଗରିକ, ମହିଳା ଓ ଦିବ୍ୟାଙ୍ଗଙ୍କୁ ସମ୍ମାନର ସହ ମଣ୍ଡପଗୁଡ଼ିକରେ ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସମସ୍ତ ପୂଜା କମିଟିକୁ ନିବେଦନ କରାଯାଇଥିଲା। ଏଥିସହିତ ରାସ୍ତା ମରାମତି ବା ପୁନଃନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଡ. ହାସନ୍ ଖାଁ, ଯୁଗଳ କିଶୋର ସାହୁ, ଇଂ. ବିଜୟ ଦାଶ, ଯୋଗ ଗୁରୁ ଅକ୍ଷୟ ସ୍ୱାଇଁ, ଫିଲ୍ମ ପ୍ରଯୋଜକ ଶ୍ରୀଧର ମାର୍ଥା, ସୁରେଶ ରଥ, ସୁରେଶ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। କମିଟିର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ ଓ ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପୂଜା ପାଇଁ ବିଏମ୍‌ସିର ନିର୍ଦ୍ଦେଶ

## ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସରିବ : ମେୟର

ଭୁବନେଶ୍ୱର, ୩।୧୦(ବନ୍ଦନା ସେଠୀ)

ପାଖେଇ ଆସିଲାଣି ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା’ଙ୍କ ଆଗମନକୁ ସମସ୍ତେ ଅପେକ୍ଷା କରି ରହିଥିବାବେଳେ ବିଏମ୍‌ସି ପକ୍ଷରୁ ପୂଜା ମଣ୍ଡପ କମିଟିକୁ କେତେକ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱରର ପୂଜା ପେଣ୍ଡାଲରେ କୌଣସି ପ୍ରକାର ପ୍ଲାଷ୍ଟିକ୍ ବ୍ୟବହାର ହୋଇପାରିବ ନାହିଁ। ଏଥିସହ ପେଣ୍ଡାଲ ନିକଟରେ ଡଷ୍ଟବିନ ରହିବ। ଅଳିଆ ନେବାକୁ ଦିନକୁ ଦୁଇଥର ଗାଡ଼ି ଯିବ। ଜୈବିକ ପଦ୍ଧତିରେ ପୂଜା ପେଣ୍ଡାଲ ହେବ। ସବୁ ପୂଜା ମଣ୍ଡପରେ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ଏଥିସହ ମୂର୍ତ୍ତି ବିସର୍ଜନ ପାଇଁ ୫ଟି ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯାଇଛି ଏବଂ ପୂର୍ବଥର ପରି ଏଥର ମଧ୍ୟ ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବ ବୋଲି କୁହାଯାଇଛି। ସେହିପରି ପୂଜା ପୂର୍ବରୁ ରାଜଧାନୀର ରାଜରାସ୍ତା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଏଗୁଡିକ ମରାମତି ଦ୍ରୁତଗତିରେ ଆରମ୍ଭ ହୋଇଛି। ପୂଜା ପୂର୍ବରୁ ରାସ୍ତା ମରାମତି ନେଇ ଯେଉଁ ଡେଡ୍‌ଲାଇନ ଦିଆଯାଇଥିଲା। ବର୍ଷା ଓ ଖରାପ ପାଗ କାରଣରୁ ତାହା ହୋଇପାରି ନ ଥିଲା। ପାଗରେ ସୁଧାର ଆସିବା ପରେ ବୁଧବାରଠାରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଛି। ପୂଜା ପୂର୍ବରୁ ସବୁ ରାସ୍ତାର ମରାମତି କାମ ସାରିବାକୁ ଚେଷ୍ଟା କରାଯାଉଛି ବୋଲି ମେୟର କହିଛନ୍ତି।




ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନ ଅବସରରେ ବିଏମ୍‌ସି ପକ୍ଷରୁ ଉତ୍କଳ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ‘ବର୍ଜ୍ୟରୁ କଳାକୃତି ପ୍ରଦର୍ଶନୀ’କୁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

### ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

ବାଲିପାଟଣା, ୩।୧୦(ଅଭିମନ୍ୟୁ ନାୟକ) ବାଲିପାଟଣା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କିତ ଲିଫଲେଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସହ ଶିକ୍ଷାଧିକାରୀ ମଞ୍ଜୁଲତା ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରେଣୁବାଳା ସାହୁ, ରଶ୍ମିରେଖା ସ୍ୱାଇଁ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସରପଞ୍ଚ ବାହାନ ଭୋଇ, ସୋମନାଥ ଖଟେଇ, ପ୍ରତିମା ଜେନା, ଲକ୍ଷ୍ମୀଧର ଭୋଇ, ବିନୋଦିନୀ ମଲ୍ଲିକ, ରୋଜାଲିନ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ସରପଞ୍ଚମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଝୁନି ଦେଇ, ମମିତା ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରମିକଙ୍କ ସୁରକ୍ଷା ଦାବିକଲା ବିଶ୍ୱ ଶ୍ରମିକ ମହାସଂଘ




ଭୁବନେଶ୍ୱର,୩।୧୦(ବନ୍ଦନା ସେଠୀ)

ବିଶ୍ୱ ଶ୍ରମିକ ମହାସଂଘ (ଡବ୍ଲ୍ୟୁଏଫ୍‌ଟିୟୁ)ର ୭୯ତମ ପ୍ରତିଷ୍ଠା ଦିବସ ଗୁରୁବାର ଗାନ୍ଧୀ ମାର୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ଏବଂ ଟିୟୁସିସି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକମାନଙ୍କୁ ଦୈନିକ ୭ଘଣ୍ଟା କାର୍ଯ୍ୟ କରାଇବା, କାର୍ଯ୍ୟସ୍ଥଳୀରେ ସ୍ୱାସ୍ଥ୍ୟ ଓ ସୁରକ୍ଷା, ସମ୍ମାନ ଓ ମର୍ଯ୍ୟାଦା ସହ ଉତ୍ତମ ମଜୁରି ବ୍ୟବସ୍ଥା କରିବାକୁ ଦାବି କରାଯିବା ସହ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା କରିବା ଓ ଭାରତ ସରକାର ଇସ୍ରାଏଲକୁ ଶ୍ରମିକଙ୍କୁ ନ ପଠାଇବା ଲାଗି ନିବେଦନ କରାଯାଇଥିଲା। ସଭାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ଡବ୍ଲ୍ୟୁଏଫ୍‌ଟିୟୁର କାଉନ୍‌ସିଲ ସଦସ୍ୟ ଅମିୟ କୁମାର ମହାନ୍ତି, ଏଆଇଟିୟୁସିର ନେତା ସୁର ଜେନା, ସିଆଇଟିୟୁର ସମ୍ପାଦକ ପ୍ରଦିପ୍ତ ନାୟକ, ରମେଶ ଜେନା, ଉଲ୍ଲାସ ବେହେରା, ଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ବଂଶୀଧର ପରିଡା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର ପରିଡା ସଭା ପରିଚାଳନା କରିଥିଲେ।

# ଆକର୍ଷଣ ସାଜିଲା ବର୍ଜ୍ୟରୁ କଳାକୃତି ପ୍ରଦର୍ଶନୀ

## ବିଏମ୍‌ସିର ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ଭୁବନେଶ୍ୱର,୩।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୧୫ଦିନ ଧରି ଚାଲିଥିବା ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ସଫେଇ କର୍ମୀମାନେ ଯେଉଁଭଳି ଭାବେ ସହରର ସଫେଇ କାର୍ଯ୍ୟରେ ଲାଗିପଡିଛନ୍ତି, ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଗୋଷ୍ଠୀ ସହଭାଗିତା ବଢାଇବାକୁ ସେ ନିବେଦନ କରିଥିଲେ। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍ କହିଲେ, ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଆମର ସ୍ୱଚ୍ଛକର୍ମୀମାନେ ଦିନରାତି କାମ କରୁଛନ୍ତି। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ନାଗରିକଙ୍କ ସହଯୋଗ ଓ ସହଭାଗିତା କାମନା କରୁଛୁ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ବିଏମ୍‌ସି ସଂଯୋଜନାରେ ହୋଇଥିବା ‘ୱେଷ୍ଟ ଟୁ ଆର୍ଟ’ ବେଶ୍ ଆକର୍ଷଣୀୟ ହୋଇପାରିଛି ବୋଲି କହିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ୱେଷ୍ଟ ଟୁ ଆର୍ଟ ବା ବର୍ଜ୍ୟରୁ କଳାକୃତି ପ୍ରଦର୍ଶନୀ ବେଶ୍ ଚିତ୍ତାକର୍ଷକ ଥିଲା। ସଂଗୃହୀତ ବର୍ଜ୍ୟର ପରବର୍ତ୍ତୀ ଉପଯୋଗରେ ପ୍ରସ୍ତୁତ ହୋଇଥିବା ୨୦୦ରୁ ଅଧିକ କଳାକୃତି ଦେଖିବାକୁ ମିଳିଥିଲା। ବିଏମ୍‌ସି ଅଧୀନ ୨୨ଟି ବୈଭବ କେନ୍ଦ୍ରର ସଫେଇ କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ କଳାକୃତି ୪୦ଟି ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୂପୁର ଅନୁଷ୍ଠାନର ଓଡିଶୀ ନୃତ୍ୟ ଜରିଆରେ ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ଅଭିଜିତ୍ ମିଶ୍ର ଏବଂ ସ୍ମରଣିକାଙ୍କ ସଂଗୀତର ତାଳେତାଳେ ଝୁମିଥିଲେ ଦର୍ଶକ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସହଯୋଗୀ ସଂଯୋଜକ ଉପାୟୁକ୍ତ ଡ. ମନୋରଞ୍ଜନ ସାହୁ ଓ ସହକାରୀ ଆୟୁକ୍ତ ଏନ୍. ଗଣେଶ ବାବୁ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ପଣ୍ଡିତ ନୀଳମଣି ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ପୁରୁଣା ଭୁବନେଶ୍ୱର,୩।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଖ୍ୟାତ ଲେଖକ ନୀଳମଣି ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମାରୋହରେ ମୁଖ୍ୟ ଅତିଥି ଭାବେ ତିରୁବନ୍ନାମଲାଇ ବେଦ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର କାନୁନଗୋ, ସମ୍ମାନିତ ଅତିଥିଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପୂର୍ବତନ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ସମ୍ପାଦକ ଡ.ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନ୍ୟତମ ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଜାତୀୟ ରାଜପଥରେ ଡ୍ରେନ୍ ପାଣି



ସିଆର୍‌ପିଏଫ୍ ଛକରୁ ବରମୁଣ୍ଡା ରାସ୍ତାରେ ଜମିଥିବା ଡ୍ରେନ ପାଣିରେ ଗାଡିମୋଟର ଚଳାଚଳ କରୁଛି। (ଫଟୋ: ବିକାଶ ନାୟକ)

# ବିଏମ୍‌ସି ଅଫିସ୍ ଘେରିଲା ଅସ୍ଥାୟୀ କର୍ମଚାରୀ ସଂଘ

ଭୁବନେଶ୍ୱର, ୩।୧୦(ବନ୍ଦନା ସେଠୀ)

କିଛିଦିନର ବ୍ୟବଧାନ ପରେ ପୁଣି ଥରେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଅସ୍ଥାୟୀ କର୍ମଚାରୀ ସଂଘ। କେନ୍ଦ୍ର ସରକାର ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରିଥିବାବେଳେ ରାଜ୍ୟ ସରକାର ଏହାକୁ ଅଣଦେଖା କରୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଶ୍ରମିକଙ୍କ ମଜୁରି ବୃଦ୍ଧି କରିବା ସହ ବିଏମ୍‌ସି ଅସ୍ଥାୟୀ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରି ପ୍ରଦାନ କରିବା, ଦଶହରା ପାଇଁ ବୋନସ ପ୍ରଦାନ ଆଦି ବିଭିନ୍ନ ଦାବିରେ ଗୁରୁବାର ସଂଘ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରାଯାଇଥିଲା। ସଂଘର ସମସ୍ତ କର୍ମକର୍ତ୍ତା ରାମମନ୍ଦିର ଛକଠାରୁ ଏକ ଶୋଭାଯାତ୍ରା ବାହାରି ବିଏମ୍‌ସି ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସଂଘର ପ୍ରତିନିଧି ମେୟର ସୁଲୋଚନା ଦାସ ଓ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଠିକା କର୍ମଚାରୀଙ୍କୁ ଦଶହରା ବୋନସ୍ ବାବଦକୁ ୧ମାସର ଦରମା ପ୍ରଦାନ ଓ ଅନ୍ୟାନ୍ୟ ଦାବି ନେଇ ମେୟର ସମ୍ପୃକ୍ତ ସଫେଇ ଏଜେନ୍ସିମାନଙ୍କ ସହ ଆଲୋଚନା କରି ୨ଦିନ ମଧ୍ୟରେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା। ତେବେ ରବିବାର ସୁଦ୍ଧା ଦାବି ପୂରଣ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସମ୍ପାଦକ ସହଦେବ ନାୟକ ସୂଚନା ଦେଇଛନ୍ତି। ସଂଘର ଅନ୍ୟ ଦାବି ମଧ୍ୟରେ ବିଏମ୍‌ସି ଅଧୀନରେ ବହୁଦିନ ଧରି କାର୍ଯ୍ୟକରି ଆସୁଥିବା ସମସ୍ତ ସିଏଲ୍‌ଆର୍ କର୍ମଚାରୀଙ୍କୁ ରେଗୁଲାର କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସାବୁନ, ଗ୍ଲୋବ୍‌ସ ଓ ମାସ୍କ ପ୍ରଦାନ, ସଫେଇ ସଂସ୍ଥା ଆଓ୍ୱାରଲ୍ୟାଣ୍ଡରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ୨ବର୍ଷର ଇଏସ୍‌ଆଇ ବକେୟା ପ୍ରଦାନ ଆଦି ୮ଦଫା ଉପସ୍ଥାପନ କରାଯାଇଥିଲା।




୮ ଦଫା ଦାବି ନେଇ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରାଯାଉଛି।

# ଝଲସିବ ୪୫ ଫୁଟର ଲାଇଟ୍ ଗେଟ୍

## ରୁଚିକା ମାର୍କେଟ୍ ଦୁର୍ଗାପୂଜା କମିଟି



ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)

ଶାରଦୀୟ ନବରାତ୍ରି ପୂଜା ଗୁରୁବାରଠାରୁ ଆରମ୍ଭ ହୋଇଥିବାବେଳେ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ତୋରଣ ପ୍ରସ୍ତୁତି ମଧ୍ୟ ଦ୍ୱରାନ୍ୱିତ ହୋଇଛି। ବରମୁଣ୍ଡା ରୁଚିକା ମାର୍କେଟସ୍ଥିତ ମଣ୍ଡପରେ ଦୁର୍ଗୋତ୍ସବ ୩୪ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ୪୫ଫୁଟ ଉଚ୍ଚତା ବିଶିଷ୍ଟ ଲାଇଟ ଗେଟ୍ ମୁଖ୍ୟ ଆକର୍ଷଣ ସାଜିବ। କମିଟି ପକ୍ଷରୁ ପୂଜା ଖର୍ଚ୍ଚ ପ୍ରାୟ ୨୫ଲକ୍ଷ ଟଙ୍କା ରଖାଯାଇଛି। ମଣ୍ଡପରେ ପୂଜା ପାଇବାକୁଥିବା ମୃଣ୍ମୟୀ ମୂର୍ତ୍ତି ଉଚ୍ଚତା ୧୭ଫୁଟ ରହିଥିବାବେଳେ ମା ଦୁର୍ଗାଙ୍କ ସହ ସବୁ ପାର୍ଶ୍ୱଦେବୀ ଓ ଦେବତାଙ୍କଠାରେ ରୁପା ମୁକୁଟ, ହାର, ବାହୁଟି ଆଦି ଅଳଙ୍କାର ଶୋଭାପାଇବ। କଟକ ବଡ଼ମ୍ବା ନରସିଂହପୁର ଅଞ୍ଚଳର କାରିଗର ମୂର୍ତ୍ତି ଗଢୁଥିବାବେଳେ ଲାଇଟ ଗେଟ୍ ପ୍ରସ୍ତୁତି କାର୍ଯ୍ୟ ଭୁବନେଶ୍ୱର ଏକ ସଂସ୍ଥାକୁ ଦିଆଯାଇଛି। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଶିଶୁଙ୍କ ନୃତ୍ୟ, ଭଜନ, ଅଭୁଲା ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକୃଷ୍ଟ କରିବ। ପରମ୍ପରା ଅନୁସାରେ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ନବମୀ ଦିନ ଦହି ପଖାଳ ଭୋଗ ଲାଗି କରାଯିବ। ଦଶହରାରେ ୧୦ ହଜାର ଭକ୍ତ ପ୍ରସାଦ ସେବନ କରିବାର ବନ୍ଦୋବସ୍ତ କରାଯାଇଛି। ଅଞ୍ଚଳବାସୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ଏଠାରେ ପୂଜା ଆୟୋଜନ ହୋଇଆସୁଛି।



**ବିରାଜିବେ ମା’**

### ମାନସିକ ପୂରଣ କରନ୍ତି ମା’ ଉତ୍ତରାୟଣୀ



ଏଠାରେ ମା’ ଉତ୍ତରାୟଣୀ ଭାବେ ପୂଜା ପାଆନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମାନସିକ ହୁଣ୍ଡି ବସିବ। ଶ୍ରଦ୍ଧାଳୁ ନିଜ ମନୋବାଞ୍ଛା ପୂରଣ ପାଇଁ ସାଧ ଅନୁସାରେ ଦକ୍ଷିଣା ସହ ନାଲି କାଳିରେ ନିଜ ନାମ ଓ ଗୋତ୍ର ଲେଖି ପକାଇଥାନ୍ତି। ଦଶମୀ ଦିନ ଏହି ମାନସିକ ହୁଣ୍ଡି ଖୋଲାଯାଇ ମା’ଙ୍କ ଚରଣରେ ଅର୍ପଣ କରାଯିବାର ବିଧାନ ରହିଛି। ମାନସିକ କରୁଥିବା ବ୍ୟକ୍ତିଙ୍କ ଆଶା ପୂରଣ ହେଉଥିବା ଲୋକଙ୍କର ଅଖଣ୍ଡ ବିଶ୍ୱାସ ରହିଛି।

- ବି. କେ. ନାୟକ, ସଭାପତି

### ଶ୍ରଦ୍ଧାଳୁଙ୍କ ଘିଅରେ ଅଖଣ୍ଡ ଦୀପ ଜଳିବ



ମା’ଙ୍କ ପାଖରେ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ କରାଯିବ। ଶ୍ରଦ୍ଧାଳୁ ପ୍ରଦାନ କରୁଥିବା ଘିଅରେ ହିଁ ଏହି ଦୀପ ଅହରହ ଜଳିବ। ତେଣୁ ଘିଅ ଦାନ ଦେବାକୁ ଚାହୁଁଥିବା ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

- କେ. ରଞ୍ଜନ କୁମାର, ସମ୍ପାଦକ

### ପ୍ଲାଷ୍ଟିକ୍‌ମୁକ୍ତ ପୂଜା ପାଇଁ ଆହ୍ୱାନ



ମା’ଙ୍କ ପୂଜାରେ କୌଣସି ପ୍ଲାଷ୍ଟିକ୍ ବା ପଲିଥିନ ପଦାର୍ଥ ବ୍ୟବହାର କରାଯିବ ନାହିଁ। ତେଣୁ ମଣ୍ଡପ ବୁଲିବା ତଥା ପୂଜା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମଧ ପ୍ଲାଷ୍ଟିକ୍ ମୁକ୍ତ ପୂଜାର ଆହ୍ୱାନ ଦିଆଯାଉଛି। ଭିଡ଼ ପରିଚାଳନା ତଥା ଶୃଙ୍ଖଳା ରକ୍ଷାକୁ ବିଶେଷ ଗୁରୁତ୍ୱ ଦେଉଛୁ।

- ଦିଲୀପ କୁମାର ଭୂୟାଁ, କୋଷାଧ୍ୟକ୍ଷ

**ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି**
ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ) ନୟାହାଟ ଫାଣ୍ଡିରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଅଶୋକ ବେହେରା ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିଛନ୍ତି। ଏଥିସହ ଗାଡ଼ି ଯାଞ୍ଚ କରିବା ଓ ନିଶାସକ୍ତ ଅବସ୍ଥାରେ ଯାଉଥିବା ବ୍ୟକ୍ତିଙ୍କୁ ଅଟକାଇ ଯାଞ୍ଚ କରାଯାଉଛି। ସନ୍ଦେହ ହେଲେ ଅଟକ ରଖିବା, ନିଶା ଛାଡ଼ିବା ପରେ ତାଙ୍କୁ ଘରକୁ ପଠେଇବା, ନିଶା ନ ଖାଇବାକୁ ପରାମର୍ଶ ଦେବା ଏବଂ ଫେରାର ଅପରାଧୀଙ୍କୁ ଧରିବାକୁ ପୋଲିସ କଡ଼ା ପଦକ୍ଷେପ ନେଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧୦।୨୦୨୪

| | |
|---|---|
| ୩,୯୪,୩୭୫ ଟଙ୍କା | |
| ସୁନା | ୧.୧୯୦ ଗ୍ରାମ୍ |
| ରୁପା | ୭୦.୫୦୦ ଗ୍ରାମ୍ |

# ଆସିଲେନି ଅଧିକାରୀ, ବାହାରିଲାନି ନିଷ୍କର୍ଷ

**ଆଇଡିଏଚ୍ ରୋଗୀ କଲ୍ୟାଣ ସମିତି ବୈଠକ**

- ହସ୍ପିଟାଲ ପରିସରରେ ଟାୱାର, ଜବରଦଖଲ ଯୋଗୁ ଅସନ୍ତୋଷ
- ସମ୍ମିଳନୀ କକ୍ଷ ମରାମତି, ରୋଗୀ ପ୍ରତୀକ୍ଷା ଗୃହ ନିର୍ମାଣ ଦାବି



ଆଇଡିଏଚ୍ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ସୁନୀଲ ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ ।

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ଯକ୍ଷ୍ମା ଓ ସଂକ୍ରମିତ ରୋଗ ଚିକିତ୍ସାଳୟ (ଆଇଡିଏଚ୍)ର ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବଡି ବୈଠକ ଗୁରୁବାର ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ସୁନୀଲ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଉତ୍କଳ କୁମାର ନନ୍ଦୀ ସ୍ୱାଗତ ଭାଷଣ ଦେଇଥିଲେ। ରୋଗୀ କଲ୍ୟାଣ ସମିତିର ସହଅଧ୍ୟକ୍ଷ ଦିବାକର ପାତ୍ର, ଗଭର୍ଣ୍ଣିଂ ବଡି ସଦସ୍ୟ ଘନଶ୍ୟାମ ମର୍ଦ୍ଦରାଜ, ଡାକ୍ତର ବୀରେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିରଜାଶଙ୍କର ରଥ ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ହସ୍ପିଟାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଅନେକ ଅଧିକାରୀ ଅନୁପସ୍ଥିତ ଥିବାରୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା, ତେଣୁ କ୍ଷୋଭ ପ୍ରକାଶ ପାଇଥିଲା। ହସ୍ପିଟାଲ ପରିସରରେ ଘରୋଇ କମ୍ପାନୀର ୨ଟି ଟାୱାର ରହିଛି, ଫଳରେ ରାଡିଏଶନ୍ ଯୋଗୁ ରୋଗୀଙ୍କ ଉପରେ କୁପ୍ରଭାବ ପଡୁଛି। ବିଶେଷକରି ବର୍ଷାଦିନେ ଏହି ଟାୱାର ଯୋଗୁ କରେଣ୍ଟ ମାରୁଥିବା ଦେଖିବାକୁ ମିଳୁଛି। ତେଣୁ ଏହି ଟାୱାରକୁ ହସ୍ପିଟାଲ ପରିସରରୁ ଉଠାଇବାକୁ ଦାବି ହୋଇଥିଲା। ଏଥିସହ ଡାକ୍ତରଖାନାର ସୀମା ନିର୍ଦ୍ଧାରଣ ସହ ଜବରଦଖଲମୁକ୍ତ କରିବାକୁ ମଧ୍ୟ ଦାବି ଉଠିଥିଲା। ଡାକ୍ତରଖାନା ସମ୍ମିଳନୀ କକ୍ଷର ମରାମତି, ରୋଗୀ ପ୍ରତୀକ୍ଷା ଗୃହ ଓ ଟଏଲେଟ୍ ନିର୍ମାଣ, ଡାକ୍ତରଖାନା ପରିସର ଡ୍ରେନ୍‌ଗୁଡ଼ିକୁ କଭର୍ କରାଯିବା, ବିଭିନ୍ନ ବିଭାଗର ବିଲ୍ଡିଂକୁ ଯାତାୟାତ ପାଇଁ ବାଥ୍ ୱେ ନିର୍ମାଣ, ର୍ୟାମ୍ପ୍ ନିର୍ମାଣ ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଦାବି କରିଥିଲେ। ପାଣିକଳ ମିସ୍ତ୍ରି, ଇଲେକ୍ଟ୍ରିସିଆନ୍ ଓ ୩ଜଣ ସିକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ତେବେ ବୈଠକରେ ଅନ୍ୟ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ବିଧାୟକ ମହାନ୍ତି କ୍ଷୋଭ ପ୍ରକାଶ କରି କହିଥିଲେ, ହସ୍ପିଟାଲକୁ ଅଣଦେଖା କରାଯାଉଛି। ଅନେକ କାର୍ଯ୍ୟ ବାକି ରହିଛି। ଏନେଇ ଆଲୋଚନା ପାଇଁ ଯେଉଁମାନଙ୍କୁ ଚିଠି କରାଯାଇଥିଲା ସେମାନେ ଆସିନାହାନ୍ତି। ତେଣୁ ଆଗାମୀ ବିଧାନସଭା ଅଧିବେଶନରେ ଚିକିତ୍ସାଳୟର ସମସ୍ୟା ପ୍ରସଙ୍ଗ ଉଠାଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସେହିପରି ଡାକ୍ତରଖାନା କେମିତି ଉପଯୁକ୍ତ ମାନ୍ୟତା ପାଇବ, ସେନେଇ ଗୁରୁତ୍ୱ ଦିଆଯିବ ବୋଲି ମହାନ୍ତି କହିଥିଲେ। ବୈଠକରେ ଘନଶ୍ୟାମ ମର୍ଦ୍ଦରାଜ ଅନେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ମେଡିକାଲର ଜାଗା ଉଭୟ ପାର୍ଶ୍ୱରେ ଜବରଦଖଲ ହୋଇଛି। ଜବରଦଖଲକାରୀ ସେମାନଙ୍କ ବର୍ଜ୍ୟବସ୍ତୁ ନିଷ୍କାସନ କରୁଛନ୍ତି, ତେଣୁ ଜବରଦଖଲମୁକ୍ତ କରାଯାଉ। ଡାକ୍ତରଖାନର ଡିୟୁଟି ରୁମ୍ ବିପଦସଂକୁଳ ଅବସ୍ଥାରେ ଥିବାରୁ ତାହାର ମରାମତି, ଡାଇରିଆ ୱାର୍ଡ ପଛପଟ ଓ ପାର୍ଶ୍ୱବର୍ତ୍ତୀ କାନ୍ଥ ମରାମତି କରିବାକୁ ଦାବି ହୋଇଛି। ସୁପରିଣ୍ଟେଣ୍ଡେଣ୍ଟଙ୍କ କ୍ୱାର୍ଟର ଜବରଦଖଲମୁକ୍ତ କରିବା, ଡାଇରିଆ ଓ ଟିବି ୱାର୍ଡର ସେପ୍ଟିକ୍ ଟ୍ୟାଙ୍କ ମାସକୁ ଥରେ ସଫା କରିବା, ଟିବି ଓ ଡାଇଡିଏଚ୍‌ର ମେନ୍ ଗେଟ୍‌ରେ ସ୍ଥାୟୀ ଫଳକ ଲଗାଇବା। କୋଭିଡ୍ ବିଲ୍ଡିଂର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଧାରିବା, ରୋଗୀଙ୍କ ଆଟେଣ୍ଡାଣ୍ଟ ପାଇଁ ଶୌଚାଳୟ ନିର୍ମାଣ, ଟିଟାନସ୍ ଏବଂ ଚିକନପକ୍ସ ଡାକ୍ତର ନିଯୁକ୍ତି କରିବା ସହ ଡିଜି ସେଟ୍ ଚଲାଇବା ପାଇଁ ତେଲ ପକାଇବାକୁ ପାଣ୍ଠିର ବ୍ୟବସ୍ଥା କରିବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବାକୁ ମର୍ଦ୍ଦରାଜ ବୈଠକରେ ପ୍ରସ୍ତାବ ଦେଇଥିଲେ।

## ସଂକ୍ଷେପରେ

### ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କଲେ ଭିନିତ୍ ଅଗ୍ରୱାଲ



ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲାର ନୂତନ ଏସ୍‌ପି ଭାବେ ଭିନିତ ଅଗ୍ରୱାଲ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ଥାନାର ଅଧିକାରୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ସେବାୟତଙ୍କ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା। ଏସ୍‌ପି କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ପୁରୀ ଜିଲାବାସୀ ଓ ଭକ୍ତଙ୍କ ସେବା କରିବାର ସୌଭାଗ୍ୟ ମିଳିଛି। ଜିଲାର ସମସ୍ୟାକୁ ଅନୁଧ୍ୟାନ କରାଯାଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ଟାର୍ଗେଟ ଦିଆଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ। ଜିଲା ପ୍ରଶାସନ, ପୁରୀକୁ ଅପରାଧମୁକ୍ତ କରିବାକୁ ଲକ୍ଷ୍ୟ ରହିବ। ବିଶେଷକରି ମହିଳା ଓ ଶିଶୁ ସୁରକ୍ଷା ଉପରେ ପ୍ରାଥମିକତା ଦିଆଯିବ। ଟ୍ରାଫିକ ନିୟନ୍ତ୍ରଣ ସହ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ, ସେବାୟତ, ଜନସାଧାରଣଙ୍କ ସମେତ ସମସ୍ତଙ୍କ ସହଯୋଗରେ ଆଗକୁ ବଢ଼ିବା।

### ସ୍ୱଚ୍ଛତା ପକ୍ଷ ପାଳିତ

ପୁରୀ, ୩।୧୦(ଅଜିତ କୁମାର ମହାନ୍ତି)

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲାର ସମସ୍ତ ୧୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୯୪ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ୍ୟ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଏଥିସହିତ ଚାରା ରୋପଣ, ସଚେତନତା କାର୍ଯ୍ୟକ୍ରମ, ରୋଗୀଙ୍କ ପରିଷ୍କାର ପରିଚ୍ଛନ୍ନତା, ଡାକ୍ତରଖାନା ପାରିପାର୍ଶ୍ୱିକ ପରିବେଶକୁ ସୁସ୍ଥ ରଖିବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ଗୋପ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଚଳାଇଥିବା କଲମ ଛାଡ଼ ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି ।

# ବାଣଫୁଟା ମନା, ସବୁ ମଣ୍ଡପରେ ଲାଗିବ ସିସିଟିଭି

ପୁରୀ,୩।୧୦(ଅଜିତ କୁମାର ମହାନ୍ତି)

**ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**

- ଭସାଣି ଦିନ ସିଂହଦ୍ୱାରରେ ଏକାଠି ହେବେ ସମସ୍ତ ମେଢ଼
- ମୂଷାନଈର ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ

ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ ହୋଇଥିବାରୁ ସମସ୍ତେ ଶୃଙ୍ଖଳାର ସହ ଏହାକୁ ପରିଚାଳନା କରିବାକୁ ଅନୁରୋଧ କରିଥିଲେ। ପୂର୍ବବର୍ଷଗୁଡ଼ିକ ପରି ସମସ୍ତଙ୍କ ସହଯୋଗରେ ପୂଜା ଏବଂ ଭସାଣି ଶୃଙ୍ଖଳିତ ଓ ଭାଇଚାରାର ସହ ସମ୍ପନ୍ନ କରିବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୯ରେ ମହାସପ୍ତମୀ, ୧୦ରେ ମହାଷ୍ଟମୀ, ୧୧ରେ ନବମୀ, ୧୩ରେ ଦଶହରା ଓ ଭସାଣି, ୧୪ରେ ଗୋଷାଣୀ ଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ ନିର୍ମାଣ, ମାଇକ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦିର ଅନୁମତି ନେବା ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, ରାସ୍ତା ଅବରୋଧ ନ କରିବା, ସ୍ୱଚ୍ଛତା ବ୍ୟବସ୍ଥା କରିବେ। କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ। ଭସାଣୀ ଦିନ ସିଂହଦ୍ୱାରଠାରେ ସମସ୍ତ ମେଢ଼ ଏକତ୍ରିତ ହେବେ। ସେଠାରେ ମେଢ଼ ପ୍ରଦର୍ଶନ ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମେଢଗୁଡିକ ପୌର ପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀସେତୁ ନିକଟ ମୂଷାନଈର ଅସ୍ଥାୟୀ ପୋଖରୀରେ ବିସର୍ଜନ ହେବେ। ରାସ୍ତାଘାଟ, ବିସର୍ଜନ ସ୍ଥଳରେ ପୌରପରିଷଦ ପକ୍ଷରୁ ଆଲୋକ ଓ କ୍ରେନ ବ୍ୟବସ୍ଥା, ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା, ପୂଜା ଓ ଭସାଣି ସମୟରେ ପାନୀୟଜଳ, ଆଲୋକ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଇତ୍ୟାଦି ସମ୍ପୃକ୍ତ ବିଭାଗ କରିବାକୁ ଅନୁରୋଧ କରାଯାଇଛି। ପୂଜା କମିଟିଗୁଡ଼ିକ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା, ସିସିଟିଭି ଲଗାଇବା, ପୂଜା କମିଟି ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ ପାଇଁ ପରିଚୟପତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ଗୋପୀନାଥ କୁଅଁର, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ତହସିଲଦାର ଅଭିଷେକ ଦାଶ, ଶ୍ରୀକ୍ଷେତ୍ର ଗୋଷାଣୀ କମିଟିର ସଭାପତି ଭଗବାନ ସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ, ସଂଯୋଜକ ନରେନ୍ଦ୍ର ମହାନ୍ତି, ଆବାହକ ଶ୍ୟାମସୁନ୍ଦର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଆଖଡ଼ା ଓ ଦୁର୍ଗାପୂଜା ମଣ୍ଡପର ସଭାପତି, ସମ୍ପାଦକ ଏବଂ ବରିଷ୍ଠ କର୍ମକମର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବିଜେଡି କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ତୁଷାରକାନ୍ତି

ଅସ୍ତରଙ୍ଗ,୩।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗରେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ୨ନଂ ଜୋନ୍‌ସ୍ତରୀୟ ସମୀକ୍ଷା ଓ ଜନ ସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳକୁ କେମିତି ଆହୁରି ସକ୍ରିୟ କରାଯିବ, ତୃଣମୂଳସ୍ତରରେ ଜନସାଧାରଣଙ୍କ ସହିତ କିପରି ଯୋଡ଼ି ହୋଇରହିବେ ସେ ସମ୍ପର୍କରେ କର୍ମକର୍ତ୍ତାଙ୍କୁ ବିଧାୟକ ବେହେରା ଗୁରୁମନ୍ତ୍ର ଦେଇଥିଲେ। ଏହାସହ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି, ବିରୋଧୀ ଦଳରେ ଥିବା ସତ୍ତ୍ୱେ ଲୋକଙ୍କ ସହିତ କାମ କରିବାର ରଣନୀତି ପ୍ରସ୍ତୁତ କରିବା ଓ ଭାଜପା ମିଛ ପ୍ରତିଶ୍ରୁତି ଦେଇ ସରକାର ଗଠନ ପରେ ପ୍ରତିଶ୍ରୁତି ପାଳନ କରୁ ନ ଥିବାରୁ ଏହାକୁ ଜନସାଧାରଣଙ୍କୁ ସଚେତନ କରିବା। ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମୀକ୍ଷା ବୈଠକରେ ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ଚମ୍ପକ ବାରିକି, ରାମଚନ୍ଦ୍ର ନାୟକ, ଗଦାଧର ବିଶ୍ୱାଳ, ସାଇରଞ୍ଜନ ପ୍ରଧାନ, ପ୍ରଶାନ୍ତ ନାୟକ, ୨ନଂ ଜୋନ୍ ବିଜେଡିର ସମସ୍ତ ଜନପ୍ରତିନିଧି, ପଞ୍ଚାୟତ ସଭାପତିଙ୍କ ସମେତ ସାଙ୍ଗଠନିକ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ସମୀକ୍ଷା କରିବା ସହ କିଭଳି ଆଗକୁ ସାଙ୍ଗଠନିକ କାର୍ଯ୍ୟରେ ବୃଦ୍ଧି ଘଟିବ ତାହା ଉପରେ ଆଲୋଚନା କରିଥିଲେ।

## ଡୁଗୁରେଇଙ୍କ ପାରମ୍ପରିକ କାଠିଯାତ୍ରା

ସାକ୍ଷୀଗୋପାଳ,୩।୧୦(ଭରତ ରାଉତ)



ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପୁରୀ ବଡ଼ଓଡ଼ିଆ ମଠ ଅଧୀନରେ ଥିବା ନରେନ୍ଦ୍ରପୁର ଗ୍ରାମସ୍ଥିତ ମା' ଡୁଗୁରେଇଙ୍କ ପାରମ୍ପରିକ କାଠି ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁ ଓ ମାନସିକଧାରୀମାନେ ଅର୍ପଣ କରୁଥିବା ଶାଢ଼ିକୁ ସେବକମାନେ କାଠିରେ ବାନ୍ଧିଥିଲେ। ସୁସଜ୍ଜିତ କାଠି ମା'ଙ୍କ ଶ୍ରୀଅଙ୍ଗରେ ଲଗାଯାଇ ବେଢ଼ା ପରିକ୍ରମା କରାଯାଇଥିଲା। ଭକ୍ତମାନଙ୍କ ଗହଣରେ କାଠି ମା'ଙ୍କୁ ଚଉଦଗୁଣ୍ଠ ଗ୍ରାମର ତାରିଣୀ ସାହିକୁ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଅବସରରେ ନରେନ୍ଦ୍ରପୁର ଚଉଦଗୁଣ୍ଠି, ପାଇକ ସାହିର ସମସ୍ତଙ୍କ ଦୁଆରେ ବାଳ ଭୋଗ କରାଯାଇ ସନ୍ଧ୍ୟାରେ କାଠି ମନ୍ଦିରକୁ ବିଜେ କରାଯାଇଥିଲା। ମନ୍ଦିରରେ ମା'ଙ୍କ ନୀତିକାନ୍ତିରେ ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ମା'ଙ୍କ ପାଇଁ ଶଙ୍ଖୁଡ଼ି ଭୋଗ, ପୋଡ଼ାବଳି, ଅନ୍ନ, ବେସର ଲାଗି କରିଥିଲେ। ଏହି ଅବସରରେ ଗ୍ରାମ ଉତ୍ସବମୁଖର ହୋଇଥିଲା। ଏହି ନିଆରା ପ୍ରଥା ଓ ପରମ୍ପରାକୁ ଦେଖିବା ପାଇଁ ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗିଥିଲା।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ବରିଷ୍ଠ ନାଗରିକ ଦିବସ





ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୩।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ତଳଅଣ୍ଡିଆସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ ପରିସରରେ ଆୟୋଜିତ ସମାରୋହରେ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ସୌମ୍ୟକ୍ ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି) ସୌରଭ ସାଗର ପ୍ରଧାନ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ପବିତ୍ର ମୋହନ ମହାପାତ୍ର, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ଦିଗମ୍ବର ନାୟକ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ବହୁ କର୍ମକର୍ତ୍ତା, ସଦସ୍ୟ, ପିଙ୍ଗଳାକ୍ଷୀ ସ୍ୱତନ୍ତ୍ର ବିଇଡି କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ସେବା ଉଦ୍ଦେଶ୍ୟରେ ଶପଥ ପାଠ କରାଯାଇଥିଲା। ଅନୁଷ୍ଠାନର ସୁମନ୍ତ ମଲ୍ଲିକ, ଚନ୍ଦନ ମହାରଣା, ଲିଲି ବଳ, ପ୍ରଭାତ ବେହେରା ଏବଂ ଜନ୍ମେଜୟ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ଜୟ ଭବାନୀ ମା' ସଙ୍ଗୀତ ଉନ୍ମୋଚିତ



ପୁରୀ,୩।୧୦(ଅଜିତ୍ କୁମାର ମହାନ୍ତି)

ଶାରଦୀୟ ଦୁର୍ଗାପୂଜା ଅବସରରେ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଓଡ଼ିଶା ମ୍ୟୁଜିକ ଏକାଡେମୀ ଦ୍ୱାରା ପ୍ରସ୍ତୁତ କଣ୍ଠଶିଳ୍ପୀ ତଥା ଶ୍ରୀମନ୍ଦିର ସିଂହାରୀ ସେବକ ଶଙ୍ଖମିତ୍ର ସିଂହାରୀଙ୍କ 'ଜୟ ଭବାନୀ ମା' ସଙ୍ଗୀତ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ କସ୍ତୁରୀ ସୁଆର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୀତିକାର ବଦ୍ରି ମିଶ୍ର, ରବିଶଙ୍କର ପ୍ରତିହାରୀ, ଗୌରହରି ପ୍ରଧାନ, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସୁଜିତ୍ କୁମାରଙ୍କ ନିର୍ଦ୍ଦେଶନାରେ ଦୀପ୍ ଷ୍ଟୁଡିଓ ପ୍ରସ୍ତୁତ ଓ ଭକ୍ତି ସଙ୍ଗୀତ ୟୁଟ୍ୟୁବ୍ ମାଧ୍ୟମରେ ପ୍ରସାରିତ ଏହି ସଙ୍ଗୀତକୁ ବିଭୁ ପ୍ରସାଦ ତ୍ରିପାଠୀ ସଂଯୋଜନା କରିଥିବାବେଳେ କୃଷ୍ଣପ୍ରିୟା ପ୍ରଧାନ ଏହାର ଗୀତିକାର ରହିଛନ୍ତି। ପୂର୍ବରୁ ଶଙ୍ଖମିତ୍ରଙ୍କ ସଙ୍ଗୀତ ସଂଯୋଜନା ଓ କଣ୍ଠରେ କ୍ୟାସେଟ 'ବଇଁଶି ବାଜିଲା –ରାଧା ବାହାରିଲା', 'ରଥ ସାଆନ୍ତେ' ଏବଂ 'ମା' ଶକ୍ତି' ସଫଳତା ହାସଲ କରିଥିଲା।

# ସମୁଦ୍ର ସଫେଇ ସହ ସଚେତନତା ସୃଷ୍ଟି

ପୁରୀ,୩।୧୦(ଅଜିତ୍ କୁମାର ମହାନ୍ତି)

ଗାନ୍ଧୀ ଜୟନ୍ତୀ ଅବସରରେ ବୁଧବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବେଳାଭୂମି ସଫେଇ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗିଫ୍ଟ ଫାଉଣ୍ଡେଶନ ସଭାନେତ୍ରୀ ପ୍ରିୟଦର୍ଶିନୀ ବେହେରାଙ୍କ ନେତୃତ୍ୱରେ ହୋଟେଲ ଲକି ଇଣ୍ଡିଆ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୋଟେଲ ଲକି ଇଣ୍ଡିଆ ଜେନେରାଲ ମ୍ୟାନେଜର ଦେବେନ୍ଦ୍ର ରଥ, ଗିଫ୍ଟ ଫାଉଣ୍ଡେଶନ ଉପସଭାପତି ନିରୋଦ ଘୋଷ, କୋଷାଧ୍ୟକ୍ଷ ଦିଲୀପ ବିଶ୍ୱାଳ, ସହସମ୍ପାଦକ ବିଷ୍ଣୁପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁନୀତ ସାଗର ଅଭିଯାନର ଅଂଶବିଶେଷ କ୍ରମେ ଲାଇଟ ହାଉସ ସମ୍ମୁଖ ସମୁଦ୍ରକୂଳ ସଫେଇ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩୦୦ ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ସେମାନେ ନୁକ୍କଡ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମ ୬(ଓ) ବାଟାଲିଅନ ଏନ୍‌ସିସି ପୁରୀ ପକ୍ଷରୁ ଏବଂ କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା, ଏସ୍‌ସିଏସ୍ (ଏ) କଲେଜ ଏନ୍‌ସିସି ଅଫିସର କ୍ୟାପଟେନ ସଚ୍ଚିଦାନନ୍ଦ ସାହୁ, ଏସ୍‌ଏମ୍ ମୁକେଶ କୁମାର ଏବଂ ଅନ୍ୟ ଏନ୍‌ସିସି କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସେହିପରି ଦିଗବାରେଣି ସମୁଦ୍ର କୂଳରେ ନେହେରୁ ଯୁବକେନ୍ଦ୍ର, ପୁରୀ ଦ୍ୱାରା ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଏମ୍‌ପି ସମ୍ବିତ ପାତ୍ର ମୁଖ୍ୟ ଅତିଥି, ଶିବାଜୀ ମୁରଲୀଧର ଖରାତ ନେହେରୁ ଯୁବ କେନ୍ଦ୍ର ରାଜ୍ୟ ନିର୍ଦ୍ଦେଶକ, ମନିଷ କିଶାନ ଉପସଚିବ କ୍ରୀଡ଼ା ଓ ଯୁବସେବା ଭାରତ ସରକାର, ଡ. ହରପ୍ରିୟା ଦାଶ ପ୍ରିନ୍ସିପାଲ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ, ଜୟନ୍ତ ଷଡ଼ଙ୍ଗୀ ପୂର୍ବତନ ବିଧାୟକ ଏବଂ ଅଶୋକ କୁମାର ବେହେରା ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଡିଏମ୍‌ଓ ଅଫିସ, ଏନ୍‌ଏସ୍‌ଏସ୍ ସମେତ ଟ୍ରେକିଂ କ୍ଲବ ପୁରୀ, ମିଶନ ଓଡ଼ିଶା, ମାର୍ସ ଓଡ଼ିଶା, ହାପିନେସ୍ ଫାଉଣ୍ଡେଶନ ଓ ଗୋପିନାଥ ସେବା ପରିଷଦରେ ୩୦୦ ସ୍ୱେଚ୍ଛାସେବୀ ଯୋଗଦାନ କରି ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରେକିଂ କ୍ଲବ ସମ୍ପାଦକ ଶିବଶଙ୍କର ପ୍ରଧାନ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ମାର୍ସ ଓଡ଼ିଶା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ପୂଜାରୀ ପରିଚାଳନା କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଏନ୍‌ସିସି ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।





ଗିଫ୍ଟ ଫାଉଣ୍ଡେଶନ ଓ ହୋଟେଲ ଲକି ଇଣ୍ଡିଆ ପକ୍ଷରୁ ବେଳାଭୂମି ସଫେଇ କରାଯାଉଛି ।

# ହୋହଲ୍ଲାରେ ସରିଲା କଣାସ ପଞ୍ଚାୟତ ସମିତି ବୈଠକ

କଣାସ,୩।୧୦(ବିଭୂତି ଭୂଷଣ ତ୍ରିପାଠୀ)





ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ଓ ଅନ୍ୟମାନେ ।

କଣାସ ପଞ୍ଚାୟତ ସମିତିର ୯ମ ବୈଠକ ସେପ୍ଟେମ୍ବର ୨୦ତାରିଖ ଦିନ ହେବାକୁ ଥିବାବେଳେ କୋରମ ଅଭାବରୁ ବୈଠକକୁ ବାତିଲ କରାଯାଇ ଗୁରୁବାର ପୁନଶ୍ଚ କଣାସ ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ପ୍ରଣତୀ ଜେନା, ସାଂସଦଙ୍କ ପ୍ରତିନିଧି ରାମଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ଆଇଆଇସି ରାକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସମସ୍ତ ଲୋକ ପ୍ରତିନିଧି ଏବଂ ଜିଲାର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦ୍ଦେବଙ୍କ ବିୟୋଗ ହୋଇଥିବାରୁ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ବିଭିନ୍ନ କମିଟିରେ ସ୍ଥାନ ପାଇଥିବା ପ୍ରତିନିଧିମାନଙ୍କୁ ଅଦଳବଦଳ କରିବା ପାଇଁ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଜିଦ୍ ଧରିଥିଲେ। କାହିଁକି ୭ଟି କମିଟିରେ ସମିତି ସଭ୍ୟମାନେ ରହିବେ, ସରପଞ୍ଚ ୨ରୁ ୩ ଜଣଙ୍କୁ କାହିଁକି ରଖାଯିବ ନାହିଁ, ପାଟିତୁଣ୍ଡ କରିବା ସହିତ ଜିଦ୍ ଧରିବାରୁ କେତେକ ସମିତି ସଭ୍ୟ ତାଙ୍କ ସହିତ ପ୍ରତିବାଦ କରିବାରୁ କିଛି ସମୟ ଧରି ଯୁକ୍ତିତର୍କ ଲାଗି ରହିଥିଲା।

ବଡ଼ାଲ ସରପଞ୍ଚ ଧନେଶ୍ୱର ଲେଙ୍କା କହିଛନ୍ତି, ୨୦୨୨ ଠାରୁ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ସରପଞ୍ଚମାନଙ୍କ ନିକଟକୁ ଆସି ନ ଥିବାରୁ ୩ବର୍ଷ ହେଲା ଯେଉଁ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ହରିଶ୍ଚନ୍ଦ୍ର ପଇସା ସରପଞ୍ଚମାନେ ହରିଲୁଟ୍ କରୁଛନ୍ତି ବୋଲି ପଞ୍ଚାୟତର ଲୋକମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିବା ଦର୍ଶାଇଥିଲେ। ଏହି ଅର୍ଥକୁ ନେଇ ସରପଞ୍ଚ ଓ ବିଡିଓଙ୍କ ମଧ୍ୟରେ କଥା କଟାକଟି ଚାଲିଥିଲା। ପରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଅଭିଯୋଗ କରିଥିଲେ, ବନ ବିଭାଗ ପକ୍ଷରୁ କଣାସ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗଛ ଲଗାଇବାରେ ବହୁକୋଟି ଟଙ୍କା ହରିଲୁଟ କରାଯାଇଛି। ଏନେଇ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି।

କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ ଅଭିଯୋଗ କରିଥିଲେ, କଣାସ ବ୍ଲକରେ କେଉଁ ବିଭାଗର କେତୋଟି ପାସ୍ ବୁକ୍ ଅଛି, କେତେ ଟଙ୍କା ସୁଧ ମିଳିଛି ସେ ସମ୍ପର୍କରେ ପ୍ରତି ସମିତି ବୈଠକରେ ବିଡିଓଙ୍କୁ ପଚାରିଲେ ମଧ୍ୟ ବିଡିଓ ଠିକ୍ ଉତ୍ତର ଦେଉନାହାନ୍ତି। ଆଜିର ବୈଠକରେ ମଧ୍ୟ ବିଡିଓ ଠିକ୍ ଉତ୍ତର ଦେଇପାରି ନ ଥିଲେ। ୨୦୨୩–୨୪ର ୧୫ତମ ସିଏଫ୍‌ସି ଏବଂ ୫ମ ଏସ୍‌ଏଫ୍‌ସି ୧କୋଟି ୧୭ଲକ୍ଷ ଟଙ୍କା ଏବଂ ୨୦୨୪–୨୫ମସିହାର ୧୫ତମ ସିଏଫ୍‌ସି ଏବଂ ୫ ଏସ୍‌ଏଫ୍‌ସି ୧କୋଟି ୧୭ଲକ୍ଷ ଟଙ୍କା ଥିଲେ ମଧ୍ୟ ତାହା ବଣ୍ଟାଯାଇ ନ ଥିବାରୁ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା।

**ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା**

କଣ୍ଟାପଡା,(ସୁରନାରାୟଣ ସାହୁ): କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଡମପଡା ବ୍ଲକ୍‌କୁ ହରାଇ ମାହାଙ୍ଗା ବ୍ଲକ୍ ଚାମ୍ପିୟନ ହୋଇଛି। ପ୍ରାଚୀ ଏକାଡେମୀର ପ୍ରଧାନ ଶିକ୍ଷକ ଅଜୟ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାପଡ଼ା ବ୍ଲକ ଅଧକ୍ଷା ଜିନା ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଯତୀନ୍ଦ୍ର ବରାଳ, ଅଶୋକ ମହାପାତ୍ର, ଜିଲା ଶାରୀରିକ ଶିକ୍ଷାଧିକାରୀ ସୌଦାମିନୀ ଦାସ, କଣ୍ଟାପଡା ବ୍ଲକ କ୍ରୀଡା ସଙ୍ଗଠନ ସମ୍ପାଦକ କମଳକାନ୍ତ ପ୍ରଧାନ ଯୋଗଦେଇଥିଲେ। ଏଥିରେ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ଦିଆଯାଇଥିଲା। ସଂଗ୍ରାମ କେଶରୀ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଷୋଳପୂଜା ଅବସରରେ କଟକଚଣ୍ଡୀଙ୍କ ଜଗଧାତ୍ରୀ ବେଶ।



ମା' ଗଡ଼ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।



ମା' ଝାଞ୍ଜିରୀ ମଙ୍ଗଳାଙ୍କ କମଳା ବେଶ।



ବାସନ୍ତୀ ଦୁର୍ଗାଙ୍କ ନୀଳ ସରସ୍ୱତୀ ବେଶ।



ପୀଠାପୁର ଧାକୁଲେଇଙ୍କ ବଗଳାମୁଖୀ ବେଶ।



ବଡ଼ମ୍ବର ଭଟ୍ଟାରିକାଙ୍କ ଜଗଧାତ୍ରୀ ବେଶ।



ତିଗିରିଆ ନୂଆପାଟଣାସ୍ଥିତ କଳାପାଟ ଠାକୁରାଣୀଙ୍କ କପାଳିନୀ ବେଶ।

## ସଂକ୍ଷେପରେ

### ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ପାଳିତ

ଚୌଦ୍ୱାର,୩।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମି ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ ଅତିଥି ଭାବେ ଯୋଗଦେଇ ସମାଜର ବିକାଶ ଓ ସ୍ୱଚ୍ଛତା ରକ୍ଷାରେ ଛାତ୍ରୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଯୁକ୍ତ ୨ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସସ୍ମିତା କର କାର୍ଯ୍ୟକ୍ରମ ପରିଚାଳନା ଓ ତନୁଶ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ କରିଥିଲେ।

### ଶିକ୍ଷାବିତ୍‌ଙ୍କ ସ୍ମୃତିସଭା

ଫୁଲନଖରା,୩।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ଶିକ୍ଷାବିତ୍ ତଥା ଶିକ୍ଷକ ବାର୍ତ୍ତାର ପୂର୍ବତନ ପ୍ରକାଶିକା କୁସୁମ କୁମାରୀ ଖଟୁଆଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଫୁଲନଖରାସ୍ଥିତ ବିଶ୍ୱକେଶନ ପ୍ରତିଭା ଭବନଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। କୁସୁମ କୁମାରୀ ସ୍ମୃତି ସଂସଦ ସଭାପତି କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ଜଳ ପ୍ରକଳ୍ପର ପୂର୍ବତନ ନିର୍ଦ୍ଦେଶକ ଇଂ. ସହଦେବ ଖଟୁଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଯୁଟିଆ ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର କହିଥିଲେ, କୁସୁମ ଯୁଟିଆ ସଂଘର ମୁଖ୍ୟ କର୍ଣ୍ଣଧାର ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲଆଇ ସଂଘର ରାଜ୍ୟ ସଭାପତି ଉପେନ୍ଦ୍ର ନାଥ ରଣା, ସାମାଜିକ କର୍ମୀ ନଳିନୀ କୁମାର ସ୍ୱାଇଁ, ସାମାଜିକ ଅନୁଷ୍ଠାନ ସହଯୋଗ ଓଡ଼ିଶା ସଭାପତି ଗଣେଶ ପ୍ରସାଦ ଦାଶ, ସୁଧାଂଶୁବାଳା ପଟ୍ଟନାୟକ, ଅହଲ୍ୟା ପ୍ରଧାନ, ସ୍ମୃତିଭାନୁ ପଟ୍ଟନାୟକ, ତ୍ରିଲୋଚନ ମହାପାତ୍ର, ଧର୍ମାନନ୍ଦ ନାୟକ, ସୁଜିତ୍ କୁମାର ସାହୁ ଯୋଗଦେଇଥିଲେ। ଶିକ୍ଷାବିତ୍ କେଦାରଲକ୍ଷ୍ମୀ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ, ସ୍ମୃତି ସଂସଦ ସମ୍ପାଦକ ଡ. ବ୍ରଜକିଶୋର ନାୟକ ସ୍ୱାଗତ ଭାଷଣ ଓ ସ୍ୱର୍ଗତ ଖଟୁଆଙ୍କ ସ୍ୱାମୀ ପ୍ରଫେସର ଯୁଧିଷ୍ଠିର ଖଟୁଆ କୃତଜ୍ଞତା ଜଣାଇଥିଲେ।

# ପାର୍ବଣରେ ଡିଜେ ବାଜିବ ଧୀରେ

କଟକ,୩।୧୦(କାର୍ତ୍ତିକ ସାହୁ)



**ହାଇକୋର୍ଟରେ ସହର ସମସ୍ୟା ସମ୍ପର୍କିତ ମାମଲା**

■ଚାନ୍ଦିନୀଚୌକ, ଖାନ୍‌ନଗର ପୂଜା କମିଟି ଦେବ ଅଣ୍ଡରଟେକିଂ

ଶାରଦୀୟ ଦୁର୍ଗାପୂଜାକୁ ସରସ ସୁନ୍ଦର କରିବା ପାଇଁ ରାସ୍ତାଘାଟ ଚକାଚକ କରିବା ସହ ପୂଜାରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଜା ଅଥବା ଡିଜେ ବଜାଇବା ଉପରେ ହାଇକୋର୍ଟ କଟକଣା ଜାରି କରିଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିକରି ଗୁରୁବାର କେତେକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଆସନ୍ତା ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଦୁର୍ଗାପୂଜାରେ ଡିଜେ ଧୀରେ ବାଜିବ। ଉଚ୍ଚ ଶବ୍ଦରେ ଡିଜେ ଓ ଲାଉଡ୍‌ସ୍ପିକର ବଜାଇଲେ ପୋଲିସ ସେଗୁଡ଼ିକୁ ଜବତ କରିବ। ପୂଜା ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭସାଣି ସମୟରେ ଏହି ନିୟମକୁ ପୂଜା କମିଟିଗୁଡ଼ିକ କଡ଼ାକଡ଼ି ପାଳନ କରିବେ। ଏଗୁଡ଼ିକର ବ୍ୟବହାରବେଳେ ଉଚ୍ଚ ଶବ୍ଦ ଯେପରି ସୃଷ୍ଟି ନ ହୁଏ ସେଥିପାଇଁ ପୂଜା କମିଟିଗୁଡ଼ିକୁ ସଚେତନ କରାଇବା ଉପରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିସିପି ଜଗମୋହନ ମୀନା ହାଇକୋର୍ଟରେ ହାଜର ହୋଇ ଏନେଇ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରାସ୍ତା, ଫୁଟ୍‌ପାଥ ଉପରେ ଚାନ୍ଦିନୀଚୌକ ଓ ଖାନ୍‌ନଗର ପୂଜା କମିଟିର ତୋରଣ ନିର୍ମାଣ ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ସଂକ୍ରାନ୍ତରେ ଡିସିପି ଅଦାଲତଙ୍କୁ ଅବଗତ କରାଇଥିଲେ ଯେ, ଲାଲବାଗ ଓ ବାଦାମବାଡ଼ି ଥାନାର ଆଇଆଇସିଙ୍କୁ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ ଏହି ୨ ପୂଜା କମିଟି ପକ୍ଷରୁ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର ଅଦାଲତଙ୍କୁ ଅବଗତ କରାଇଥିଲେ ଯେ, ପୂଜା ପେଣ୍ଡାଲ ନେଇ ହାଇକୋର୍ଟ ଆଦେଶ ଦେବାବେଳକୁ ତୋରଣ ନିର୍ମାଣ କାର୍ଯ୍ୟ ବହୁ ଭାବେ ଆଗେଇଯାଇଛି। ଏପରିସ୍ଥିତିରେ ପୂଜା ପେଣ୍ଡାଲ ନିର୍ମାଣ ବଦଳାଇବା ସମ୍ଭବ ନୁହେଁ। ତେଣୁ ଚଳିତବର୍ଷ ପାଇଁ ପୋଲିସ ସହଯୋଗରେ ଉକ୍ତ ୨ ପୂଜା କମିଟି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରାସ୍ତାରେ ଭିଡ଼ ହଟାଇବା ପାଇଁ ଟ୍ରାଫିକ ପରିଚାଳନା କରିବେ। ଏଥିସହ ଆଗାମୀ ବର୍ଷରୁ ଏଭଳି କୌଣସି ପୂଜା ପେଣ୍ଡାଲ ନିର୍ମାଣ କରିବେ ନାହିଁ। ଏଥିପାଇଁ ୨ ପୂଜା କମିଟି ଆସନ୍ତା ୩ ଦିନ ମଧ୍ୟରେ ଅଣ୍ଡରଟେକିଂ ପ୍ରଦାନ କରିବେ ବୋଲି ହାଇକୋର୍ଟଙ୍କ ଆଦେଶ ରହିଛି।

ଅପରପକ୍ଷରେ ସହରର ରାସ୍ତାଘାଟ ମରାମତି ନେଇ ସିଏମ୍‌ସି ଅଧିକାରୀମାନେ ଦେଉଥିବା ଭ୍ରମାତ୍ମକ ତଥ୍ୟ ଉପରେ ହାଇକୋର୍ଟ ଦୁଃଖପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏଭଳି ଭ୍ରମାତ୍ମକ ତଥ୍ୟ ପ୍ରଦାନ ନ କରିବାକୁ ହାଇକୋର୍ଟ କହିବା ସହ ଏଭଳି ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତେଇ ଦେଇଛନ୍ତି। ସିଏମ୍‌ସି କମିଶନର, ସିଟି ଇଞ୍ଜିନିୟରଙ୍କ ସମେତ ବିଭିନ୍ନ ୱାର୍ଡର କନିଷ୍ଠ ଯନ୍ତ୍ରୀ ହାଜର ହୋଇ ପୂଜା ପୂର୍ବରୁ ରାସ୍ତା ମରାମତି ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚଣ୍ଡୀମନ୍ଦିର ସମ୍ମୁଖରେ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅବରୋଧ କରାଯାଇଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନେଇ ଆଗତ ଅଭିଯୋଗ ଉପରେ ପୂଜା ପୂର୍ବରୁ ବିହିତ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ସହରର ବିଭିନ୍ନ ଅଞ୍ଚଳରୁ ଅଚଳ ଆଲୋକଗୁଡ଼ିକୁ ଅପସାରଣ କରାଯାଇଛି। ସହରର କୌଣସି ଅଞ୍ଚଳ ଅନ୍ଧକାର ରହିବ ନାହିଁ ବୋଲି ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

# ଅତିରିକ୍ତ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ଉମାଶଙ୍କର

ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଅତିରିକ୍ତ ପୋଲିସ କମିଶନର ଭାବେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାସ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ନରେ ସେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସମସ୍ତ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ନୂଆ ଦାୟିତ୍ୱ ଗ୍ରହଣ ଅବସରରେ ଉମାଶଙ୍କର କହିଛନ୍ତି, କମିଶନରେଟ୍ ପୋଲିସରେ ଯେଉଁ ଟିମ୍ ରହିଛି, ମୁଁ ସମ୍ପୂର୍ଣ୍ଣ ସହଯୋଗ ଦେବି। ଟ୍ୱିନ୍ ସିଟିବାସୀଙ୍କ କମିଶନରେଟ୍ ପୋଲିସଠାରୁ ଯେଉଁ ଆଶା ରହିଛି ତାହା କେମିତି ପୂରଣ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବି। ଯେତେବେଳେ ଯାହା ଦାୟିତ୍ୱ ଦିଆଯିବ ସମ୍ପୂର୍ଣ୍ଣ କରିବି ବୋଲି ଉମାଶଙ୍କର କହିଛନ୍ତି। ଏହାପୂର୍ବରୁ ଉମାଶଙ୍କର ଡିଆଇଜି ର୍‍ୟାଙ୍କ୍‌ରେ ରହି ଅନୁଗୋଳ ଏସ୍‌ପି ଭାବେ ଅବସ୍ଥାପିତ ଥିଲେ। ଏଥିସହ ୨୦୨୨ରେ ମଧ୍ୟ ଉମାଶଙ୍କର କମିଶନରେଟ୍ ପୋଲିସରେ ଅତିରିକ୍ତ ପୋଲିସ କମିଶନର ଭାବେ କାମ କରିଥିଲେ।

# କାର୍ଯ୍ୟରେ ଯୋଗଦେଲେ ଗ୍ରାମାଞ୍ଚଳ ଏସ୍‌ପି

କଟକ,୩।୧୦ (କାର୍ତ୍ତିକ ସାହୁ)



କଟକ ଗ୍ରାମାଞ୍ଚଳ ଏସ୍‌ପି ଭାବେ ଆଇପିଏସ୍ ଅଫିସର ପ୍ରତୀକ୍ ସିଂ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୂଚନାଯୋଗ୍ୟ, ୨୦୧୪ ବ୍ୟାଚ୍ ଆଇପିଏସ୍ ଜୁନିୟର ଆଡ୍‌ମିନିଷ୍ଟ୍ରେଟିଭ ଗ୍ରେଡ୍ ଅଫିସର ସିଂ ପୂର୍ବରୁ ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟ କରିଛନ୍ତି। ୧୯୮୮ ଅଗଷ୍ଟ ୧୮ରେ ହରିୟାଣାରେ ଜନ୍ମିତ ସିଂ ୨୦୨୦ ଜୁଲାଇ ୧୪ରେ କଟକ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କଟକ ଡିସିପି ଭାବେ ସେ ୧ ବର୍ଷ ୯ ମାସ କାର୍ଯ୍ୟ କରିବା ପରେ ୨୦୨୨ ମେ' ୪ରେ ଭୁବନେଶ୍ୱର ଡିସିପି ଭାବେ ବଦଳି ହୋଇଥିଲେ।




୭ ଦଫା ଦାବି ନେଇ କଟକ ସ୍ୱଚ୍ଛସାଥୀ ସଂଘ ପକ୍ଷରୁ ଗୁରୁବାର କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# ବାଲିଯାତ୍ରା ପାଇଁ ଗଠନ ହେବ ନୂଆ କମିଟି

କଟକ,୩।୧୦(କାର୍ତ୍ତିକ ସାହୁ)

ଚଳିତବର୍ଷ ବାଲିଯାତ୍ରା ଆୟୋଜନ ଦାୟିତ୍ୱରୁ କଟକ ମହାନଗର ନିଗମ (ସିଏମ୍‌ସି)କୁ ଅନ୍ତର କରାଯାଇଥିବା ନେଇ ପ୍ରଚାରିତ ଗୁଜବକୁ ଖଣ୍ଡନ କରାଯାଇଛି। କଟକ ଜିଲା ସାଂସ୍କୃତିକ ପରିଷଦର ନଜରକୁ ଏପରି ଗୁଜବ ଆସିବା ପରେ ଏନେଇ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଗୁଜବ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଓ ଭ୍ରମାତ୍ମକ ବୋଲି କୁହାଯାଇଛି। ଅପରପକ୍ଷରେ ଚଳିତ ବାଲିଯାତ୍ରାର ସୁପରିଚାଳନା ପାଇଁ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ସହରାଞ୍ଚଳ ପୋଲିସ, ସହଯୋଗୀ ଅନୁଷ୍ଠାନଗୁଡ଼ିକୁ ନେଇ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କଟକ ଜିଲାପାଳଙ୍କ ଅଧକ୍ଷତାରେ ଗଠନ ହେବାକୁ ଥିବା ଉକ୍ତ କମିଟିରେ ସିଏମ୍‌ସି କମିଶନର ଆବାହକ ସଦସ୍ୟ ଭାବେ ରହିବାକୁ ସ୍ଥିର ହୋଇଛି। ତେଣୁ ବାଲିଯାତ୍ରା ପରିଚାଳନାରୁ ସିଏମ୍‌ସିକୁ ବାଦ୍ ଦିଆଯିବାର ପ୍ରଶ୍ନ ଉଠୁନାହିଁ ବୋଲି କୁହାଯାଇଛି। କଟକର ଗର୍ବ ହେଉଛି ବାଲିଯାତ୍ରା। ତେଣୁ ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଜନସାଧାରଣଙ୍କଠାରୁ ଆରମ୍ଭ କରି ସବୁ ସ୍ତରରୁ ସହଯୋଗ ଓ ଉଦ୍ୟମ ଲୋଡ଼ା ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ

କଟକ ସଦର,୩।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବୟସ୍କ ବ୍ୟକ୍ତିଙ୍କ ପାଇଁ ବିସିଜି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରୁମାନା ଜାଫ୍ରୀ, ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ପ୍ରଶାନ୍ତ କୁମାର ସାମଲ, ବରିଷ୍ଠ ଚିକିତ୍ସା ନିରୀକ୍ଷକ ଭବାନୀ ଶଙ୍କର ପଟ୍ଟନାୟକ, ଡ. ଶୁଭାଶିଷ ଶତପଥୀ, ଡ. ରାକେଶ ଜେନା, ଜୟଶ୍ରୀ ଦାସ, ରଞ୍ଜିତ୍ ସ୍ୱାଇଁ, ସମିତି ସଭ୍ୟ ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ନଭେମ୍ବର ୧୩ରେ ଧବଳେଶ୍ୱରଙ୍କ ବଡ଼ଓଷା

ଖୁଣ୍ଟୁଣୀ, ୩।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ପାଳନ କରାଯିବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଗୁରୁବାର ଧବଳେଶ୍ୱର ପୀଠ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧକ୍ଷତା କରିଥିଲେ। ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଧବଳେଶ୍ୱର ପୀଠରେ କାର୍ତ୍ତିକ ବ୍ରତ ପାଳନ ହେବ। ସେହିପରି ନଭେମ୍ବର ୧୨ରୁ ୧୫ ପର୍ଯ୍ୟନ୍ତ ପଞ୍ଚକ ବ୍ରତ ପାଳନ କରାଯିବ। ନଭେମ୍ବର ୧୩ରେ ବଡ଼ଓଷା ପାଳନ ହେବ। ଏହିଦିନ ବଡ଼ସିଂହାର ବେଶରେ ଦର୍ଶନ ଦେବେ ଧବଳେଶ୍ୱର। ୧୩ ରାତିରେ ଧବଳେଶ୍ୱରଙ୍କ ନିକଟରେ ଗଜଭୋଗ ଲାଗି କରାଯାଇ ୧୪ ତାରିଖ ଭୋରରୁ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। କାର୍ତ୍ତିକ ବ୍ରତ ଓ ବଡ଼ଓଷା ପାଇଁ ଧବଳେଶ୍ୱର ପୀଠରେ ପ୍ରବଳ ଭିଡ଼ ହେବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବିନା ବାଧାବିଘ୍ନରେ ଏହି କାର୍ଯ୍ୟ ସମ୍ପନ୍ନ ପାଇଁ ପୂଜକ ସମାଜ, ବିଭାଗୀୟ ଅଧିକାରୀ, ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଥିଲା।

ପୀଠକୁ ପଲିଥିନ ମୁକ୍ତ ଓ ପରିଷ୍କାର ରଖିବା, ପୀଠ ଚତୁଃପାର୍ଶ୍ୱ ସହ ମନ୍ଦିରଠାରୁ କଂକ୍ରିଟ ସେତୁ ପର୍ଯ୍ୟନ୍ତ ଆଲୋକୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ଭକ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦିଲୀପ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାସ୍ତା ମରାମତି, ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ ଗଣମାଧ୍ୟମ ପାଇଁ ଇଣ୍ଟରନେଟ୍ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଝୁଲାପୋଲ ଖୋଲିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଜିଲାପାଳ କହିଛନ୍ତି, ଏନେଇ ବିଭାଗୀୟ ଅଧିକାରୀଙ୍କୁ ଡାକି ଇଞ୍ଜିନିୟରଙ୍କ ଦ୍ୱାରା ଯାଞ୍ଚ ପରେ ପଦକ୍ଷେପ ନିଆଯିବ।

ଏହି ବୈଠକରେ ଉପ ଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଚୌଦ୍ୱାର ଉପଖଣ୍ଡ ପୋଲିସ ଅଧିକାରୀ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ ମହାନ୍ତି, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତି, ଡା. ଦିଲ୍ଲିପ ଦାସ ଉପସ୍ଥିତ ଥିଲେ। ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ବୈଠକ ପରିଚାଳନା କରିଥିଲେ। ପୂଜକ ସମାଜ ସମ୍ପାଦକ ନରେନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।



ପଞ୍ଚକ, ବଡ଼ଓଷା ପ୍ରସ୍ତୁତି ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

# ଜରି ମେଢ଼ରେ ଝଲସିବେ ମା'



**ବିରାଜିବେ ମା'**

କଟକ,୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)



**ରେଲୱେ ସେଟଲ୍‌ମେଣ୍ଟ ପୂଜା କମିଟି**

ମା' ଦୁର୍ଗାଙ୍କ ଆଗମନ ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ରେଲୱେ ସେଟଲ୍‌ମେଣ୍ଟ ପୂଜା କମିଟି। ବେଙ୍ଗଲୀ ସମ୍ପ୍ରଦାୟର ଲୋକମାନେ ୧୯୪୦ ମସିହାରେ ଏଠାରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ଚଳିତବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୨ ଲକ୍ଷ ୪୦ ହଜାର ଟଙ୍କା ବଜେଟ୍ ରଖାଯାଇଛି। ୭ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ସୁଧାକର ମୁଦୁଲି ଲାଗିଛନ୍ତି। ସେହିପରି ୧୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରିମେଢ଼କୁ ମନୋରଞ୍ଜନ ପରିଡା ତିଆରି କରୁଛନ୍ତି। ମା' ଦୁର୍ଗାଙ୍କର ଚାନ୍ଦି ମୁକୁଟ ନିର୍ମାଣ କରାଯାଇଛି। ରେଳଷ୍ଟେଶନରେ କାର୍ଯ୍ୟ ଜାରି ରହିଥିବାରୁ କମିଟି ପକ୍ଷରୁ ତୋରଣ କିମ୍ବା ଲାଇଟ୍ ଗେଟ୍ କରାଯିବନାହିଁ। ଦଶମୀରେ ବେଙ୍ଗଲୀ ମହିଳାମାନେ ସିନ୍ଦୁର ଖେଳି ମା'ଙ୍କୁ ବିଦାୟ ଦେବେ। ଭସାଣି ଯାତ୍ରାରେ ଘଣ୍ଟ ବାଦ୍ୟ ପରିବେଷଣ କରାଯିବ।

**୩ ଦିନ ପ୍ରସାଦ ସେବନ ବ୍ୟବସ୍ଥା**



"ମହାଷ୍ଟମୀରୁ ଦଶମୀ ଯାଏ ୩ ଦିନ ଧରି ମା'ଙ୍କ ନିକଟରେ ପ୍ରସାଦ ଲାଗି କରାଯିବ। ପ୍ରତିଦିନ ପ୍ରାୟ ୪୦୦ ଶ୍ରଦ୍ଧାଳୁଙ୍କୁ ଏହି ପ୍ରସାଦ ବଣ୍ଟାଯିବ। ଘଣ୍ଟବାଦ୍ୟରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଭସାଣିରେ ପ୍ରଥମ ମେଢ଼ ଭାବେ ମା' ମେଲାଣି ନେବେ।

ସାରଦା ପ୍ରସନ୍ନ ସ୍ୱାଇଁ, ସମ୍ପାଦକ

**ଶୃଙ୍ଖଳିତ ଭସାଣିକୁ ଗୁରୁତ୍ୱ**



"ଶୃଙ୍ଖଳିତ ଭସାଣି ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ନିଶାମୁକ୍ତ ଓ ଡିଜେମୁକ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। କମିଟିର କର୍ମକର୍ତ୍ତାମାନଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି।

ବାୟା ପ୍ରସାଦ ସାହୁ, କୋଷାଧକ୍ଷ

## ସଂକ୍ଷେପରେ

### ପୋଖରୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବେଗୁନିଆ,୩।୧୦(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ଥାନା ପୋଲିସ ଗୁରୁବାର ଗୌଡ଼ନୂଆଗାଁ ନିକଟ ଏକ ପୋଖରୀରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ମାଣିବନ୍ଧ ଗ୍ରାମର ରଞ୍ଜନ ବେହେରା(୫୦)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୪) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ରଞ୍ଜନ ମଙ୍ଗଳବାର ସନ୍ଧ୍ୟାରୁ ଘରୁ ବାହାରି କେଉଁଆଡ଼େ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ସକାଳେ ଗୌଡ଼ନୂଆଗାଁ ନିକଟ ଏକ ପୋଖରୀରେ କେହି ଜଣେ ବ୍ୟକ୍ତି ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବେଗୁନିଆ ଏବଂ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି କଳାପଥର ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ଚିହ୍ନଟ କରାଯାଇ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ଅପରାହ୍ନରେ ପରିବାର ଲୋକଙ୍କ ଜିମା ଦିଆଯାଇଛି ବୋଲି ପୋଲିସ କହିଛି।

### ରାସ୍ତା ସଫାକଲେ ଗ୍ରାମର ଯୁବଗୋଷ୍ଠୀ

**ନିରାକାରପୁର,୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ):** ଦୀର୍ଘ ୨୬ବର୍ଷ ହେବ ଗ୍ରାମର ରାସ୍ତାଘାଟ ମରାମତି କିମ୍ବା ସଫେଇ ପାଇଁ କୌଣସି ସରକାରୀ ଅନୁଦାନ ଆସିଲା ନାହିଁ। ଗ୍ରାମର ରାସ୍ତାରେ ଅନାବନା ଘାସ ପରିପୂର୍ଣ୍ଣ ହୋଇପଡ଼ିଥିଲା। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏହା ଦେଖି ଗ୍ରାମର ଯୁବକମାନେ ଗ୍ରାମ ଏବଂ ସାଧାରଣ ରାସ୍ତା ସଫେଇ କରିଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଯୁବକମାନଙ୍କ ଏହି କାର୍ଯ୍ୟକୁ ଗ୍ରାମବାସୀ ଏବଂ ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତିମାନେ ପ୍ରଶଂସା କରିଛନ୍ତି।

### ଜିଲାରେ ୩ ଭାଜପା ସଂଯୋଜକ ନିଯୁକ୍ତ

**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ):** ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ଜିଲା ପକ୍ଷରୁ ୩ଜଣଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ସେଲ୍ ସଂଯୋଜକ ଭାବେ ଇକବାଲ ଅହମ୍ମଦ, ଜିଲା ଶିକ୍ଷା ବିଭାଗ ସେଲ ସଂଯୋଜକ ଭାବେ ପ୍ରକାଶ କୁମାର ମିଶ୍ର, ଜିଲା ବାଣିଜ୍ୟ ସେଲ୍ ସଂଯୋଜକ ଭାବେ ସୁଧୀର ଚନ୍ଦ୍ର ପ୍ରହରାଜଙ୍କୁ ଦାୟିତ୍ୱ ମିଳିଛି। ଏ ନେଇ ଜିଲ୍ଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ସେମାନଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଭୁବନେଶ୍ୱର ଲୋକସଭା ସଦସ୍ୟ, ଖୋର୍ଦ୍ଧା ବିଧାୟକ ଏବଂ ଖୋର୍ଦ୍ଧା ଜିଲ୍ଲା ଭାଜପା ସଭାପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମହୀଶୂର ପ୍ୟାଲେସ ମୁଖ୍ୟ ଆକର୍ଷଣ

**ଇଗଲ୍ କ୍ଲବ ସାର୍ବଜନୀନ ଦୁର୍ଗାପୂଜା କମିଟି**

- ୨୦୧୩ରୁ ପୂଜା ହୋଇଆସୁଛି
- ଭସାଣିରେ କ୍ଲବ ସଦସ୍ୟ ପଞ୍ଜାବୀ ବେଶଭୂଷାରେ ସାମିଲ ହୋଇଥାନ୍ତି



**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)**

ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ତେବେ ଖୋର୍ଦ୍ଧା ସହରର ବିଭିନ୍ନ ବ୍ୟବସାୟୀ ସଂଘ ଓ କ୍ଲବ ପକ୍ଷରୁ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ନୟାଗଡ଼ ରୋଡ୍ ପଲଟନ ପଡ଼ିଆରେ ଇଗଲ୍ କ୍ଲବ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାର୍ଚ୍ଚନା ଆଡ଼ମ୍ବରରେ ପାଳନ କରାଯାଏ। ଏଠାରେ ୨୦୧୩ ମସିହାରୁ ପୂଜା ଆୟୋଜନ ହୋଇଆସୁଛି। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ହୋଇଥାଏ। ପ୍ରତିବର୍ଷ ବିଭିନ୍ନ ସହର, ଐତିହାସିକ ସ୍ଥାନ ଷ୍ଟାଇଲରେ ତୋରଣ ନିର୍ମାଣ କରାଯାଇଥାଏ। ଚଳିତବର୍ଷ ପ୍ରାୟ ୧୦୦ଫୁଟ ଉଚ୍ଚର ମହୀଶୂର ପ୍ୟାଲେସ ମୁଖ୍ୟ ଆକର୍ଷଣ ସାଜିବ। ୫ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ଭଜନ ସନ୍ଧ୍ୟା, ନବମୀରେ ପ୍ରାୟ ୫ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥାଏ। ଭସାଣି ଉତ୍ସବରେ କ୍ଲବର ସମସ୍ତ ପୁରୁଷ ଓ ମହିଳା ସଦସ୍ୟମାନେ ପଞ୍ଜାବୀ ବେଶଭୂଷା ଧାରଣ କରି ଉତ୍ସବରେ ସାମିଲ ହୋଇଥାନ୍ତି।




ପଞ୍ଜାବୀ ବାଦ୍ୟଯନ୍ତ୍ରର ତାଳେତାଳେ ଭାଙ୍ଗଡ଼ା ନୃତ୍ୟ ପରିବେଷଣ କରି ମା'ଙ୍କୁ ମେଲାଣି ଦେଇଥାନ୍ତି। ଏଥିରେ କ୍ଲବର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥାନ୍ତି। ଅନ୍ୟତମ ଆକର୍ଷଣ ହେଉଛି ନୂପୁର ସାଂସ୍କୃତିକ କାର୍ଯ୍ୟକ୍ରମ। କୁମାର ପୂର୍ଣ୍ଣମୀଠାରୁ ସପ୍ତାହବ୍ୟାପୀ ଭଜନ ସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ରହିଛି ବୋଲି କମିଟି ସଦସ୍ୟ ଚଣ୍ଡିପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ପୂଜା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ଇଗଲ କ୍ଲବ ପକ୍ଷରୁ ଦୁର୍ଗାପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ଏଥର ପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ସୁଉଚ୍ଚ ତୋରଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ଶୈଳପୁତ୍ରୀ ବେଶରେ ମା'ବନଦୁର୍ଗା

**ନିରାକାରପୁର,୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**



ନବରାତ୍ରର ପ୍ରଥମ ଦିବସରେ ଗୁରୁବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗା ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା ଏବଂ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ ସହଯୋଗ କରିଥିଲେ।ଏହି ଅବସରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ, ସତ୍ୟନାରାୟଣ ପୁରାଣପଣ୍ଡା, ନରସିଂହ ମେକାପ, ବାଳକୃଷ୍ଣ ପଣ୍ଡା, ହରିହର ପ୍ରତିହାରୀ, ଅଶୋକ କୁମାର ସାହୁ, ବିପିନି ପତ୍ରୀ ଓ ବିପିନ ଷଡ଼ଙ୍ଗୀ ପ୍ରମୁଖ ମା'ଉଗ୍ରତାରାଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରି ମା'ବନଦୁର୍ଗାଙ୍କୁ ଅଙ୍ଗଲାଗି ବସ୍ତ୍ର, ପଦକ, ଗଭା ଫୁଲମାଳ, ଦହିପଖାଳ ଆଦି ବିଭିନ୍ନ ମହାପ୍ରସାଦ ଅର୍ପଣ କରିଥିଲ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ମା'ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

## କାମରେ ଆସୁନି ଶୌଚାଳୟ

**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରୁ ଅଳିଆ ହଟୁ ନ ଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷା ହେବାରୁ ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଏକାଧିକ ଡ୍ରେନ ପୋତି ହୋଇଗଲାଣି। ବର୍ଷ ବର୍ଷ ଧରି ଡ୍ରେନ୍ ସଫା ନ ହେବା ଫଳରେ ଅଳିଆ ଆବର୍ଜନା ପଡି ପୂତିଗନ୍ଧମୟ ହେଲାଣି। ସହରର ଗଳିକନ୍ଦିରେ ଅଳିଆ ଆବର୍ଜନା ପଡି ରହୁଥିବା ବେଳେ ଡ୍ରେନ ସଫେଇ ନ ହେବାରୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଘରେ ଘରେ ଜ୍ୱର ବ୍ୟାପିଲାଣି। ମଶା ଧୂଆଁ କିମ୍ବା ଡ୍ରେନରେ ମଶାମରା ତେଲ ପକାଯାଉନାହିଁ। ଏହା କେବଳ ସରକାରୀ କାଗଜକଲମରେ ସୀମିତ। ମଶାମରା ଧୂଆଁ କାହିଁକି ସ୍ପ୍ରେ କରାଯାଉନାହିଁ ପଚାରିଲେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଏଭଳି ସ୍ଥିତିରେ ପୌର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି। ସହରର ଗଳିକନ୍ଦିରେ ଅନାବନା ଗଛଲତା ମାଡିଗଲାଣି। ଏହାକୁ ମଧ୍ୟ ସଫା କରାଯାଉନାହିଁ। ଜନ ଜାଗରଣ ପରିବାର ଆବାହକ ରଣଜିତ୍ ମହାପାତ୍ର ଖୋର୍ଦ୍ଧା ସହରର ଏଭଳି ଏକାଧିକ ପ୍ରସଙ୍ଗକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସେ ଆହୁରି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ଗତ ଦୁଇ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଖୋର୍ଦ୍ଧା ସହରର ଏକାଧିକ ସ୍ଥାନରେ ପବ୍ଲିକ ପରିସ୍ରାଗାର ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠୁ ସମସ୍ତ ପରିସ୍ରାଗାରରେ ତାଲା ଝୁଲୁଛି। ଫଳରେ ସାଧାରଣଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ସମସ୍ତ ଶୌଚାଳୟ ବନ୍ଦ ହୋଇପଡିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ପୌର ପ୍ରଶାସନ ପକ୍ଷରୁ ଭ୍ରାମ୍ୟମାଣ ଟଏଲଟ ବ୍ୟବସ୍ଥା ନାହିଁ। ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଡ୍ରେନକୁ ଅବରୋଧ କରି ରଖିଥିବା ଏବଂ ରାସ୍ତାକଡ ଉଠାଦୋକାନୀଙ୍କୁ ହଟାଇବା ପାଇଁ ପୌର ପ୍ରଶାସନ ପକ୍ଷରୁ ଡାକବାଜି ମାଧ୍ୟମରେ ଅବଗତ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। ସହରରେ ବଢ଼ିଚାଲିଥିବା ଟ୍ରାଫିକ ସମସ୍ୟାର ଏହା ଏକ ଅନ୍ୟତମ କାରଣ ହୋଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଏନେଇ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ସହରର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉଛି। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ଚାଲିଛି। ଉଠାଦୋକାନୀଙ୍କୁ ଥଇଥାନ ନେଇ ଯୋଜନା ରହିଛି।



ବାଜପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରଠାରେ ବାଜପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଉପରେ ଗୁରୁତ୍ୱ ଦେଇ ଆବ୍ରାହମ ଲିଙ୍କନଙ୍କ ଆତ୍ମଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ ସମ୍ୟକ ଧାରଣା ଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିପ୍ଳବ କେଶରୀ ବଳିୟାରସିଂହ ଏବଂ ସମ୍ମାନିତ ଅତିଥିଭାବେ ହେମନ୍ତ କୁମାର ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଂଯୋଜକ ଭାବେ ଯୁଧିଷ୍ଠିର ସାହୁ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଶିକ୍ଷକ ପ୍ରଦ୍ୟୁମ୍ନ ମିଶ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ମୁଖ୍ୟ ବକ୍ତା କେଦାରେଶ୍ୱର ପୃଷ୍ଟି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାମଦେବ ପାଇରାୟ, ବିଶ୍ୱରଞ୍ଜନ ସେଠୀ, ପ୍ରହ୍ଲାଦ ମାହାରଣା, ଉମାଶଙ୍କର ପୃଷ୍ଟି, ମାଧବ ଚନ୍ଦ୍ର ରଣା, ନାରାୟଣ ପାଇକରାୟ, ମମତା ବଳିୟାରସିଂହ, ଶୁଭ୍ରାଂଶୁ ରଞ୍ଜନ ପାଲଟାସିଂହ, ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ।

## ଚୋରି ଘଟଣାରେ ମହିଳା ଗିରଫ

**ଜଟଣୀ,୩।୧୦(ରବୀନ୍ଦ୍ରନାଥ ମହାକୁଡ଼)**

ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ନୂଆଗାଁ ବିକାଶ ନଗର ଅଞ୍ଚଳର ଲିପ୍ସା ମହାପାତ୍ର। ତାଙ୍କ ନିକଟରୁ ୩୦ହଜାର ଟଙ୍କା ଓ ଗୋଟିଏ ସୁନାଚେନ, ସୁନାହାର ଏବଂ ଗୋଟିଏ ପେୟାର ଇମିଟେଶନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୯୪/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ବିକାଶନଗର ଅଞ୍ଚଳର ସଞ୍ଜୟ କୁମାର ସାହୁ ଘର ଆଲମିରାରେ ଉପରୋକ୍ତ ସାମଗ୍ରୀ ରଖିଥିଲେ। ଗତ ୨ ତାରିଖରେ ଆଲମିରାରେ ଥିବା ଉପରୋକ୍ତ ସାମଗ୍ରୀ ନ ଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଉକ୍ତ ମହିଳାଙ୍କୁ ଧରି ପଚରାଉଚରା କରିବା ବେଳେ ନିଜ ଦୋଷ ସ୍ୱୀକାର କରିଥିଲେ। ଏହା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ସୁଧାକର ସଭାପତି, ନିତ୍ୟାନନ୍ଦ ସମ୍ପାଦକ

**କୃଷ୍ଣପ୍ରସାଦ,୩।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏନେଇ ଏକ ବୈଠକ ମାଲୁଦ ପଞ୍ଚୁଦୋଳ ପଡ଼ିଆଠାରେ ବରିଷ୍ଠ ପୂର୍ବତନ ଶିକ୍ଷକ ଲାଲୁ କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଧାକର ପ୍ରଧାନ, ସମ୍ପାଦକ ନିତ୍ୟାନନ୍ଦ ଦାସ, କୋଷାଧ୍ୟକ୍ଷ ଭାବେ କୃଷ୍ଣ ଚନ୍ଦ୍ର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦଳବେହେରା ଧନ୍ୟବାଦ ଦେଇଥିଲେ।

## ରକ୍ତଦାତା ଦିଲୀପ ପଟ୍ଟନାୟକ ସମ୍ବର୍ଦ୍ଧିତ



**ଖୋର୍ଦ୍ଧା,୩।୧୦(ପ୍ରଭାତ ପାଣିଗ୍ରାହୀ)**

ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲା ସମ୍ପାଦକ ଦିଲୀପ ପଟ୍ଟନାୟକ ରକ୍ତଦାନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପଟ୍ଟନାୟକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ଏବଂ ଏଡିପିଏଚ୍ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପ୍ରେସ କ୍ଲବ, ଓୟୁଡବ୍ଲ୍ୟୁଜେ, ଓଜେୟୁ ଏବଂ ୟୁଜେଏର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

**ବାଲିପାଟଣା,୩।୧୦(ଅଭିମନ୍ୟୁ ନାୟକ):** ବାଲିପାଟଣା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କିତ ଲିଫଲେଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସହ ଶିକ୍ଷାଧିକାରୀ ମଞ୍ଜୁଲତା ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରେଣୁବାଳା ସାହୁ, ରଶ୍ମିରେଖା ସ୍ୱାଇଁ, ପ୍ରେସ କ୍ଲବ ସଭାପତି ଦିଲୀପ କୁମାର ଓଝା, ସରପଞ୍ଚ ବାହାନ ଭୋଇ, ସୋମନାଥ ଖଟେଇ, ପ୍ରତିମା ଜେନା, ଲକ୍ଷ୍ମୀଧର ଭୋଇ, ବିନୋଦିନୀ ମଲ୍ଲିକ, ରୋଜାଲିନ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଝୁନି ଦେଇ, ମମିତା ଦଳାଇ ସହଯୋଗ କରିଥିଲେ।

## ଚାରାରୋପଣ ସହ ସଚେତନ କଲେ

**ନିରାକାରପୁର,୩।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ଗତ ମଙ୍ଗଳବାର ବିଭିନ୍ନ ମନ୍ଦିର, ରାସ୍ତାଘାଟ ଏବଂ କଲେଜ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ଏଥିସହିତ ଅଞ୍ଚଳର ଜନସାଧାରଣଙ୍କୁ ଚାରାରୋପଣର ଆବଶ୍ୟକତା ଉପରେ ସଚେତନତା କରାଇଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର, ଅଧ୍ୟକ୍ଷା ବ୍ରତତୀ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ୨୨ଦେଶ ଯାଦବ ସମିତି ସଭାପତି ରତ୍ନାକର ବେହେରା, ଉପଦେଷ୍ଟା ପଦ୍ମ ଚରଣ ବେହେରା, ଆନନ୍ଦ ବେହେରା, ମହାବିଦ୍ୟାଳୟ ଏନ୍ଏସ୍ଏସ୍ ସଂଯୋଜକ ଡ.କୈବଲ୍ୟ ଚରଣ ପତି, ଅଧ୍ୟାପିକା ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ମୋନାଲିସା ଆଚାର୍ଯ୍ୟ, ସୋନାଲି ରଣସିଂହ,ରଶ୍ମିତା ଜେନା, ସୌମ୍ୟରଞ୍ଜନ ମହାରଣା, ଭବାନୀ ଶଙ୍କର ଛୋଟରାୟ, ଅଧ୍ୟାପକ ଗିରିଶ ଶଙ୍କର ମହାପାତ୍ର, ସନ୍ଦୀପ ମହାପାତ୍ର, ସନ୍ତୋଷ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# 'ଗାନ୍ଧିଜୀଙ୍କ ମାର୍ଗକୁ ବିଶ୍ୱ ଆପଣେଇଛି'

**ଖୋର୍ଦ୍ଧା /ଟାଙ୍ଗୀ/ବାଣପୁର, ୩।୧୦ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ/ ଦିଲୀପ କୁମାର ସ୍ୱାଇଁ)**

ବେଗୁନିଆ ବ୍ଲକର ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନରେ ଗାନ୍ଧୀଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ତାଙ୍କ ପଥ ଅନୁସରଣ କରିବା ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। କୁନି ପିଲାମାନେ ଗାନ୍ଧୀ ବେଶରେ ସଜ୍ଜିତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ପରିଚାଳନା କରିଥିଲେ।

ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଟାଙ୍ଗୀ ସ୍ଥିତ ବଳରାମ ଦେବ ମନ୍ଦିରଠାରେ ଆଇନଜୀବୀ ନିରଞ୍ଜନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି।



ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ଟାଙ୍ଗୀ ଆଇନଜୀବୀ ସଂଘ ସଭାପତି ଅଜୟ କୁମାର ରାୟ, ଆଇନଜୀବୀ ଅଶ୍ୱିନୀ କୁମାର ଦାସ, ସନ୍ଦିପନୀ ମିଶ୍ର, ଜ୍ଞାନ ରଞ୍ଜନ ରଣା ପ୍ରମୁଖ ଯୋଗଦେଇ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ଜୀବନଦର୍ଶନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ସେହିପରି ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ସରପଞ୍ଚ କିଶୋର କୁମାର ବେହେରା ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ଅର୍ଣ୍ଣପୂର୍ଣ୍ଣା ବେହେରା, ସମସ୍ତ ୱାର୍ଡସଭ୍ୟାସଭ୍ୟ, ପିଇଓ ମଦନମୋହନ ସାହୁ, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

ସେହିପରି ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବର, ଚିଲିକା ବ୍ଲକର ହରିପୁର ସ୍ଥିତ ଲକ୍ଷ୍ମୀଧର ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ସାହୁ, ହାଟବରଡିହ ସ୍ଥିତ ଚିଲିକା ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ଓ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରୀଛାତ୍ରମାନେ ଯୋଗଦେଇ ଉଭୟ ବରପୁତ୍ରଙ୍କୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଗାନ୍ଧୀ ଜୟନ୍ତୀ ଅବସରରେ ନାଚୁଣୀର ଟ୍ୱିଟି ବାର୍ଡ ଇଂଲିଶ ମିଡିୟମ ସ୍କୁଲରେ ଅଧ୍ୟକ୍ଷ ସୁରେଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଶିକ୍ଷା ନିର୍ଦ୍ଦେଶକ ପ୍ରଦୋଷ କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରୀଛାତ୍ର ସ୍ୱଚ୍ଛ ଭାରତ ଅଭିଯାନରେ ସ୍ଥାନୀୟ ଅଞ୍ଚଳରେ ସଫେଇ କରି ସଚେତନତା ସୃଷ୍ଟି କରିଥିଲେ। ଏଥିସହିତ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ନନ୍ଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉପାଧ୍ୟକ୍ଷା ମୋନାଲି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଗୀସେବାରେ ସୁଧାର ଆଣିବାକୁ ବୈଠକ

ପୁରୁଣା ଭୁବନେଶ୍ୱର,୩।୧୦(ସୁବାସ ଚନ୍ଦ୍ର ପ୍ରଧାନ): ବିଏମ୍‌ସି ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ଘଟଣାରେ ସୁଧାର ଆଣିବା ପାଇଁ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟଠାରେ ଡେପୁଟି କମିଶନର ଡ.ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସି ଡାକ୍ତରଖାନାରେ ରୋଗୀସେବା ସୁଧାର ଆଣିବା ପାଇଁ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ନଭେମ୍ବର ୧ସୁଦ୍ଧା ଅର୍ଥପେଡିକ, ଚର୍ମ ରୋଗ, ଦନ୍ତ ରୋଗ, ଅଲଟ୍ରାସାଉଣ୍ଡ, ସାପ ଓ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେବାସହ ଅପରେଶନ ଥିଏଟର୍‌କୁ କାର୍ଯ୍ୟକ୍ଷମ କରାଇବା ଏବଂ ୪ ଏମ୍‌ବିବିଏସ୍ ଡାକ୍ତର, ଆନାସ୍ଥେସିଆ ଡାକ୍ତର, ଅଭିଜ୍ଞ ନର୍ସ ଓ ଡ୍ରେସର୍‌ଙ୍କୁ ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ସପ୍ତାହକୁ ଦିନେ ବଦଳରେ ୩ ଦିନ ଆସିବା ପାଇଁ ଓ ହୃଦ୍‌ରୋଗ ବିଭାଗକୁ ବର୍ତ୍ତମାନ ପାଇଁ ସପ୍ତାହକୁ ଗୋଟିଏ ଦିନ କାର୍ଯ୍ୟକ୍ଷମ କରାଇବାକୁ ମଧ୍ୟ କମିଶନର ସାହୁ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ଡାକ୍ତର ଲେଖୁଥିବା ଔଷଧଗୁଡ଼ିକୁ ଔଷଧ ବିତରଣ କେନ୍ଦ୍ରରେ ଉପଲବ୍ଧ କରାଇବା ପାଇଁ କହିଥିଲେ ଓ କମିଟି ଦେଇଥିବା ପ୍ରସ୍ତାବକୁ ଗୁରୁତ୍ୱ ଦେଇ କ୍ୟାପିଟାଲ ଡାକ୍ତରଖାନା ଅଧୀନରେ ପଢୁଥିବା ପିଜି ଛାତ୍ରୀଛାତ୍ରଙ୍କୁ ଏଠାରେ ନିଯୁକ୍ତ କରାଇ ରୋଗୀସେବାରେ ସହାୟକ ହେବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ 'ଆମ ଚିକିତ୍ସାଳୟ ସୁଧାର ଅଭିଯାନ କମିଟି'ର ସଂଯୋଜକ ଗଣେଶ ଚନ୍ଦ୍ର ପାଲ, ସହ ସଂଯୋଜକ ମନୋରଞ୍ଜନ ବଟୁ, ଗୋପାଳ ମକଦ୍ଦମ, ଭୂପେଶ ନାୟକ, ସୁଲତା ସାହାଣୀ, ରାଜେଶ ମିଶ୍ର ଏବଂ ଏକାମ୍ର ଜନଜାଗରଣ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ସହରବାସୀଙ୍କୁ ମିଳିବ ଉତ୍ତମ ପୋଲିସିଂ ସେବା'

## ଦାୟିତ୍ୱ ନେଲେ ଭୁବନେଶ୍ୱର ନୂଆ ଡିସିପି ପିନାକ ମିଶ୍ର



ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ନୂଆ ଡିସିପି ପିନାକ ମିଶ୍ରଙ୍କୁ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ନୂଆ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ।

ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା (ୟୁପିଡି)ର ନୂଆ ଡିସିପି ଭାବେ ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ପିନାକ ମିଶ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ପୁରୀ ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ଣ ପ୍ରାୟ ୧ଟାରେ ପିନାକ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ବାଣୀବିହାରସ୍ଥିତ ଡିସିପି ଅଫିସ୍‌ରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏଥିସହ ସମସ୍ତ ଅତିରିକ୍ତ ଡିସିପି ଓ ଥାନାଧିକାରୀ ନୂଆ ଡିସିପିଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଡିସିପି ମିଶ୍ର ତାଙ୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ପିନାକ କହିଲେ, କମିଶନରେଟ୍ ପୋଲିସର ସୁସ୍ଥ ପରମ୍ପରା ଓ ବୃତ୍ତିଗତତାକୁ ପାଥେୟ କରି ସହରବାସୀଙ୍କୁ କେମିତି ଉତ୍ତମ ପୋଲିସିଂ ସେବା ଯୋଗାଇ ଦେଇପାରିବି, ସେଥିପ୍ରତି ଆପ୍ରାଣ ପ୍ରଚେଷ୍ଟା କରିବି। ତେବେ ଏଥିପାଇଁ ସେ ସମଗ୍ର ଭୁବନେଶ୍ୱରବାସୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ଭୁବନେଶ୍ୱର ୟୁପିଡିରେ ଯେଉଁସବୁ ଭଲକାମ ହୋଇଛି, ତାକୁ ଆଗେଇ ନେବା ଏବଂ ଆହୁରି ଉତ୍ତମ ପୋଲିସ ସେବା କିପରି ଯୋଗାଇ ପାରିବା ତାହା ହିଁ ଆମ ପାଇଁ ପ୍ରଥମ ପ୍ରାଥମିକତା ଓ ଆଭିମୁଖ୍ୟ ରହିବ। ଦୁର୍ଗାପୂଜାକୁ କିପରି ସୁରୁଖୁରୁରେ ଶେଷ କରାଯିବ, ଲୋକେ ହର୍ଷୋଲ୍ଲାସର ସହିତ ଘରୁ ବାହାରି ପୂଜାକୁ ଉପଭୋଗ କରିବେ, ଧନଜୀବନର ନିରାପତ୍ତା, ଆଇନଶୃଙ୍ଖଳା କେମିତି ଠିକ୍ ରହିବ, ଆମେ ଏଥିପ୍ରତି ଗୁରୁତ୍ୱ ଦେବୁ। ଶୃଙ୍ଖଳିତ ଭାବେ ଦୁର୍ଗୋତ୍ସବ ପାଳନ ପାଇଁ ଆମର ଯଥେଷ୍ଟ ପ୍ରସ୍ତୁତି ହୋଇଛି। ଏଥିପାଇଁ ଆମ ପକ୍ଷରୁ କଠିନ ପରିଶ୍ରମ କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣାରେ ଜନ୍ମିତ ପିନାକ ୨୦୦୮ରେ ଦିଲ୍ଲୀ ଜେଏନ୍‌ୟୁରୁ କଳାରେ ସ୍ନାତକୋତ୍ତର ଓ ୨୦୧୧ରେ ଏମ୍‌ଫିଲ୍ ଶିକ୍ଷା ସାରିଥିଲେ। ପ୍ରଥମେ ମାଲକାନଗିରି ଏସ୍‌ଡିପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ନବରଙ୍ଗପୁରର ଅତିରିକ୍ତ ଏସ୍‌ପି, ନୂଆପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ବ୍ରହ୍ମପୁର ଏସ୍‌ପି ହୋଇଥିଲେ। ୨୦୨୨ରେ ତାଙ୍କୁ କଟକ ଡିସିପି ଭାବେ ନିଯୁକ୍ତି ମିଳିଥିଲା। ୨୦୨୪ ଜାନୁଆରୀରେ ସେ ପୁରୀ ଏସ୍‌ପି ଭାବେ ବଦଳି ହୋଇଥିଲେ।

## ଅତିରିକ୍ତ ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ଉମାଶଙ୍କର

ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)- ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଅତିରିକ୍ତ ପୋଲିସ କମିଶନର ଭାବେ ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାସ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ଣରେ ସେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସମସ୍ତ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ନୂଆ ଦାୟିତ୍ୱ ଗ୍ରହଣ ଅବସରରେ ଉମାଶଙ୍କର କହିଛନ୍ତି, କମିଶନରେଟ୍ ପୋଲିସରେ ଯେଉଁ ଟିମ୍ ରହିଛି, ମୁଁ ସମ୍ପୂର୍ଣ୍ଣ ସହଯୋଗ ଦେବି। ଟୁଇନ୍ ସିଟିବାସୀଙ୍କ କମିଶନରେଟ୍ ପୋଲିସଠାରୁ ଯେଉଁ ଆଶା ରହିଛି ତାହା କେମିତି ପୂରଣ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବି। ଯେତେବେଳେ ଯାହା ଦାୟିତ୍ୱ ଦିଆଯିବ ସମ୍ପୂର୍ଣ୍ଣ କରିବି ବୋଲି ଉମାଶଙ୍କର କହିଛନ୍ତି। ଏହାପୂର୍ବରୁ ଉମାଶଙ୍କର ଡିଆଇଜି ର୍‍ୟାଙ୍କ୍‌ରେ ରହି ଅନୁଗୋଳ ଏସ୍‌ପି ଭାବେ ଅବସ୍ଥାପିତ ଥିଲେ। ଏଥିସହ ୨୦୨୨ରେ ମଧ୍ୟ ଉମାଶଙ୍କର କମିଶନରେଟ୍ ପୋଲିସରେ ଅତିରିକ୍ତ ପୋଲିସ କମିଶନର ଭାବେ କାମ କରିଥିଲେ।

## ତଦନ୍ତରେ ସହଯୋଗ କରୁନି ପୋଲିସ

### ଅଭିଯୋଗ ଆଣିଲେ ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀ

ଭୁବନେଶ୍ୱର,୩।୧୦(ସୂର୍ଯ୍ୟକାନ୍ତ ବେହେରା)

ବାଲିପାଟଣା ଥାନା ଅଞ୍ଚଳରେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ କୌଣସି ପତ୍ତା ମିଳୁନି। ଏନେଇ ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ତଦନ୍ତରେ ସହଯୋଗ କରୁ ନ ଥିବା ନିଖୋଜ ବ୍ୟକ୍ତିଙ୍କ ସ୍ତ୍ରୀ ଅଭିଯୋଗ ଆଣି ଗୁରୁବାର କମିଶନରେଟ ପୋଲିସର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ପୋଲିସ ଜାଣି ଶୁଣି ସମୟ ଗଡ଼ାଉଛି ବୋଲି ମହିଳାଜଣଙ୍କ ଅଭିଯୋଗ କରିଛନ୍ତି। ତେବେ ନୂତନ ପୋଲିସ କମିଶନର କୌଣସି କାମରେ ବ୍ୟସ୍ତ ଥିବାରୁ ତାଙ୍କ ସହ ଦେଖା ହୋଇପାରି ନ ଥିବା ମହିଳା ଜଣଙ୍କ କହିଛନ୍ତି। ମହିଳାଙ୍କ କହିବା ମୁତାବକ କୌଣସି କାରଣକୁ ନେଇ ଗତ ୨୩ତାରିଖରେ ସ୍ୱାମୀଙ୍କ ସହ ସାମାନ୍ୟ ପାଟିତୁଣ୍ଡ ହୋଇଥିଲା। ଏହାପରେ ସ୍ୱାମୀ ହଠାତ୍ କେଉଁଆଡ଼େ ଚାଲିଯାଇଥିଲେ। ୪ ଦିନ ପରେ ଘରକୁ ନ ଫେରିବାରୁ ୨୭ତାରିଖରେ ଥାନାକୁ ଯାଇ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗର ୬ଦିନ ପରେ ବି ପୋଲିସ ତଦନ୍ତରେ ସହଯୋଗ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ବାରମ୍ବାର ଥାନାକୁ ଦୌଡ଼ିବା ପରେ ପୋଲିସ ଥରଟିଏ ମାତ୍ର ଘରକୁ ଯାଇ ପଚରାଉଚରା କରିଥିଲେ। ସ୍ୱାମୀଙ୍କ ମୋବାଇଲ ଅନ୍ ଥିବା କହିବା ସତ୍ତ୍ୱେ ପୋଲିସ ସିଡିଆର ଯାଞ୍ଚ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି।

## ଚୋରା ବାଇକ୍‌ରେ ମୋବାଇଲ ବିକ୍ରି, ଯୁବକ ଗିରଫ

ଭୁବନେଶ୍ୱର,୩।୧୦(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ହସ୍ପିଟାଲ ପରିସରରେ କମ୍ ଦାମ୍‌ରେ ମୋବାଇଲ ଫୋନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭରତପୁର ପଣ୍ଡାକୁଦିଆ ବସ୍ତି ଅଞ୍ଚଳର ସୌମ୍ୟଜିତ ବେହେରା। ତାଙ୍କଠାରୁ ୩ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ ହୋଇଛି। ପଚରାଉଚରା ବେଳେ ଅଭିଯୁକ୍ତ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କମ୍ ଦାମରେ ମୋବାଇଲଗୁଡ଼ିକୁ କିଣିଥିବା କହିଥିଲେ। ତେବେ ଜବତ ବାଇକ୍‌ଟି ଚୋରା ଗାଡ଼ି ବୋଲି ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଭରତପୁର ଥାନାରେ ୨ଟି ଆପରାଧିକ ମାମଲା ଥିବା ଜଣାପଡ଼ିଛି।

## ମହିଳା ଡାକ୍ତରଙ୍କୁ ଧମକ, ବେଙ୍ଗାଲୁରୁରୁ ଅଭିଯୁକ୍ତଙ୍କୁ ଧରିଲା ହର୍ ଟିମ୍

ଭୁବନେଶ୍ୱର,୩।୧୦(ସୂର୍ଯ୍ୟକାନ୍ତ ବେହେରା)- ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା, ଅପହରଣ ଭଳି ବିଭିନ୍ନ ଧମକ୍ ଦେଇ ଗତ ଏକ ମାସ ଧରି ହଇରାଣ ହରକତ କରୁଥିବା ଜଣେ ଅଭିଯୁକ୍ତଙ୍କୁ ବେଙ୍ଗାଲୁରୁରୁ କମିଶନରେଟ ପୋଲିସର ହର୍ ଟିମ ଉଠାଇ ଆଣିଛି। ଅଭିଯୁକ୍ତ ହେଲେ ଢେଙ୍କାନାଳ ଭୁବନ ବ୍ଲକ ସୁରପ୍ରତାପପୁର ଅଞ୍ଚଳର ରଞ୍ଜିତ ପାଣି (୩୩)। ସେ ଏକ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ପୂର୍ବତନ ସିକ୍ୟୁରିଟି ଗାର୍ଡ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବେଙ୍ଗାଲୁରୁ ପୋଲିସ ସହାୟତାରେ ହର ଟିମ୍ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ମହିଳା ଡାକ୍ତର ଜଣଙ୍କ ଭରତପୁର ଥାନାରେ ଏସଂକ୍ରାନ୍ତରେ ଅଭିଯୋଗ କରିଥିବାରୁ ହର୍ ଟିମ ଉକ୍ତ ଥାନା ଜିମାରେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଛି । ତେବେ ଅଭିଯୁକ୍ତ ଜଣଙ୍କ ଏକାଧିକ ନମ୍ବରରୁ କଲ କରି ମହିଳା ଡାକ୍ତରଙ୍କୁ ହଇରାଣ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ନଭେମ୍ବର ୧୩ରେ ଧବଳେଶ୍ୱରଙ୍କ ବଡ଼ଓଷା

ଖୁଣ୍ଟୁଣୀ, ୩।୧୦(ସଚ୍ଚିଦାନନ୍ଦ ପଣ୍ଡା)- କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ପାଳନ କରାଯିବ। ଏହାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଗୁରୁବାର ଧବଳେଶ୍ୱର ପୀଠ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରିଥିଲେ। ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଧବଳେଶ୍ୱର ପୀଠରେ କାର୍ତ୍ତିକ ବ୍ରତ ପାଳନ ହେବ। ସେହିପରି ନଭେମ୍ବର ୧୨ରୁ ୧୫ ପର୍ଯ୍ୟନ୍ତ ପଞ୍ଚକ ବ୍ରତ ପାଳନ କରାଯିବ। ନଭେମ୍ବର ୧୩ରେ ବଡ଼ଓଷା ପାଳନ ହେବ। ଏହିଦିନ ବଡ଼ସିଂହାର ବେଶରେ ଦର୍ଶନ ଦେବେ ଧବଳେଶ୍ୱର। ୧୩ ରାତିରେ ଧବଳେଶ୍ୱରଙ୍କ ନିକଟରେ ଗଜଭୋଗ ଲାଗି କରାଯାଇ ୧୪ ତାରିଖ ଭୋରରୁ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। କାର୍ତ୍ତିକ ବ୍ରତ ଓ ବଡ଼ଓଷା ପାଇଁ ଧବଳେଶ୍ୱର ପୀଠରେ ପ୍ରବଳ ଭିଡ଼ ହେବ। ତେଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବିନା ବାଧାବିଘ୍ନରେ ଏହି କାର୍ଯ୍ୟ ସମ୍ପନ୍ନ ପାଇଁ ପୂଜକ ସମାଜ, ବିଭାଗୀୟ ଅଧିକାରୀ, ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରାଯାଇଥିଲା।


**OFFICE OF THE PANCHAYAT SAMITI, GAISILET**
AT/PO/PS : Gaisilet, Dist : Bargarh (Odisha), PIN : 768037
E_Mail ID : ori-gaisilet@nic.in
No.3944/Dt.01.10.2024
**CORRIGENDUM**
No.i-217 : In pursuance to the following 2 Nos. of E-Tender Call Notice of this Office for Construction of Additional Classroom of Schools (Civil Works), partial modification in Class of Contractor has been made as follows :

| Sl. No. | Tender ID | Tender Reference Number | Tender Title | Published Date | Existing Class of contractor | Modified Class of contractor |
|---|---|---|---|---|---|---|
| 01 | 2024_PRBGI_105278_1 | 01/02/2024-25 | Construction of Additional Class Room at Nodal High School, Gaisilet, Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |
| 02 | 2024_PRBGI_105277_1 | 01/01/2024-25 | Construction of Additional Class Room at Govt. UP School, Sauthkhandi Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |

All other details of the said tender call notice remain unchanged.
Sd./- Block Development Officer
Gaisilet
OIPR-19191/11/0002/2425

**Office of District Manager**
**Odisha State Civil Supplies Corporation Ltd., (OSCSC) Dhenkanal District**
No.CAD-1281
Phone : 06762-295760, District Website : www.dhenkanal.nic.in
Tender No. : 1592/Date : 03.10.2024
No.CAD-1281 : District Manager, Odisha State Civil Supplies Corporation Ltd., Dhenkanal District invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transporation of Food grains from FSD, FCI to RRCs for the year 2023-25 (October-2024 to 31st March-2025) |
| 2 | Availability of Bid document in the Portal | From Dt. 03.10.2024 |
| 3 | Last date / Time for receipt of bids in the portal | Dt. 17.10.2024 up to 5.00 P.M. |
| 4 | Date / Time of Opening of Technical Bid | Dt. 18.10.2024 at 11.00 A.M. |
| 5 | Name and address of the Office Inviting Tender | District Manager, OSCSC Ltd., Dhenkanal (District) |

Tender Documents & Other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/Cancellation/retenders etc. if any shall be published only in above websites.
Sd./- District Manager
OSCSC Limited, Dhenkanal
OIPR-07005/11/0002/2425

**GOVERNMENT OF ODISHA** No.L-77
DEPARTMENT OF AGRICULTURE AND FARMERS' EMPOWERMENT
**OFFICE OF THE SUPERINTENDING ENGINEER (AGRIL.), SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM**
No.1055//SE(Agril.) Date. 26.09.2024
**INVITATION FOR BIDS (IFB)**
e-Procurement Notice
Bid identification number / Tender call notice no. - SE (A) S/Z-03/2024-25
The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works under Southern Zone. The costs of the project is around 133.00 & 56.00 Lakhs (Excluding GST & LC) respectively. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **04.10.2024 at 11:00 hours to 18.10.2024 at 17:30 hours**. The bid will opened on **21.10.2024 at 11:30 hours** onwards in the O/o Superintending Engineer (Agril.), Southern Zone, Brahampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.
Sd./- Superintending Engineer (Agril.)
Southern Zone, Brahampur
OIPR-01504/11/0003/2425

Skilled in ODISHA | WSC
No.KK-191
**World Skill Center**
**Bhubaneswar**
Tower 2010, Block B, Sector A, Mancheswar Industrial Estate, Bhubaneswar, Odisha 751007
**Spot Admission** open for Academic Session September 2024-2025 from **4th to 19th October 2024** (in all working days)

| Course | Eligibility Criteria | Course Fee |
|---|---|---|
| Precision Engineering (PEG)<br>Vertical Transportation (VT)<br>Air Conditioning & Refrigeration (ACR)<br>Mechanical & Electrical Services (MES)<br>Electrical Technology (ET)<br>Mechatronics (MCE) | 2 years ITI or 3 years Diploma in Engineering<br>Both Male and Female Candidates are eligible<br>Minimum age required 17 years.<br>Maximum age is 30 years | 20,000/- in two equal Installments (for General category)<br>No Course fee for SC / ST / OBC / SEBC / Minority Candidates<br>Uniform and hostel accommodation with fooding is free for all |
| Beauty & Wellness (B&W) | 10+2/Diploma in any Stream<br>Both Male and Female Candidates are eligible<br>Minimum age required 17 years.<br>Maximum age is 35 years | |

For more information, Please contact
Our tollfree number: 1800 266 6002 or +91-6742580079
email: contact@worldskillcenter.org
or visit our website
www.worldskillcenter.org
OIPR-44009/11/0010/2425

See Career Appointment on every Wednesday & Saturday

No.C-698
**CUTTACK MUNICIPAL CORPORATION**
"e" PROCUREMENT NOTICE
Bid Reference No. MC(CMC)CTC_EL_No.05/2024-25
Tender ID : 2024_ORULB_105292
Tender Call Notice No. 7396 (PW) Date : 30.09.2024
Name of Works : Electrical Works
No. of Works : 01
Bid Value : Rs. 100.23 Lakhs to Rs. 75.33 Lakhs
Period of Completion : Three Calendar Months
Date and Time Schedule :

| Start | End | Opening |
|---|---|---|
| 13.00 P.M. on dt. 03.10.2024 | 5.00 P.M. on dt. 24.10.2024 | 11.00 A.M. on dt. 29.10.2024 |

Tender Details : Can be seen from the procurement portal : www.tendersorissa.gov.in
Sd./-
Executive Engineer, City Div-III
OIPR-13031/11/0072/2425

**BHUBANESWAR MUNICIPAL CORPORATION**
Notice No.40605 Dt:03/10/2024
File No:BMC/IT/XXXXX ITPMU/2024/13
**REQUEST FOR PROPOSAL FOR**
SELECTION OF AN AGENCY TO SUPPLY FURNITURE AND ACCESSORIES FOR OFFICIAL USE BY BHUBANESWAR MUNICIPAL CORPORATION (BMC)
No.C:Bhubaneswar Municipal Corporation (BMC) invites proposals from reputed Agencies for Supply Furniture and Accessories for Official Use. The detailed Request for Proposal (RFP) document can be downloaded from BMC website:www.bmc.gov.in and from 06.00 PM of 05.10.2024 to 04.00 PM of 22.10.2024. The last date of receipt of technical and financial bids is 22.10.2024 till 4.00 PM and the same would be opened on 22.10.2024 at 5.00 P.M. The Pre-bid meeting is scheduled on 09.10.2024 at 04.00 PM in the Conference Hall at BMC Office. Further details can be seen from the e-Procurement portal www.tendersodisha.gov.in https://www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.
BMC reserves the right to cancel this invitation and/ or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
Sd./- Executive Engineer (Central Tender Cell)
Bhubaneswar Municipal Corporation
OIPR-13002/11/0080/2425

**OFFICE OF THE EXECUTIVE ENGINEER**
**R.W. DIVISION, BALLIGUDA**
E-mail : rw_balliguda@yahoo.com
No.3664//RWDBLG. Date : 27.09.2024
**NOTICE**
No.O-337 : The Tender invited vide identification no. Online Tender/21/ S.E.R.W.D BLG/2023-24 vide T.O. letter no.828 dt.09.02.2024. Tender for 11 Nos. (Eleven) Building works as per Annexure-A out of 14 Nos. Building works tender invited are hereby cancelled due to Non-response of Tender / Unwillingness of extension of validity of tender by the Bidders.
Sd./- Executive Engineer
Rural Works Division, Balliguda
OIPR-25164/11/0001/2425

**COLLECTORATE: MALKANGIRI**
District Child Protection Unit (Child Welfare Section)
Notice No:1078/DCPU/MKG/2024 Date:30/09/2024
**ମାଲକାନଗିରିରେ ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପାଇଁ ବିଜ୍ଞାପନ**
No.ପ୍ର-78:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ପ୍ରତିପାଳନ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରିଚାଳନା କରାଯାଉଅଛି । ଏହି ପ୍ରତିପାଳନ ବ୍ୟବସ୍ଥାର ଲକ୍ଷ୍ୟ ହେଲା, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବେ ଅଣସମ୍ପର୍କୀୟ ପରିବାର/ଅନୁଷ୍ଠାନ ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖି ତାର ମାନବୀୟ ଅଧିକାର ଯୁକ୍ତ ଆବଶ୍ୟକତାକୁ ପୂରଣ କରିବା । ସେହି ପିଲାର ପାରିବାରିକ ପରିସ୍ଥିତିରେ ସୁଧାର ଆସିଲେ, ପୁନଃ ସେମାନଙ୍କ ପରିବାରରେ ଅବସ୍ଥାପିତ କରିବା । "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫" ଧାରା ୪୪, "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୬" ଧାରା ୨୩ ଏବଂ ମଡେଲ ଗାଇଡଲାଇନ ପ୍ରତିପାଳନ ଯତ୍ନ (After Care)- ୨୦୧୬" ଅନୁଯାଇ ଶିଶୁମାନଙ୍କୁ ଥଇଥାନ କରାଯିବା ପାଇଁ ଏହି ବ୍ୟବସ୍ଥା ରହିଅଛି । ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପରିଚାଳନା ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ସେମାନଙ୍କର ଦରଖାସ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମାଲକାନଗିରିଙ୍କୁ ଆବେଦନ କରିପାରିବେ । ପ୍ରତିପାଳନ ଯତ୍ନ ପରିବାର/ଗୃହ ଚୟନ କରିବାର ମାନଦଣ୍ଡ malkangiri.odisha.gov.in ରେ ଉପଲବ୍ଧ ଅଛି । ଦରଖାସ୍ତ ଗ୍ରହଣ କରାଯିବାର ସମୟ ୦୯ ଅକ୍ଟୋବର ୨୦୨୪କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଅଛି ।
ସ୍ୱା./-ଜିଲ୍ଲାପାଳ,ମାଲକାନଗିରି
OIPR-33019/11/0003/2425

**NOTICE INVITING TENDER** No.CAD-1278
**Office of District Manager, Odisha State Civil Supplies Corporation Ltd. (OSCSC) Mayurbhanj (District)**
E-mail : cso-may@nic.in & csomayurbhanj@gmail.com
Phone : 06792-252648
**Tender No. 2370 dated 03.10.2024 for Selection and appointment of Level-I Transport Contractor for transportation of wheat stock from Food Storage Deport (FSD), FCI to Rice Receiving Centers for the biennial 2023-25 (October' 2024 to 31st March'2025).**
**Cost of Tender Document : Rs. 11,800/- Inclusive of GST.**
District Manager, Odisha State Civil Supplies Corporation Ltd., Mayurbhanj invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the works | Selection and appointment of Level-I Transport Contractor for transportation of wheat from Food Storage Deport (FSD), FCI to Rice Receiving Centers (RRC) in Mayurbhanj district of the State of Odisha |
| 2 | Availability of tender documents in the portal | From Date 03.10.2024 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in up to 5:00 P.M. of date 17.10.2024 |
| 4 | Date, Time and venue for opening of Technical Bid by the Tender Committee | On dt. 18.10.2024 at 11:00 A.M., at office chamber of the ADM (Gen), Mayurbhanj |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 18.10.2024, 11:00 A.M., at office chamber of the ADM (Gen), Mayurbhanj |
| 6 | date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Name and address of the Officer Inviting tender | District Manager, OSCSC Ltd, Mayurbhanj |

Tender Documents & other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc, if any shall be published only in above websites.
Sd./- District Manager,
OSCSC Ltd., Mayurbhanj
OIPR-07046/11/0002/2425

SMPB
**ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା**
**ଭୁବନେଶ୍ୱର-୨୦୨୪-୨୫**
**17th STATE LEVEL KALINGA HERBAL FAIR, BHUBANESWAR-2024-25**
**Organised by State Medicinal Plants Board, Odisha**
**ଷ୍ଟଲ ବୁକିଂ ନିମନ୍ତେ ବିଶେଷ ସୂଚନା**
**No.MM-182:**ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥଗୁଡିକର ଉତ୍ପାଦନକାରୀ ଓ ତତ୍‌ସମ୍ପର୍କୀୟ ବ୍ୟବସାୟୀ ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଉକ୍ତ ମେଳାରେ ଭାଗନେବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସହିତ ସମ୍ପର୍କ କରିବାକୁ ଅନୁରୋଧ । ପ୍ରତ୍ୟେକ ଷ୍ଟଲ ନିମନ୍ତେ ୨ ଜଣଙ୍କର ରହିବା ଏବଂ ଖାଇବାର ବନ୍ଦୋବସ୍ତ ଅଛି ।

| Place & Venue | Date | Contacts for Stall Booking and Sponsorship |
|---|---|---|
| IDCO Exhibition Ground, Unit-III, Bhubaneswar | 6th to 12th November, 2024 | M/s. Response Marketing Services (P) Ltd. Sri Manindra Kumar Swain, Mob- 9238020258 & State Medicinal Plants Board, Odisha Aranya Bhawan, Chandrasekharpur, Bhubaneswar- 751023 Tele-0674-2954911, E-mail:smpborissa@gmail.com |

**Stall charges for booking (Stall size 10x10x10 ft.)**
For VSS, SHG, Vaidya and other Traditional Healers - Rs.1,500/- per Stall ,Govt. Institution - Rs.2,500/- per Stall, NGO Rs.2,000/-per Stall, Pharmaceutical Company/ Traders – Rs. 3,000/- per Stall, Medicinal Plants Cultivators/ farmers- Rs.1,000/- per stall & Yoga- Rs. 500/- per stall
ବିଶେଷ ସୂଚନା- ଷ୍ଟଲ ପାଇଁ ଟଙ୍କା ଦାଖଲକାରୀ ମେଳା ଉଦ୍‌ଘାଟନ ଦିନ ଅପରାହ୍ଣ ୩ଟା ସୁଦ୍ଧା ଷ୍ଟଲକୁ ନିଜ ଦଖଲକୁ ନ ନେଲେ ଜମା ଟଙ୍କା ବାଜ୍ୟାପ୍ତି କରାଯିବ ଓ ଷ୍ଟଲକୁ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯିବ । ମେଳାର ଉଦ୍‌ଯାପନ ସମାରୋହ ପୂର୍ବରୁ କୌଣସି ବ୍ୟକ୍ତି ଷ୍ଟଲ ଛାଡି ଯାଇପାରିବେ ନାହିଁ ।
OIPR-08117/11/0003/2425
**Sd./- Chief Executive, SMPB, Odisha**

**ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ**
ଚୌଦ୍ୱାର,(ଆଶୁତୋଷ ଦାସ)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର କୁଜିବର ଗ୍ରାମରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ କଟକ ଅଭିନବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋରୀ ଓ ମହିଳାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ରୋଗର ଭୟାବହତା, କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ଗ୍ରାମ ସଫେଇ କରାଯାଇଥିଲା। ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ମାନସ କୁମାର ସାହୁ, ଅକ୍ଷୟ ନାୟକ, ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ସରୋଜିନୀ ରାଉତ, ଅଙ୍ଗନୱାଡି କର୍ମୀ ସତ୍ୟଭାମା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବିରେ ଏଲ୍‌ଇଡି ପ୍ରୋଜେକ୍ଟର ଅଚଳ

## ସଚେତନତା ବାର୍ତ୍ତା ପାଇବାରୁ ବଞ୍ଚିତ ରୋଗୀ, ସମ୍ପର୍କୀୟ

କଟକ,୩।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ରାଣୀହାଟ ଓ ମଙ୍ଗଳାବାଗ ପାର୍ଶ୍ୱ ଫାଟକ ନିକଟରେ ଲାଗିଥିବା ଦୁଇଟି ଉଚ୍ଚ କ୍ଷମତାସମ୍ପନ୍ନ ଏଲ୍‌ଇଡି ପ୍ରୋଜେକ୍ଟର ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଫଳରେ ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବିଭିନ୍ନ ରୋଗର ନିରାକରଣ, ପ୍ରତିକାର ବ୍ୟବସ୍ଥା ଓ ସଚେତନତା ବାର୍ତ୍ତା ସମ୍ପର୍କରେ ଜାଣିପାରୁ ନାହାନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅନୁଦାନରେ ଓଡ଼ିଆରେ ବିଭିନ୍ନ ସଂକ୍ରାମକ ରୋଗର ନିରାକରଣ, ପ୍ରତିକାର ସମେତ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବହୁ ଟେଲି ଚଳଚ୍ଚିତ୍ର କରାଯାଇଛି। ଏହି ସଚେତନତା ବାର୍ତ୍ତାକୁ ଏସ୍‌ସିବି ମେଡିକାଲରେ ଦୁଇଟି ପ୍ରୋଜେକ୍ଟର ଦ୍ୱାରା ପ୍ରଦର୍ଶିତ ହେଉଥିଲା। କିଛିଦିନ ପୂର୍ବରୁ ପ୍ରୋଜେକ୍ଟରର ଅଡ଼ିଓ ତାର ଛିଣ୍ଡି ଯାଇଥିବାରୁ ଶବ୍ଦ ଶୁଣାଯାଉ ନ ଥିଲା ବେଳେ କେବଳ ଭିଡ଼ିଓ ପ୍ରଦର୍ଶିତ ହେଉଥିଲା। ଏହାର ମରାମତି ପାଇଁ ମେଡିକାଲ ପକ୍ଷରୁ ଏନ୍‌ଏଚ୍‌ଏମ୍ ସଂସ୍ଥାକୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


ଏସ୍‌ସିବି ମେଡିକାଲ ଫାଟକ ସମ୍ମୁଖରେ ଲାଗିଥିବା ଏଲ୍‌ଇଡି ପ୍ରୋଜେକ୍ଟର ଅଚଳ ହୋଇପଡିଛି।

## ଜମି ମାଲିକାନାକୁ ନେଇ ୨ ଦାବିଦାର ମୁହାଁମୁହିଁ

ସାଲେପୁର,୩।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନାନ୍ଦୋଳ ପଞ୍ଚାୟତ ଭାତପଡା ମୌଜାର ଗୋଟିଏ ଜମି ଉପରେ ଦୁଇଜଣ ମାଲିକାନା ଦାବି କରି ମୁହାଁମୁହିଁ ହୋଇଛନ୍ତି। ଭାତପଡା ମୌଜାରେ ଥିବା ଏକ ପ୍ଲଟର ମାଲିକାନା ପ୍ରଦୀପ୍ତ ରାଉତ ଓ ଅନ୍ୟ ୮ଜଣଙ୍କ ନାମରେ ରହିଛି। ଏପରିକି ଉକ୍ତ ଜମିର ପଟ୍ଟା ମଧ୍ୟ ସେମାନେ ପାଇଛନ୍ତି କିନ୍ତୁ ଉକ୍ତ ଜମିର ମାଲିକ ଭାତପଡା ଅଞ୍ଚଳର ରବୀନ୍ଦ୍ର ରାଉତ ଦାବି କରଛନ୍ତି। ତାଙ୍କ ନିକଟରେ ଥିବା ଉକ୍ତ ଜମିର କବଲାକୁ ଆଧାରକରି ସେ ଉକ୍ତ ଜମିକୁ ଅନ୍ୟକୁ ବିକ୍ରୟ କରିବା ପାଇଁ ଗୁରୁବାର ସାଲେପୁର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିକ୍ରି ଚୁକ୍ତିନାମ କରିବାକୁ ଆସିଥିଲେ। କୌଣସି ସୂତ୍ରରୁ ଖବରପାଇ ପ୍ରଦୀପ ଓ ଅନ୍ୟ ଅଂଶୀଦାରମାନେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପ୍ରଦୀପ୍ତଙ୍କ ଅଭିଯୋଗ ଅନୁଯାୟୀ, ୪୦ବର୍ଷ ପୂର୍ବେ ତାଙ୍କ ଜେଜେ ସ୍ୱର୍ଗତ ନିଶାମଣି ରାଉତଙ୍କ ଦସ୍ତଖତକୁ ଜାଲିଆତି କରି ଉକ୍ତ ଅଞ୍ଚଳର ରବୀନ୍ଦ୍ର ଭାତପଡା ମୌଜାରେ ଥିବା ୪୧୯ନମ୍ବର ଖାତାରେ ଥିବା ଜମିର କିଛି ଅଂଶକୁ କବଲା କରିନେଇଛନ୍ତି। ଏହି ବିବାଦ ଦୀର୍ଘ ବର୍ଷ ଧରି ଚାଲିବାପରେ ପ୍ରଦୀପ୍ତ ଓ ରବୀନ୍ଦ୍ରଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। କବଲା ଖାରଜ କରିବା ପାଇଁ ରବୀନ୍ଦ୍ର ମଧ୍ୟ ଦଶ ଲକ୍ଷ ଟଙ୍କା ପ୍ରଦୀପ୍ତଙ୍କ ଠାରୁ ଅଗ୍ରିମ ନେଇଥିଲେ। ଏହାସତ୍ତ୍ୱେ ଚଞ୍ଚକତା କରି ଉକ୍ତ ଜମିକୁ ଅନ୍ୟ ଲୋକକୁ ବିକ୍ରୟ କରିବା ପାଇଁ ବିକ୍ରି ଚୁକ୍ତିନାମା କରୁଥିଲେ ବୋଲି ପ୍ରଦୀପ୍ତ ଓ ଅନ୍ୟ ଅଂଶୀଦାରମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ରବୀନ୍ଦ୍ର କହିଛନ୍ତି, ନିୟମ ଅନୁଯାୟୀ ନିଶାମଣି ମୋ ନାମରେ ଜମିର କବଲା କରିଛନ୍ତି ଓ କବଲା ଖାରଜ କରିବା ପାଇଁ ମୁଁ ଗୋଟିଏ ହେଲେ ଟଙ୍କା ନେଇ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସାଲେପୁର ସବ୍-ରେଜିଷ୍ଟ୍ରାର ଅଶୋକ କୁମାର ଦାଶ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଏନ୍‌ଏସିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଠଗଡ଼,୩।୧୦(ସତ୍ୟ ପ୍ରସାଦ ରଥ)




ଆଠଗଡ଼ ଏନ୍‌ଏସିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଏନ୍‌ଏସି ୧ନଂ. ୱାର୍ଡର ହେମମାଳପୁର ଗ୍ରାମରୁ ବାହାରି ଗୁହାଳପଡ଼ିଆ, ୨ନଂ.ୱାର୍ଡ ପଦ୍ମସାହି, ୩ନଂ.ୱାର୍ଡ ଗଦା ସାହି, ୭ନଂ.ୱାର୍ଡ ଉପରସାହି ଦେଇ ଉତ୍ତରାଚଣ୍ଡୀ ମନ୍ଦିରରେ ସମାପ୍ତ ହୋଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ଶାସନ କାଳରେ ଓଡ଼ିଶାରେ ବିକାଶ କିଭଳି ବାଧାପ୍ରାପ୍ତ ହୋଇଛି, ଏଥିସହ ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ପାଳନରେ ଭାଜପା ସରକାର କିଭଳି ଫେଲ ମାରିଛି ସେ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଚିତ୍ରା ସାହୁ, ବିଧାୟକଙ୍କ ଏନ୍‌ଏସି ପ୍ରତିନିଧି ଲକ୍ଷ୍ମୀ ନାରାୟଣ ଭଞ୍ଜ, କାଉନସିଲର ସୁଶାନ୍ତ ଜେନା, ରାକେଶ ଭକ୍ତା, ପୂର୍ଣ୍ଣିମା ବେହେରା, ସିପ୍ରା ଦାଶ, ମମତା ଦାସ, ଯୁବନେତା ପ୍ରକାଶ ରାଉତ, ବିଜେଡି ଛାତ୍ର ସଭାପତି ଖଲିଦ ମହମ୍ମଦ, ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅହିଂସା, ରକ୍ତହୀନ ବିପ୍ଳବ ଗାନ୍ଧିବାଦୀ ଚିନ୍ତନର ମୂଳଲକ୍ଷ୍ୟ


ଉତ୍ସବରେ ମୁଖ୍ୟ ଅତିଥି ପ୍ରସନ୍ନ ପାଟ୍ଟଶାଣି ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନିଶ୍ଚିନ୍ତକୋଇଲି.୩।୧୦ (ଅଶୋକ କୁମାର ମହାପାତ୍ର)

## ଭୂମିପୁତ୍ର ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ଉପରେ ଭୂମିପୁତ୍ର ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଂସଦର ସମ୍ପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ଏମ୍‌ପି ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ଡ. ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ଅହିଂସା, ରକ୍ତହୀନ ବିପ୍ଳବ ଗାନ୍ଧିବାଦୀ ଚିନ୍ତନର ମୂଳଲକ୍ଷ୍ୟ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାମୀ ଗୁରୁପାଦ ବ୍ରହ୍ମଅବଧୂତ ସୁକାନ୍ତ ଦାସଜୀ ମହାରାଜ ଯୋଗଦେଇ ଗାନ୍ଧୀଙ୍କ ବିଚାର, କାର୍ଯ୍ୟ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଦେବବ୍ରତ ପଣ୍ଡା, ଜେ.ଏନ୍. କଲେଜ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି, ସାହିତ୍ୟିକା ରୋଜାଲିନ୍ ସେନାପତି, ପରମାନନ୍ଦ ଦାସମହାରାଜ, ସାହିତ୍ୟିକ ତଥା ଶିକ୍ଷାବିତ୍ ଫକୀରଚରଣ ନାୟକ, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ସଂସ୍କୃତ ଶିକ୍ଷକ ନିରଞ୍ଜନ ସାହୁ, ସ୍ତମ୍ଭକାର ବିବେକାନନ୍ଦ ଦାସ, ଗାନ୍ଧୀ ସ୍ମୃତିକମିଟି ସମ୍ପାଦକ ରାମଚନ୍ଦ୍ର ମଳିକ ପ୍ରମୁଖ ଯୋଗଦେଇ ଥିଲେ। ବଡକ୍ଷୀର ପଞ୍ଚାୟତ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼କ୍ଷୀର ମିଶନଶକ୍ତି ସଭାନେତ୍ରୀ ଅମ୍ରିତା ସିଂହ, ସମ୍ପାଦିକା ଅଞ୍ଜନା ଶତପଥୀ, ଏମ୍.ବି.କେ. ଦେବରୂପା କର, ସିଆରପି ଲକ୍ଷ୍ମୀପ୍ରିୟା ବସ୍ତିଆ, ମାନସୀ ସ୍ୱାଇଁ, ସ୍ନେହାଞ୍ଜଳି ନାୟକ, କବିତା ମଲିକ, କବିତା ସ୍ୱାଇଁ, କଳ୍ପନା ଚାନ୍ଦ, ରଶ୍ମିରେଖା ମହାପାତ୍ର, ଦମୟନ୍ତୀ ମହାନ୍ତି, ଶ୍ରଦ୍ଧାଞ୍ଜଳୀ ବସ୍ତିଆ, ସବିତା ସାହୁ, ପଲ୍ଲିଶ୍ରୀ ସାମଲ, ନମିତା ରାଉଳ, କାଞ୍ଚନ ବାଳା ସ୍ୱାଇଁ, ଶଶୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍ ଶଶଧର ପଣ୍ଡାଙ୍କୁ ମର୍ଯ୍ୟାଦା ଜନକ 'ଭୂମିପୁତ୍ର ସେବାସମ୍ମାନ ୨୦୨୪' ଏବଂ ସାରସ୍ୱତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍ ଦେବପ୍ରସାଦ କରଙ୍କୁ 'ଭୂମିପୁତ୍ର ସାରସ୍ୱତ ସମ୍ମାନ୨୦୨୪' ପ୍ରଦାନ କରାଯାଇ ଥିଲା। ଉଭୟଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ପଣସପଡ଼ିଆସ୍ଥିତ ଗାନ୍ଧୀପୀଠ ପରିସରରେ ଅତିଥିମାନେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


## OFFICE OF THE PANCHAYAT SAMITI, GAISILET
AT/PO/PS : Gaisilet, Dist : Bargarh (Odisha), PIN : 768037
E_Mail ID : ori-gaisilet@nic.in
No.3944/Dt.01.10.2024

**CORRIGENDUM**

No.i-217 : In pursuance to the following 2 Nos. of E-Tender Call Notice of this Office for Construction of Additional Classroom of Schools (Civil Works), partial modification in Class of Contractor has been made as follows :

| Sl. No. | Tender ID | Tender Reference Number | Tender Title | Published Date | Existing Class of contractor | Modified Class of contractor |
|---|---|---|---|---|---|---|
| 01 | 2024_PRBGI_105278_1 | 01/02/2024-25 | Construction of Additional Class Room at Nodal High School, Gaisilet, Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |
| 02 | 2024_PRBGI_105277_1 | 01/01/2024-25 | Construction of Additional Class Room at Govt. UP School, Sauthkhandi Gaisilet Block | 01-Oct-2024 11:00 A.M. | "B" Class & "C" Class | "C" Class & "D" Class |

All other details of the said tender call notice remain unchanged.

Sd./- Block Development Officer
Gaisilet

OIPR-19191/11/0002/2425

Skilled in ODISHA — WSC

## World Skill Center
## Bhubaneswar
Tower 2010, Block B, Sector A, Mancheswar Industrial Estate, Bhubaneswar, Odisha 751007
No.KK-191

**Spot Admission open for Academic Session September 2024-2025 from 4th to 19th October 2024 (in all working days)**

| Course | Eligibility Criteria | Course Fee |
|---|---|---|
| Precision Engineering (PEG)<br>Vertical Transportation (VT)<br>Air Conditioning & Refrigeration (ACR)<br>Mechanical & Electrical Services (MES)<br>Electrical Technology (ET)<br>Mechatronics (MCE) | 2 years ITI or 3 years Diploma in Engineering<br>Both Male and Female Candidates are eligible<br>Minimum age required 17 years.<br>Maximum age is 30 years | 20,000/- in two equal Installments (for General category)<br>No Course fee for SC / ST / OBC / SEBC / Minority Candidates<br>Uniform and hostel accommodation with fooding is free for all |
| Beauty & Wellness (B&W) | 10+2/Diploma in any Stream<br>Both Male and Female Candidates are eligible<br>Minimum age required 17 years.<br>Maximum age is 35 years | |

For more information, Please contact
Our tollfree number: 1800 266 6002 or +91-6742580079
email: contact@worldskillcenter.org
or visit our website
www.worldskillcenter.org

OIPR-44009/11/0010/2425

See Career Appointment on every Wednesday & Saturday

## Office of District Manager
## Odisha State Civil Supplies Corporation Ltd., (OSCSC) Dhenkanal District
No.CAD-1281
Phone : 06762-295760, District Website : www.dhenkanal.nic.in
Tender No. : 1592/Date : 03.10.2024

No.CAD-1281 : District Manager, Odisha State Civil Supplies Corporation Ltd., Dhenkanal District invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transporation of Food grains from FSD, FCI to RRCs for the year 2023-25 (October-2024 to 31st March-2025) |
| 2 | Availability of Bid document in the Portal | **From Dt. 03.10.2024** |
| 3 | Last date / Time for receipt of bids in the portal | **Dt. 17.10.2024 up to 5.00 P.M.** |
| 4 | Date / Time of Opening of Technical Bid | **Dt. 18.10.2024 at 11.00 A.M.** |
| 5 | Name and address of the Office Inviting Tender | **District Manager, OSCSC Ltd., Dhenkanal (District)** |

Tender Documents & Other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/Cancellation/retenders etc. if any shall be published only in above websites.

OIPR-07005/11/0002/2425
Sd./- District Manager
OSCSC Limited, Dhenkanal

GOVERNMENT OF ODISHA — No.L-77
DEPARTMENT OF AGRICULTURE AND FARMERS' EMPOWERMENT
## OFFICE OF THE SUPERINTENDING ENGINEER (AGRIL.), SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM
No.1055//SE(Agril.) Date. 26.09.2024

**INVITATION FOR BIDS (IFB)**
**e-Procurement Notice**

Bid identification number / Tender call notice no. - SE (A) S/Z-03/2024-25
The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works under Southern Zone. The costs of the project is around 133.00 & 56.00 Lakhs (Excluding GST & LC) respectively. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **04.10.2024 at 11:00 hours to 18.10.2024 at 17:30 hours**. The bid will opened on **21.10.2024 at 11:30 hours** onwards in the O/o Superintending Engineer (Agril.), Southern Zone, Brahampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Superintending Engineer (Agril.)
Southern Zone, Brahampur
OIPR-01504/11/0003/2425

No.C-698
## CUTTACK MUNICIPAL CORPORATION
**"e" PROCUREMENT NOTICE**
Bid Reference No. MC(CMC)CTC_EL_No.05/2024-25
Tender ID : 2024_ORULB_105292
Tender Call Notice No. 7396 (PW) Date : 30.09.2024

Name of Works : Electrical Works
No. of Works : 01
Bid Value : Rs. 100.23 Lakhs to Rs. 75.33 Lakhs
Period of Completion : Three Calendar Months
Date and Time Schedule :

| Start | End | Opening |
|---|---|---|
| 13.00 P.M. on dt. 03.10.2024 | 5.00 P.M. on dt. 24.10.2024 | 11.00 A.M. on dt. 29.10.2024 |

Tender Details : Can be seen from the procurement portal : www.tendersorissa.gov.in

Sd./-
Executive Engineer, City Div-III
OIPR-13031/11/0072/2425

## BHUBANESWAR MUNICIPAL CORPORATION
Notice No.40605 Dt:03/10/2024
File No:BMC/IT/XXXXX ITPMU/2024/13

**REQUEST FOR PROPOSAL FOR**
**SELECTION OF AN AGENCY TO SUPPLY FURNITURE AND ACCESSORIES FOR OFFICIAL USE BY BHUBANESWAR MUNICIPAL CORPORATION (BMC)**

**No.C:**Bhubaneswar Municipal Corporation (BMC) invites proposals from reputed Agencies for Supply Furniture and Accessories for Official Use. The detailed Request for Proposal (RFP) document can be downloaded from BMC website:www.bmc.gov.in and from 06.00 PM of 05.10.2024 to 04.00 PM of 22.10.2024. The last date of receipt of technical and financial bids is 22.10.2024 till 4.00 PM and the same would be opened on 22.10.2024 at 5.00 P.M. The Pre-bid meeting is scheduled on 09.10.2024 at 04.00 PM in the Conference Hall at BMC Office. Further details can be seen from the e-Procurement portal www.tendersodisha.gov.in https://www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

BMC reserves the right to cancel this invitation and/ or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

Sd./- Executive Engineer (Central Tender Cell)
Bhubaneswar Municipal Corporation
OIPR-13002/11/0080/2425

## OFFICE OF THE EXECUTIVE ENGINEER R.W. DIVISION, BALLIGUDA
E-mail : rw_balliguda@yahoo.com
No.3664//RWDBLG. Date : 27.09.2024

**NOTICE**

No.O-337 : The Tender invited vide identification no. Online Tender/21/ S.E.R.W.D BLG/2023-24 vide T.O. letter no.828 dt.09.02.2024. Tender for 11 Nos. (Eleven) Building works as per Annexure-A out of 14 Nos. Building works tender invited are hereby cancelled due to Non-response of Tender / Unwillingness of extension of validity of tender by the Bidders.

Sd./- Executive Engineer
Rural Works Division, Balliguda
OIPR-25164/11/0001/2425

## COLLECTORATE: MALKANGIRI
District Child Protection Unit (Child Welfare Section)
Notice No:1078/DCPU/MKG/2024 Date:30/09/2024

**ମାଲକାନଗିରିରେ ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପାଇଁ ବିଜ୍ଞାପନ**

No.ଗ୍ର-78:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ପ୍ରତିପାଳନ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପରିଚାଳନା କରାଯାଉଅଛି । ଏହି ପ୍ରତିପାଳନ ବ୍ୟବସ୍ଥାର ଲକ୍ଷ୍ୟ ହେଲା, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବେ ଅଣସମ୍ପର୍କୀୟ ପରିବାର/ଅନୁଷ୍ଠାନ ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖି ତାର ମାନବୀୟ ଅଧିକାର ଯୁକ୍ତ ଆବଶ୍ୟକତାକୁ ପୂରଣ କରିବା । ସେହି ପିଲାର ପାରିବାରିକ ପରିସ୍ଥିତିରେ ସୁଧାର ଆସିଲେ, ପୁନଃ ସେମାନଙ୍କ ପରିବାରରେ ଅବସ୍ଥାପିତ କରିବା । "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫" ଧାରା ୪୪, "କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୬" ଧାରା ୨୩ ଏବଂ ମଡେଲ ଗାଇଡଲାଇନ ପ୍ରତିପାଳନ ଯତ୍ନ (After Care)- ୨୦୧୬" ଅନୁଯାଇ ଶିଶୁମାନଙ୍କୁ ଥଇଥାନ କରାଯିବା ପାଇଁ ଏହି ବ୍ୟବସ୍ଥା ରହିଅଛି । ପ୍ରତିପାଳନ ଯତ୍ନ ପରିବାର/ଅନୁଷ୍ଠାନ ପରିଚାଳନା ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ସେମାନଙ୍କର ଦରଖାସ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମାଲକାନଗିରିଙ୍କୁ ଆବେଦନ କରିପାରିବେ । ପ୍ରତିପାଳନ ଯତ୍ନ ପରିବାର/ଗୃହ ଚୟନ କରିବାର ମାନଦଣ୍ଡ malkangiri.odisha.gov.in ରେ ଉପଲବ୍ଧ ଅଛି । ଦରଖାସ୍ତ ଗ୍ରହଣ କରାଯିବାର ସମୟ ୦୯ ଅକ୍ଟୋବର ୨୦୨୪କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଅଛି ।

ସ୍ୱା./-ଜିଲ୍ଲାପାଳ,ମାଲକାନଗିରି
OIPR-33019/11/0003/2425

**NOTICE INVITING TENDER** No.CAD-1278
## Office of District Manager, Odisha State Civil Supplies Corporation Ltd. (OSCSC) Mayurbhanj (District)
E-mail : cso-may@nic.in & csomayurbhanj@gmail.com
Phone : 06792-252648

**Tender No. 2370 dated 03.10.2024 for Selection and appointment of Level-I Transport Contractor for transportation of wheat stock from Food Storage Deport (FSD), FCI to Rice Receiving Centers for the biennial 2023-25 (October' 2024 to 31st March'2025).**
**Cost of Tender Document : Rs. 11,800/- Inclusive of GST.**

District Manager, Odisha State Civil Supplies Corporation Ltd., Mayurbhanj invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the works | Selection and appointment of Level-I Transport Contractor for transportation of wheat from Food Storage Deport (FSD), FCI to Rice Receiving Centers (RRC) in Mayurbhanj district of the State of Odisha |
| 2 | Availability of tender documents in the portal | From Date 03.10.2024 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in up to 5:00 P.M. of date 17.10.2024 |
| 4 | Date, Time and venue for opening of Technical Bid by the Tender Committee | On dt. 18.10.2024 at 11:00 A.M., at office chamber of the ADM (Gen), Mayurbhanj |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 18.10.2024, 11:00 A.M., at office chamber of the ADM (Gen), Mayurbhanj |
| 6 | date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Name and address of the Officer Inviting tender | District Manager, OSCSC Ltd, Mayurbhanj |

Tender Documents & other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc, if any shall be published only in above websites.

OIPR-07046/11/0002/2425
Sd./- District Manager,
OSCSC Ltd., Mayurbhanj

SMPB
## ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା
## ଭୁବନେଶ୍ୱର-୨୦୨୪-୨୫
**17th STATE LEVEL KALINGA HERBAL FAIR, BHUBANESWAR-2024-25**
**Organised by State Medicinal Plants Board, Odisha**

**ଷ୍ଟଲ ବୁକିଂ ନିମନ୍ତେ ବିଶେଷ ସୂଚନା**

**No.MM-182:**ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥଗୁଡିକର ଉତ୍ପାଦନକାରୀ ଓ ତତ୍‌ସମ୍ପର୍କୀୟ ବ୍ୟବସାୟୀ ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଉକ୍ତ ମେଳାରେ ଭାଗନେବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସହିତ ସମ୍ପର୍କ କରିବାକୁ ଅନୁରୋଧ । ପ୍ରତ୍ୟେକ ଷ୍ଟଲ ନିମନ୍ତେ ୨ ଜଣଙ୍କର ରହିବା ଏବଂ ଖାଇବାର ବନ୍ଦୋବସ୍ତ ଅଛି ।

| Place & Venue | Date | Contacts for Stall Booking and Sponsorship |
|---|---|---|
| IDCO Exhibition Ground, Unit-III, Bhubaneswar | 6th to 12th November, 2024 | M/s. Response Marketing Services (P) Ltd. Sri Manindra Kumar Swain, Mob- 9238020258 & State Medicinal Plants Board, Odisha Aranya Bhawan, Chandrasekharpur, Bhubaneswar- 751023 Tele-0674-2954911, E-mail:smpborissa@gmail.com |

**Stall charges for booking (Stall size 10x10x10 ft.)**
For VSS, SHG, Vaidya and other Traditional Healers - Rs.1,500/- per Stall ,Govt. Institution - Rs.2,500/- per Stall, NGO Rs.2,000/-per Stall, Pharmaceutical Company/ Traders – Rs. 3,000/- per Stall, Medicinal Plants Cultivators/ farmers- Rs.1,000/- per stall & Yoga- Rs. 500/- per stall

ବିଶେଷ ସୂଚନା- ଷ୍ଟଲ ପାଇଁ ଟଙ୍କା ଦାଖଲକାରୀ ମେଳା ଉଦ୍‌ଘାଟନ ଦିନ ଅପରାହ୍ନ ୩ଟା ସୁଦ୍ଧା ଷ୍ଟଲକୁ ନିଜ ଦଖଲକୁ ନ ନେଲେ ଜମା ଟଙ୍କା ବାଜ୍ୟାପ୍ତି କରାଯିବ ଓ ଷ୍ଟଲକୁ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯିବ । ମେଳାର ଉଦ୍‌ଯାପନ ସମାରୋହ ପୂର୍ବରୁ କୌଣସି ବ୍ୟକ୍ତି ଷ୍ଟଲ ଛାଡି ଯାଇପାରିବେ ନାହିଁ ।

OIPR-08117/11/0003/2425
Sd./- Chief Executive, SMPB, Odisha

# ଆର୍‌ଆଇ, ଅମିନ ପରୀକ୍ଷା ଅନିୟମିତତା
# ଆନ୍ଦୋଳନକୁ ଓହ୍ଲାଇଲେ ଆଶାୟୀ

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୩।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

- ମନ୍ତ୍ରୀଙ୍କୁ ଭେଟି ନ ପାରିବାରୁ ରାସ୍ତାରୋକୋ
- ପଦକ୍ଷେପ ନିଆଯିବା ସହ ଅଫ୍‌ଲାଇନ୍ ପରୀକ୍ଷା ଦାବି

ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଆଇସିଡିଏସ୍ ସୁପର ଭାଇଜର ଓ ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କଟକ, ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଚାକିରି ଆଶାୟୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗୁରୁବାର ଆଶାୟୀମାନେ ଭୁବନେଶ୍ୱରସ୍ଥିତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସରକାରୀ ବାସଭବନକୁ ଘେରାଉ କରିଥିଲେ। ସେମାନେ ଅନ୍‌ଲାଇନ ପରୀକ୍ଷାକୁ ବିରୋଧ କରିବା ସହ ପରୀକ୍ଷାରେ ଦୁର୍ନୀତି ନେଇ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବାକୁ ଚାହିଁଥିଲେ। ତେବେ ବହୁ ଚେଷ୍ଟା ପରେ ମନ୍ତ୍ରୀଙ୍କୁ ଭେଟି ନ ପାରିବାରୁ ସେମାନେ ରାଜ୍ୟ ଗ୍ରନ୍ଥାଗାର ନିକଟରେ ରାସ୍ତାରୋକୋ କରି ପ୍ରତିବାଦ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ସେମାନେ ଅଭିଯୋଗ ଆଣିଛନ୍ତି ଯେ, ଓଏସ୍‌ଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ଅନିୟମିତତା ହେଉଛି। ଆଉ ଏବେ ଏହାର ସ୍ପଷ୍ଟ ପ୍ରମାଣ ନଜରକୁ ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଆର୍‌ଆଇ, ଅମିନ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ପରୀକ୍ଷାକୁ ଅନ୍‌ଲାଇନ କରାଯାଇ ଚାକିରି ବିକ୍ରି କରାଯାଉଛି। ଏହି ପରୀକ୍ଷା ଅନ୍‌ଲାଇନ ବଦଳରେ ଅଫ୍‌ଲାଇନ ହେଉ। ଏଥିସହ ଏନେଇ ସରକାର ଶୀଘ୍ର ନିଷ୍ପତ୍ତି ଓ ପଦକ୍ଷେପ ନିଅନ୍ତୁ। ପୂର୍ବରୁ ହୋଇଥିବା ଫରେଷ୍ଟ ଗାର୍ଡ ପରୀକ୍ଷାକୁ ବାତିଲ କରି ପୁନଃପରୀକ୍ଷା କରାଯାଉ। ନିକଟରେ ନୟାପଲ୍ଲୀ ଘଟଣା ସ୍ପଷ୍ଟ କରୁଛି ଯେ, ନିଯୁକ୍ତି ପରୀକ୍ଷାରେ କେଉଁ ଭଳି ଭାବେ ଦୁର୍ନୀତି ହେଉଛି। ଏଠାରେ ସାଇବର କାଫେରେ ପରୀକ୍ଷା ହେବା ଓ ପରିଚାଳନାରେ ବ୍ୟାପକ ଅନିୟମିତତା ନଜରକୁ ଆସିବାରୁ ପରୀକ୍ଷାର୍ଥୀମାନେ ତୀବ୍ର ବିରୋଧ କରିଥିଲେ। ଏଭଳି ଅବ୍ୟବସ୍ଥିତ ଢଙ୍ଗରେ ପରୀକ୍ଷା କରିବା ଦ୍ୱାରା ପିଲାଙ୍କୁ ଆଘାତ ଲାଗୁଛି। ପରୀକ୍ଷା ଆରମ୍ଭ ହେବାର ଧାର୍ଯ୍ୟ ସମୟଠାରୁ ବହୁ ଘଣ୍ଟା ପରେ ସେଣ୍ଟରକୁ ପ୍ରବେଶ କରିବାକୁ ସୁଯୋଗ ଦିଆଯାଉଛି। ପୂର୍ବ ସରକାର ସମୟରେ ମଧ୍ୟ ଏପରି ହେଉଥିଲା, ଏବେ ମଧ୍ୟ ସେହି ଘଟଣା ଘଟୁଛି। ଗତ ୮ତାରିଖରୁ ପରୀକ୍ଷା ସରିଲାଣି। ବିଭାଗୀୟ ମନ୍ତ୍ରୀ ଏହା ସମ୍ବେଦନଶୀଳ ଘଟଣା ବୋଲି ଗଣମାଧ୍ୟମରେ ମତ ଦେଉଛନ୍ତି। ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ। ସରକାର ନିଯୁକ୍ତି ଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ନିଯୁକ୍ତିକାରୀ ସଂସ୍ଥାକୁ ସ୍ୱଚ୍ଛତାର ସହ କରିବାକୁ ନିର୍ଦ୍ଦେଶ ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।

## କଟକରେ ବିକ୍ଷୋଭ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

କଟକ,୩।୧୦ (କାର୍ତ୍ତିକ ସାହୁ)

ଆର୍‌ଆଇ, ଏଆର୍‌ଆଇ ଓ ଅମିନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପ୍‌ସନ୍ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ଏହି ପରୀକ୍ଷାକୁ ତୁରନ୍ତ ବାତିଲ କରିବା ପାଇଁ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଟକ ଜିଲାପାଳଙ୍କୁ ଗୁରୁବାର ପ୍ରଦାନ କରାଯାଇଛି।

ସୂଚନାନୁସାରେ, ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ସେପ୍ଟେମ୍ବର ୨୦ରୁ ଏହି ଅନ୍‌ଲାଇନ୍ ପରୀକ୍ଷା ଚାଲିଛି। ଅକ୍ଟୋବର ୮ ତାରିଖରେ ଶେଷ ହେବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ସରକାର ଏକ ଘରୋଇ ସଂସ୍ଥାକୁ ନିଯୁକ୍ତି ଦାୟିତ୍ୱ ଦେଇଛନ୍ତି। ପରୀକ୍ଷା ପରିଚାଳନା ନିମନ୍ତେ ସର୍ବନିମ୍ନ ବ୍ୟବସ୍ଥା ନ ଥାଇ ବି ଯେଉଁଠି ସେଇଠି ପରୀକ୍ଷା କେନ୍ଦ୍ର କରାଯାଉଛି। ବୌଦ୍ଧରେ ନକଲି ପରୀକ୍ଷା କେନ୍ଦ୍ର ମାଲିକ ଗିରଫ ହୋଇଥିବାବେଳେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଙ୍ଗଠନ ପକ୍ଷରୁ ବିଭୂତି ଭୂଷଣ ମହାପାତ୍ର, ରାଜେନ୍ଦ୍ର ନାୟକ, ଭଞ୍ଜ କିଶୋର ନାୟକ, ବିଶ୍ୱରଞ୍ଜନ ଦାଶ, ସ୍ୱରାଜ ପ୍ରୀତମ୍ ଦାସ ଓ କେଦାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଟକ ନେତାଜୀ ବସ୍ ଟର୍ମିନାଲରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସଙ୍ଗଠନର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶୈଳ



@ ଥମସନ୍



@ ରଞ୍ଜନ




@ ମନୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖୁଆଡ଼କୁ ଆସିଲେ ୨ ଜିରାଫ

## ଖୁସି ହେଲା 'ଖୁସି'

ତ୍ରିଶୂଳିଆ,୩।୧୦(ତୁଷାରକାନ୍ତ ବେହେରା)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକ ଏବେ ୧୦୦ ନଂ. ଖୁଆଡ଼ରେ ଅଦଳବଦଳ ପ୍ରକ୍ରିୟାରେ ଆସିଥିବା ୨ ଜିରାଫଙ୍କୁ ଦେଖିପାରିବେ। ସେପ୍ଟେମ୍ବରରେ ସେମାନଙ୍କୁ ଅଲିପୁର ଚିଡ଼ିଆଖାନାରୁ ଅଣାଯାଇ ୧ ମାସ ଧରି ସଙ୍ଗରୋଧରେ ରଖାଯାଇଥିଲା। ସେହି ଖୁଆଡ଼ ସମ୍ମୁଖରେ ପୂର୍ବରୁ ଜିରାଫ 'ଖୁସି' ରହୁଥିଲା। ଏବେ ଆସିଥିବା ୨ ଜିରାଫଙ୍କୁ ଖୁସି ସହ ମିଶାଇବାକୁ କର୍ତ୍ତୃପକ୍ଷ ଚେଷ୍ଟା ଆରମ୍ଭ କରିଛନ୍ତି। ବୁଧବାର ୩ ଜଣଙ୍କୁ ଏକାଠି ଛଡ଼ାଯାଇଛି। ଜିରାଫ ଖୁସି ସେମାନଙ୍କ ସହିତ ମିଶିବାକୁ ଚେଷ୍ଟା କରୁଛି। ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଆଶଙ୍କାକୁ ନେଇ ନଜର ରଖାଯାଇଛି। ପର୍ଯ୍ୟଟକ ଜିରାଫ 'ଖୁସି'କୁ ଦେଖୁଥିବାବେଳେ ଏବେ ୨ ଛୋଟ ଛୋଟ ଜିରାଫଙ୍କୁ ଦେଖି ବହୁତ ଖୁସି ପ୍ରକଟ କରୁଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ସେପ୍ଟେମ୍ବର ୨ରେ ଅଦଳବଦଳ ପ୍ରକ୍ରିୟାରେ ଅଲିପୁର ଚିଡ଼ିଆଖାନାରୁ ୨ଟି (୧ ବର୍ଷ ୫ ମାସର ଅଣ୍ଡିରା ଓ ୧୧ ମାସର ମାଈ) ଜିରାଫ ଅଣାଯାଇଥିଲା। ଆସିବା ପରେ ସେମାନଙ୍କୁ ପ୍ରାଣୀ ଉଦ୍ୟାନର ୧୦୦ ନଂ. ଜିରାଫ ଖୁଆଡ଼ ପଛ କଡ଼ ଖୁଆଡ଼ରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା।

## କର୍ଣ୍ଣାଟକ ବିଧାନସଭା ଷ୍ଟାଣ୍ଡିଂ କମିଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଗୋପ,୩।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

### ରାସ୍ତାରେ ଘଣ୍ଟାଏ ଅଟକିଲେ ଉପବାଚସ୍ପତି, ଏମ୍‌ପି, ବିଧାୟକ

ଗୋପ-କୋଣାର୍କ ରାସ୍ତାର ବିଶରପୁର ନିକଟରେ ଗୁରୁବାର ଅପରାହ୍ଣରେ କର୍ଣ୍ଣାଟକ ବିଧାନସଭା ଷ୍ଟାଣ୍ଡିଂ କମିଟି କୋଣାର୍କ ପରିଭ୍ରମଣରେ ଯାଉଥିବା ବେଳେ ସେଥିରୁ ଗୋଟିଏ ଗାଡ଼ି ରାସ୍ତାରେ ଏକ ଗାଈକୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିଟି ଭାଙ୍ଗିରୁଜି ଯାଇଥିଲା। ପରେ ଏହି ରାସ୍ତାର କୁସୁପୁର ନିକଟରେ ୧ ଘଣ୍ଟା ଧରି ଉପବାଚସ୍ପତିଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଏମ୍‌ପି ଓ ବିଧାୟକଙ୍କ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଏହି ସବୁ ଗାଡ଼ିକୁ ସୁରକ୍ଷା ଦେଇ ନେଉଥିବା ପୋଲିସ ପାଟ୍ରୋଲିଂଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଗୋରୁ ମାଲିକଙ୍କ ସହିତ ବୁଝାମଣା କରି ଅଟକି ରହିଥିବା ଗାଡ଼ିଗୁଡ଼ିକ କୋଣାର୍କ ଅଭିମୁଖେ ଯାଇଥିଲା। ଏତେ ସବୁ ଘଟଣା ଘଟିଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପହଞ୍ଚି ପାରି ନ ଥିଲା।

ପ୍ରକାଶ ଯେ, ୩ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କର୍ଣ୍ଣାଟକ ବିଧାନସଭାର ଏହି ଷ୍ଟାଣ୍ଡିଂ କମିଟି ଗୁରୁବାର ଅପରାହ୍ଣରେ ଗାଡ଼ିରେ କୋଣାର୍କ ଯାଉଥିବା ବେଳେ ଗୋଟିଏ ଗାଈ ରାସ୍ତା ଉପରକୁ ପଶିଆସିବାରୁ ଧକ୍କା ଦେଇଥିଲା। କିଛି ସମୟ ଧରି ଏମ୍‌ପି, ବିଧାୟକ ଓ ଉପବାଚସ୍ପତି ଅଟକି ରହିବା ଫଳରେ ୨ ବିଧାୟକ ସୁରକ୍ଷାକର୍ମୀଙ୍କ ସହିତ କିଛି ବାଟ ଚାଲି ଚାଲି ଯାଇଥିବା ଦେଖିବାକୁ ମିଳିଥିଲା। ପରେ ସେମାନେ କୋଣାର୍କ ଯାଇଥିବା ଜଣାପଡ଼ିଥିଲା।

## ଆଜି ରାଇସ୍ ମିଲର୍ସ ଆସୋସିଏଶନ୍‌ର ବିକ୍ଷୋଭ

କଟକ,୩।୧୦ (କାର୍ତ୍ତିକ ସାହୁ)

ଧାନ କିଣା ନିମନ୍ତେ ରାଜ୍ୟ ସରକାର ନୀତି ନିର୍ଦ୍ଧାରଣ କରୁ ନ ଥିବାରୁ ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏଶନ୍ ପକ୍ଷରୁ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ଜିଲା ସ୍ତରରେ କଳା ବ୍ୟାଜ୍ ପିନ୍ଧି ମିଲର୍‌ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ରାଜ୍ୟସ୍ତରରେ ଆନ୍ଦୋଳନ ହେବ। ମିଲରମାନେ ଭୁବନେଶ୍ୱର ଲୋୟର ପିଏମଜିରେ ସମୂହ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିବା ଆସୋସିଏଶନ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଗତ ଦୁଇ ଦଶନ୍ଧି ଧରି ସରକାର ଦେଇଆସୁଥିବା ମିଲିଂ ଚାର୍ଜ କୁଇଣ୍ଟାଲ ପିଛା ୨୦ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରିବା ପ୍ରମୁଖ ଦାବି ରହିଛି। ଏଥିସହ ଚାଷୀଙ୍କଠାରୁ ମିଲ୍‌କୁ ଧାନ ଓ ଚାଉଳ ନେବାରେ ପରିବହନ ଖର୍ଚ୍ଚ, ବ୍ୟବହୃତ ବସ୍ତା ଦର, ପରିଚାଳନା ଖର୍ଚ୍ଚ ଆଦି ବୃଦ୍ଧି କରିବା ନିମନ୍ତେ ଦାବି କରାଯାଇଛି।

## ରାଜ୍ୟପାଳଙ୍କୁ ଭେଟିଲା ରେଭେନ୍‌ଶା ହେରିଟେଜ ଫୋରମ

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

### ନାମ ପରିବର୍ତ୍ତନ ପ୍ରସ୍ତାବ ଦୁର୍ଭାଗ୍ୟଜନକ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଗୁରୁବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛି ରେଭେନ୍‌ଶା ହେରିଟେଜ ଫୋରମ। ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଡ. ଅରବିନ୍ଦ ବେହେରା, ଅର୍ଚ୍ଚନା ନାୟକ, ସୁଦର୍ଶନ ଦାସ, ବଦ୍ରି ନାରାୟଣ ମହାନ୍ତି, ସନ୍ତୋଷ ସେଠୀ ପ୍ରମୁଖଙ୍କ ନେଇ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ନାମ ପରିବର୍ତ୍ତନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଫୋରମ ପକ୍ଷରୁ କୁହାଯାଇଛି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏହା ଏକ ଐତିହ୍ୟ ଅନୁଷ୍ଠାନ। ଓଡ଼ିଆ ଜାତିର ଅସ୍ମିତାର ଏହା ଏକ ନିଦର୍ଶନ। ଏହାର ନାମ ପରିବର୍ତ୍ତନ ପ୍ରସ୍ତାବ ଦୁର୍ଭାଗ୍ୟଜନକ। ଏଥିରୁ ସମସ୍ତେ କ୍ଷାନ୍ତ ହେବା ଉଚିତ। ନାମ ପରିବର୍ତ୍ତନ ନେଇ ଚାଲିଥିବା ବିତର୍କର ଅବସାନ ଘଟାଇବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଆଗାମୀ ଦିନରେ ବିଭିନ୍ନ ସ୍ତରରେ ପ୍ରତିବାଦ, ଆନ୍ଦୋଳନ ସହ ଆଲୋଚନାଚକ୍ର, ସଭା ସମିତି ଆଦି ଅନୁଷ୍ଠିତ ହେବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ।



ରାଜ୍ୟପାଳଙ୍କୁ ଭେଟିବାକୁ ଯାଉଥିବା ରେଭେନ୍‌ଶା ହେରିଟେଜ ଫୋରମର ପ୍ରତିନିଧି ମଣ୍ଡଳୀ।

# ରକ୍ତ କର୍କଟ ଉପଶମ କରିବ କାର୍ ଟି-ସେଲ୍ ଥେରାପି

### ସମ୍ ହସ୍ପିଟାଲରେ ସୁସ୍ଥ ହେଲେ ୧୫ ବର୍ଷୀୟା ଝିଅ

ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲ ରକ୍ତ କର୍କଟ ରୋଗୀଙ୍କୁ ହେମାଟୋ ଅଙ୍କୋଲୋଜିକାଲ ସ୍ୱାସ୍ଥ୍ୟସେବା ପ୍ରଦାନ କରିଆସୁଥିବାବେଳେ ବର୍ତ୍ତମାନ ଏଠାରେ ଚିମେରିକ ଆଣ୍ଟିଜେନ୍ ରିସେପ୍ଟର-ଟି ସେଲ୍ (କାର ଟି-ସେଲ) ଥେରାପି ଚିକିତ୍ସା ଉପଲବ୍ଧ ହୋଇଛି। ଏହି ସେଲ୍ ଓ ଜିନ ଥେରାପି ଦ୍ୱାରା କର୍କଟ ସହ ଲଢ଼ିବା ପାଇଁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଗୁରୁବାର ହସ୍ପିଟାଲର କ୍ଲିନିକାଲ ହେମାଟୋଲଜି ଆଣ୍ଡ୍ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ଡା. ପ୍ରିୟଙ୍କା ସାମଲ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।




କାର ଟି-ସେଲ୍ ଥେରାପି ଚିକିତ୍ସାରେ ସୁସ୍ଥ ହୋଇଥିବା ବାଳିକାଙ୍କ ସହ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ପୁଷ୍ପରାଜ ସାମନ୍ତସିଂହାର ଓ ଡାକ୍ତରୀ ଟିମ୍।

ସେ କହିଲେ, ମୟୂରଭଞ୍ଜ ଜିଲାର ଜଣେ ୧୫ ବର୍ଷୀୟା ଝିଅର ଶରୀରରେ ଏହି ଚିକିତ୍ସା ପ୍ରୟୋଗ କରାଯାଇଛି ଓ ଏହା ଫଳପ୍ରଦ ହୋଇଛି। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। କେମୋଥେରାପିରୁ ଭିନ୍ନ ଏହି କାର୍ ଟି-ସେଲ୍ ଥେରାପିରେ ରୋଗୀର ଟି-ସେଲ୍‌କୁ ଜେନେଟିକାଲି ପରିବର୍ତ୍ତିତ କରି ଶରୀରର କର୍କଟ କୋଷଗୁଡ଼ିକୁ ନଷ୍ଟ କରିବାକୁ ବ୍ୟବହାର କରାଯାଏ। ରୋଗୀର ନିଜ କୋଷଗୁଡ଼ିକୁ ବ୍ୟବହାର କରାଯାଇ ଆନୁବଂଶିକ ରୂପରେ ଲାବରେଟୋରିରେ ସଂଶୋଧିତ ତଥା ସଂଖ୍ୟା ବୃଦ୍ଧି କରାଯାଇ ପୁଣି ଥରେ ରୋଗୀର ଶରୀରରେ ପ୍ରବେଶ କରାଯାଏ। ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଆଇଟି ବମ୍ବେ ଏବଂ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ ମିଳିତ ଭାବେ ବିକଶିତ କରିଥିବା କାର୍ ଟି-ସେଲ୍ ଥେରାପିକୁ ଭାରତର ଇମ୍ୟୁନୋ ଆକ୍ଟ ପକ୍ଷରୁ ନେକ୍ସକାର ୧୯ ଭାବେ ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏହି ନେକ୍ସକାର୧୯କୁ ବର୍ଷକ ତଳେ ସେଣ୍ଟ୍ରାଲ ଡ୍ରଗ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ଅନୁମୋଦନ ଦେଇଥିବାବେଳେ ଏଣିକି ଏପରି ଚିକିତ୍ସା ପାଇଁ ଆଉ ବିଦେଶକୁ ଯିବାକୁ ପଡ଼ିବ ନାହିଁ ବୋଲି ଡା. ସାମଲ କହିଛନ୍ତି। ଆଇଏମ୍‌ଏସ୍ ଆଣ୍ଡ୍ ସମ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି, ଏହି ୧୫ ବର୍ଷୀୟା ବାଳିକାର ଚିକିତ୍ସା ପୂର୍ବ ଭାରତରେ ପ୍ରଥମ ସଫଳ କାର ଟି-ସେଲ୍ ଥେରାପି ଚିକିତ୍ସା। ହସ୍ପିଟାଲ ପକ୍ଷରୁ ନୂତନ ଚିକିତ୍ସା ପଦ୍ଧତି ଓ ଜ୍ଞାନକୌଶଳକୁ ବ୍ୟବହାର କରି ୭୦ରୁ ଅଧିକ ବୋନମ୍ୟାରୋ ପ୍ରତ୍ୟାରୋପଣ ଏବଂ ୧୫୦ରୁ ଅଧିକ ରୋବୋଟିକ ଆଣ୍ଠୁ ପ୍ରତ୍ୟାରୋପଣ ପ୍ରକ୍ରିୟା କରାଯାଇଛି। ଖବରଦାତା ସମ୍ମିଳନୀରେ ହସ୍ପିଟାଲର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଡା. ଗିରିଜା ନନ୍ଦିନୀ କାନୁନ୍‌ଗୋ, ହେମାଟୋଲୋଜି ଆଇସିୟୁର ଇନ୍‌ଚାର୍ଜ ତଥା ଆସୋସିଏଟ୍ ପ୍ରଫେସର ଡା. ସନ୍ତୋଷ କୁମାର ସିଂହ ଉପସ୍ଥିତ ଥିଲେ। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ରୋଗୀଙ୍କୁ କର୍କଟ ଚିକିତ୍ସାର ଏହି ନୂତନ ପଦ୍ଧତି ପ୍ରଦାନ କରିବା ନେଇ ଡାକ୍ତରମାନେ ସମସ୍ତ ସହଯୋଗ ଯୋଗାଇ ଦେଇଥିବା ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରିୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେରଳ ସହ ପଏଣ୍ଟ ଭାଗ କଲା ଓଡ଼ିଶା

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଚେନ୍ନାଇନ୍ ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ନିକଟରୁ କ୍ରମାଗତ ୨ ମ୍ୟାଚରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

ପରବର୍ତ୍ତୀ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଥିଲା। ଏଠାରେ ମ୍ୟାଚ ଡ୍ର ରଖିବା ଫଳରେ ଦଳ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୯ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କେରଳ ବ୍ଲାଷ୍ଟର୍ସ ୧ ବିଜୟ, ୧ ପରାଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଛି।

ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ୧୮ଶ ମିନିଟରେ ଗୋଲ ଦେଇ କେରଳ ଦଳକୁ ଅଗ୍ରଣୀ କରିଥିଲେ ନୋଆ ସଦାଓଇ। ୨୧ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ ଜେସସ ଜିମେନେଜ। ଓଡ଼ିଶା ଏଫ୍‌ସି ଉପରେ ଚାପ କ୍ରମଶଃ ବଢ଼ି ଚାଲିଥିବାବେଳେ ୨୯ତମ ମିନିଟରେ କେରଳ ଦଳର ଫ୍ରେଞ୍ଚ୍ ଡିଫେଣ୍ଡର ଆଲେକ୍ସଜାଣ୍ଡ୍ରେ କୋଏଫ୍ ଏକ ଆତ୍ମଘାତୀ ଗୋଲ କରିଥିଲେ। ଏହା ଓଡ଼ିଶା ଏଫ୍‌ସି ପାଇଁ ପ୍ରତ୍ୟାବର୍ତ୍ତନର ପଥ ପରିଷ୍କାର କରିଥିଲା। ୩୬ତମ ମିନିଟରେ ଡିଏଗୋ ମୌରିସିଓ ଏକ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ତରକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧର ଅବଶିଷ୍ଟ ସମୟ ଏବଂ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ମ୍ୟାଚରେ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଏଫ୍‌ସି ୫୧ ପ୍ରତିଶତ ଓ କେରଳ ବ୍ଲାଷ୍ଟର୍ସ ୪୯ ପ୍ରତିଶତ ବଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ଓଡ଼ିଶା ଏଫ୍‌ସି ଖେଳାଳିମାନେ ୩୭୦ ପାସ୍ ଦେଇଥିବାବେଳେ କେରଳ ଦଳର ପାସ୍ ୩୪୫ ରହିଥିଲା।



କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଅଭିମନ୍ୟୁ ଈଶ୍ୱରନଙ୍କ ଶତକ

**ଲକ୍ଷ୍ନୌ, ୩।୧୦ (ପି.ଟି.)**

ସ୍ଥାନୀୟ ଏକନା ଷ୍ଟାଡିୟମରେ ଚାଲିଥିବା ମୁମ୍ବାଇ ବିପକ୍ଷ ଇରାନୀ କପ୍ କ୍ରିକେଟ ମ୍ୟାଚରେ ଫର୍ମରେ ଥିବା ଅଭିମନ୍ୟୁ ଈଶ୍ୱରନଙ୍କ ଉପଯୋଗୀ ଶତକ ସହାୟତାରେ ଅବଶିଷ୍ଟ ଭାରତ ଏକାଦଶ ୪ ଉଇକେଟରେ ୨୮୯ ରନ କରିଛି। ଗୁରୁବାର ମ୍ୟାଚର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଦଳ ତଥାପି ମୁମ୍ବାଇର ପ୍ରଥମ ଇନିଂସ ସ୍କୋର ୫୩୭ ରନଠାରୁ ଆଉ ୨୪୮ ରନ ପଛରେ ରହିଛି। ଈଶ୍ୱରନ ୨୧୨ ବଲ୍ ସାମ୍ନା କରି ୧୫୧ ରନ କରି ଅପରାଜିତ ରହିଛନ୍ତି। ସେ ୧୨ ଚୌକା ଓ ଗୋଟିଏ ଛକା ଲଗାଇଛନ୍ତି। ଈଶ୍ୱରନଙ୍କର ଏହା ହେଉଛି ଦ୍ୱିତୀୟ ଇରାନୀ ଟ୍ରଫି ଶତକ। ଆଗାମୀ ଅଷ୍ଟ୍ରେଲିଆ ଲମ୍ବା ଟୁର୍ ପାଇଁ ରିଜର୍ଭ ଟେଷ୍ଟ ଓପନର ଲାଗି ବେଙ୍ଗଲର ଏହି ୨୯ ବର୍ଷୀୟ କ୍ରିକେଟରଙ୍କ ଦୌଡ଼ରେ ଅଛନ୍ତି ତାଙ୍କ ଅବଶିଷ୍ଟ ଭାରତ ଏକାଦଶର ସାଥୀ ଖେଳାଳି ଋତୁରାଜ ଗାଏକ୍ୱାଡ ଓ ସାଇ ସୁଦର୍ଶନ। ସେ ମୋହିତ ଅବସ୍ଥିଙ୍କ ବୋଲିଂରେ ଅଫ୍ ସାଇଡ୍‌ରେ ଏକ ଚୌକା ଲଗାଇ ୧୧୭ ବଲ୍‌ରେ ତାଙ୍କର ଶତକ ହାସଲ କରିଥିଲେ। ଚଳିତ ସିଜନରେ ଈଶ୍ୱରନଙ୍କର ଏହା ହେଉଛି କ୍ରମାଗତ ତୃତୀୟ ଶତକ। ଅଧିନାୟକ ଗାଏକ୍ୱାଡ (୯ରନ)ଙ୍କ ଶୀଘ୍ର ଉଇକେଟର ପତନ ପରେ ଏଠାରେ ଦଳ ନିହାତି ଆବଶ୍ୟକ କରୁଥିବା ବେଳେ ସେ ତାଙ୍କ ଶତକ ହାସଲ କରିଛନ୍ତି। ସୁଦର୍ଶନଙ୍କ ଆରମ୍ଭ ଉତ୍ସାହଜନକ ରହିଥିଲା। ମାତ୍ର ସେ ୭୯ ବଲ୍‌ରେ ୪ ଚୌକା ସହ ମାତ୍ର ୩୨ ରନ କରି କ୍ରିଜ୍ ଛାଡ଼ିଥିଲେ। ଦେବଦତ୍ତ ପଡ଼ିକଲ ମଧ୍ୟ ତିଷ୍ଠି ପାରି ନ ଥିଲେ। ସେ ୩୧ବଲ୍‌ରୁ ମାତ୍ର ୧୬ ରନ କରି ପେସର ମୋହିତ ଅବସ୍ଥିଙ୍କ ଶିକାର ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଇଶାନ କିଶନ ଏକ ବଡ଼ ସୁଯୋଗ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୫୩୭/ଅଲଆଉଟ (ସର୍ଫରାଜ ଖାନ୍-୨୨୨*, ଅଜିଙ୍କ୍ୟ ରାହାନେ-୯୭, ମୁକେଶ କୁମାର-୫/୧୧୦, ଯଶ ଦୟାଲ-୨/୮୯, ପ୍ରସିଦ୍ଧ କ୍ରିଷ୍ଣା-୨/୧୦୨)। ଅବଶିଷ୍ଟ ଭାରତ ଏକାଦଶ ପ୍ରଥମ ଇନିଂସ: ୨୮୯/୪ (ଅଭିମନ୍ୟୁ ଈଶ୍ୱରନ-୧୫୧ ବ୍ୟାଟିଂ; ମୋହିତ ଅବସ୍ଥି-୨/୬୬)।


**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



**ପ୍ରିୟାଂଶୀ ପାଣିଗ୍ରାହୀ**
ଜନ୍ମ- ୦୪।୧୦।୨୦୨୨
ତୁମର ଚଲାପଥ କୁସୁମିତ ହେଉ, ଏଥିପାଇଁ ଆମେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ- ଅଜା: କୁମୁଦ ପାଣିଗ୍ରାହୀ, ପବିତ୍ର ପାଣିଗ୍ରାହୀ, ବାପା: ଗୀତେଶ ପାଣିଗ୍ରାହୀ, ମାଆ: ପ୍ରିୟଙ୍କା ପାଣିଗ୍ରାହୀ, ରିପୁନ ଓ ବବୁଲ୍ କାକା, ଦିଦି ପ୍ରିୟଙ୍କା ଓ ଅନ୍ୟମାନେ।
ଧ-୧୫୪୮


# ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ



ଚାମ୍ପିୟନ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୩ୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ରାଉରକେଲା ଦଳ ଶୁଟ୍‌ଆଉଟ ୨-୧ ଗୋଲରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୫-୦ ଗୋଲରେ ଗାଙ୍ଗପୁର ହକି ଆସୋସିଏଶନକୁ ହରାଇ ଦେଇଛି। ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର କିରଣ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର ଓ ଦୀପିକା ବାଗେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ, ସୁନ୍ଦରଗଡ଼ର ପ୍ରିୟଙ୍କା ମିଞ୍ଜ ଶ୍ରେଷ୍ଠ ଫରୱାର୍ଡ, ଗାଙ୍ଗପୁର ହକି ଆସୋସିଏଶନର ସୁସ୍ମିତା ସିଂ ଶ୍ରେଷ୍ଠ ମିଡ୍‌ଫିଲ୍ଡର, ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ପ୍ରିୟାଂଶି ମିଞ୍ଜ୍ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇବା ସହ ପ୍ରତିଭାଧର ଖେଳାଳିମାନେ ଓଡ଼ିଶା ହକିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ। ଯୁବ ଖେଳାଳିଙ୍କ ପ୍ରତିଭାର ବିକାଶ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଲେ ଶାମ୍‌ସି

**ଜୋହାନ୍ସବର୍ଗ, ୩।୧୦ (ପି.ଟି.):** ବାମହାତୀ ରିଷ୍ଟ ସ୍ପିନର ଟାବ୍ରେଜ୍ ଶାମ୍‌ସି ଗୁରୁବାର କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଛନ୍ତି। ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବା ସୁଯୋଗ ଲକ୍ଷ୍ୟରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଶାମ୍‌ସି କିନ୍ତୁ ପ୍ରମୁଖ ଦ୍ୱିପାକ୍ଷିକ ସିରିଜ କିମ୍ବା ହ୍ୱାଇଟ ବଲ୍ ଫର୍ମାଟ ଆଇସିସି ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେବେ। ଶାମ୍‌ସି କହିଛନ୍ତି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯିବା ଦ୍ୱାରା ତାଙ୍କୁ ସମସ୍ତ ପ୍ରକାର ସୁଯୋଗ ଉପଲବ୍ଧ ହେବ। ସେ ତାଙ୍କ ପରିବାର ପାଇଁ ସମୟ ଦେଇ ପାରିବେ। ଶାମ୍‌ସି ଆହୁରି ମଧ୍ୟ ଦୋହରାଇ କରି କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକା କ୍ରିକେଟ ପ୍ରତି ତାଙ୍କ ପ୍ରତିବଦ୍ଧତା ବଜାୟ ରହିବ। ଭବିଷ୍ୟତରେ ବିଶ୍ୱକପ୍ ବିଜୟୀ ଦଳର ସେ ଅଂଶବିଶେଷ ରହିବେ ବୋଲି ଆଶା ପ୍ରକାଶ କରି କହିଛନ୍ତି।

# ଭାରତୀୟ ଦଳକୁ ହାଡିନଙ୍କ ଡର

**ମେଲବୋର୍ନ, ୩।୧୦ (ପି.ଟି.):** ଭାରତ କାନପୁର ଟେଷ୍ଟରେ ବାଂଲାଦେଶକୁ ଯେପରି ଦୟନୀୟଭାବେ ପରାସ୍ତ କଲା ଏଥିରେ ଆଶଙ୍କା ପ୍ରକାଶ କରିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର ବ୍ୟାଟର ବ୍ରାଡ ହାଡିନ। ସେହିଛନ୍ତି ଆସନ୍ତା ମାସରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ଏକ ଲମ୍ବା ଟୁର୍‌ରେ ଆସିବ। ସେତେବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ କାନପୁର ଟେଷ୍ଟ ପ୍ରଦର୍ଶନକୁ ଯେ ଦୋହରାଇ ନ ପାରେ ତାହା କିଏ କହିବ ବୋଲି ହାଡିନ କହିଛନ୍ତି। କାନପୁରରେ ବର୍ଷା ଏବଂ ଆଉଟ ଫିଲ୍ଡ ଓଦା ଯୋଗୁ ୨ଦିନରୁ ଅଧିକ ସମୟ ଖେଳ ସମ୍ଭବ ନ ଥିଲା। ତେଣୁ ମ୍ୟାଚ ଡ୍ର ସମ୍ଭାବନା ଥିଲା। ମାତ୍ର ଭାରତୀୟ ଦଳ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ମ୍ୟାଚକୁ ଜିତବା ସହ ସିରିଜ ୨-୦ରେ ବିଜୟୀ ହୋଇଥିଲା। ରୋହିତଙ୍କ ନେତୃତ୍ୱକୁ ହାଡିନ ଉଚ୍ଚ ପ୍ରଶଂସା କରିଛନ୍ତି। ବାଂଲାଦେଶର ପ୍ରଥମ ଇନିଂସ ୨୩୩ରେ ସୀମିତ ହୋଇଯିବା ପରେ ଭାରତୀୟ ବ୍ୟାଟରମାନେ ଟେଷ୍ଟ କ୍ରିକେଟରେ ଦ୍ରୁତ ୫୦, ୧୦୦, ୧୫୦, ୨୦୦ ଓ ୨୫୦ ରନ ସଂଗ୍ରହ କରିଥିଲେ। କେବଳ ସେତିକି ନୁହେଁ ପରେ ବାଂଲାଦେଶକୁ ଦ୍ୱିତୀୟ ଇନିଂସରେ ଅଲ୍ ଆଉଟ କରିବାରେ ମଧ୍ୟ ସଫଳ ରହିଥିଲେ। ବାଂଲାଦେଶ ତୁଳନାରେ ଅଷ୍ଟ୍ରେଲିଆ ଅଧିକ ଶକ୍ତିଶାଳୀ ଏହା ସତ୍ତ୍ୱେ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ହାଡିନ ତାଙ୍କର ଏକ ସାକ୍ଷାତ୍କାରରେ କହିଛନ୍ତି।


# Classified Everyday
**0674-2580101, 2549949**



**REAL ESTATE**
**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1553

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

High profile Three Storied building at Jaydurga Nagar, Bomikhal, Bhubaneswar for 2.4.crores. Brokers Excuse. Call- 8917520527. D-1528

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1552

**3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107.** D-1535

ନଖରା Grandbazar Oppositeରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Newly open health benefits SPA special Offer @ 799 Bapuji Nagar. 9861237682. D-76160

Newly open Jyoti SPA positively health benefits (Expert therapist). 8458067955. D-76157

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ଶ୍ରୀ ଆତ୍ମୀୟ କୁମାର ଦାସ, ପି- ଅମିୟ କୁମାର ଦାସ, ସା- ସପନପୁର, ପୋ- ଶିଶୁଆ, ଥା- ସାଲେପୁର, ଜି- କଟକ, ଜଣାଉଅଛିକି ତା୨୦।୦୩।୨୪ରିଖ ଦିନ ଅପରାହ୍ନ ୬ଟା ସମୟରେ ସାଲେପୁର ବଜାରରେ ମୋର (ମାଇଗ୍ରେସନ) ପ୍ରବାସନ ପ୍ରମାଣପତ୍ର (ସାର୍ଟିଫିକେଟ)ଟି ଯାହାକୁ କି ବିଜୁପଟ୍ଟନାୟକ ୟୁନିଭରସିଟି, ରାଉରକେଲା, ଓଡ଼ିଶାରୁ ମେକାନିକାଲ ଇଞ୍ଜିନିୟରିଂ ସିନର୍ଜି ଇନ୍‌ଷ୍ଟିଚ୍ୟୁସନ୍ ଟେକ୍ନୋଲୋଜି, ଢେଙ୍କାନାଳ ତରଫରୁ ଡିଗ୍ରୀରେ ୨୦୧୪-୨୦୧୫ ମସିହାରେ ପ୍ରାପ୍ତ ହୋଇଥିଲା ତାହା ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଓ ଅନୁଷ୍ଠାନ ପାଇଥିବେ ମୋ ଠିକଣା ଓ ଉକ୍ତ ଖବରକାଗଜକୁ ଜଣାଇଲେ ମୁଁ ବିଶେଷ ଉପକୃତ ହେବି। ରେଜିଷ୍ଟ୍ରେସନ ନଂ.- 1101230280, ଯୋଗାଯୋଗ- ମୋ: 9040745437, 9776080918. D-1551

**AFFIDAVIT**

By Virtue of an affidavit sworn before EXECUTIVE MAGISTRATE, PATRAPUR, dated 06.09.2024. I BIBEK BADATYA, Address At- B Nuagam Sasan, P.O.- B. Nuagam, P.S.- Jarada, Dist.- Ganjam, Odisha, 761006, declare that I have changed my name from GANESH BADATYA to BIBEK BADATYA. Henceforth I shall be known as BIBEK BADATYA for all purposes.
BIBEK BADATYA D-1550

I Pabitra Jena (41yrs), W/o- Naresh Jena, Vill- Baudpur, P.O.- Madhabnagar, P.S.- Bhadrak (Rural), Dist.- Bhadrak. My daughter's actual name is Arpita Priyadarshni Jena. But in her Birth Certificate her name is wrongly mentioned Arpita Priyadarshani. By this affidavit I declare that Arpita Priyadarshi Jena and Arpita Priyadarshani same and one child. D-1555

I Sri L Abhilash, S/o- Shri Ajit Kumar Lenka, resident & Smt. Jyotirekha Mohanty of Plot No.- N6/89, IRC Village, Jayadev Vihar, Bhubaneswar, P.S.- Nayapalli, Dist.- Khordha, Odisha, declare by this affidavit of No.- 70, dated- 02.03.2020. That now onwards I shall be known as Abhilash Lenka Mohanty for all future purposes. D-1554

I Smt. Jyotirekha Mohanty, W/o- Ajit kumar Lenka and D/o- Sarbeswar Mohanty and Manjula Mohanty, resident of Plot No.- N6/89, IRC Village, Jayadev Vihar, Bhubaneswar, P.S.- Nayapalli, Dist.- Khordha, Odisha declare by this affidavit No.- 101, dated- 03.10.2024. That name inadvertently my name has been reflected as Jyoti Rekha Lenka instead of Jyotirekha Mohanty in my Son's Matriculation Certificate and etc. So, henceforth I will be known as Jyotirekha Mohanty for all future purposes. D-1556

By virtue of an affidavit I, Gopal Dalabehera, S/o- Narottam Dalabehera, AT/P.O.- Balugaon, P.S./ Dist.-Nayagarh, Pin- 752070 hereby declare that my name has been wrongly recorded as Babu Dalabehera in my D.L. bearing No.- OR25 20060001246. Both the name stand for one and same person and I shall be known as Gopal Dalabehera for all purposes. D-1549

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କୁମାରୀ ଦାଶ**
କାଉଁଶିଆ, ରଘୁନାଥପୁର ଶାସନ, ଶରଣକୁଳ, ନୟାଗଡ଼
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ: ୦୮।୧୦।୨୦୨୧
ବୋଉ, ତୁମେ ସ୍ୱର୍ଗ ଧାମକୁ ଯିବାର ତିନିବର୍ଷ ହୋଇଗଲା। ତେବେ ତୁମେ ଆମ ହୃଦୟରେ ସଦାସର୍ବଦା ରହିଅଛ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭାଗବତ୍ ବିଶ୍ୱାସ, କଷ୍ଟସହିଷ୍ଣୁ ସ୍ୱଭାବ ଓ ପରୋପକାର ଗୁଣଗୁଡ଼ିକ ଆମର ପ୍ରେରଣାଦାୟୀ ହୋଇ ରହିବ। ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଇତି ତୁମର: ସ୍ୱାମୀ: ତ୍ରିନାଥ ଦାଶ, ପୁତ୍ର: ସନ୍ତୋଷ, ସୁଶାନ୍ତ, ପୁତ୍ରବଧୂ: ନନ୍ଦିତା, ସରୋଜିନୀ, ନାତି ଓ ନାତୁଣୀ: ଆଶୁତୋଷ ଓ ଅଙ୍କିତା, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୫୪୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୂର୍ଣ୍ଣଚନ୍ଦ୍ର ପାତ୍ର**
ଦୁର୍ଗେଶ୍ୱରଗଡ଼, ଗୋପ, ପୁରୀ
ଆବିର୍ଭାବ-୧୯୩୬ ମସିହା ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା
ତିରୋଧାନ- ୨୦୨୪ ମସିହା ଆଶ୍ୱିନ କୃଷ୍ଣ ଅଷ୍ଟମୀ
ବାପା! ତୁମେ ଚାଲିଗଲ ସେ ପାରିକୁ, ଏପାରିରେ ଛାଡ଼ି ଯାଇଥିବା ତୁମ ସରଳ ଧାରାର ପିଲାମାନେ ସବୁବେଳେ ଝୁରୁଥିବେ ତୁମକୁ। ତୁମେ ସେଠାରେ ଭଲରେ ଥାଅ। ଆମମାନଙ୍କୁ ଆଶୀର୍ବାଦ ଦେଉଥାଅ। ଏ ସରଳ ସଂସାର ତୁମ ଆଦର୍ଶରେ ବଞ୍ଚିରହୁ, ଏତିକି ପ୍ରାର୍ଥନା।
ଇତି ତୁମର ଶୋକସନ୍ତପ୍ତ ପରିବାର: ଲୁଟୁ, ରଙ୍ଗା, କାଳିଆ (ପୁଅ), ସୁଧା, ସନ୍ଧ୍ୟା, ସ୍ନିଗ୍ଧା, ସିପ୍ରା, ସ୍ମିତା (ଝିଅ), ଶୁଭ୍ରା, ସ୍ୱପ୍ନା, ସୋମା (ପୁତ୍ରବଧୂ), ନାତି, ନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୫୪୮

# ତ୍ରିପୁରା ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି ୨୦୨୪-୨୫ ସିଜନ**



ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆୟୋଜନ ହେଉଥିବା ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ୨୦୨୪-୨୫ ସିଜନ ପାଇଁ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ମେଘାଳୟ, ତ୍ରିପୁରା, ବରୋଦା, ମୁମ୍ବାଇ, ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର ଓ ସର୍ଭିସେସ। ତ୍ରିପୁରା ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ତ୍ରିପୁରାର ଏମ୍‌ବିବି ଷ୍ଟାଡିୟମରେ ଏହି ମ୍ୟାଚ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଏହି ମ୍ୟାଚ ଅନୁଷ୍ଠିତ ହେବ। ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶା ଏହାର ତୃତୀୟ ମ୍ୟାଚ ବରୋଦା ବିପକ୍ଷରେ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳିବ। ଚତୁର୍ଥ ମ୍ୟାଚ ମୁମ୍ବାଇ ବିପକ୍ଷରେ ନଭେମ୍ବର ୬ରୁ ୯ (ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ପଡ଼ିଆ) ପର୍ଯ୍ୟନ୍ତ ଖେଳିବା ପରେ ପଞ୍ଚମ ମ୍ୟାଚ ଘରୋଇ ପରିବେଶରେ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠତ ହେବ। ଷଷ୍ଠ ମ୍ୟାଚ ମେଘାଳୟ ବିପକ୍ଷରେ ୨୦୨୫ ଜାନୁୟାରୀ ୨୩ରୁ ୨୬ ପର୍ଯ୍ୟନ୍ତ ଶିଲଂର ଏମ୍‌ସିଏ କ୍ରିକେଟ (ପୋଲୋ) ଗ୍ରାଉଣ୍ଡରେ ଖେଳାଯିବ। ଓଡ଼ିଶା ସିଜନରେ ଏହାର ୭ମ ତଥା ଶେଷ ମ୍ୟାଚ ସର୍ଭିସେସ ବିପକ୍ଷରେ ୨୦୨୫ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିବ। ଅର୍ଥାତ୍ ଆସନ୍ତା ସିଜନରେ ଓଡ଼ିଶା ଘରୋଇ ପରିବେଶରେ ୩ଟି ମ୍ୟାଚ ଖେଳିବାର ସୁଯୋଗ ପାଇବ। ଏଥିରୁ ୨ଟି ମ୍ୟାଚ ବାରବାଟୀ ଷ୍ଟାଡିୟମ ଏବଂ ଗୋଟିଏ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର ଓ ସର୍ଭିସେସକୁ ଭେଟିବ ଓଡ଼ିଶା। ବାହାର ପରିବେଶରେ ତ୍ରିପୁରା, ମେଘାଳୟ, ବରୋଦା, ମୁମ୍ବାଇ ବିପକ୍ଷରେ ମୁକାବିଲା କରିବ।

କଲୋନେଲ ସି.କେ. ନାୟୁଡୁ ଟ୍ରଫିର ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଘରୋଇ ପରିବେଶରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତ୍ରିପୁରା ଓ ଛତିଶଗଡ଼ ବିପକ୍ଷରେ ଖେଳିବ। ମ୍ୟାଚ ଗୁଡ଼ିକ ବରଗଡ଼ର ବିକାଶ ଗ୍ରାଉଣ୍ଡ (ଅକ୍ଟୋବର ୨୦-୨୩), ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମ (ନଭେମ୍ବର ୮-୧୧) ଓ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ (୨୦୨୫ ଫେବୃଆରୀ ୧-୪)ରେ ଖେଳାଯିବାକୁ ଥିବାବେଳେ ଓଡ଼ିଶା-ତ୍ରିପୁରା ମ୍ୟାଚ (୨୦୨୪ ନଭେମ୍ବର ୧୫-୧୮)ର ଭେନ୍ୟୁ ନିର୍ଦ୍ଧାରିତ ହୋଇନାହିଁ। ସେହିପରି କୁଚ୍‌ବିହାର ଟ୍ରଫି ପାଇଁ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି ଓଡ଼ିଶା। ଘରୋଇ ପରିବେଶରେ ଓଡ଼ିଶା ୩ଟି ମ୍ୟାଚ ଯଥାକ୍ରମେ ବରଗଡ଼ର ବିକାଶ ଗ୍ରାଉଣ୍ଡରେ ମେଘାଳୟ (ନଭେମ୍ବର ୩-୧୬), ଗାନ୍ଧୀ ଷ୍ଟାଡିୟମରେ ବରୋଦା (ନଭେମ୍ବର ୨୦-୨୩) ଓ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚଣ୍ଡିଗଡ଼ (ଡିସେମ୍ବର ୬-୯) ବିପକ୍ଷରେ ଖେଳିବ। ଭିନୁ ମଙ୍କଡ ଟ୍ରଫିର ଗ୍ରୁପ୍ 'ଏ' ମ୍ୟାଚଗୁଡ଼ିକ ଆୟୋଜନ ଅଧିକାର ପାଇଛି ଓଡ଼ିଶା। ମୋଟ ୧୫ଟି ମ୍ୟାଚ ବାରବାଟୀ ଷ୍ଟାଡିୟମ, ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡ ଓ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୪ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମଧ୍ୟ ଓଡ଼ିଶାରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ବାରବାଟୀ, କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ, ରେଭେନ୍‌ସା ଗ୍ରାଉଣ୍ଡ-୧ରେ ଖେଳାଯିବ। ୨୦୨୪ ଡିସେମ୍ବର ୬ରୁ ୮ରେ ଏହା ଆରମ୍ଭ ହୋଇ ୨୦୨୫ ଜାନୁଆରୀ ୩ରୁ ୫ରେ ଶେଷ ହେବ।

୨୩ ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫି ଗ୍ରୁପ୍ 'ଏଫ୍'ର ୨୬ଟି ଯାକ ମ୍ୟାଚ ଓଡ଼ିଶାରେ ଆୟୋଜନ ହେବ। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ, ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ। ୨୦୨୫ ଜାନୁୟାରୀ ୫ରେ ଏହା ଆରମ୍ଭ ହେବ ଏବଂ ୨୨ ତାରିଖରେ ଫାଇନାଲ ଡ୍ରିମ୍ସରେ ଖେଳାଯିବ। ୧୫ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ଗ୍ରୁପ୍ 'ଏଫ୍'ର ୧୫ଟି ମ୍ୟାଚ ଡ୍ରିମ୍ସ ଗ୍ରାଉଣ୍ଡ, ଭୁବନେଶ୍ୱରର ରେଲୱେ ଷ୍ଟାଡିୟମ ଓ ରେଭେନ୍‌ସା ଗ୍ରାଉଣ୍ଡ-୧ରେ ଆୟୋଜନ ହେବ। ୨୦୨୪ ନଭେମ୍ବର ୨୧ରୁ ଏହା ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ।

## ଓଡ଼ିଶାର ରଣଜୀ କାର୍ଯ୍ୟସୂଚୀ

ଅକ୍ଟୋବର ୧୧ରୁ ୧୪: ବନାମ ତ୍ରିପୁରା, ଭେନୁ: ଏମ୍‌ବିବି ଷ୍ଟାଡିୟମ, ଅଗରତାଲା
ଅକ୍ଟୋବର ୧୮ରୁ ୨୧: ବନାମ ଜମ୍ମୁ-କଶ୍ମୀର, ଭେନ୍ୟୁ: ବାରବାଟୀ ଷ୍ଟାଡିୟମ, କଟକ
ଅକ୍ଟୋବର ୨୬ରୁ ୨୯: ବନାମ ବରୋଦା, ଭେନ୍ୟୁ: କୋଟାମ୍ବି ଷ୍ଟାଡିୟମ, ଭଦୋଦରା
ନଭେମ୍ବର ୬ରୁ ୯: ବନାମ ମୁମ୍ବାଇ, ଭେନ୍ୟୁ: ଶରଦ ପାୱାର କ୍ରିକେଟ ଏକାଡେମୀ, ମୁମ୍ବାଇ
ନଭେମ୍ବର ୧୩ରୁ ୧୬: ବନାମ ମହାରାଷ୍ଟ୍ର, ଭେନ୍ୟୁ: ବାରବାଟୀ ଷ୍ଟାଡିୟମ, କଟକ
୨୦୨୫ ଜାନୁଆରୀ ୨୩ରୁ୨୬: ବନାମ ମେଘାଳୟ, ଭେନ୍ୟୁ: ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡ, ଶିଲଂ
୨୦୨୫ ଜାନୁଆରୀ ୩୦ରୁ ଫେବୃଆରୀ ୨: ବନାମ ସର୍ଭିସେସ, ଭେନ୍ୟୁ: ଡ୍ରିମ୍ସ ଗ୍ରାଉଣ୍ଡ, କଟକ

# ଆଜି ସୂର୍ଯ୍ୟସ-କ୍ୟାପିଟାଲ୍ସ ଟକ୍କର

**ଜମ୍ମୁ, ୩।୧୦**

ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଏହାର ୫ମ ମ୍ୟାଚ ଶୁକ୍ରବାର ସ୍ଥାନୀୟ ମୌଲାନା ଆଜାଦ ଷ୍ଟାଡିୟମରେ ଖେଳିବ। ଏଥର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଇଣ୍ଡିଆ କ୍ୟାପିଟାଲ୍ସ। ମ୍ୟାଚ ଅପରାହ୍ଣ ୩ଟାରେ ଅନୁଷ୍ଠିତ ହେବ। ଲିଗ୍‌ରେ ଉଭୟ ସୂର୍ଯ୍ୟସ ଓ କ୍ୟାପିଟାଲ୍ସ ୪ଟି ଲେଖାଏ ମ୍ୟାଚ ଖେଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ପଏଣ୍ଟ ଟେବୁଲରେ କ୍ୟାପିଟାଲ୍ସ ୨ୟ ଓ ସୂର୍ଯ୍ୟସ ୩ୟ ସ୍ଥାନ ଅଧିକାର କରିଛି। ଦୁଇ ସମକକ୍ଷ ଦଳ ମଧ୍ୟରେ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଇରଫାନ ପଠାନ କୋଣାର୍କ ସୂର୍ଯ୍ୟସ ଓ ଇଂଲଣ୍ଡର ଇଆନ ବେଲ୍ ଇଣ୍ଡିଆ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଉଛନ୍ତି।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ରାଜସ୍ଥାନର ଯୋଧପୁରରେ ଓଡ଼ିଶାଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ଉଦ୍‌ଘାଟନୀ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସଙ୍କୁ ୨ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ସୁରଟରେ ଏହି ଦଳର ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷରେ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଗତ ୨ ତାରିଖରେ ସେହି ସୁରଟରେ ଅନୁଷ୍ଠିତ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ହେଁ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରି ଯାଇଥିଲା। ହାଇସ୍କୋରିଂ ମ୍ୟାଚରେ ଓଡ଼ିଶା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ କରିଥିଲେ ହେଁ ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ମାର୍ଟିନ ଗୁପଟିଲ (୫୪ ବଲ୍‌ରୁ ୧୩୪ ରନ)ଙ୍କ ଅପରାଜିତ ବିସ୍ଫୋରକ ଶତକ ସହାୟତାରେ ସୁପର ଷ୍ଟାର୍ସ ୧୬ ଓଭରରେ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ଏବେ ପ୍ରତିଯୋଗିତାର ଜମ୍ମୁ ପର୍ଯ୍ୟାୟ ଆରମ୍ଭ ହୋଇଥିବାରୁ ଭିନ୍ନ ପିଚ୍ ଓ ପରିବେଶରେ କ୍ୟାପିଟାଲ୍ସର ମୁକାବିଲା କରିବ କୋଣାର୍କ ସୂର୍ଯ୍ୟସ।

କ୍ୟାପିଟାଲ୍ସ ଏହାର ପ୍ରଥମ ମ୍ୟାଚକୁ ଟୋୟମ ହାଇଦ୍ରାବାଦ ବିପକ୍ଷରେ ମାତ୍ର ୧ ରନରେ ଜିତିଥିଲା। ନିଜର ଦ୍ୱିତୀୟ ମ୍ୟାଚରେ ଏହି ଦଳ ସୁପର ଷ୍ଟାର୍ସ ନିକଟରୁ ୪ ଉଇକେଟରେ ହାରିଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ କୋଣାର୍କ ସୂର୍ଯ୍ୟସ ଓ ମଣିପାଲ ଟାଇଗର୍ସ ବିପକ୍ଷରେ ବର୍ଷା ଯୋଗୁ ବାତିଲ ହୋଇଥିଲା।




## ସୁପର ଓଭରରେ ଜିତିଲା ଟାଇଗର୍ସ

ଜମ୍ମୁରେ ଗୁରୁବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ମଣିପାଲ ଟାଇଗର୍ସ ସୁପର ଓଭରରେ ଟୋୟମ ହାଇଦ୍ରାବାଦକୁ ପରାସ୍ତ କରିଛି। ମଣିପାଲ ଟାଇଗର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ ରନ କରିଥିଲା। ଦଳ ପକ୍ଷରୁ ଥିସାରା ପେରେରା ସର୍ବାଧିକ ୪୮ ରନ କରି ଅପରାଜିତ ରହିଥିବାବେଳେ ଦ୍ୱିତୀୟ ସର୍ବାଧିକଭାବେ ହାଇଦ୍ରାବାଦ ବୋଲରମାନେ ଅତିରିକ୍ତ ୨୫ ରନ ବ୍ୟୟ କରିଥିଲେ। ଜବାବରେ ଟୋୟମ ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ଠିକ୍ ୧୪୪ ରନ କରିଥିଲା। ଶନ୍ ମାର୍ଶ ୩୮ ରନ କରିଥିବାବେଳେ ଗୁରକୀରଟ ସିଂ ମାନ୍ ୩୭ ରନରେ ଅପରାଜିତ ରହିଥିଲେ। ରାହୁଲ ଶୁକ୍ଳାଙ୍କୁ ୨ ଉଇକେଟ ମିଳିଥିଲା। ସୁପର ଓଭରରେ ହାଇଦ୍ରାବାଦ ୧ ଉଇକେଟ ହରାଇ ମାତ୍ର ୪ ରନ କରିଥିଲା। ୫ ରନ ବିଜୟ ଲକ୍ଷ୍ୟନେଇ ମଣିପାଲ ଟାଇଗର୍ସ କୌଣସି ଉଇକେଟ ନ ହରାଇ ୩ ବଲ୍‌ରୁ ୯ ରନ ସଂଗ୍ରହ କରି ନେଇଥିଲା। ଚଳିତ ସିଜନରେ ପ୍ରଥମଥରପାଇଁ ଏହି ମ୍ୟାଚରେ ସୁପର ଓଭରରୁ ଫଳାଫଳ ଆସିଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ